ନାରୀ ଏକ ନଦୀର ନାମ

ଶ୍ରୀ କୃଷ୍ଣଚରଣ ବେହେରା

'ନାରୀ' ଏକ ନଦୀର ନାମ

ଶ୍ରୀ କୃଷ୍ଣଚରଣ ବେହେରା

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

'ନାରୀ' ଏକ ନଦୀର ନାମ

(ଗଳ୍ପ-ସଞ୍ଚୟନ)

*

ପ୍ରଥମ ପ୍ରକାଶ :
ନଭେମ୍ବର, ୧୯୭୬

*

ପ୍ରକାଶକ :
ଶ୍ରୀ ଗୋବର୍ଦ୍ଧନଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର,
ବିନୋଦ ବିହାରୀ, କଟକ—୨

*

ମୁଦ୍ରଣ :
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ୍
ବାଲୁବଜାର, କଟକ-୨

*

ଚିତ୍ରଶିଳ୍ପୀ :
ଅଧ୍ୟାପକ ଶ୍ରୀ ପ୍ରତାପକୁମାର ପଟ୍ଟନାୟକ

*

ପ୍ରଚ୍ଛଦ ସଜ୍ଜା :
ଶିଳ୍ପୀ ଶ୍ରୀ ଅସିତ୍ ମୁଖାର୍ଜି

*

ମୂଲ୍ୟ : ଟ ୬.୫୦ (ସାଧାରଣ)
ଶୋଭନ ସଂସ୍କରଣ—ସାତ ଟଙ୍କା ମାତ୍ର

NARI EK NADIR NAM

SHORT STORIES

By :

Dr Krushna Charan Behera

Published By :

G. C. Patra
Orissa Book Store
Cuttack-753002
Orissa

Price : Rs. 7-00

Digitized by srujanika@gmail.com

ଲେଖକୀୟ

ମଣିଷ-ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନାରୀ-ଜାତିକୁ ନେଇ ରଚିତ ଏ ଗଳ୍ପଗୁଡ଼ିକ ଏକତ୍ର କରି ଆନ୍ତର୍ଜାତିକ ନାରୀ-ବର୍ଷ ଅବସରରେ ପ୍ରକାଶ କରିବା ପାଇଁ ବାସନା ଥିଲା; ମାତ୍ର ଗ୍ରନ୍ଥ ମୁଦ୍ରଣଜନିତ ବିଳମ୍ବ ହେତୁ ତାହା ଚରିତାର୍ଥ ହୋଇ ପାରିଲା ନାହିଁ । ଏହି ଗଳ୍ପଗୁଡ଼ିକ ମଧ୍ୟରୁ କେତେକ ପୂର୍ବରୁ 'ସହକାର' (ନୂତନ ପର୍ଯ୍ୟାୟ), 'ଝଙ୍କାର', 'ଆସନ୍ତା କାଲି' (ନୂତନ ପର୍ଯ୍ୟାୟ) ପ୍ରଭୃତି ପତ୍ରିକାରେ ପ୍ରକାଶିତ ହୋଇଥିଲା । ସୂଚୀପତ୍ରରେ * ଚିହ୍ନିତ ଗଳ୍ପଗୁଡ଼ିକ 'ସୃଷ୍ଟିର ସ୍ୱପ୍ନ' ଗଳ୍ପ-ସଞ୍ଚୟନରୁ ଏବଂ † ଚିହ୍ନିତ ଗଳ୍ପଗୁଡ଼ିକ 'ଗୋପନ ପତ୍ର' ଗଳ୍ପ-ସଞ୍ଚୟନରୁ ଗୃହୀତ ହୋଇଛି । ସମ୍ପ୍ରତି ମୋର ଉକ୍ତ ଗଳ୍ପ-ସଞ୍ଚୟନ ଦ୍ୱୟ ପୁସ୍ତକ-ବିପଣୀରେ ଦୁଷ୍ପ୍ରାପ୍ୟ ।

ଏ ଗ୍ରନ୍ଥର ପାଣ୍ଡୁଲିପି ପ୍ରସ୍ତୁତ କାର୍ଯ୍ୟରେ ମୋର ଗ୍ରନ-ଗ୍ରନୀ ଶ୍ରୀ ଧୀରେନ୍ କୁମାର ମହାନ୍ତି ଓ ଶ୍ରୀମତୀ ନିର୍ମଳା ମହାନ୍ତି ମୋତେ ବିଶେଷ ସାହାଯ୍ୟ କରିଛନ୍ତି । ଉଭୟଙ୍କୁ ସାଧୁବାଦ । ଗଳ୍ପ ସଂଲଗ୍ନ ଚିତ୍ରଗୁଡ଼ିକ ଅଙ୍କନ କରି ଦେଇଛନ୍ତି ଶିଳ୍ପୀ ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ । ତାଙ୍କ ନିକଟରେ ମୁଁ କୃତଜ୍ଞ ।

ଓଡ଼ିଶା ବୁକ୍ ଷ୍ଟୋର୍‌ର କର୍ଣ୍ଣଧାର ଶ୍ରୀ ଗୋବିନ୍ଦ ଚରଣ ପାତ୍ର ଏହି ଗଳ୍ପ-ସଞ୍ଚୟନ ସଚିତ୍ର ଶୋଭନୀୟ କରି ପାଠକ ସମାଜରେ ପରିବେଷଣ କରୁଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । କଟକ ରାଧାନାଥ କୋ-ଅପରେଟିଭ ପ୍ରେସ୍‌ର ମେନେଜର୍ ଲେଖକ ବନ୍ଧୁ ଶ୍ରୀ ରଘୁନାଥ ମହାପାତ୍ର ଗ୍ରନ୍ଥ ମୁଦ୍ରଣରେ ସହାୟତା କରିଥିବାରୁ ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ।

ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ଗ୍ରନ୍ଥର ମୁଦ୍ରଣରେ କେତେକ ମୁଦ୍ରା-ପ୍ରମାଦ ରହି ଯାଇଛି । ତେଣୁ ଗ୍ରନ୍ଥପାଠ ପୂର୍ବରୁ ଗ୍ରନ୍ଥ ଶେଷରେ ଥିବା ଶୁଦ୍ଧିପତ୍ର ଅନୁଯାୟୀ ଭ୍ରମ-ସଂଶୋଧନ କରିନେବା ପାଇଁ ପାଠକ-ପାଠିକାଙ୍କୁ ବିନୀତ ଅନୁରୋଧ ।

ରେଭେନ୍ସା କଲେଜ, କଟକ
ଗାନ୍ଧୀଜୟନ୍ତୀ / ୨ । ୧୦ । ୭୬

ଇତି
କୃଷ୍ଣ ଚରଣ ବେହେରା

Digitized by srujanika@gmail.com

ଏହି ଲେଖକଙ୍କର ଅନ୍ୟାନ୍ୟ ଗ୍ରନ୍ଥ

ଗଳ୍ପ :

ସୃଷ୍ଟିର ସ୍ୱପ୍ନ (୧୯୫୮)
ଗୋପନ ପନ୍ଥ (୧୯୬୨)
ଜଙ୍ଘ ଓ ପୋଡା (୧୯୬୭)
'ବେଦୀ' ଇତ୍ୟାଦି ଗଳ୍ପ (୧୯୭୧)

ସମାଲୋଚନା ପ୍ରବନ୍ଧ :

ପ୍ରଗତି ସାହିତ୍ୟ
କଥା ସାହିତ୍ୟ
ଅଶ୍ଲୀଳତା ବିପକ୍ଷରେ
ଓଡ଼ିଆ ଉପନ୍ୟାସ
କେତୋଟି ସାହିତ୍ୟିକ ଅଭିଭାଷଣ
ଅଧ୍ୟାପକର ବେଦନା
ଶ୍ରୀ ଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ

କବିତା :

ଗ୍ଲ' କପ୍‌ରେ ଝଡ଼
ଭାନୁବାଇ ଲେନ୍
ପିପାସାର ପ୍ରାର୍ଥନା
ଯୋଜନା-ଯଜ୍ଞ

ଏକାଙ୍କିକା

ଯଥା ନଳସ୍ୟ ଦମୟନ୍ତୀ

ଶିଶୁ ସାହିତ୍ୟ :

କଥାଟିଏ କହୁଁ ଗୀତଟିଏ ଗାଉଁ

ସମ୍ପାଦିତ ଗ୍ରନ୍ଥ :

ମୋଗଲ ତାମସା
କବିଶେଖର ଚନ୍ଦ୍ରାମଣି

**

Digitized by srujanika@gmail.com

ସୂଚୀପତ୍ର

ଗଳ୍ପ	ପୃଷ୍ଠାଙ୍କ
୧ । ସତୀ	୧
୨ । ଝିଅ ହଜଛୁ	୧୦
୩ । ଗୋଟିଏ ଗଳ୍ପର ନାୟିକା †	୧୭
୪ । ପ୍ରତ୍ତର୍ଦ୍ଧି ସ୍ଥା *	୨୭
୫ । ପ୍ରେମ-ଫଲ୍ଗୁ *	୩୬
୬ । କନ୍ୟା ବରୟତେ ରୂପମ୍	୪୧
୭ । ମଇଳା କୁଣ୍ଡ †	୪୬
୮ । ସାବିତ୍ରୀ *	୫୩
୯ । ମିସ୍ ଉନମା ମହାନ୍ତି †	୫୭
୧୦ । ପରକୀୟା †	୬୫
୧୧ । ଗିଧ	୬୮
୧୨ । ଗର୍ଭନାଡ଼	୭୫
୧୩ । ସୃଷ୍ଟିର ସ୍ୱପ୍ନ *	୮୧
୧୪ । ଗୋପନ ପଥ †	୮୫
୧୫ । ଅନୁରାଗ	୯୧
୧୬ । କେଶଶ୍ରୀ କନ୍ୟା ନନ୍ଦକା *	୧୦୦
୧୭ । କନକ *	୧୦୫
୧୮ । ପାହାଚ	୧୧୨

Digitized by srujanika@gmail.com

ଲେଖକ

Digitized by srujanika@gmail.com

ଖାଲି ବିଧାତାର ସୃଷ୍ଟି ନୋହୁଁ ତୁହି ନାରୀ,
ପୁରୁଷ ଗଢ଼ିଛି ତୋତେ ସୌନ୍ଦର୍ଯ୍ୟ ସଞ୍ଚାରି
ଆପଣା ଅନ୍ତର ତଳୁ ! ବସି କବିଗଣ
ସୁନାର ଉପମା-ସୂତ୍ରେ ବୁଣନ୍ତି ବସନ ।
ଅରପି ତୋହର ପରେ ନୂତନ ମହିମା
ଅମର କରନ୍ତି ଶିଳ୍ପୀ ତୋହର ପ୍ରତିମା ।

× × × ×

ଲଜ୍ଜା ଦେଇ ସଜ୍ଜା ଦେଇ, ଦେଇ ଆବରଣ
ତୋତେ ସେ ଦୁର୍ଲଭ କରି କରନ୍ତି ଗୋପନ ।
ପଡ଼ିଛି ତୋହର ପରେ ପ୍ରଦୀପ୍ତ ବାସନା—
ଅର୍ଦ୍ଧେକ ମାନବୀ ତୁହି ଅର୍ଦ୍ଧେକ କଳ୍ପନା !

—କବିଗୁରୁ ରବୀନ୍ଦ୍ରନାଥ

Digitized by srujanika@gmail.com

ସତୀ

ନବୋଦିତ ସୂର୍ଯ୍ୟ ସଦୃଶ ତା' କପାଳରେ ସିନ୍ଦୂର ବିନ୍ଦୁ ଦପ୍ ଦପ୍ ହୋଇ ଜଳୁଥିଲା । ଆଉ ତା ସୁନ୍ଦର ନାତିଦୀର୍ଘ ସିନ୍ଦୂର ଗାରଟି ଦିଶୁଥିଲା ହୋମାନଳର ଊର୍ଦ୍ଧ୍ୱଗାମୀ ଜ୍ୱଳନ୍ତ ଶିଖାଭଳି ।

ସୁସଜ୍ଜିତା ଦେବୀ-ପ୍ରତିମାଟିଏ ପରି ସେ ଆସି ଠିଆ ହୋଇଥିଲା ପ୍ରତାପ ସମ୍ମୁଖରେ । ଆଖିରେ ତାହାର ଭୟ, ବିସ୍ମୟ ବା କୌତୂହଳର ଚିହ୍ନବର୍ଣ୍ଣ ନ ଥିଲା । ବରଂ ତହିଁରେ ଫୁଟି ଉଠୁଥିଲା ଏକ ମୁଗ୍ଧ ବିହ୍ୱଳ ଭାବ—ଏକ ପରମ ପ୍ରାପ୍ତିର ଐଶ୍ୱର୍ଯ୍ୟ; କିନ୍ତୁ ପ୍ରତାପ ତାହାର ଏ ଆକସ୍ମିକ ଆଗମନରେ କିଞ୍ଚିତ୍ ବିସ୍ମିତ ହୋଇଥିଲା—ଶଙ୍କିତ ହୋଇ ପଡ଼ିଥିଲା ଈଷତ୍‌ମତ ।

Digitized by srujanika@gmail.com

ଏକାବେଳକେ ବହୁ ପ୍ରଶ୍ନ ପ୍ରତାପ ତୁଣ୍ଡରୁ ବାହାରି ଆସିଲା—ଭାନୁ, ତମେ ? ଏ ବେଳରେ ? ଏପରି ବେଶଭୂଷା ହୋଇ ? ପୁଣି ଏକୁଟିଆ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ସ୍ମିତ ହାସ୍ୟଟିଏ ହୋଇ ଭାନୁର ରକ୍ତପଦ୍ମର ପାଖୁଡ଼ା ଭଳି ସେହି ଥର ଥର ଓଠରେ ଝଲସି ଉଠିଲା ।

ସେ ପ୍ରତାପ ଆଗରେ ବସିପଡ଼ିଲା ସ୍ଥିର ନିଶ୍ଚିନ୍ତ ହୋଇ । ତା'ପରେ ଘରର ଚାରିଆଡ଼େ ଥରେ ଆଖି ବୁଲାଇ ଆଣି କହିଲା—ତମ ସ୍ତ୍ରୀ ବାପଘରକୁ ଯାଇଛନ୍ତି ମୁଁ ଜାଣେ । ଘରେ ଚାକରବାକର କେହି ଅଛନ୍ତି କି ?

ପ୍ରତାପ ଉତ୍ତର ଦେଲା—ନା ! ଅଫିସ୍ ପିଅନଟି ରାନ୍ଧିବାଢ଼ି ଦେଇ ଏଗାରଟା ବେଳକୁ ଚାଲିଗଲାଣି । ତମର କ'ଣ ପାଣି ଦରକାର ? ଓଃ ଏ ଯେଉଁ ଗରମ ହେଉଛି··

ଫ୍ୟାନ୍‌ର ଗତି ଦ୍ରୁତତର କରିଦେବା ପାଇଁ ପ୍ରତାପ ସୁଇଚ୍ ବୋର୍ଡ଼ ପାଖକୁ ଉଠିଗଲା । ଭାନୁ କହିଲା—ନା, ମୋର ପାଣି ଦର୍କାର ନାହିଁ । ଦରକାର ଏହିପରି ଏକ ନିରୋଳା ନିର୍ଜନ ମୁହୂର୍ତ୍ତ, ଆଉ ଦରକାର ତମେ······

ପ୍ରତାପ ବିସ୍ମିତ ହେଲା ନାହିଁ, ନିସ୍ପୃହ ଭାବରେ ଟିକିଏ ହସିଲା କେବଳ । ସେ ଜାଣେ—କିଶୋରୀ ବୟସରୁ ଭାନୁ ଏଇଭଳି ପ୍ରଗଳ୍‌ଭ ଓ ଭାବପ୍ରବଣ । ବିଶେଷତଃ ସେମାନଙ୍କ ସମ୍ପର୍କରେ ଅନ୍ତରଙ୍ଗତା ଆସିବା ପରଠାରୁ ପ୍ରତାପ ଆଗରେ ସେ ନିଃସଙ୍କୋଚ । ଏବେ ବି ତାହାର ସେ ପ୍ରକୃତିର ପରିବର୍ତ୍ତନ ହୋଇ ନାହିଁ ।

ନିଜ ସ୍ଥାନରେ ବସିପଡ଼ି ପ୍ରତାପ ଭାନୁ ମୁହଁକୁ ନିରେଖି ଚାହିଁଲା । ଭାନୁର କାନ ପାଖରେ ଚୂର୍ଣ୍ଣକୁନ୍ତଳଗୁଡ଼ିକ ପବନର ତାଳେ ତାଳେ ନୃତ୍ୟ କରିବାରେ ଲାଗିଥିଲା । ପ୍ରତାପର ମନେ ପଡ଼ିଗଲା—ଏହିପରି ବହୁ ନିର୍ଜନ ଓ ଘନିଷ୍ଠ ମୁହୂର୍ତ୍ତରେ ଭାନୁର ସେହି ଅମାନିଆ ଚୂର୍ଣ୍ଣକୁନ୍ତଳଗୁଡ଼ିକ ନିଜ ହାତରେ ସେ ବାରମ୍ବାର ସଜାଡ଼ି ଦେଇଛି । ଆଉ ତାହାର ସେହି ଦୁଧ-ଅଳତା ରଙ୍ଗ ଯୋପି ପଡ଼ୁଥିବା ସରୁ ଚିବୁକଟିକୁ ଥରେ ଥରେ ହଲାଇଦେଇ ପଚାରିଛି—ଏ ଦୁଷ୍ଟ, ଏଗୁଡ଼ାକ ଏତେ ଅମାନିଆ କାହିଁକି ?

ଭାନୁ ହସି ହସି ଉତ୍ତର ଦେଇଛି—ତମରି ହାତର ସ୍ପର୍ଶ ପାଇବା ପାଇଁ ।

ଆଜି ବି ଭାନୁର ସେଇ ଅମାନିଆ ଚୂର୍ଣ୍ଣକୁନ୍ତଳଗୁଡ଼ିକ ପ୍ରତାପ ହାତର ସ୍ପର୍ଶ ପାଇବା ପାଇଁ ଯେପରି ବ୍ୟଗ୍ର ହୋଇପଡ଼ିଛି । ଅଭ୍ୟାସବଶତଃ ପ୍ରତାପ ହାତ ଉଠାଉଥିଲା; କିନ୍ତୁ ଆଜି··ନା, ଆଉ ।

Digitized by srujanika@gmail.com

ପ୍ରତାପ ଏକ ଧ୍ୟାନରେ ଭାନୁକୁ ଚାହିଁରହିଲା । ବିବାହ ପରେ ବଧୂ ବେଶରେ ଭାନୁ ଆହୁରି ସୁନ୍ଦର, ଆହୁରି ଲୋଭନୀୟ ଦେଖାଯାଉଛି । ତାହାର ଶୁଭ୍ର ଶଙ୍ଖ ଗ୍ରୀବା-ଦେଶରେ ସେହି ତିଳ ଚିହ୍ନଟା ଏବେ ବି ସ୍ପଷ୍ଟ—ଯାହାକୁ ନେଇ ପ୍ରତାପ କବିତା ଲେଖିଛି ଏବଂ ତାକୁ ଶୁଣାଇ ଖୁସି କରାଇଛି । ବିଶାଳ ସଜ୍ଜିତ କବରୀରୁ ମଲ୍ଲୀମାଳର ଗୋଟିଏ ଖିଅ ତାହାର କାନ୍ଧ ଉପରକୁ ଲୋଟିପଡ଼ିଛି । ଫୁଲପ୍ରତି ଭାନୁର ଶ୍ରଦ୍ଧା ଏବେ ମଧ୍ୟ ଊଣା ହୋଇ ନାହିଁ ।

ଭାନୁ କହିଲା—ତୁମେ ବଡ଼ ନିଷ୍ଠୁର, ହୃଦୟହୀନ ପ୍ରତାପ । ଆମେ ଏଠିକି ଦୁଇମାସ ହେଲା ବଦଳି ହୋଇ ଆସିଲୁଣି । ସମ୍ବାଦପତ୍ରରେ ଆମ ବଦଳି ଖବର ପ୍ରକାଶ ପାଇଥିଲା, ତୁମେ ନିଶ୍ଚୟ ଜାଣିଥିବ । କାହିଁ, ଦୁଇମାସ ମଧ୍ୟରେ ମୋତେ ଥରକପାଇଁ ତ ଖୋଜି ଗଲ ନାହିଁ । ଅଥଚ ମୁଁ......

ନିର୍ବାକ୍ ମେଷ ଶାବକଟିଏ ଭଳି ପ୍ରତାପ କେବଳ ଭାନୁ ମୁହଁକୁ ଚାହିଁ ରହିଥିଲା ।

ଭାନୁ କହି ଚାଲିଲା—ଅଥଚ ମୁଁ ଏଠିକି ଆସିବା ଦିନୁ ତୁମର ସବୁ ଖବର ରଖିଛି । କେବଳ ତୁମକୁ ଭେଟିବା ପାଇଁ ସମୟ ଓ ସୁଯୋଗ ଅପେକ୍ଷାରେ ଥିଲି । ମିଷ୍ଟର ପଟ୍ଟନାୟକ ଦିଲ୍ଲୀ ଯାଇଛନ୍ତି ସରକାରୀ କାମରେ । ଏକୁଟିଆ ଘରଭିତରେ ବସି ବସି ମୋତେ ଭାରି ବିରକ୍ତି ଲାଗୁଥିଲା । କାଲି ଖବର ପାଇଲି—ତୁମର ସ୍ତ୍ରୀ ବାପଘରକୁ ଯାଇଛନ୍ତି । ମୋର କାମବାଲୀ ସ୍ତ୍ରୀ ଲୋକଟି ଏଇଠି ତୁମର ପଡ଼ୋଶୀ । ତା'ଠାରୁ ହିଁ ତୁମ ଖବର ସବୁ ବୁଝିଛି । ସେ ମାଈକିନାଟା କ'ଣ ମୋ ବିଷୟ ତୁମକୁ କିଛି କହି ନାହିଁ ?

ନିଜକୁ ଅପରାଧୀ ମନେକରି ପ୍ରତାପ କହିଲା—ଭାନୁ, ମୋତେ ମାଫ୍ କର । ତୁମେ ଏବେ ବିବାହିତା—ଅନ୍ୟ ଜଣଙ୍କର ସ୍ତ୍ରୀ । ମୁଁ ମଧ୍ୟ ବିବାହିତ । ଆମେ ଏବେ ପରସ୍ପରକୁ ପାଶୋରି ଦେବା ଉଚିତ ହେବ । ଆଉ ଆମର ସେହି ପ୍ରଥମ ପ୍ରଣୟର ସ୍ନିଗ୍ଧ ମଧୁର ସ୍ମୃତି ପଦ୍ମର ସୁରଭି ଭଳି ନୀରବରେ କେବଳ ଆମରି ମଧ୍ୟରେ ହିଁ ଗୋପନ ରହୁ !

ଭାନୁ ଟିକିଏ ହସିଲା, କହିଲା—ପରସ୍ପରକୁ ପାଶୋରି ଦେବା ? ପୁଣି ପ୍ରଥମ ପ୍ରଣୟର ସ୍ମୃତି ? ଏ ଯେ ପରସ୍ପର ବିରୋଧୀ ହୋଇଗଲା । କବିଙ୍କ ଭାଷାରେ—ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର୍, ଫିଙ୍ଗି ପାରିଲେ ମୁଁ ଲଭନ୍ତି ନିସ୍ତାର ।

Digitized by srujanika@gmail.com

ତଥାପି ଆମର ସମସ୍ତ ପ୍ରବୃତ୍ତି, ସକଳ କାମନା-ବାସନାର ଉଦ୍‌ଗତ ଆବଶ୍ୟକ ଭାନୁ ! ତମେ ତ ଥିଲ ମନୋବିଜ୍ଞାନର ଛାତ୍ରୀ, ସବ୍‌ଲିମେସନ୍ ବିଷୟରେ ତମକୁ ବା ମୁଁ କ'ଣ ବୁଝାଇବ ? ସଭ୍ୟ ଶିକ୍ଷିତ ନାଗରିକ ଭାବରେ ଚଳିବାକୁ ହେଲେ, ଆମ ପ୍ରବୃତ୍ତି ସମୂହର ସାମାଜିକୀକରଣ ଅତ୍ୟନ୍ତ ଦରକାର ।

—ପ୍ଲିଜ୍, ପ୍ରତାପ, ବନ୍ଦ କର । ଏପ୍ରିଲର ଏ ଉତ୍ତପ୍ତ ମଧ୍ୟାହ୍ନରେ ମୁଁ ତୁମଠାରୁ କୌଣସି ଶୁଷ୍କ ତାତ୍ତ୍ୱିକ ବ୍ୟାଖ୍ୟା ଶୁଣିବାକୁ ଆସି ନାହିଁ । ତମ କଥା ଶୁଣି ମୋତେ ବାସ୍ତବିକ ଶୋଷ ଲାଗିଲାଣି । ପାଣି କେଉଁଠି ?

ପ୍ରତାପ ହାତଠାରି ଦେଖାଇଦେଲା—ସେଇ ଶୋଇବା ଘର ପାଖ କୋଠରୀରେ ଫ୍ରିଜ୍ । ସ୍କ୍ୱାସ୍ ମଧ୍ୟ ରହିଛି, ଚାହିଁଲେ ବ୍ୟବହାର କରିପାର ।

ଘରସାରା ମୃଦୁ ମନ୍ଦ ସୁରଭି ଖେଳାଇ ଦେଇ ଭାନୁ ନିଃସଙ୍କୋଚରେ ଶୋଇବାଘର ଭିତରକୁ ଉଠିଗଲା ।

ପ୍ରତାପ ସ୍ଥାଣୁ ନିଶ୍ଚଳ ହୋଇ ବସିରହି ଭାବିବାରେ ଲାଗିଲା—ଭାନୁ ଆସିଛି କାହିଁକି ? ସେ ପ୍ରକୃତରେ ମୋଠାରୁ କ'ଣ ଚାହେଁ ? ତାହାର ବା ଅଭାବ କ'ଣ ? ଉଚ୍ଚପଦସ୍ଥ ଆଇ. ଏ. ଏସ୍. କର୍ମଚାରୀଙ୍କୁ ସ୍ୱାମୀ ରୂପେ ପାଇଛି । ଧନ, ମାନ, ପ୍ରଭାବ, ପ୍ରତିପତ୍ତି—କୌଣସିଥିରେ ଊଣା ନାହିଁ । ତେବେ କ'ଣ ତାହାର ଦୁଃଖ ? ଛାତ୍ରାବସ୍ଥାରେ ଛଅଟି ବର୍ଷ ଆମେ ପରସ୍ପରକୁ ଯେଉଁ ନିବିଡ଼ ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଲାଭ କରିଥିଲୁଁ, ତାହାର ତ ହିସାବ ନିକାଶ ହୋଇ ଯାଇଛି । ଉଭୟଙ୍କ ପରିବାରରୁ ଜାତିଗତ କାରଣ ଦେଇ ଆମର ବିବାହ ବିଷୟରେ ଯେତେବେଳେ ଭିନ୍ନ ମତ ପ୍ରକାଶ ପାଇଲା, ତା'ପରେ ଆମେ ଭାଗ୍ୟ ଆଦରି ନିଜ ନିଜର ରାସ୍ତା ବାଛି ନେଇଛୁଁ । ମୃତ ଅତୀତ ସମାଧି ଗ୍ରହଣ କରିଛି । ଭାନୁ ତେବେ ଆଜି ଆସିଛି କାହିଁକି ? କ'ଣ ତାହାର ଉଦ୍ଦେଶ୍ୟ ? ତାହାର ଚାଲିଚଳଣି ଯେ କ୍ରମଶଃ ରହସ୍ୟମୟ ହୋଇ ଉଠୁଛି ।

ଶୋଇବା ଘରୁ ଭାନୁର ଡାକ ଶୁଭାଗଲା—ପ୍ରତାପ, ଏଠିକି ଆସିଲ ।

ପ୍ରତାପ ଶଙ୍କିତ ଚିତ୍ତରେ ଉଠି ପଡ଼ିଲା । ଭାନୁ ନିକଟକୁ ଯିବା ପୂର୍ବରୁ ଘରେ ଓ ବାହାରେ ଥରେ ସତର୍କ ଦୃଷ୍ଟି ବୁଲାଇ ନେଲା । ନା, କେହି କୁଆଡ଼େ ନାହାନ୍ତି । ଦିନ ଯେତେବେଳେ ଦେଢ଼ଟା । ଏପ୍ରିଲ ମାସର ରୌଦ୍ରଦଗ୍ଧ ଦ୍ୱିପ୍ରହର—ଚାରିଆଡ଼ ନୀରବ, ନିସ୍ତବ୍ଧ । ପ୍ରତାପଶାଳୀ ଏ. ଏମ୍. ସି. ପ୍ରତାପ ମିଶ୍ରଙ୍କର ଏଡ଼େ ବଡ଼ ସରକାରୀ ବଙ୍ଗଳାଟା ଚାଣ ଖରାରେ ଯେପରି ନିର୍ଜୀବ, ନିଷ୍ପ୍ରାଣ ହୋଇ ପଡ଼ି ରହିଛି । ଫାଟକ

Digitized by srujanika@gmail.com

॥ ୫ ॥

ପାଟରେ ନେଇ କୃଷ୍ଣଚୂଡ଼ା ଗଛରେ ଗୋପନ କାମନାର ଲୋଲ ଜିହ୍ୱା ପରି ନେନ୍ତୁ ନେନ୍ତି ଫୁଲ—ଏ ବୃକ୍ଷ ଜାରମ୍ ପରଦେଶରେ ଏକମାତ୍ର ତାହାହିଁ ଯେପରି ସରସତାର ଉଜ୍ଜଳ ଧ୍ୱଜି ।

ଶୋଇବା-ଘରକୁ ପଶିଯାଇ ପ୍ରତାପ ଦେଖିଲା—କାନ୍ଥରେ ଟଙ୍ଗା ହୋଇଥିବା ଗୋଟିଏ ଫଟୋ। ଅଡ଼ଜୁ ଭାନୁ ନିବିଷ୍ଟ ଚିତ୍ତରେ ଚାହିଁ ରହିଛି । ପ୍ରତାପ ପଚାରିଲା—ତମେ ପାଣି ପିଇଲ ନାହିଁ ଯେ ।

ପ୍ରତାପର ପ୍ରଶ୍ନ ପ୍ରତି କର୍ଣ୍ଣପାତ ନ କରି ଭାନୁ କହିଲା—ଇସ୍ କି ସାଂଘାତିକ ସୁନ୍ଦରୀ ତମର ସ୍ତ୍ରୀ । ନାମଟି ଯଥାର୍ଥରେ ତିଳୋତ୍ତମା ହୋଇଛି; କିନ୍ତୁ ନାକଟିରେ ଦୋଷ ରହିଗଲା—ଟିକିଏ ଚେପ୍ଟା ମନେ ହେଉଛି । ଏଇ ଚାହିଁଲ ମୋ ନାକକୁ । ଏଇଭଳି ନାକଟି ପାଇଥିଲେ; ତିଳୋତ୍ତମା ହୋଇଥାଆନ୍ତା ନିରୁପମା ।

ଆପଣା କଥାରେ ଆପେ ଖିଲ ଖିଲ ହୋଇ ହସି ଉଠିଲା ଭାନୁ । ପ୍ରତାପ ସେ ହସର ଉତ୍ସବରେ ଯୋଗ ଦେଇ ପାରିଲା ନାହିଁ । କେବଳ ବିସ୍ମୟ-ବିମୂଢ଼ ହୋଇ ଭାନୁକୁ ଚାହିଁ ରହିଲା ।

—ହଁ ପ୍ରତାପ, ଫଟୋରେ ତମର ସେ ଚମତ୍କାର ନିଶ ହଳକ ଗଲା କୁଆଡ଼େ ? ନିଶକୁ ବାଦ୍ ଦେଇ ତମ ଚେହେରାର ତାରିଫ୍ ମୁଁ କଦାପି କରି ପାରିବି ନାହିଁ । ନିଶ ଥିଲେ, ତିଳୋତ୍ତମାଙ୍କ ପାଖରେ ତମକୁ ଆହୁରି ବେଶି ମାନି ଥାଆନ୍ତା ।

ପ୍ରତାପ ଉତ୍ତର ଦେଲା—ବାହାଘର ଚତୁର୍ଥୀ ଦିନ ଆମର ଏ ଫଟୋ ଉଠା ଯାଇଥିଲା । ବାହା ହେବାକୁ ଯିବା ପୂର୍ବରୁ ନିଶ କାଟି ପକାଇଥିଲି । ଆମ ବ୍ରାହ୍ମଣ ସମାଜରେ କେତେ ବିଚିତ୍ର ଜୀବ ସବୁ ରହିଛନ୍ତି, ତମେ ଜାଣ । କାଳେ କିଏ କ'ଣ କହି ଦେଇଥାନ୍ତା···

ଭାନୁ କହିଲା—ତମେ ଏବେ ବଡ଼ ସମାଜ ଭୀରୁ ହୋଇ ପଡ଼ୁଛ ପ୍ରତାପ ! ସମାଜ ମଣିଷକୁ ଗଢ଼ି ନାହିଁ, ବରଂ ମଣିଷ ସମାଜକୁ ଗଢ଼ିଛି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ । ତେଣୁ ସମାଜକୁ ଆମେ ଯେମିତି ଚଳାଇବା, ସେ ସେମିତି ଚାଲିବ । ଆଉ ତମେତ ଜାଣ, ମୁଁ କୌଣସି ଭୀରୁତା, କା-ପୁରୁଷତାକୁ ସହ୍ୟ କରି ପାରେନା ।

ପ୍ରତାପ କୈଫିୟତ୍ ଦେଲା ଭଙ୍ଗୀରେ କହିଲା—ଅବଶ୍ୟ ବାହାଘର ପରେ ପରେ ପୁଣି ମୁଁ ନିଶ ରଖିଲି । ତିଳୋତ୍ତମା ମଧ୍ୟ ଏ ନିଶ ପସନ୍ଦ କରନ୍ତି ।

Digitized by srujanika@gmail.com

ଭାନୁ ପ୍ରକାଶ କଲା—ନଣ ପୁରୁଷତ୍ୱର ପ୍ରତୀକ । ଯେ କୌଣସି ନାରୀ ସୁବିକ୍ୟାନ୍ତ ନଣ ପସନ୍ଦ କରିବ । ମିଷ୍ଟର ପଞ୍ଚନାମ୍ନକ ନଣ ରଖୁ ନ ଥିବାରୁ ମୋତେ କେମିତି ମାଇଚିଆ—ମାଇଚିଆ ଲାଗନ୍ତି ।

ପ୍ରତାପ ହସିବାରେ ଲାଗିଲା । ଭାନୁ ଧୀରେ ଧୀରେ ଯାଇ ପ୍ରତାପର ଶଯ୍ୟା ଉପରେ ବସି ପଡ଼ିଲା ଏବଂ ମୁଖମଣ୍ଡଳରେ ଟିକିଏ ବିରକ୍ତି ପ୍ରକାଶ କରି କହିଲା—ବ୍ରିଲିୟେଣ୍ଟ ସ୍କଲାର୍ ହେଲେ କ'ଣ ହେବ, ମିଷ୍ଟର ପଞ୍ଚନାୟକ ପ୍ରକୃତରେ ଏକ ମାଇଚିଆ । ତମେତ ଜାଣ—ଏବେ ସାମାନ୍ୟ ଗୋଟାଏ କାରଣରୁ କଲେଜ ପିଲାମାନେ ତାଙ୍କୁ ଘେରାଉ କଲେ, ଏବଂ କ୍ଷମା ପ୍ରାର୍ଥନା କରାଇ ଛାଡ଼ିଲେ । କାହିଁକି ? ତମେ ଏତେ ବଡ଼ ଜଣେ ଅଫିସର, ପୋଲିସ୍ ଡାକ ପିଲାମାନେ ବାଡ଼େଇ ଖେଦି ଦେଇଥିଲେ, କ'ଣ ଭାସି ଯାଇ ଥାଆନ୍ତା ? ଛି, ଛି, ଛି, ଏପରି ଭୀରୁ କା-ପୁରୁଷ ଲୋକ ମୁଁ କେଉଁଠି ଦେଖି ନାହିଁ ।

ପ୍ରତାପ ଟିକିଏ ଅସ୍ୱସ୍ତି ବୋଧ କଲା । କଥାର ମୋଡ଼ ଘୁରାଇବା ଉଦ୍ଦେଶ୍ୟରେ ସେ ଯାଇ ଫ୍ରିଜ୍‌ରୁ ଭାନୁ ପାଇଁ ପାଣି ବାହାର କରୁ କରୁ ପଚାରିଲା—ପାଣିରେ ସ୍କ୍ୱାସ୍ ଦେବି ଭାନୁ ? ତମେତ ଅରେଞ୍ଜ ସ୍କ୍ୱାସ୍ ଖୁବ୍ ଭଲ ପାଅ !

ଭାନୁ ଶଯ୍ୟା ଉପରେ ଲୋଟିପଡ଼ି ହାଇ ମାରିଲା ଏବଂ ପ୍ରତାପ ଉଦ୍ଦେଶ୍ୟରେ ଆକ୍ଷେପ କଲା—ଯେ ମୋତେ ପାଣୋଚି ଦେବାକୁ ବସିଛ, ସେ ମୋର ଭଲ-ମନ୍ଦରୁ କ'ଣ ପାଇବ ?

ପ୍ରତାପ ପାଣି ଗ୍ଲାସ୍‌ଟି ଆଣି ଭାନୁ ହାତକୁ ବଢ଼ାଇ ଦେଉଁ ଦେଉଁ କହିଲା—ଏହା ସାଧାରଣ ସୌଜନ୍ୟ ମାତ୍ର ।

ଭାନୁ ପ୍ରକାଶ କଲା—ମୁଁ କିନ୍ତୁ ଅସାଧାରଣର ଭକ୍ତ ।

ଭାନୁ ଓ ପ୍ରତାପଙ୍କର ଏକାନ୍ତ ସାନ୍ନିଧ୍ୟକୁ ଘନୀଭୂତ ଓ ସମାହିତ କରି କେତୋଟି ମୁହୂର୍ତ୍ତ ନୀରବରେ କଟିଗଲା । ଶଯ୍ୟା ପାଖରେ ଏକ ଆରାମ ଚେୟାରରେ ବସିପଡ଼ି ପ୍ରତାପ ପୁଣି କୌତୁହଳୀ ଦୃଷ୍ଟିରେ ଭାନୁକୁ ଚାହିଁ ରହିଲା । ପାଣି ଗ୍ଲାସ୍‌ଟି ନିଃଶେଷ କରି ଭାନୁ ପଚାରିଲା—ଏପରି ଡାହାଣୀଙ୍କ ଭଳି ମୋତେ ଚାହିଁ କ'ଣ ଦେଖୁଛ ? ବାହାଘର ପରେ ମୁଁ କ'ଣ ବଦଳି ଯାଇଛି ?

ପ୍ରତାପ ମୁଣ୍ଡ ହଲାଇ ସମ୍ମତି ପ୍ରକାଶ କଲା ।

Digitized by srujanika@gmail.com

ଭାନୁ କହିଲା—ହଁ, ବଦଳିଥିଲେ ବଦଳି ଥିବ ଦେହରେ—ବାହ୍ୟ ଚେହେରାରେ । କିନ୍ତୁ ତମ ଆଗରେ ଶପଥ କରି କହିପାରେଁ ପ୍ରତାପ, ହୃଦୟ-ମନରେ ମୁଁ ଆଦୌ ବଦଳି ନାହିଁ । ଏବେ ମୁଁ ତମର ସେହି 'ଦୁଷ୍ଟ ଭାନୁ' ହୋଇ ରହିଛି ।

ଦୁର୍ଲଭ ଦୃଷ୍ଟିର ପ୍ରଦୀପ ଧରି ପ୍ରତାପ ଯେପରି ରୂପରସ-ଗନ୍ଧର ସେହି ଦେବୀ ପ୍ରତିମାକୁ ବନ୍ଦାଇବାରେ ଲାଗିଥିଲା ।

ଭାନୁ କହିବାରେ ଲାଗିଲା—ପ୍ରତାପ ତମର ମନେ ଅଛି ଏମ୍. ଏ. ଫାଇନାଲ୍ ବର୍ଷ ବଡ଼ଦିନ ଛୁଟିରେ ଆମର ନନ୍ଦନ-କାନନ ଭ୍ରମଣ ? ମନେ ଅଛି—ସେଦିନ ମୋର ଡାହାଣ ପାଦରୁ ଖସି ପଡ଼ିଥିବା ପାଉଁଜକୁ ତମେ ପୁଣି ନିଜ ହାତରେ ପିନ୍ଧାଇ ଦେବାପାଇଁ କିପରି ଜିଗର କରିଥିଲ ?

ପ୍ରତାପର ଆଖି ଆଗରେ ସହସା ଅନ୍ୟ ଏକ ଜଗତର ଚିତ୍ର ଉଦ୍ଭାସିତ ହୋଇ ଉଠିଲା ।

ଭାନୁ କହି ଚାଲିଥିଲା—ମନେ ଅଛି—ସେଦିନ ସାରା ଦ୍ୱି ପ୍ରହରଟା ନନ୍ଦନକାନନ ହ୍ରଦ ଭିତରେ ବୋଟ୍‌ରେ ଚଢ଼ି ଆମେ କି ଦୁଷ୍ଟାମି କରିଥିଲେ ? ଆଉ ମନେ ଅଛି—ଦୁହେଁ ପାଣି ଫିଙ୍ଗାଫିଙ୍ଗି ହୋଇ ପରସ୍ପରକୁ ଯେତେବେଳେ ଭିଜାଉଥିଲୁଁ, ସେତେବେଳେ ମୁଁ ତମକୁ କ'ଣ କହିଥିଲି ? କହ ପ୍ରତାପ, ତମର ମନେ ଅଛି—ଆକାଶର ସୂର୍ଯ୍ୟ ଓ ହ୍ରଦର ଜଳକୁ ସାକ୍ଷୀ ରଖି ମୁଁ ତମ ପାଖରେ କି ଶପଥ କରିଥିଲି ?

······ପ୍ରତାପ ଯେପରି ସ୍ୱପ୍ନ ଦେଖୁଛି - ବାସ୍ତବ ଜଗତର ସ୍ୱପ୍ନ—ସ୍ୱାଭାବିକ ଜୀବନର ସ୍ୱପ୍ନ; ଭାନୁ ମହାନ୍ତି ଓ ପ୍ରତାପ ମିଶ୍ର—ଏ ପୃଥିବୀର ଯେପରି ଯୋଡ଼ିଏ ଆଦିମତମ ନରନାରୀ । ଦୁହେଁଯାକ ପାଖାପାଖି ଗୋଟିଏ ବୋଟ୍‌ରେ ବସି ହ୍ରଦର ନିର୍ଜନତାରେ ହଜି ଯାଇଛନ୍ତି । ପ୍ରତାପର ଦୃଢ଼ ସୁପୁଷ୍ଟ ବାହୁକୁ ଧରି ଭାନୁ କହୁଛି—ଏ ବନ୍ଧନ ମୁଁ କେବେ ତୁଟାଇ ପାରିବି ନାହିଁ । ତମେହିଁ ମୋ'ର ମନର ମଣିଷ ପ୍ରତାପ । ସେହି ମନର ମଣିଷ ଔରସରୁ ଜନ୍ମିଥିବା ମୋ'ର ସନ୍ତାନକୁ କୋଳରେ ଧରି ମୁଁ ଧନ୍ୟ ହେବି । ଏହାହିଁ ମୋ'ର ଶପଥ······

ହଠାତ୍ ଭାନୁ କଥାରେ ପ୍ରତାପର ସ୍ୱପ୍ନ ଭାଙ୍ଗିଗଲା । ସେ ପ୍ରକୃତସ୍ଥ ହୋଇ ଶୁଣିଲା, ଭାନୁ କହୁଛି—ଆଇ. ପି. ଏସ. ହୋଇ ପୋଲିସ୍ ବିଭାଗରେ କାମ କଲେ, ମଣିଷ କ'ଣ ଏପରି ହୃଦୟହୀନ ହୋଇପଡ଼େ ? ଅତୀତର ସମସ୍ତ ସମ୍ପର୍କକୁ ମିଥ୍ୟାବୋଲି ମନେ କରେ ? ତମେ ଇତିହାସର ଛାତ୍ର ହୋଇ ଅତୀତକୁ କେବେ ଅସ୍ୱୀକାର କରିପାରିବ ନାହିଁ ପ୍ରତାପ ।

Digitized by srujanika@gmail.com

ପ୍ରତାପ ଏଥର ତୁଣ୍ଡ ଖୋଲିଲା—ତମେ ଅତି ଭାବପ୍ରବଣ ହୋଇପଡ଼ୁଛ ଭାନୁ ! ଅତୀତ ହିଁ ଅତୀତ । ବର୍ତ୍ତମାନ ପରିସ୍ଥିତିରେ ତାହାର ପୁନରାବୃତ୍ତି କରାଗଲେ, ତମର ତଥା ମୋ'ର କାହାର କିଛି ମଙ୍ଗଳ ହେବନାହିଁ । ମୋ ପାଇଁ ମୁଁ ବିଶେଷ ଚିନ୍ତିତ ନୁହେଁ । କିନ୍ତୁ ତମେ ନିଜ କଥା ଟିକିଏ ଚିନ୍ତା କର ଭାନୁ, ତମ ସ୍ୱାମୀଙ୍କଠାରେ ତମେ ବିଶ୍ୱାସ ଭଙ୍ଗ କରୁନାହଁ କି ?

ଭାନୁ ଘର ଫଟାଇ ଜୋର୍‌ରେ ହସିବାରେ ଲାଗିଲା । ହସୁ ହସୁ କହିଲା—ସ୍ୱାମୀ ? ବିଶ୍ୱାସ ଭଙ୍ଗ ? ତମେ ଗୁଡ଼ାଏ ପୁରୁଣାକାଳିଆ ରକ୍ଷଣଶୀଳ କଥା କହୁଛ ପ୍ରତାପ । ମିଷ୍ଟର ପଟ୍ଟନାୟକ ମୋର ଦେହ ଉପରେ ସ୍ୱାମୀ ହୋଇପାରନ୍ତି; ମନ ଉପରେ ସ୍ୱାମୀତ୍ୱ କରିବା କ'ଣ ସହଜ କଥା ?

—ମଣିଷର ଦେହ ଓ ମନକୁ ତମେ ଅଲଗା କରି ଦେଖୁଛ କାହିଁକି ଭାନୁ, ମୁଁ ବୁଝି ପାରୁନାହିଁ ।

—ପ୍ରେମ ପ୍ରଣୟାଦି ବ୍ୟାପାରରେ ଅଲଗା କରି ଦେଖିବାକୁ ହେବ ପ୍ରତାପ, ଉପାୟ ନାହିଁ, ବିଶେଷ କରି ଯୌନ ସମ୍ପର୍କଟା ଯେତେବେଳେ ଏହା ସହିତ ଜଡ଼ିତ । ଦ୍ରୌପଦୀ ପଞ୍ଚପତିଙ୍କୁ ଦେହ ଦାନ କରିଥିଲେ । କିନ୍ତୁ ସେହି ପାଞ୍ଚଜଣଯାକ ସମସ୍ତେ ତାଙ୍କ ହୃଦୟ-ମନର ଅଧିକାରୀ ହୋଇ ପାରିଥିଲେ କି ? ଅଧିକାରୀ ହୋଇଥିଲେ ମାତ୍ର ଜଣେ ବ୍ୟକ୍ତି—ସେ ତାଙ୍କର ପ୍ରିୟତମ ସବ୍ୟସାଚୀ ଅର୍ଜୁନ ।

ପ୍ରତାପ ନିର୍ବାକ୍ ହୋଇ ଶୁଣୁଥିଲା, ଭାନୁ କହି ଚାଲିଥିଲା—ହୃଦୟ-ମନର ସତୀତ୍ୱ ହିଁ ପ୍ରକୃତ ସତୀତ୍ୱ, ଦେହର ସତୀତ୍ୱ ତୁଚ୍ଛ ନଗଣ୍ୟ । ଏ କ୍ଷେତ୍ରରେ ଆମେ ଦୈହିକ ବିଶୁଦ୍ଧତା ଉପରେ ବରାବର ଅଯଥା ଗୁରୁତ୍ୱ ଆରୋପ କରିଆସିଛୁଁ । ସେଥି ସକାଶେ ନାରୀକୁ ବାରମ୍ବାର ଅଗ୍ନିପରୀକ୍ଷା ଭିତରକୁ ଠେଲି ଦେଇଛୁଁ । କି ଅନ୍ୟାୟ କଥା କହିତ ପ୍ରତାପ । ଜଣେ ନାରୀର ଦେହକୁ ବହୁ ଲୋକ ଲୁଣ୍ଠନ କରିପାରନ୍ତି, କରୁଛନ୍ତି ମଧ୍ୟ । କିନ୍ତୁ ନାରୀ ନିଜ ହୃଦୟ-ମନକୁ ବହୁ ଲୋକଙ୍କଠାରେ ଅର୍ପଣ କରି ନ ପାରେ । ନାରୀର ମନସ୍ତତ୍ତ୍ୱ ଦୃଷ୍ଟିରୁ ଏହା ବୋଧହୁଏ ଅସ୍ୱାଭାବିକ ।

—କିନ୍ତୁ ଭାନୁ, ଯେଉଁଠି ଦେହର ସତୀତ୍ୱ ଆଉ ହୃଦୟ-ମନର ସତୀତ୍ୱ ଏକତ୍ର ପ୍ରକାଶିତ ହେଉଛି, ସେଠି ସ୍ୱର୍ଗରାଜ୍ୟ ବୋଲି ତମେ ନିଶ୍ଚୟ ସ୍ୱୀକାର କରିବ ।

—ପ୍ରଚଳିତ ସମାଜ ବ୍ୟବସ୍ଥାରେ ସେପରି ଏକତ୍ରୀକରଣ କମ୍ ନଜରରେ ପଡ଼ୁଛି । ସାମ୍ପ୍ରତିକ ସମାଜର ପରିବର୍ତ୍ତିତ ମୂଲ୍ୟବୋଧ ଦୃଷ୍ଟିରୁ ତମେ କଥାଟି ବିଚାର କରି ଦେଖ । ତେଣୁ ଏ କ୍ଷେତ୍ରରେ ବିଶ୍ୱାସଭଙ୍ଗର ପ୍ରଶ୍ନ ଉଠାଇବା ଠିକ୍ ନୁହେଁ

Digitized by srujanika@gmail.com

ପ୍ରତାପ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିଶ୍ୱାସ ସ୍ଥାପନ ଏକ ଦ୍ୱି-ପକ୍ଷୀୟ ଚୁକ୍ତି । ସେ ଚୁକ୍ତିଭଙ୍ଗ କେବଳ ସ୍ତ୍ରୀ ଆଡ଼ୁ ନୁହେଁ, ସ୍ୱାମୀଆଡ଼ୁ ମଧ୍ୟ କରିଯାଇପାରେ ।

ଭାନୁର ଯୁକ୍ତିରେ ବରାବର ପରାଜିତ ହେବାର ତୃପ୍ତି ଓ ଗୌରବ ଲାଭ କରି-ଆସିଛି ପ୍ରତାପ । ଆଜି ମଧ୍ୟ ସେ ଅଧିକ ଯୁକ୍ତି ନ କରି ତୁନି ରହିଲା ।

ଶଯ୍ୟାରେ ଶୋଇ ଭାନୁ ସେତେବେଳେ ଅସ୍ଥିର ଭାବେ ତକିଆ ଉପରେ ମଥା ଏପଟ-ସେପଟ କରୁଥିଲା, ଆଖି ଦୁଇଟି ଥିଲା ତାହାର ଅର୍ଦ୍ଧ ନିମୀଳିତ । ତାହାର ସାରା ଦେହରେ ଏକ ପ୍ରକାର ଚାଞ୍ଚଲ୍ୟ ଓ ଶିହରଣ ପ୍ରତାପ ଲକ୍ଷ୍ୟ କରି ପାରିଲା । ବେଶଭୂଷା ତାହାର କ୍ରମେ ଶିଥିଳ ଓ ବିସ୍ରସ୍ତ ହୋଇପଡ଼ୁଥିଲା—ସୁସଜ୍ଜିତ କବରୀର ମଲ୍ଲୀମାଳ ଫିଟିପଡ଼ି ଶଯ୍ୟା ଉପରେ ବିଚ୍ଛୁରିତ ହୋଇ ପଡ଼ିଥିଲା ।

ହଠାତ୍ ଭାନୁ ଦୁଇଟି ଦରଫୁଟା ମଲ୍ଲୀଫୁଲ ତକିଆ କଡ଼ରୁ ଗୋଟାଇ ଆଣି ପ୍ରତାପର ମୁହଁ ଉପରକୁ ଫିଙ୍ଗିଲା ଏବଂ ଧୀରେ ଧୀରେ କହିଲା......ପ୍ରତାପ, ବହୁଦିନରୁ ତମେ ନୀରବ ନିଭୃତରେ ମୋ'ର ହୃଦୟ-ମନର ଅଧିକାରୀ ହୋଇ ରହିଛ । ତମେ ସୁପୁରୁଷ; ସେ ଦିନର ମୋ'ର ସେହି ପବିତ୍ର ଶପଥ ପୂର୍ଣ୍ଣ କରିବା ପାଇଁ ମୋତେ ଏବେ ସାହାଯ୍ୟ କର ।

× × ×

ପ୍ରାୟ ବର୍ଷକ ପରେ ଭାନୁର ନବଜାତକ ପୁତ୍ର ସନ୍ତାନର ଏକୋଇଶିଆରେ ନିମନ୍ତ୍ରିତ ହୋଇ ପ୍ରତାପ ସସ୍ତ୍ରୀକ ମିଷ୍ଟର ପଟ୍ଟନାୟକଙ୍କର ସରକାରୀ ବଙ୍ଗଳାକୁ ଯାଇଥିଲା । ପ୍ରତାପକୁ ପାଇ ଭାନୁର ଆନନ୍ଦ-ଉତ୍ସାହ କି କୌଣସି ବାଧା-ବନ୍ଧନ ମାନେ ? ଲଘୁପକ୍ଷ ପ୍ରଜାପତିଟି ପରି ସେ ଅତିଥିମାନଙ୍କ ଗହଣରେ ଘୂରି ବୁଲୁଥିଲା ଏବଂ ହସି ହସି ସମସ୍ତଙ୍କର ସତ୍କାର କରୁଥିଲା ନିଜର ସାଧ୍ୟମତେ ।

ପ୍ରତାପ କୋଳକୁ ଶିଶୁପୁତ୍ରଟି ବଢ଼ାଇ ଦେଇ ଭାନୁ କହିଲା—ଟିକିଏ ଧର ମୋ ପୁଅକୁ, ଦେଖ କେମିତି ହୋଇଛି ।

ପୁଅଟିକୁ କୋଳରେ ଧରି ପ୍ରତାପ ଟିକିଏ ଗେଲ କଲା । ତାହାରି ନିଜ ରକ୍ତର ଯେପରି ଏହା ସୁନା ଫସଲ । ଆବେଗ କମ୍ପିତ ହସ୍ତରେ ଶିଶୁଟିକୁ ଦୃଢ଼ରେ ଜଡ଼ାଇ ଧରି ପ୍ରତାପ ପୁଲକିତ ହେଲା ଏବଂ ସପ୍ରଶଂସ ଦୃଷ୍ଟିରେ ଭାନୁ ମୁହଁକୁ ଚାହିଁଲା ।

ପ୍ରସୂତି-ପର ଅବସ୍ଥାରେ ଭାନୁର ସେହି ଶିଥିଳ-ଶୀର୍ଣ୍ଣ ସୁକୁମାର ମୁହଁଟି ଏକ ଅପୂର୍ବ ତୃପ୍ତି, ପୁଲକ ଓ ଗୌରବବୋଧରେ ଉଜ୍ଜ୍ୱଳ ଦେଖା ଯାଉଥିଲା, ଏବଂ ତା' କପାଳରେ ସେହି ସିନ୍ଦୂର ବିନ୍ଦୁଟି ପୂର୍ବପରି ନବୋଦିତ ସୂର୍ଯ୍ୟ ସଦୃଶ ଜଳୁଥିଲା—ଦପ୍‌ଦପ୍ ହୋଇ ।

●

Digitized by srujanika@gmail.com

ଝିଅ ହଜିଛି

ଝିଅ ହଜିଛି । ନାମ—ଦୁଲୀ ଦେଈ । ବୟସ—ପନ୍ଦର । ଉଚ୍ଚତା ପାଞ୍ଚଫୁଟ । ଦେହର ରଙ୍ଗ ଶାବନ । ବେଶ୍ ହୃଷ୍ଟପୁଷ୍ଟ ଚେହେରା । ଚିବୁକ ତଳେ ପ୍ରାୟ ଅଧଇଞ୍ଚ ଲମ୍ବା କଟା ଦାଗଟାଏ ରହିଛି । ଉଭୟ ଓଡ଼ିଆ ଓ ସାନ୍ତାଳୀ ଭାଷା କହିପାରେ । ପ୍ରାୟ ପନ୍ଦରଦିନ ତଳେ ଥାନା ହାଟକୁ ଯାଇଥିଲା, ଆଉ ଘରକୁ ଫେରିନାହିଁ ।

ରାଗ ଓ ବିରକ୍ତିରେ ଥାନା-ବାବୁ ରେଡ଼ିଓ ବନ୍ଦ କରିଦେଲେ ।

ଏ ସେହି ପାଦ୍ରୀ ଆଶ୍ରମ ସ୍କୁଲ ମାଷ୍ଟରର କାମ । ସେଦିନ ଦୁଲୀର ବାପ ବୋକାଇ ମାଝୀକୁ ସାଙ୍ଗରେ ନେଇ ଥାନାରେ ଆସି ଏତଲା ଦେଇଯାଇଥିଲା । ଥାନା ବାବୁ ଠିକ୍ କରି ନେଲେ—ସେଇ ଲୋକଟା ନିଶ୍ଚୟ ବେତାର କେନ୍ଦ୍ରକୁ ଏ ଖବର ପଠେଇଛି । ପ୍ରତିବର୍ଷ ତ ଏଅଞ୍ଚଳର ଏମିତି କେତେ ଝିଅ ହଜି ଯାଉଛନ୍ତି । ଆଜି ଦୁଲୀକୁ ନେଇ ଏତେ ଘଣ୍ଟା ଚକଟା, ତମ୍ଭି ତେଫାନ କାହିଁକି ?

Digitized by srujanika@gmail.com

ଦୁଲ୍ଲୀକୁ ଦୁଇ ବରଷ ସେ ମାଷ୍ଟରଟା ଆଶ୍ରମ ସ୍କୁଲରେ ପାଠ ପଢ଼େଇଥିଲା । ସେହି ଦିନରୁ ସେ ବୋଧ ହୁଏ ଆଖି ପକେଇଥିଲା ଦୁଲ୍ଲୀ ଉପରେ । ଏବେ ଚକ୍ରାନ୍ତ ଭିଡ଼ ପକେଇ ଯିବାରୁ ବଦମାସ୍‌ଟା ସ୍କୁଲ କାମ ଛାଡ଼ି ଏଇଥିରେ ଲାଗିଛି ।

ଥାନା ବାବୁ ଦାନ୍ତରେ ଦାନ୍ତ ରଗଡ଼ି ଘର ବାରଣ୍ଡାରେ ପାଆଗୁର କରିବାରେ ଲାଗିଲେ । ମନରେ ପାଞ୍ଚିଲେ-ସ୍କେଣ୍ଡ୍ରେଲ୍‌ଟାକୁ ଗ୍ରେଫ କିମ୍ବା ଜାନାକାଶରେ ପକାଇ ଥରେ ହାଲପଟା ନକରି ଦେଲେ ଚଳିବ ନାହିଁ ।

କିନ୍ତୁ ଦୁଲ୍ଲୀ ? ତାହାର ବ୍ୟବସ୍ଥା ତୁରନ୍ତ କରିବାକୁ ହେବ ନିଶ୍ଚୟ । ଆଉ କେତେଦିନ ତାକୁ ଭୁଲାଇ ଅଟକାଇ ରଖାଯାଇ ପାରେ ? କଥାଟା ଯେପରି କ୍ରମେ ପ୍ରଘଟ ହୋଇ ପଡୁଛି, ତହିଁରେ ଆଉ ବେଶିଦିନ ତାକୁ ଏଠାରେ ଲୁଚାଇ ରଖିବା ବିପଜ୍ଜନକ । ଲଛମନ ସିଂ ଡ୍ରାଇଭର୍‌ଟାର ଯେ, ଦେଖାନାହିଁ । ଦୁଇଦିନ ଭିତରେ ଆସି କଥାଟା ଫଇସଲା କରିଦେବାକୁ କହି କୁଆଡ଼େ ଛୁ' କରିଛି ।

ଦୁଲ୍ଲୀ ଶୀଘ୍ର ହାତ ଛଡ଼ା ହୋଇଯିବ ଭାବି ଥାନାବାବୁଙ୍କ ମନରେ ଟିକିଏ ଦୁଃଖ ହେଲା । ଏପରି ଏକ ସମ୍ପଦ ହାତ ମୁଠାରେ ଥାଇ ଛାଡ଼ିଦେବା ଦୁର୍ଭାଗ୍ୟର କଥା ନୁହେଁ କି ?

ଥାନାବାବୁଙ୍କର ମନେ ପଡ଼ିଗଲା—କେଇମାସ ତଳେ ହାଟରେ ଯେତେବେଳେ ପ୍ରଥମେ ସେ ଦୁଲ୍ଲୀକି ଦେଖନ୍ତି, ତାଙ୍କର ଆଖି ସେଇଠି ଲାଗି ରହିଗଲା । ତିନିବର୍ଷ ହେଲା ସେ ଏ ବଣ-ପାହାଡ଼ ଅଞ୍ଚଳରେ କାର୍ଯ୍ୟ କରି ଆସୁଥିଲେ ହେଁ, ଏପରି ସୁନ୍ଦର ଓ ଉଜ୍ଜଳ ଡାଇଲ ଝିଅଟିଏ କେବେ ଦେଖି ନଥିଲେ । ପିନ୍ଧିଥିବା ସାନ କସ୍ତାଶାଢ଼ୀ ଖଣ୍ଡିକ ଦୁଲ୍ଲୀର ପରିପୁଷ୍ଟ ତନୁଶ୍ରୀ କୁ ସମ୍ପୂର୍ଣ୍ଣ ଆବୃତ କରି ରଖିପାରୁ ନଥିଲା । ମଥାରେ ଗହଳ କଳା କେଶରେ ଡାଳିଆ ଖୋଷାଟାଏ ପାରି ତା' ଉପରେ ସେ ମଣ୍ଡି ଦେଇଥିଲା ଗୋଛାଏ କି ଜଙ୍ଗଲୀ ଫୁଲ । ପାହାଡ଼ୀ ଝରଣାର ସ୍ୱଚ୍ଛନ୍ଦ କଳତାନ ପରି ସେ ସାଙ୍ଗସାଥି ଓ ଗରାଖଙ୍କ ସହିତ ହସି ହସି କଥାବାର୍ତ୍ତା କରୁଥିଲା ଏବଂ ବିକ୍ରୀ କରିବାରେ ଲାଗିଥିଲା ମହୁଲ, ଦୋନା, ଦାନ୍ତକାଠି ଆଦି ଜିନିଷ ।

ସରଳ ହୋଇବି ସେ ବିଶେଷ ଶୋଭନୀୟ—ସହଜ ଓ ସାଦା ସିଧା ହୋଇ ମଧ୍ୟ ଐଶ୍ୱର୍ଯ୍ୟମୟୀ । ଏତ ସାକ୍ଷାତ ପର୍ବତ-କନ୍ୟା ପାର୍ବତୀ ?

ଥାନାବାବୁ ବିଚଳିତ ହୋଇ ପଡ଼ିଥିଲେ ଏବଂ ପରେ ପରେ ଫାନ୍ଦ ପାତି ଦେଇଥିଲେ ମଜବୁତ୍ କରି । ସେ ଫାନ୍ଦରେ ଦୁଲ୍ଲୀ ଧରା ନ ପଡ଼ି ଆଉ ଯାଆନ୍ତା କୁଆଡ଼େ ?

Digitized by srujanika@gmail.com

॥ ୧୨ ॥

କାଦମ୍ବ ଆଗରେ ଥାନାବାବୁ ଏକାନ୍ତରେ ଯେତେବେଳେ କଥାଟା ପକାଇଲେ, କାଦମ୍ବ ମୁରୁକି ହସି କହିଥିଲା, ଏ ଝଣ୍ଡ୍ରେ ମଣ୍ଡଳରେ ମୁଁ ଆଉ କେଉଁ ଝିଅକୁ ନଜାଣେ ? ଦୁଲ୍ଲୀ ମୋ ବାପ ଘର ଗାଁର ଝିଅ-ପାଠ ଶାଠ ପଢିଛୁ । ଦାନ୍‌ଗୀ, ପୁତ୍‌ଗୀଙ୍କୁ ଯେମିତି ସହଜରେ ଆଣି ଜିଲ୍ଲା ପାର କରାଇ ଦେଇଥିଲି, ଏ ଟୋକୀକୁ ସେମିତି ଅଣିହେବ ନାହିଁ । ଏହା ସାଙ୍ଗରେ ଟିକିଏ ଅଲଗା ଖେଳ ଖେଳିବାକୁ ହେବ ।

ଥାନାବାବୁ ଗୁନ ଗୁନ କାଦମ୍ବ କାନରେ କହିଥିଲେ ଯେମିତି ହେଲେ ଧରି ଆଣ । ଦାନ୍‌ଗୀ, ପୁତ୍‌ଗୀଙ୍କ ବେଳକୁ ପଚିଶଟଙ୍କା ଲେଖାଏଁ ପାଇଥିଲୁ । ଦୁଲ୍ଲୀ ପାଇଁ ପାଇବୁ ଡବଲ୍ ।

କାଦମ୍ବର କଳ-କୌଶଳ ଅବ୍ୟର୍ଥ । ଦୁଲ୍ଲୀ ସେଦିନ ହାଟରୁ ଲୁଚିକରି ଥାନା ପଛରେ ଥିବା କାଦମ୍ବ ଘରକୁ ଚାଲି ଆସିଥିଲା । ଆସିଥିଲା ସେହି ଆଶାରେ, ଯାହା ସାଧାରଣତଃ ନହୁଲୀ ବୟସୀ ଝିଅମାନଙ୍କୁ ବିଭୋର କରିଥାଏ—ଘର ଛାଡ଼ିଥିଲା ସେହି ଲୋଭରେ, ଯାହା ସ୍ୱପ୍ନ ପ୍ରବଣ ତରୁଣୀମାନଙ୍କୁ ଦୁଃସାହସିକ କାର୍ଯ୍ୟ ପାଇଁ ପ୍ରେରଣା ଦେଇଥାଏ ।

ପାଠୋଇ ଦୁଲ୍ଲୀର ବାହାଘର ହେବ ପାଠୁଆ ଥାନାବାବୁଙ୍କ ସଙ୍ଗରେ !

ମନଟା ଚିନ୍ତାକୁଳ ଥିଲେ ବି ଥାନବାବୁଙ୍କ ମୁଖରେ ହସ ଫୁଟି ଉଠିଲା । ଦୁଲ୍ଲୀ ସହିତ ତାଙ୍କର ପ୍ରଥମ ନୈଶମିଳନ ଘଟଣା ଚଳଚ୍ଚିତ୍ରପରି ଆଖି ଆଗରେ ନାଚିଗଲା । ସେଦିନ ରାତିରେ କାଦମ୍ବର କୁଡ଼ିଆ ଘରେ ମହୁଲି ମଦର ମନ ମତାଣିଆ ଗନ୍ଧ ଏବଂ ହାରିକେନ୍ ଲଣ୍ଠନର ଅଧା ଆଲୁଅ, ଅଧା ଅନ୍ଧାରିଆ ରୋମାଞ୍ଚକର ପରିବେଶ ମଧ୍ୟରେ ଦୁଲ୍ଲୀ ସହିତ ବହୁ ସମୟ ଖୁସି ଗପ ଚାଲିଲା । ଥାନାବାବୁଙ୍କର ବାକ୍‌ଚାତୁରୀ ଏବଂ ଶାଢ଼ୀ-ବ୍ଲାଉଜ୍ ଉପହାର ଦେବା କୌଶଳରେ ଅଳ୍ପ ସମୟ ମଧ୍ୟରେ ଦୁଲ୍ଲୀର ଲଜ୍ଜା ସଙ୍କୋଚ ଭାବ କଟିଯାଇଥିଲା । ଶେଷରେ କଅଁଳିଆ ଶାଳପତ୍ର ଓ ବଣ ମଲ୍ଲୀର ଆସ୍ତରଣ ଉପରେ ମଧୁଶଯ୍ୟା ରଚନା କରିବା ପୂର୍ବରୁ ଦୁଲ୍ଲୀ ମଥାରେ ଥାନାବାବୁଙ୍କୁ ନିଜ ହାତରେ ସିନ୍ଦୂର ଟିପା ପିନ୍ଧାଇଦେବାକୁ ପଡ଼ିଥିଲା ।

ଦୁଲ୍ଲୀ ସେତିକିରେ ଛାଡ଼ିବା ଝିଅ ନୁହେଁ । ସେଦିନ ପୁଣି ସେ ଥାନା ବାବୁଙ୍କଠାରୁ ପ୍ରତିଶ୍ରୁତି ଆଦାୟକରି ନେଇଥିଲା ଯେ—ନିକଟରେ କେବେ ବିବାହ ମହୋତ୍ସବ କରିବାକୁ ବାବୁ ନିଜ ଘରକୁ ନେଇଯିବେ ।

ପ୍ରାୟ ପ୍ରତିଦିନ ରାତିରେ ଦୁଲ୍ଲୀ ପାଖକୁ ଥାନାବାବୁ ଆସିବାରେ ଲାଗିଲେ ସତ; କିନ୍ତୁ ବିବାହ ମହୋତ୍ସବର ଶୁଭଦିନ ଆଜି କେବେ ଆସିଲା ନାହିଁ ।

Digitized by srujanika@gmail.com

ଥାନାବାବୁଙ୍କ ଦୁଲ୍ନୀ ମଝିରେ ମଝିରେ ଉଣ୍ଡି ଖୋଲି ଶୁଭଦିନ କଥା ପଗ୍ଚରି ଦେଉଥିଲି ।

ଉତ୍ତର ସ୍ୱରୂପ ସେ ନିଜର ଜଘନ ଠାରୁ ଗଣ୍ଡଦେଶ ପର୍ଯ୍ୟନ୍ତ ସାରା ଶରୀରରେ ଯେପରି ଏକ ସରୀସୃପର ଭୟଙ୍କ ମନ୍ଥର ଗ୍ରାସ ଅନୁଭବ କରୁଥିଲି, ଏବଂ ସେହି ଗ୍ରାସ ମଧ୍ୟରେ ସଙ୍ଗେ ସଙ୍ଗେ ଆପଣାକୁ ଅଶକ୍ତ କରି ପକାଉଥିଲି ।

ଥାନା ବାବୁଙ୍କ ସ୍ମୃତିରେ ସବୁ ଜୀବନ୍ତ ରହିଛି—ଦୁଲ୍ନୀର ଚାଲି, ଚାହାଣି, ହସ, କଥାବାର୍ତ୍ତା, ଭାବଭଙ୍ଗୀ ସବୁ ଟିକ୍ ନିଖୁଣ୍ ଋଜୁ ଓ ସହଜ ହୋଇବ ସେ କେତେ ଦୃଢ଼—ପରାଧୀନ ହୋଇ ବି କେଡ଼େ ନିର୍ଭୀକ ଓ ନିଃସଙ୍କୋଚ ! ସେ ଯେପରି ଜଙ୍ଗଲର ଝକମକ ପଥର ଖଣ୍ଡେ—ସ୍ପର୍ଶରେ ଶୀତଳ; କିନ୍ତୁ ସଙ୍ଘର୍ଷରେ ଅଗ୍ନିମୟ !

ଏପରି ଜଣେ ବିଚିତ୍ର ସୁନ୍ଦର ଝିଅ ଆଡ଼କୁ ଥାନା ବାବୁ ଆପଣାର ଅଜ୍ଞାତସାରରେ ଆକର୍ଷିତ ହୋଇ ଯାଇଥିବାର ମନେ କଲେ ।

କିନ୍ତୁ ନା, ଆଉ ନୁହେଁ । ଅତିରେ ଇତି । ଥାନା ବାବୁ ସ୍ଥିର କଲେ— ଶୀଘ୍ର ଦୁଲ୍ନୀକୁ ଏଠାରୁ ବିଦା କରିବାକୁ ପଡ଼ିବ—ଠିକଣା ଜାଗାରେ ଗଡ଼େଇ ଦେବାକୁ ହେବ । ଦୀର୍ଘ ପନ୍ଦର ଦିନ ହୋଇଗଲାଣି; ଧରା ପଡ଼ିଗଲେ ଆଉ ରକ୍ଷାନାହିଁ ।

ସୌଭାଗ୍ୟ କ୍ରମେ ସେହିଦିନ ରାତିରେ ଡ୍ରାଇଭର ଲଚମନ୍ ସିଂ ଆସି ପହଞ୍ଚିଲା । ବହୁ ସମୟ କଥା କଟାକଟି ପରେ ଏଗାରଶହ ଟଙ୍କାରେ ମୂଲ୍ୟ ଧାର୍ଯ୍ୟ ହୋଇଗଲା । ଦାନ୍‌ଗୀ ଥିଲା ଟିକିଏ ବୟସ୍କା ଓ ସ୍ୱାମୀ ପରିତ୍ୟକ୍ତା; ତେଣୁ ତାହାର ମୂଲ୍ୟ ହୋଇଥିଲା ପାଞ୍ଚଶହ ଟଙ୍କା । ପୁତ୍‌ଳୀ ବିଧବା ହେଲେ କ'ଣ ହେବ, ବୟସ କମ୍ ଏବଂ ଦେଖିବାକୁ ଟିକିଏ ଭଲ; ତେଣୁ ସେ ଯାଇଥିଲା ଆଠଶହ ଟଙ୍କାରେ । ଅବଶ୍ୟ ଦିଲ୍ଲୀ, ଚଣ୍ଡୀଗଡ଼ ପ୍ରଭୃତି ଅଞ୍ଚଳରେ ସେମାନେ ଯେ, ଆହୁରି ବେଶୀ ମୂଲ୍ୟରେ ବିକ୍ରୀ ହୋଇଥିବେ, ଏଥିରେ ସନ୍ଦେହ ନାହିଁ । ଆଉ ଦୁଲ୍ନୀ ତ ଏକାବେଳକେ କଶୋରୀ ତରୁଣୀଟିଏ, ରୂପଟି ମଧ୍ୟ ଚମତ୍କାର । ତେଣୁ ତାହାର ମୂଲ୍ୟ ଅଧିକ ନ ହେବ କାହିଁକି ?

ତା'ପରେ ସେହି ଘୋର କାଳରାତି ! ଆକାଶ ମେଘାଚ୍ଛନ୍ନ ଥିଲା । କେଉଁ ଏକ ଦାନବର ଦୀର୍ଘଶ୍ୱାସ ପରି ମଝିରେ ମଝିରେ ଦମକାଏ ଦମକାଏ ପବନ ଫିଟି ଦେଉଥିଲା । ଥାନା ବଜାର ହୋଇ ପଡ଼ିଥିଲା ସମ୍ପୂର୍ଣ୍ଣ ନିର୍ଜ୍ଜନ ନିସ୍ତବ୍ଧ ।

ନିକଟରେ କେଉଁଠି ପେଚାଟାଏ ରହି ରହି ବୋବାଇ ଉଠୁଥିଲା । ମଝିରେ ମଝିରେ ବୁଲା କୁକୁରଙ୍କର କଳି ଗର୍ଜନ ଅନ୍ଧାର ରାତିର ଭୀଷଣତାକୁ ଆହୁରି

Digitized by srujanika@gmail.com

ଭୀଷଣତର କରି ଦେଇ ନୀରବ ହୋଇ ଯାଉଥିଲା । ରାତି ପ୍ରାୟ ଦୁଇଟା ବେଳେ ଲଛମନ ସିଂ ଟ୍ରକ୍ ଧରି ଆସି ପହଞ୍ଚିଗଲା ।

ପୂର୍ବରୁ କାନ୍ଦୁଣୀ ସବୁ ଠିକ୍ ଠାକ୍ କରି ରଖିଥିଲା । ରାତି ଏଗାରଟାରେ ଥାନା ବାବୁ କାଦମ୍ବରୀ ଘରକୁ ଆସିଥିଲେ । ଘଣ୍ଟାଏ କାଳ ବସି ଦୁଲୀ ସହିତ ହସ ଖୁସି ହୋଇଥିଲେ । ଟିକିଏ ଟିକିଏ କରି ଦୁଲୀକୁ ସେ ଗୁଡ଼ାଏ ମହୁଲମଦ ପିଆଇ ଥିଲେ । ନିଜେ କିଛି ପିଇଥିଲେ ମଧ୍ୟ । ସେ ଚାଲିଗଲା ପରେ କାଦମ୍ବରୀ ବି ଦୁଲୀକୁ ଆହୁରି ପିଆଇ ସଂପୂର୍ଣ୍ଣ ଅଚେତ କରି ପକାଇଥିଲା । ଲଛମନ ସିଂ ଓ କାନ୍ଦୁଣୀ ସଂଜ୍ଞାହୀନା । ଦୁଲୀକୁ ଟେକି ନେଇ ଟ୍ରକ୍ ଭିତରେ ପୂରାଇ ଦେଇଥିଲେ ।

× × ×

ଝିଅ ହଜିଛି—— ସାହାଡ଼ାପାଳି ବୋକାଇ ମାଝୀର ସୁନାନାକୀ ଝିଅ ! ଥାନାରେ ଏତଲା ଦିଆଯାଇଛି । ରେଡ଼ିଓରେ ପ୍ରଚାରିତ ହୋଇଛି । ଖବର କାଗଜମାନଙ୍କରେ ସମ୍ବାଦ ପ୍ରକାଶ ପାଇଛି । ଚାରିଆଡ଼େ ଖୋଜ୍—ତାଡ଼୍ ଚାଲିଛି ।

କିନ୍ତୁ ଦୁଲୀ କାହିଁ ? କିଏ ଦେବ ତା' ଖବର ? ଏ ଜଗତର କୋଟି କୋଟି ନିଃସହା ଅସହାୟା ଝିଅଙ୍କ ଖବର ଭଳି ଦୁଲୀର ଖବର କେହି ହୁଏତ ଜାଣିବେ ନାହିଁ— କେହି ବି ଜଣାଇବାକୁ ଯିବେ ନାହିଁ । ଜଙ୍ଗଲର ବହୁ ନାଁ ଅଜଣା ସୁନ୍ଦର ଗନ୍ଧଭରା ଫୁଲ ଭଳି ସେ ତେବେ ଲୋକ ଚକ୍ଷୁର ଅନ୍ତରାଳରେ ଅକାରଣେ ଲୁଚିଯିବ ?—ଝରି ପଡ଼ିବ ହୀନମାନ ହୋଇ ? ଏହାହିଁ କଣ ତେବେ ତାହାର ଭବିତବ୍ୟ ?

ଭବିତବ୍ୟ ବୋଧହୁଏ ଭାଗ୍ୟଲିପି ନୁହେଁ; ସମର୍ଥ ମଣିଷ ହସ୍ତରେ ଏକ ଖେଳବାଜି ମାତ୍ର !

ଚେତା ଫେରିଲା ପରେ ଦୁଲୀ ଜାଣି ପାରିଲା ଯେ—ସେ ଗୋଟାଏ ଚଳନ୍ତା ଗାଡ଼ି ଭିତରେ ଶୋଇଛି । ହାତ ଗୋଡ଼ ତାହାର ଶକ୍ତ ଦଉଡ଼ିରେ ବନ୍ଧା । ଆଖି ଫିଟାଇ ସେ ଦେଖିଲା—ରାତି ପାହି ଚାରିଆଡ଼େ ଫରଚା ପଡ଼ିଗଲାଣି । କିଏ ଗୋଟାଏ ଦାଢ଼ିଆ ପଗଡ଼ି ପିନ୍ଧା ଲୋକ ତା' ପାଖରେ ବସି ନିଦରେ ଢୁଳେଇ ପଡ଼ୁଛି ।

କାଦମ୍ବରୀ କାହିଁ ? ଥାନା ବାବୁ କାହାନ୍ତି ? ସେ ଏ ଗାଡ଼ିରେ ଯାଉଛି କୁଆଡ଼େ ? ମୁହୂର୍ତ୍ତକ ମଧ୍ୟରେ ଦୁଲୀ କଥାଟା ଅନୁମାନ କରିନେଲା । କାଦମ୍ବରୀଠାରୁ ଶୁଣିଥିଲା— ସେ ଅଞ୍ଚଳର କେତେ ଝିଅ ବହୁଙ୍କୁ କିଏ କୁଆଡ଼େ ଘେରାଇ ନେଇଯାଇଛି । ତାହାର

Digitized by srujanika@gmail.com

ଦଶା ହୁଏତ ସେଇୟା । ଏକ ଅଜଣା ଭୟ ଓ ଆଶଙ୍କାରେ ସେ ଅସ୍ଥିର ହୋଇପଡ଼ିଲା । ଆଖି ବୁଜି ନିଶ୍ଚଳ ଭାବରେ ପଡ଼ିରହି ମନେ ମନେ ଉପସ୍ଥିତ କର୍ତ୍ତବ୍ୟ ଚିନ୍ତା କରିବାରେ ଲାଗିଲା ।

କିଛି ସମୟ ପରେ ଟ୍ରକ୍ କେଉଁଠି ଗୋଟାଏ ଜାଗାରେ ଅଟକିଲା । ଡ୍ରାଇଭର୍ ଓ ଦୁଲ୍ଲୀ ପାଖରେ ବସିଥିବା ସେହି ଦାଢ଼ିଆ ଲୋକଟା ଏକ ଅବୁଝା ଭାଷାରେ କଣ କଥାବାର୍ତ୍ତା କଲେ । ତା'ପରେ ଦୁହେଁ ଯାକ ତଳକୁ ଓହ୍ଲାଇ ଗଲେ ।

ଦୁଲ୍ଲୀ ପୁଣି ଆଖି ଫିଟାଇ ଚାହିଁଲା । ଆକାଶ ବର୍ତ୍ତମାନ ମେଘମୁକ୍ତ । ଚାରିଆଡ଼େ ସକାଳର ସୁନେଲି ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇପଡ଼ୁଛି । ଅଳ୍ପ ଦୂରରେ ଲୋକମାନଙ୍କର ପାଟି ତୁଣ୍ଡ, ଗହଳି ଚହଲି ଶୁଣାଯାଉଛି । ଜାଗାଟା ବୋଧ ହୁଏ କୌଣସି ହାଟ ବା ବଜାର ହେବ ।

ନିଜର ସମସ୍ତ ଶକ୍ତି, ସାହସ ଠୁଳ କରି ଦୁଲ୍ଲୀ ଏହି ସୁଯୋଗର ସଦ୍‌ବ୍ୟବହାର କଲା ।

ବଣ ଜଙ୍ଗଲର ଶକ୍ତ ପାହାଡ଼ୀ ଝିଅ ସେ—ପିଲାଦିନରୁ ବହୁତ ଛେଚା ପିଟା ସହି ବଢ଼ିଛି । ମୂଲ ଲାଗୁ ନାହିଁ, କିଛି ରୋଜଗାର କରୁନାହିଁ ବୋଲି ବଡ଼ଭାଇ ଧୁମ୍ରା ମାଝୀ ତାକୁ କେତେଥର ପିଟି ଘରୁ ଖେଦି ଦେଇଛି । ଦୁଲ୍ଲୀ ଉପାସ ଭୋକରେ ରହିଛି ବାରମ୍ବାର । ପାଠ ପଢ଼ିବାକୁ ଜିଦ୍ ଲଗାଇ ନିଜ ମାଆର ବିଷ ଦୃଷ୍ଟିରେ ମଧ୍ୟ ପଡ଼ିଛି । ଟିକିଏ ଅଲଗା ଧାତୁରେ ଗଢ଼ା ଝିଅଟି । ସେ ନିଜେ ହିଁ ନିଜକୁ ରକ୍ଷାକଲା-ଆପେ ଆପଣାର ତ୍ରାଣ କର୍ତ୍ତା ହୋଇ ଉଭା ହେଲା ।

ଦୁଲ୍ଲୀର ପାଟି, ଚିତ୍କାର ଓ କାନ୍ଦଣା ଶୁଣି ଟ୍ରକ୍ ପାଖରେ ବଜାରର ବହୁ ଲୋକ ଜମିଗଲେ—ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଦୋକାନୀ, ବ୍ୟବସାୟୀ ସ୍ଥାନୀୟ ଆଦିବାସୀ ନେତା ଓ ଖ୍ରୀଷ୍ଟିୟାନ ମିସନାରୀଙ୍କ ପର୍ଯ୍ୟନ୍ତ । ତା'ପରେ ତାହାର ଉଦ୍ଧାରର ପଥ ପରିଷ୍କାର ହୋଇଗଲା ।

ପ୍ରାୟ ମାସକ ପରେ ଦୁଲ୍ଲୀ ଯେତେବେଳେ ନିଜ ଗାଁକୁ ଫେରି ଆସିଲା, ଜ୍ଞାତି କୁଟୁମ୍ବ ଜାତି ଭାଇମାନେ ନାକ ଟେକିଲେ—ସମାଜରେ ମିଶାଇବାକୁ ଆପତ୍ତି କଲେ । ଧୁମ୍ରା ମାଝୀ କହିଲା, ଦୁଲ୍ଲୀ ମରି ଯାଇଛି । ବାପ ମା କହିଲେ—ଆମ ଝିଅ ହଜିଛି ।

ଦୁଲ୍ଲୀ ଥାନା ପାଖକୁ ଗଲା । କାନ୍ଦିଘରର କୁଡ଼ିଆ ଘରେ ତାଲା ପଡ଼ିଛି । ଥାନା ବାବୁ ଲମ୍ବା ଛୁଟି ନେଇ ନିଜ ଗାଁକୁ ଚାଲି ଯାଇଛନ୍ତି ।

Digitized by srujanika@gmail.com

କିନ୍ତୁ ଏଥିରେ କଣ ଦୁନିଆ ଦବିଯିବା—ଭାଙ୍ଗି ପଡ଼ିବା ଝିଅ ? ସେ ଯେ ବଣ ପାହାଡ଼ର ଶିଆଳୀ ଲଟା—ଝଉଁଳିଯିବ ପଛକେ, ଓଉଳିଯିବ ନାହିଁ ।

ଦୁ'ଅକ୍ଷର ପାଠ ପଢ଼ିଛି ଯେତେବେଳେ, ଆଶ୍ରମ ସ୍କୁଲ୍ ମାଷ୍ଟର ସହାୟତାରେ ଜୀବକାର୍ଜନର ବ୍ୟବସ୍ଥାଟିଏ କରିନେବା ତା' ପକ୍ଷରେ କଷ୍ଟକର ହେଲାନାହିଁ । ସାହାଡ଼ାପାଳର ବୋକାଇ ମାଝୀ ଝିଅ କୁଆଡ଼େ ହଜି ଗଲା ନାହିଁ—ହଜି ପାରିଲାନାହିଁ ! ସଂସାରର ଆଉ ଆଉ ପାଞ୍ଚ ଜଣ ଝିଅଙ୍କ ପରି ସେ ବଞ୍ଚି ରହିଲା—ବାଟ ଚାଲିଲା ମଥା ଉପରକୁ ଟେକ !

Digitized by srujanika@gmail.com

ଗୋଟିଏ ଗଳ୍ପର ନାୟିକା

"କୋଟି ଯୁବକର ହୃଦୟହାରଣୀ ମେରଲିନ୍ ମନରୋ ଆଉ ନାହାନ୍ତି ! ଶୁଣିଲେଣି ଖବର—ସୌନ୍ଦର୍ଯ୍ୟର ରାଣୀ ମେରଲିନ୍ ଆତ୍ମହତ୍ୟା କରିଛନ୍ତି !"

ଟି-ଟେବୁଲ ଉପରେ ହଠାତ୍ ଖବରଟା ଶୁଣି ଆମେ ଚମକି ପଡ଼ିଲୁଁ । ସିନେମାଖୋର୍ କିଶୋର ବାବୁ ଦୁଃଖ ଓ ବିସ୍ମୟରେ ଏପରି ଚିତ୍କାର କରି ଉଠିଲେ ଯେ—ତାଙ୍କ ହାତରୁ କପ୍‌ଟା ଖସିପଡ଼ି ଟି' ସବୁ ଢାଳି ହୋଇଗଲା । ଯେପରି ତାଙ୍କର ଅତି ଆତ୍ମୀୟ ଲୋକ ଜଣେ ଆତ୍ମହତ୍ୟା କରିଛି ! ସାମ୍ବାଦିକ ରବିବାବୁ ଏହି ଚମକପ୍ରଦ ସମ୍ବାଦଟି ଜଣାଇ ଆମରି ପାଖରେ ଆସି ବସି ପଡ଼ିଲେ । ରେଷ୍ଟୁରାଣ୍ଟ୍‌ରେ ସକାଳର ସେହି ଶାନ୍ତଶୀତଳ ପରିବେଶଟା ଆକସ୍ମାତ୍ ବେଶ୍ ଉତ୍ତାପ ଓ ସତେଜତା ଲାଭ କଲା ଯେପରି !

Digitized by srujanika@gmail.com

କେତୋଟି ମୁହୂର୍ତ୍ତ ନୀରବରେ କଟିଗଲା । ଅଧ୍ୟାପକ ମିଶ୍ର କହି ଉଠିଲେ— ବାସ୍ତବିକ, ବଡ଼ ଶୋଚନୀୟ ବିଷୟ ! ମେରିଲିନ୍ ଶେଷେ ଆତ୍ମହତ୍ୟା କଲା ? କାହିଁକି ? କ'ଣ ତା'ର ଦୁଃଖ ? କ'ଣ ବା ତା'ର ଅଭାବ ଥିଲା ?

ଅଭିନେତା ଭଳି ମୁଖରେ ଅନୁତାପର ଭଙ୍ଗି ଫୁଟାଇ କିଶୋର ବାବୁ କହିଲେ—ନା, ନା, ମେରିଲିନ୍ ଆତ୍ମହତ୍ୟା କରି ନାହିଁ । ଆମେଇ ତାକୁ ହତ୍ୟା କରିଛୁଁ—ଆମେ ଏଇ ପ୍ରବଣ୍ଡ-ମାଂସଲୋଭୀ କୁକୁରଦଳ ! ରୂପ ହେଲା ତାହାର ଅଭିଶାପ— ଯୌବନ ହେଲା ଗଳଗ୍ରହ । ପୃଥିବୀର କୋଟି କୋଟି କାମାନ୍ଧ ପୁରୁଷ ତାକୁ କେବଳ ଏକ 'ଯୌନ-ପ୍ରତିମା' ରୂପେ ଦେଖିଲେ । କେହି ଜଣେ ଚିହ୍ନିଲେ ନାହିଁ ତାହାର ନାରୀ-ହୃଦୟକୁ— ତାହାର ପବିତ୍ର ଆତ୍ମାକୁ । ସେ ବଞ୍ଚିବ କିପରି ? ବଞ୍ଚନ୍ତା ବା କାହିଁକି ?

ରବିବାବୁ ଯୋଗ ଦେଲେ—ସତ କଥା ! ନାରୀ କ'ଣ ଖାଲି ପୁରୁଷର ଶଯ୍ୟା-ସଙ୍ଗିନୀ ହେବା ପାଇଁ ?—କେବଳ ତାହାର ଯୌନ ଲାଳସା ଚରିତାର୍ଥ କରିବା ପାଇଁ ଉଦ୍ଦିଷ୍ଟ ?

ଅଧ୍ୟାପକ ମିଶ୍ର ଟେବୁଲରେ ହାତ କଚାଡ଼ି କହିଲେ—କଦାପି ନୁହେଁ । ନାରୀ ଜନନୀ ହୋଇପାରେ, ହୋଇପାରେ ଭଗିନୀ, କରୁଣାମୟୀ ଧାତ୍ରୀ, ଶକ୍ତିଦାୟିନୀ ବାନ୍ଧବୀ ମଧ୍ୟ ।

—କିନ୍ତୁ ପ୍ରଧାନତଃ ଯୌନ-ଉପଭୋଗର ଏକ ସରସ ସାମଗ୍ରୀ ରୂପେ ନାରୀ ଆଜି ପରିଗଣିତ । ଏକଥା ଆପଣ ଅସ୍ୱୀକାର କରି ପାରିବେ ନାହିଁ । —କିଶୋରବାବୁ ମନ୍ତବ୍ୟ କଲେ ।

ପୃଥିବୀର ସର୍ବଜନାଦୃତା ସିନେମା ତାରକା ମେରିଲିନ୍‌ର କରୁଣ ଜୀବନ ଚରିତ ମୋତେ ପୂର୍ବରୁ ଜଣା ଥିଲା । ମୁଁ ଗୋଟିଏ ଦୀର୍ଘନିଃଶ୍ୱାସ ତ୍ୟାଗ କରି କହିଲି—ହଁ, ଦୁଃଖର ସହିତ ଆମକୁ ସ୍ୱୀକାର କରିବାକୁ ହେବ – ଜଗତର ରୀତି ଏକ୍ଷଣି ଏଇଯିଆ । ଏହାର କେତେକ ଉଦାହରଣ ମୁଁ ଆପଣମାନଙ୍କୁ ଦେଇପାରେଁ । ହଲିଉଡ୍ ତାରକା ମେରିଲିନ୍ ତ ଦୂରର କଥା, ଆମ ଗାଁ ହରେକୃଷ୍ଣପୁରର ମେନକା ଭାଗ୍ୟରେ ମଧ ଠିକ୍ ଏଇଯିଆ ଘଟିଛି ।

ସମସ୍ତେ ଉତ୍ସୁକ ହୋଇ ମୋ ମୁହଁକୁ ଚାହିଁ ରହିଲେ । ମୁଁ କହିଲି—ଖାଣ୍ଟି ସତ ଘଟଣାଟାଏ । ମେନକାର ଡାଏରୀ ମୋର ହସ୍ତଗତ ହୋଇଛି । ତହିଁରେ ସେ ସବୁ କଥା ବିସ୍ତାରିତ ଭାବେ ଲେଖି ଦେଇ ଯାଇଛି ।

Digitized by srujanika@gmail.com

ମେନକା-କଥା ମୋଠାରୁ ଶୁଣିବାପାଇଁ ବନ୍ଧୁମାନେ ମୋତେ ବାଧ୍ୟ କଲେ । ଗଳାଟା ଥରେ ସଫା କରି ନେଇ ମୁଁ ଆରମ୍ଭ କଲି—ହଁ, ଖାଲି ନାମରେ ନୁହେଁ, ରୂପଲାବଣ୍ୟରେ ବି ସେ ଥିଲା ଠିକ୍ ଏକ ମେନକା—ସ୍ୱର୍ଗର ଶାପଭ୍ରଷ୍ଟା ଅନିନ୍ଦ୍ୟ ସୁନ୍ଦରୀ ଅପ୍ସରୀ ଯେପରି ! ଗାଁର ଦରିଦ୍ର ପୋଷ୍ଟ୍ମାଷ୍ଟରଙ୍କ ସାନଝିଅ ଥିଲା ସେ—ଖତଗଦାରେ ପଦ୍ମଫୁଲ । ପାଞ୍ଚ-ଛଅବର୍ଷ ବୟସବେଳୁ ନିଜ ରୂପ ଗରିମାରେ ସମସ୍ତଙ୍କୁ ସେ ମୁଗ୍ଧ କରି ପକାଇଥିଲା । ଡଉଲ ଡାଉଲ ଗୋରାତକତକ କଅଁଳ ଦେହ । ତହିଁରେ ପୁଣି ମୁହଁର ଗଢ଼ଣଟି ଥିଲା ଅତି ଲୋଭନୀୟ । ବାଟଗଲା ଲୋକେ ଦଣ୍ଡେ ଠିଆ ହୋଇ ତାକୁ ଚାହିଁ ଦେଖୁଥିଲେ । ଯେ ପାରୁଥିଲା, ତାକୁ କୋଳକୁ ଟାଣିନେଇ ତା'ର ନାଲି ଟୁକୁଟୁକୁ ଗାଲ ଓ ଓଠରୁ ଚୁମା ଖାଉଥିଲା ।

ପିଲାଦିନରୁ ଅତି ଗେହ୍ଲାବସରରେ ବଢ଼ିଥିଲା ମେନା । ବାପା ମା', ବନ୍ଧୁବାନ୍ଧବ, ସାଇପଡ଼ିଶା ସମସ୍ତଙ୍କଠାରୁ ସେ ଅତ୍ୟଧିକ ସ୍ନେହ ଶ୍ରଦ୍ଧା ଲାଭ କରିଥିଲା । ପଢ଼ିଲେ ପଢ଼ିଲେ ପଢ଼ାଶୁଣାରେ ମନ ଦେଇ ନ ଥିଲା । ଦିନସାରା ଧୂଳିଘର କରି ଖେଳୁଥାଏ । କଣ୍ଢେଇକୁ ବରି ସଜାଇ ଧୂଳିର ଭାତ ଡାଲି ପରଷିଦିଏ—ଟିକିଟିକି ପୁଅଝିଅଙ୍କୁ ମାଟିର ହଳଦୀ ବୋଳି ଦେଇ ଛାତି ପାଖରେ ଧରି ସ୍ତନ୍ୟ ପିଆଏ । ପୁଣି ରାତିରେ ମେନକା ମା' କୋଳରେ ଶୋଇ କଲରେଇ ଫୁଲ କଥା, କେଶବତୀ ରଜାଝିଅ କଥା ଶୁଣେ । କେତେ ସ୍ୱପ୍ନ ଦେଖେ—କେତେ କଳ୍ପନାର ଜାଲ ବୁଣେ ।

ଦଶ ବାର ବର୍ଷ ବୟସ ବେଳେ ମେନକା ଥରେ ନିଜ ମାମୁଁ ଘରକୁ ବୁଲିବାକୁ ଯାଇଥିଲା । ସେଇଠାରୁ ତା' ଜୀବନରେ ଦୁର୍ଯୋଗର ସୂତ୍ରପାତ ହେଲା । ମାମୁଁ ଘରେ 'ଟିମା' ନାମରେ ଜଣେ ଚାକର ଟୋକା ଥାଏ । ମେନା ତାକୁ ଟିମାଭାଇ ବୋଲି ଡାକେ—ତା' ସହିତ ଥଟ୍ଟା ତାମସା ଲଗାଏ । ଏକୁଟିଆ ବେଳେ ଟିମା ମେନାକୁ କୋଳରେ ପୂରାଇ ଜାକି ଧରେ । ତା'ର ଓଠ ଓ ଗଣ୍ଡରୁ ଚୁମା ଖାଏ । ମେନାକୁ ସେତେବେଳେ ଟିକିଏ ଟିକିଏ ଲାଜ ଲାଗିଲେ ବି ବେଶ୍ ଆନନ୍ଦ ମିଳେ । ସେ ଆଖିବୁଜି ଟିମାଭାଇ କୋଳରେ ଶୋଇ ରହେ ।

ଦିନେ ନିରୋଳା ସଞ୍ଜବେଳେ ଟିମାଭାଇ ସାଙ୍ଗରେ ଏହିପରି କିମିତି ଖେଳୁ ଖେଳୁ ମହାଭାରତଟାଏ ସୃଷ୍ଟି ହୋଇଗଲା । ଏପରି ଏକ ଦୁର୍ଘଟଣା ହେବ ବୋଲି ମେନକା କେବେ ଭାବି ନ ଥିଲା । ଯନ୍ତ୍ରଣାରେ ଅସ୍ଥିର ହୋଇ କାନ୍ଦୁଥିଲା ବେଳେ ସେଇ ରାତିରେ ତାକୁ ହସ୍ପିଟାଲ ନିବା ପାଇଁ ପଡ଼ିଲା । ଡାକ୍ତର ତାକୁ କ'ଣ ପରୀକ୍ଷା କରିଥିଲେ । କିଛିଦିନ ପରେ ମେନା ଶୁଣିବାକୁ ପାଇଲା—ଏଇଥିପାଇଁ ଟିମାଭାଇକୁ ଛ'ମାସ ଜେଲ୍ଦଣ୍ଡ ହୋଇ ଯାଇଛି ।

Digitized by srujanika@gmail.com

ଅଧ୍ୟାପକ ମିଶ୍ର ଟିପ୍ପଣୀ କାଟିଲେ—ବାଃ, ଏ ତ ନବକୋଭ୍‌ଙ୍କ 'ଲୋଲିତା'ର ଭାରତୀୟ ସଂସ୍କରଣ !

ମୁଁ କହି ଚାଲିଲି—ଯା ହେଉ, ସେହିଦିନଠାରୁ ବାପମା' ମେନାକୁ କଡ଼ା ଶାସନରେ ରଖିଲେ । କୌଣସି ବନ୍ଧୁବାନ୍ଧବ ଘରକୁ ଛାଡ଼ିଲେ ନାହିଁ । ଗାଁ ମାଇନର ସ୍କୁଲରେ ମେନକା ସେତେବେଳେ ପଢ଼ୁଥାଏ । ସକାଳ ଦଶଟାରେ ସ୍କୁଲକୁ ଯିବ, ଫେରିବ ସନ୍ଧ୍ୟା ଚାରିଟାରେ । ଏଥିରେ ଟିକିଏ ଏପଟ ସେପଟ ହେଲେ ଗାଳିମାଡ଼ ହଉସ୍ତେ ମେନା ଭାଗ୍ୟରେ ଥୁଆ ହୋଇଥାଏ ।

ମେନକା ଏଥିରେ ଏକାବେଳେକେ ଅଣନିଃଶ୍ୱାସୀ ହୋଇ ପଡ଼ିଲା । ତାହାର ମନେ ହେଲା—ତାକୁ ଯେପରି ଆଉ କେହି ସୁଖ ପାଉ ନାହାନ୍ତି—ସ୍ନେହ ଶ୍ରଦ୍ଧା କରୁ ନାହାନ୍ତି କେହି ! ଏକାନ୍ତ ନିଃସଙ୍ଗ ଓ ବନ୍ଧୁହୀନ ହୋଇ ପଡ଼ିଛି ସେ । ତା' ସ୍ୱଚ୍ଛ ଆନନ୍ଦ ଉଲ୍ଲାସର ଝରଣାଟି ଯେପରି ହଠାତ୍ ଶୁଷ୍କ ହୋଇଗଲା ! ପ୍ରାଣ ପିଞ୍ଜରରେ ସେ ଖାଲି ଛଟପଟ ହେବାକୁ ଲାଗିଲା ।

ଏହିପରି ସ୍ନେହ-କାଙ୍ଗାଳିନୀ ମେନାର ଜୀବନରେ ହଠାତ୍ ଦିନେ ଦେଖାଦେଲା ନବ ବସନ୍ତ । ଅଙ୍ଗେ ଅଙ୍ଗେ ତା'ର ଫୁଟି ଉଠିଲା ରକ୍ତ ପଲାଶ—ମନ ଗହନରେ ପ୍ରବାହିତ ହେଲା ମଦିର ମଳୟର ସୁରଭି । ସେତେବେଳେ ସେ ମାଇନର ସପ୍ତମ ଶ୍ରେଣୀର ଛାତ୍ରୀ । ଆପଣାର ଅତୁଳନୀୟ ରୂପ-ଯୌବନରେ ସେ କେବଳ ସମସ୍ତଙ୍କୁ ମୁଗ୍ଧ-ଚକିତ କଲା ନାହିଁ, ଏକାବେଳେ ଉନ୍ମତ୍ତ ପାଗଳ କରି ପକେଇଲା । ସ୍କୁଲର ହେଡ଼୍‌ମାଷ୍ଟରଙ୍କ ଲୋଲୁପ ଦୃଷ୍ଟି ଓ କାମୁକ ମନର ଶିକାର ହେଲା ସେ ପ୍ରଥମେ ।

ହେଡ଼୍‌ମାଷ୍ଟର ଥିଲେ ସୁଦର୍ଶନ ଯୁବକ । ମେନକା ତାଙ୍କ ପୌରୁଷରେ ମୁଗ୍ଧ ହୋଇଥିଲା ଏବଂ ପାବନ ପ୍ରାଣରେ ପ୍ରଥମ ଅର୍ଘ୍ୟ ନିବେଦନ କରିଥିଲା ତାଙ୍କର ଚରଣ ତଳେ । ବିଶ୍ୱାସ ଭାବିଥିଲା—ଜୀବନରେ ସେ ନିଜ ମନର ମଣିଷଙ୍କୁ ପାଇଛି, ତାଙ୍କୁ ଇ ନେଇ ଆପଣାର ସୁନାର ସଂସାର ଗଢ଼ି ପାରିବ ।

କିନ୍ତୁ ହା ଦୁର୍ଭାଗ୍ୟ ! ମେନା ଜାଣିପାରିଲା ନାହିଁ—କେଉଁ କଣ୍ଟକିତ ପଥରେ ସେ ପାଦ ଦେଇଛି । ଯେତେବେଳେ ସବୁ ରହସ୍ୟ ଉଦ୍‌ଘାଟିତ ହୋଇଗଲା, ଆଖି ଲୁହ ପୋଛି ପୋଛି ମେନାର ଦିନ ସରିଲା ନାହିଁ ।

ବାପ ମା'ଙ୍କର ବିରକ୍ତି, ଲାଲ ଆଖି, ଗାଳିଗୁଲଜ ଛାତି ପଥର କରି ସେ ସହିଲା । ଶେଷରେ ଦିନେ ମା'ଙ୍କୁ କହିଲା, ମୁଁ ହେଡ଼୍‌ମାଷ୍ଟରଙ୍କ ପାଖକୁ ଯିବି । ମୋତେ ବାହାହେବା ଲାଗି ସେ ଜବାବ ଦେଇଥିଲେ ।

Digitized by srujanika@gmail.com

କିନ୍ତୁ ନିଜ ଜବାବ ଦେବାପାଇଁ ହେଡ଼୍‌ମାଷ୍ଟର ମହୋଦୟ ଆଉ ସେଠାରେ ନ ଥିଲେ । ସେ ଥିଲେ ବିବାହିତ ଏବଂ ଗୋଟିଏ ସନ୍ତାନର ଜନକ । ଅପମାନ ବିପଦର ସୂଚନା ପାଇ ଆଗରୁ ବାଟ କାଟିବାକୁ ସେ ସ୍କୁଲ ଗୃହ ପଳାଇ ଯାଇଥିଲେ ।

ତା'ପରେ ଗାଁଠାରୁ ବହୁଦୂର ଏକ ସହରକୁ ମେନକାକୁ ପଠାଇ ଦିଆଗଲା । ତାହା ଯେପରି ଏକ ନୂତନ ଜୀବନମୟ ରାଜ୍ୟ ! ସେଠାରେ ଡାକ୍ତର ମହାନ୍ତିଙ୍କର ନିର୍ଜନ ପରୀକ୍ଷାଗାରରେ ପୂରା ତିନିଟି ଦିନ ତାକୁ ରହିବା ପାଇଁ ପଡ଼ିଲା । ଯମଦୂତ ଭଳି ସ୍ଥୂଳକାୟ ପ୍ରୌଢ଼ ଡାକ୍ତର ମହାନ୍ତି ପ୍ରଥମେ ମେନକାକୁ ଦେଖି ଘଡ଼ିଏ ଚାହିଁ ରହିଲେ । ଏଭଳି ଅପୂର୍ବ ସୁନ୍ଦର ରୂପ ସେ ବୋଧହୁଏ ଜୀବନରେ ପ୍ରଥମେ ଦେଖୁଛନ୍ତି ! ମେନକାର ଚଟୁଳ ଚିବୁକକୁ ଟିକିଏ ହଲାଇ ଦେଇ ସେ ଆଶ୍ୱାସନା ବାଣୀ ଶୁଣାଇଲେ —କିଛି ଚିନ୍ତା କର ନା । ମୁଁ ସବୁ ସଜାଡ଼ି ଦେବ ।

ମେନକା ସବୁ କଥା ବୁଝି ପାରିଥିଲା । ପିତୃପ୍ରତିମ ଡାକ୍ତରଙ୍କଠାରୁ ସାନ୍ତ୍ୱନା ପାଇ ସେ ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦି ଉଠିଲା ଏବଂ ଡାକ୍ତରଙ୍କ ପାଦତଳେ ପଡ଼ି କହିଲା—କିଛି ମୋର ସଜାଡ଼ିବା ଦରକାର ନାହିଁ ଡାକ୍ତରବାବୁ, ମୋର ସେ ସତୀତ୍ୱର ରକ୍ଷା-କବଚ ଲୋଡ଼ା ନାହିଁ । କଳଙ୍କିନୀ ହୁଏଁ ପଛକେ, ମୁଁ ମାଆ ହେବାକୁ ଚାହେଁ । ମୋତେ ବଞ୍ଚାନ୍ତୁ ଆପଣ······

ଡାକ୍ତର ମହାନ୍ତି ଟିକିଏ ହସିଲେ । ତାଙ୍କର ପକେଟ ଗରମ ଥିଲା, ମନରେ ବି ଉତ୍ତାପ ଜମି ଆସୁଥିଲା । ସେ ମେନକାକୁ ନିକଟସ୍ଥ ଖଟ ଉପରେ ନେଇ ବସାଇଲେ । ତା'ପରେ ତାକୁ କୋଳକୁ ଆଉଜାଇ ଆଣି ତା ଆଖିରୁ ଲୁହ ପୋଛି ଦେଲେ ଏବଂ ତା'ର କମ୍ପିତ ଅଧରକୁ ବାରମ୍ବାର ଚୁମ୍ବନ କଲେ ।

କିଛିକ୍ଷଣ ପରେ ମେନକା ବୁଝି ପାରିଲା—ଏହା ପିତୃସ୍ନେହ ନୁହେଁ, କୁତ୍ସିତ ପ୍ରୌଢ଼ ଡାକ୍ତରଙ୍କର ଜଘନ୍ୟ ପାଶବିକତା ମାତ୍ର । ତାହାର ଇଚ୍ଛା ହେଲା—ସେ ଗଳା ଫଟାଇ ଚିତ୍କାର କରିବ ଏବଂ ଗୋଇଠା ମାରି ନିଜ ଗୃହଉପରୁ ସେହି ଭଦ୍ରବେଶୀ ଜାନୁଆର୍‌ଟାକୁ ତଳକୁ ଫିଙ୍ଗି ଦେବ । କିନ୍ତୁ ତା'ର ଦେହ ଓ ମନ ସେତେବେଳେ ଏପରି କବଳିତ ହୋଇ ସାରିଥିଲା ଯେ, ସେ କିଛି ହେଲେ କରିବାଲାଗି ଶକ୍ତି ବା ସାହସ ପାଇଲା ନାହିଁ ।

ମୋର ବନ୍ଧୁମାନେ ସମସ୍ତେ ଦୁଃଖରେ ଦୀର୍ଘ ନିଃଶ୍ୱାସ ପକାଇ କହି ଉଠିଲେ— ହା ବିଚୂର୍ଣ୍ଣ ମେନକା !

Digitized by srujanika@gmail.com

ମୁଁ କହିଲି—କିନ୍ତୁ ସେତିକିରେ ବିଗୃହର ଦୁର୍ଦ୍ଦିନ ଶେଷ ହୋଇଗଲା ନାହିଁ। ଡାକ୍ତରଖାନାରୁ ଫେରି ମେନକା ସେହି ସହରସ୍ଥ ଏକ ଦୂର-ସମ୍ପର୍କୀୟା ମାଉସୀ ଘରେ କିଛିଦିନ ରହିଲା। ଅଳ୍ପସମୟ ମଧ୍ୟରେ ମାଉସୀଙ୍କ ପୁଅ ରାଜକିଶୋର ସହିତ ତାହାର ଘନିଷ୍ଠତା ହୋଇଗଲା। କଲେଜ ଗ୍ରୁପ ରାଜକିଶୋରର ସ୍ୱପ୍ନପ୍ରବଣ ରୋମାଣ୍ଟିକ୍ ମନ ରୂପସୀ ମେନକାର ସାନ୍ନିଧ୍ୟ ଲାଭ ପାଇଁ ବ୍ୟସ୍ତ ବ୍ୟାକୁଳ ହୋଇ ଉଠିଲା।

ଦିନେ ମେନାକୁ ଏକାନ୍ତରେ ପାଇ ରାଜକିଶୋର ପ୍ରେମ ନିବେଦନ କରି ବସିଲା। ମେନକା ଲଜଲଜ ହୋଇ କହିଲା—ରାଜୁଭାଇ, ତୁମେ ଭାରି ଭଲ। କେତେ ପାଠ ପଢ଼ିଛ, କେତେ କଥା ଜାଣ··ମୁଁ କଣ ତମ ଲାଗି ହୋଇ ପାରିବି ?

ତୁ ରାଜାର ଲାଗି ହେବାକୁ ରୂପ ପାଇଛୁ ଲୋ ମେନା ! ତୋତେ ପାଇଲେ ଯେକୌଣସି ପୁରୁଷ ଧନ୍ୟ ହେବ, ମେନାକୁ କୋଳରେ ଜଡ଼ାଇଧରି ରାଜକିଶୋର କହିଲା।

ମେନକା କହିଲା—ତା' ହେଲେ ଆମେ ବାହାହେବା ରାଜୁଭାଇ। ତମେ ଶପଥ କର—ମୋତେ ଛାଡ଼ି କୁଆଡ଼େ ଯିବ ନାହିଁ। ତମେ ମୋର, ମୁଁ ତୁମର !

ମେନକାର ସୁନ୍ଦର ସୁଗଠିତ ଦେହବେଦୀ ଉପରେ ପ୍ରେମର ଏହି ପବିତ୍ର ଶପଥ ସେଦିନ ପାଠ କରିଥିଲା ରାଜକିଶୋର।

ଆଉ ଦିନେ ସେମାନେ ସନ୍ଧ୍ୟା ଭ୍ରମଣରେ ଯାଉଁ ଯାଉଁ ରାସ୍ତାରେ ଗୋଟିଏ ଦମ୍ପତିଙ୍କୁ ଭେଟିଲେ। ଦମ୍ପତି ହସଖୁସି ହୋଇ ଚାଲିଛନ୍ତି—ଆଗରେ ସ୍ତ୍ରୀ, ପଛରେ ସ୍ୱାମୀ। ସ୍ୱାମୀ କୋଳରେ ଲହୁଣୀ ପିଣ୍ଡୁଳା ପରି ଶିଶୁଟିଏ। ମେନା ଥଇଶ ଥଇଶ କହିଲା—ଦେଖିଲ ରାଜୁଭାଇ, କି ସୁନ୍ଦର ଛୁଆଟିଏ। ଆମର ଯଦି ଏହିପରି ଛୁଆଟିଏ ହୁଏ, ତାହାର ନାଁ କଣ ଦେବା କହିଲ ?

ରାଜକିଶୋର ହସି ହସି କହିଲା—ଝିଅ ହେଲେ ମଞ୍ଜୁ କି ମନୀଷା, ଆଉ ପୁଅ ହେଲେ ରାମ କି ରାହୁଲ ନାଁ ଦେବା।

ମେନକା କହିଲା— ଉହୁଁ, ତା' ହେବ ନାହିଁ। ପୁଅ ହେଲେ ମୋ ନାଆଁର ପ୍ରଥମ ଅକ୍ଷର ଅନୁଯାୟୀ ହେବ ମହେନ୍ଦ୍ର କି ମେଘନାଦ। ଆଉ ଝିଅ ହେଲେ ତମ ନାଁ ଅନୁସାରେ ହେବେ ରାଧା କି ରାଜଶ୍ରୀ।

ଦୁହେଁ ମନଖୋଲା ହସ ହସିବାରେ ଲାଗିଗଲେ।

Digitized by srujanika@gmail.com

କିନ୍ତୁ ଏ ହସ ଅଚିରାତ୍ କାନ୍ଦରେ ପରିଣତ ହେଲା । ମେନକା ଏଥର ବି ହେଲା ପ୍ରତାରିତା । ତାହାର ଗତି-ବିଧିରେ ସନ୍ଦେହ କରି ମଉସା-ମାଉସୀ ଅତି ବ୍ୟସ୍ତ ହୋଇ ପଡ଼ିଲେ । ଦିନେ ଅକସ୍ମାତ ବାପା ଆସି ପହଞ୍ଚିଲେ—ମେନାକୁ ଘେନିଗଲେ ଘରକୁ । ଗଲାବେଳେ ମେନକା, ରାଜକିଶୋରକୁ ବହୁତ ଖୋଜିଲା, କିନ୍ତୁ ତାହାର ପତ୍ତା ପାଇଲା ନାହିଁ । ବାପା-ମା ସବୁ କଥା ଜାଣି ପାରିଛନ୍ତି ଦେଖି ରାଜକିଶୋର ଠିକଣା ବେଳକୁ କାପୁରୁଷ ଭଳି କୁଆଡ଼େ ଲୁଚିଲା । ଆଉ ହତଭାଗିନୀ ମେନା ଆଖି ଲୁହରେ ପଣତ ଭିଜାଇ ଭିଜାଇ ଗାଁକୁ ଫେରିଗଲା ।

ସାମ୍ବାଦିକ ରବିବାବୁ ଉତ୍ତେଜିତ ହୋଇ କହି ଉଠିଲେ—ମୋରାଭିଆଙ୍କର The Woman of Rome ପଢ଼ିଛନ୍ତି ଆପଣମାନେ ? ଠିକ୍ ସେହିପରି ଏ ମେନକାର କାହାଣୀ ···

ତାଙ୍କ ଉକ୍ତିରୁ କଥା ଛଡ଼ାଇ ନେଇ ଅଧ୍ୟାପକ ମିଶ୍ର କହିଲେ, ସେ Fiction ଆଉ ଏତ ପୂରାପୂରି Fact ! ଇଣ୍ଡିଆ-ଇଟାଲି ମଧ୍ୟରେ ଦୂରତ୍ୱ ଥାଇପାରେ, କିନ୍ତୁ ଚିନ୍ତାରେ, କଳ୍ପନାରେ ବା କାମନା-ବାସନାରେ ମଣିଷଜାତି ପରସ୍ପରର ନିକଟତର—ଆପଣମାନଙ୍କୁ ଏହା ସ୍ୱୀକାର କରିବାକୁ ହେବ ।

ମୁଁ କହିଲି—ଆଗେ ମୋତେ କଥାଟା ଶେଷ କରିବାକୁ ଦିଅନ୍ତୁ ! ତା'ପରେ ଦୀର୍ଘ ଛ'ମାସ ମେନକା ରହିଲା ଗାଁରେ, ନିଜଘରେ ବନ୍ଦିନୀ ହୋଇ । ବାଟରେ ଘାଟରେ ଗାଁ ମାଇପେ ତାକୁ କଣେଇ କରି ଚାହିଁ ମୁରୁକି ମୁରୁକି ହସନ୍ତି—ତା ବିଷୟରେ କେତେ କ'ଣ ଚୁପ୍‌ଚାପ କଥା ହୁଅନ୍ତି । ଟୋକାଦଳ ତା'ର ବିଷୟ ଚର୍ଚ୍ଚାରେ ଅବସର ବିନୋଦନ କରନ୍ତି । ପଞ୍ଚାୟତର ସରପଞ୍ଚ ପ୍ରାଣବନ୍ଧୁ ବାବୁ ମେନା ବିଷୟରେ ବଡ଼ ଆଗ୍ରହୀ, ବେଳରେ ଅବେଳରେ ବାରମ୍ବାର ଆସି ତା ଖବର ବୁଝି ଯାଆନ୍ତି । ମେନକା ଏମାନଙ୍କ ଡାଡ଼ରେ ପଦାକୁ ବାହାରିପାରେ ନାହିଁ, ଘର ଭିତରେ ମାଟି କାମୁଡ଼ି ପଡ଼ି ରହିଥାଏ ।

ବାପ-ମା' ତେଣେ ଚାରିଆଡ଼େ ବରପାତ୍ରଟିଏ ଖୋଜୁଥାଆନ୍ତି । ଝିଅଟିକୁ ଯଥାଶୀଘ୍ର ବାହା କରି ଦେଇ ସେମାନେ ହେବେ ନିଶ୍ଚିନ୍ତ । କିନ୍ତୁ ପୋଡ଼ାକପାଳୀ ମେନାଲାଗି ପାତ୍ରଟିଏ ମିଳିବା ମଧ୍ୟ କଷ୍ଟକର ହେଲା । ପ୍ରଥମ ପ୍ରତିବନ୍ଧକ ହେଲା—ଯୌତୁକ । ଯେଉଁଠି ବା ଯୌତୁକ ଉପରେ ଜୋର୍ ଦିଆ ନ ଗଲା, ସେଠି ବାଧା ସୃଷ୍ଟି କଲା—ମେନକା ନାମରେ ରଟିଥିବା କଳଙ୍କ ।

ମାଆ ଏଣିକି କଥାରେ କଥାରେ ମେନକା ଉପରେ ରାଗନ୍ତି—ବିରକ୍ତ ହୁଅନ୍ତି—ଦେଖେଇ ଶୁଣେଇ ଖୁଣ୍ଟା ଦିଅନ୍ତି । ବାପାଙ୍କର ସ୍ନେହ ଶ୍ରଦ୍ଧା ମଧ୍ୟ ମେନାଠାରେ ଊଣା

Digitized by srujanika@gmail.com

ହୋଇ ଆସିଲା । ଦୁଃଖ ଓ ଦୁଶ୍ଚିନ୍ତାର ହା-ହୁତାଶ ଭିତରେ ମେନକା ଦଗ୍‌ଧୀଭୂତ ହେବାକୁ ଲାଗିଲା । ଭାବିଲା—ତାହାର ଏ ଅଲୋଡ଼ା ଜୀବନରେ ଆଉ କି ଲାଭ ? କେତେ ଯାହା ଅବସ୍ଥା ଭୋଗିବାର ଭୋଗୁଛି ! ବାପ-ମାଆଙ୍କୁ ସେ କାହିଁକି ଜଳାଇ ପୋଡ଼ାଇ ମାରିବ ?

ବହୁତ ଭାବଚିନ୍ତା ଦିନେ ସେ ଘରୁ ଅଧରେ ଘରୁ ଗୋଡ଼ କାଢ଼ିଲା । ବାପ-ମାଆଙ୍କୁ ଚିଠି ଖଣ୍ଡିଏ ଲେଖି ଦେଇଗଲା—ଝିଅ ଜନମି ବୋଝ ହୋଇ ରହିଥିଲା । ବହୁତ ଦୁଃଖ ଦେଇଛି—ବଂଶର ଦୁର୍ନାମ କରିଛି । ଆଜି ଯାଉଛି । ମୋତେ ଆଉ ଖୋଜିବ ନାହିଁ । ଆଶୀର୍ବାଦ କର—ଏତେ ବଡ଼ ଦୁନିଆଁରେ ମଥା ଗୁଞ୍ଜିବାକୁ ମୋତେ ଯେମିତି ଥାନ ଟିକିଏ ମିଳେ !

ସରପଞ୍ଚ ପ୍ରାଣବନ୍ଧୁବାବୁ ଆଗରୁ ମେନକାକୁ ଭରସା ଦେଇଥିଲେ—ମାଷ୍ଟରାଣୀ କି ନର୍ସ୍ କାମଟିଏ କରି ସେ ଆନନ୍ଦରେ ପେଟ ପୋଷି ପାରିବ । ତାଙ୍କର ସଙ୍ଗରେ ମେନକା ଯାଇ ପହଞ୍ଚିଲା ସହରରେ । ପ୍ରାଣବନ୍ଧୁବାବୁ ବହୁ ପୂର୍ବରୁ ଜଣେ ସ୍ତ୍ରୀର 'ପ୍ରାଣବନ୍ଧୁ' ହୋଇ ସାରିଥିଲେ ବି ମାନସୀ ମେନାକୁ ସଙ୍ଗରେ ଧରି ସହରରେ କିଛିଦିନ ବେଶ୍ ଫୁର୍ତ୍ତି କରିବାକୁ ଲାଗିଲେ । ମେନକା ତହିଁରେ କୌଣସି ଆପତ୍ତି କଲା ନାହିଁ । ପରପଞ୍ଚ ସରପଞ୍ଚଙ୍କଠାରୁ ସେ ତାହାହିଁ ଆଶା କରୁଥିଲା । ଦିନେ ଅତି ବ୍ୟସ୍ତ ହୋଇ କହିଲା—ମୋ ଉପରେ ତୁମ୍ଭେ ଯେତେ ଅତ୍ୟାଚାର କରୁଛ କର ସରପଞ୍ଚବାବୁ, ମୁଁ ସବୁ ସହିବି । କିନ୍ତୁ ମୋତେ କେଉଁଠି ଟିକିଏ ଲଗେଇ ଦିଅ । ତମ ଗୋଡ଼ ତଳେ ପଡ଼ୁଛି—ମୋତେ ଏ ବିପଦରେ ସାହାଯ୍ୟ କର !

ଶେଷେ ସରପଞ୍ଚବାବୁଙ୍କ ସାହାଯ୍ୟରେ ମେନକା ସ୍ଥାନୀୟ ମେଡ଼ିକାଲ କଲେଜରେ ନର୍ସିଂ ଟ୍ରେନିଂରେ ଭର୍ତ୍ତି ହୋଇଗଲା ।

କିନ୍ତୁ ନୂତନ ଜୀବନର ସ୍ୱାଦ ଅଚିରେ ତା ନିକଟରେ ଅତି ତିକ୍ତ ହୋଇ ଉଠିଲା । ସେଠାରେ ମଧ୍ୟ ନିସ୍ତାର ନାହିଁ । ଅଳ୍ପ ଦିନ ମଧ୍ୟରେ ତାହାର ପ୍ରସ୍ଫୁଟିତ ରୂପଶ୍ରୀ ନିକଟରେ ବହୁ ଭ୍ରମରର ଗୁଞ୍ଜନ ଶୁଣାଗଲା । ଡାକ୍ତର, କମ୍ପାଉଣ୍ଡର, ଗ୍ରୁପ, ହାଉସ୍ ସର୍ଜନ ସମସ୍ତେ ଆକର୍ଷିତ ହୋଇ ଆସିଲେ । ବହୁ ସତର୍କ ଲୋଲୁପଦୃଷ୍ଟି ତା'ରି ଆଡ଼କୁ ଉଦ୍‌ଗ୍ରୀବ ହୋଇ ଧାଇଁଲା । ମେନକାର ବର୍ତ୍ତମାନ ବହୁ ବନ୍ଧୁ—ବହୁ ହିତାକାଂକ୍ଷୀ ।

ଆଉ କୌଣସି ଅଭାବ ଅସୁବିଧା ମେନକାର ରହିଲା ନାହିଁ । ଖାଇବା ପିନ୍ଧିବା ସବୁଥିରେ ଆସିଲା ପୂର୍ଣ୍ଣତା । ତଥାପି ସୁଖୀ ହୋଇ ପାରିଲା ନାହିଁ ସେ । ସୁଅ ମୁହଁରେ କୁଟା ଖଣ୍ଡିକ ପରି ଜୀବନରେ ସେ ଏପର୍ଯ୍ୟନ୍ତ ଭାସି ଭାସି ଆସିଲା କେବଳ ।

Digitized by srujanika@gmail.com

କେଉଁଠି ହେଲେ କୂଳରେ ଲଗି ପାରିଲା ନାହିଁ । କାହିଁ ତା'ର ଆଶ୍ରୟ ? କିଏ ତା'ର ଅବଲମ୍ବନ ? ଆଶ୍ରୟ-ଅବଲମ୍ବନ ଭାବି ଯୋଉଠିକି ସେ ହାତ ବଢ଼ାଇଛି, ସେଠାରୁ ସେ ନିରାଶ ହୋଇ ଫେରିଛି । ଜୀବନରେ ସେ ଦେଇଛି ଅନେକ—ହରେଇଛି ଅନେକ, କିନ୍ତୁ ପାଇଛି କ'ଣ କାହିଁ ?

ଦିନେ ଦିନେ ମେନକା ବିଛଣାରେ ଶୋଇ କାନ୍ଦେ । ତକିଆ ଉପରେ ମଥା କଚାଡ଼ି କଚାଡ଼ି କହେ—"ହେ ଭଗବାନ ! କାହିଁକି ମୋତେ ଏ ସୁନ୍ଦର ରୂପ ଖଣ୍ଡିକ ଦେଲ ? ଲୋଡ଼ା ନାହିଁ ମୋର—ନଷ୍ଟ ହେଉ, ବିକୃତ ହୋଇଯାଉ ଏ ରୂପ ! ମୋତେ ଟିକିଏ ଶାନ୍ତି ଦିଅ ପ୍ରଭୁ, ମଣିଷ ଭଳି ବଞ୍ଚାଅ !

କିନ୍ତୁ ବନ୍ଧୁଗଣ !—ମୁଁ ଅତି ଆବେଗଭରା ସ୍ୱରରେ କହିବାକୁ ଲାଗିଲି— ମେନାକୁ ମଣିଷ ଭଳି ବଞ୍ଚିବାକୁ ଦିଆଗଲା ନାହିଁ । ତାହାର କାନ୍ତ କୋମଳ ରକ୍ତ-ମାଂସର ଦେହକୁ ପଶୁ ଭଳି ଆମେ ପଳ ପଳ କରି କାମ କ୍ଷୁଧା ପରିତୃପ୍ତି ପାଇଁ ବ୍ୟବହାର କଲୁଁ । ଏଇ ଆମର ବିଂଶ ଶତାବ୍ଦୀର ସଭ୍ୟତା !

ମୋଟେ ଦୁଇବର୍ଷ ମେନକା ନର୍ସିଂ ଟ୍ରେନିଂ ନେଇଛି । ତା' ମଧ୍ୟରେ ସେ ପ୍ରାୟ ଦଶ ଥର ବାଧ୍ୟ ହୋଇ—ପରିସ୍ଥିତି ଚାପରେ ପଡ଼ି ଦେଶୀ ବିଦେଶୀ କେତେକ ପୁରୁଷ ଜାନୁଆରଙ୍କୁ ନିଜ ଦେହର ମାଂସ ଚଖାଇଛି । ସେ ସବୁର ବିସ୍ତୃତ ବିବରଣୀ ମେନକା ନିଜ ଡାଏରୀରେ ଲେଖି ଦେଇ ଯାଇଛି ।

ଶେଷ ଘଟଣାଟା କହେଁ । ଥରେ ଜଣେ ବଡ଼ ରାଜନୀତିଙ୍କ ନେତା ମେଡ଼ିକାଲ୍ କଲେଜ ପଡ଼ିଆରେ ଏକ ବିରାଟ ସଭାରେ ଉଦ୍‌ବୋଧନ ଦେଇଥିଲେ । ଉଦ୍ୟୋକ୍ତାମାନଙ୍କ ଅନୁରୋଧରେ ମେନକା ସେହି ସଭାରେ ମାନ୍ୟବର ନେତାଙ୍କୁ ମାଲ୍ୟାର୍ପଣ କରିଥିଲା । ସେଦିନ ରାତ ଦଶଟା ବେଳେ ବିଗୁରିକୁ ଡାକରା ଆସିଲା ସହରସ୍ଥ ସାର୍କିଟ୍ ହାଉସ୍‌କୁ । ନେତାଙ୍କର ଜଣେ ପାଖ ଲୋକ ତାକୁ ବାଧ୍ୟ କରି ଜିପ୍‌ରେ ବସାଇ ଘେନିଗଲେ ।

ସାର୍କିଟ୍ ହାଉସ୍ ଉପର ମହଲାର ପ୍ରକୋଷ୍ଠରେ ମେନକା ଅପେକ୍ଷା କଲା । ତଳେ ରାଜନୈତିକ କର୍ମୀ ଓ ସମର୍ଥକମାନଙ୍କ ଗହଣରେ ନେତା ମହୋଦୟ ନୈଶ ଭୋଜନରେ ବ୍ୟସ୍ତ । ଆଳାପ ଆଲୋଚନା ଜମି ଉଠିଛି । ଭୋଜନ ସମାପ୍ତ ହେବାକୁ ବହୁତ ଡେରି । ନେତାଙ୍କ ପାଖଲୋକ ଜଣକ ଏଇ ସୁଯୋଗରେ ମେନକା ପାଖକୁ ଗଲେ । ମାନ୍ୟବର ନେତାଙ୍କ ନିର୍ଦ୍ଦେଶ କ୍ରମେ ମେନା ଲାଗି ସେ ମୂଲ୍ୟବାନ ଶାଢ଼ୀ ଓ ସ୍ୱର୍ଣ୍ଣାଳଂକାର ଉପହାର ଆଣିଥିଲେ । ପ୍ରତିବଦଳରେ ସଙ୍ଗେ ସଙ୍ଗେ ମେନାଠାରୁ

Digitized by srujanika@gmail.com

ମଧ୍ୟ ମନଲାଗି ଉପହାର ଆଦାୟ କଲେ । ମେନକା ଆପତ୍ତି କରି ପାରିଲା ନାହିଁ— କରି ଲାଭ ବ ନାହିଁ । ପ୍ରାୟ ଅଧଘଣ୍ଟା ପରେ ଭଦ୍ରବ୍ୟକ୍ତିଟି ତରତର ହୋଇ ଉଠି ଯିବାକୁ ବାହାରିଲେ ଏବଂ ମେନାକୁ କହିଗଲେ—ତମେ ଆଉ ଅଳ୍ପ ସମୟ ଅପେକ୍ଷା କର । ଖିଆପିଆ ବୋଧେ ସରି ଗଲାଣି । ନେତା ମହୋଦୟ ସଙ୍ଗେ ସଙ୍ଗେ ଆସି ପହଞ୍ଚି ଯିବେ ।

ଭଗ୍ନ ମନ, ଭଗ୍ନ ହୃଦୟରେ ମେନକା ସେହି ନିର୍ଜ୍ଜନ କୋଠରୀ ମଧ୍ୟରେ ବସି ରହିଲା । ତାହାର ନିପୀଡ଼ିତ ତନୁ-ବଲ୍ଲରୀ ଥରାଇ ଅସଂଖ୍ୟ ଦୀର୍ଘଶ୍ୱାସ ବାହାରି ପ୍ରକୋଷ୍ଠର ଶାନ୍ତ ବାୟୁମଣ୍ଡଳକୁ ବେଦନା-ବିଧୁର କରି ପକାଇଲା । ଲାଞ୍ଛିତ ଅପମାନିତ ଆତ୍ମା ତାହାର ତୁହାଇ ତୁହାଇ ବିଳାପ କରି ଉଠିଲା ।

ସକଳ ଅଙ୍ଗ ପ୍ରତ୍ୟଙ୍ଗ ତାହାର ଅବଶ—କେଶ-ବାସ ସମସ୍ତ ବିପର୍ଯ୍ୟସ୍ତ । ମାନ୍ୟବର ନେତା ଏକ୍ଷଣି ଆସିବେ । ଏଇତ, ପାହାଚରେ କାହାର ଜୋତା ଶବ୍ଦ ଶୁଭିଲାଣି । କୋଟି ଯୁବକର ହୃଦୟହାରିଣୀ ଅନିନ୍ଦ୍ୟ ରୂପସୀ ମେନକା ନିଜକୁ କ'ଣ ଏଇ ବେଶରେ ମାନ୍ୟବର ନେତାଙ୍କ ନିକଟରେ ସମର୍ପଣ କରିବ ?

ଆଖି ଆଗରେ ଶାଢ଼ୀ ଅଳଙ୍କାର ଆଦି ଉପହାର ସାମଗ୍ରୀ ପଡ଼ି ରହିଛି । ମେନକା ଧୀରେ ଧୀରେ ଉଠି ଠିଆ ହେଲା ।

କିଛିକ୍ଷଣ ପରେ ନେତା ମହୋଦୟ ଦରଜା ଖୋଲି ପ୍ରକୋଷ୍ଠ ମଧ୍ୟରେ ପଶି ଆତଙ୍କରେ ଶିହରି ଉଠିଲେ । ଏ କ'ଣ ? ଗୃହର କଡ଼ି ଦେହରେ ଖଣ୍ଡିଏ ନୂଆ ମହାର୍ଘ ସିଲ୍‌କ ଶାଢ଼ୀ ବାନ୍ଧି ବେକରେ ଲଗାଇ ଝୁଲୁଛି ଏକ ଅପୂର୍ବ ସୁନ୍ଦରୀ ଯୁବତୀ ! ଆଃ.....କି କରୁଣ ଅଥଚ ଭୀଷଣ ଏ ଦୃଶ୍ୟ !

× × ×

କଥାଟା ଶୁଣି ଆଘାତପ୍ରାପ୍ତ ହେଲା ପରି ମୋର ବନ୍ଧୁମାନେ ବସି ରହିଲେ । ଶେଷେ କିଶୋରବାବୁ ଆବେଗଭରା କଣ୍ଠରେ କହିଲେ—ହେ ମୋର ନମସ୍ୟା ମେନକା, ତୁମ ପବିତ୍ର ନିଷ୍କଳଙ୍କ ଆତ୍ମାର ସଦ୍‌ଗତି ହେଉ !

●

Digitized by srujanika@gmail.com

ପ୍ରତିକ୍ରିୟା

॥ ଏକ ॥

ମନୀଷା ଓ ମାନସ ।

ସେମାନଙ୍କର ମଧୁର ବୈବାହିକ ମିଳନ ମହୋତ୍ସବ ସର୍ବଶୁଭରେ ସମ୍ପନ୍ନ ହୋଇଗଲା ।

ମଙ୍ଗଳ ଅଧିବାସଠାରୁ ବିବାହ ବାସୀ ପର୍ଯ୍ୟନ୍ତ ଏ ମହୋତ୍ସବରେ ଯାବତୀୟ କାର୍ଯ୍ୟ ତତ୍ତ୍ୱାବଧାନ କରୁଥିଲେ ଶ୍ରୀମତୀ ମାଇତି—ମନୀଷାର ସ୍ୱଜନ ବା ନୂଆବୋଉ ।

ମେଦିନୀପୁର ସହରସ୍ଥ ବିଖ୍ୟାତ ମାଇତି ବଂଶର (ପୂର୍ବେ 'ମହାନ୍ତି' ଥିଲେ ବୋଲି ଶୁଣାଯାଏ) କୁଳବଧୂ ଶ୍ରୀମତୀ ମାଇତି ଦୁଇଟି ସନ୍ତାନର ଜନନୀ ହୋଇଥିଲେ ମଧ୍ୟ ଦେହ ଓ ମନରେ ଏବେସୁଦ୍ଧା ଷୋଡ଼ଶୀ ତରୁଣୀ । ନାତିଦୀର୍ଘ ଚମ୍ପକବର୍ଣ୍ଣ ଶରୀର-ବିଶିଷ୍ଟ ଏଇ ସୁଶ୍ରୀ ସୁରୁଚିପୂର୍ଣ୍ଣ ପ୍ରତିମାଟି ଜାୟା ହିସାବରେ ଯେପରି ପ୍ରେମମୟୀ, ଜନନୀ ଭାବରେ ସେହିପରି ସ୍ନେହମୂର୍ତ୍ତି । ପ୍ରୌଢ଼ ଆଇନ୍‌ଜୀବୀ ଶ୍ରୀଯୁକ୍ତ ମାଇତି ଏପରି ଗୃହିଣୀଙ୍କର କର୍ତ୍ତୃତ୍ୱାଧୀନରେ ଆବଦ୍ଧ ରହିବା କିଛି ବିଚିତ୍ର ନୁହେଁ । ତେଣୁ ଏ ବିବାହ ମହୋତ୍ସବରେ ମାନସର ମନେ ହୋଇଥିଲା—ଯେପରି ଶ୍ରୀମତୀ ମାଇତି ହେଉଛନ୍ତି କନ୍ୟା ତରଫର ପ୍ରକୃତ କର୍ତ୍ତା । ଶ୍ରୀଯୁକ୍ତ ମାଇତି ରହିଛନ୍ତି ଯାଇ ଯବନିକାର ପଛପଟେ ।

ଶ୍ରୀଯୁକ୍ତ ମାଇତି ଭାବିଥିଲେ—ନିଜର ଏକମାତ୍ର ଆଦରଣୀୟା ଭଉଣୀର ବିବାହ ବଙ୍ଗୀୟ ପ୍ରଥା ଅନୁଯାୟୀ ସମ୍ପନ୍ନ କରିବେ । କିନ୍ତୁ ଏ ପ୍ରସ୍ତାବରେ ଶ୍ରୀମତୀ ମାଇତି ଭୟଙ୍କର ଆପତ୍ତି ଉଠାଇଲେ—"ନା, ତା' କେମିତି ହେବ ! ବଙ୍ଗ ଦେଶରେ ରହି ତୁମେ ଯେତେ ବଙ୍ଗାଳୀ ହେଲେ ବି ଏକ ଖାନ୍‌ଦାନ ବୁନିୟାଦ୍ ଓଡ଼ିଆ ପରିବାରରେ ସମ୍ବନ୍ଧ ପାଉଛ । ତା ଛଡ଼ା ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମାନସରଞ୍ଜନ ପଟ୍ଟନାୟକ ହେବେ ମନୀର ବର । ସେ ଯେପରି ଓଡ଼ିଆ ସଂସ୍କୃତିପ୍ରେମୀ ସାହିତ୍ୟିକ ବୋଲି ଶୁଣାଯାଉଛି, ବଙ୍ଗୀୟମତେ ବିବାହ ହେଲେ ତାଙ୍କର ଆପତ୍ତି ନିଶ୍ଚୟ ଉଠିବ ।"

Digitized by srujanika@gmail.com

ଶ୍ରୀମତୀଙ୍କ ମୁକ୍ତିରେ ଶ୍ରୀଯୁକ୍ତ ମାଇତି ହାର ମାନିଲେ ।

ବର ବାହୁଡ଼ା ଦିନ ଉପର ଓଳି ମନିକୁ ଦେବୀପ୍ରତିମାଟି ଭଳି ମନୋହର ବେଶଭୂଷାରେ ସଜାଇ ଶ୍ରୀମତୀ ମାଇତି ମାନସକୁ ଏକୁଟିଆ ଭିତର ଘରକୁ ଡାକିନେଲେ । ତା'ପରେ ମନିକୁ ମାନସ ଉପରକୁ ଠେଲି ଦେଉଁ ଦେଉଁ ନିଜର ବହଳ ଓଠରେ ସ୍ୱଭାବ ସୁନ୍ଦର ହସରେଖାଟିଏ ଟାଣି କହିଲେ—"ନିଅନ୍ତୁ, ଆପଣଙ୍କର ଅର୍ଦ୍ଧାଙ୍ଗିନୀ, ପ୍ରିୟତମା ପତ୍ନୀ, Your most obedient servant! ନାକରେ ଦଉଡ଼ି ଲଗାଇ ଏଣିକି ଯୁଆଡ଼େ ଇଚ୍ଛା ସିଆଡ଼େ ଟାଣି ପାରନ୍ତି ।"

"ହେତ୍ ନୂଆବୋଉ, ତୁମେ ଭାରି ଦୁଷ୍ଟ ।" ମାନସ ଦେହରେ ଧକ୍କା ଖାଇ ମନୀଷା ସେତେବେଳକୁ ଲଜ୍ଜା ଓ ପୁଲକରେ ଗୋଟିପଣେ ନାଲି ପଡ଼ି ଯାଇଥିଲା ।

ଶ୍ରୀମତୀ ମାଇତି ହସରେ ଫାଟି ପଡ଼ି କହିଲେ "ଦେଖନ୍ତୁ ମାନସବାବୁ, ଆପଣଙ୍କ ହାଓ୍ୱା ବାଜିଗଲା ସଙ୍ଗେ ସଙ୍ଗେ ମନିର କେମିତି ମୁହଁ ଖୋଲି ଗଲାଣି । ଆପଣ ତାକୁ ସମ୍ଭାଳି ପାରିବେଟି ?"

"ଆପଣ ଯଦି ଏତେଦିନ ସମ୍ଭାଳି ରଖି ପାରିଲେ, ମୁଁ ନ ପାରିବି କାହିଁକି ?"—ସମ୍ଭ୍ରମ ସହକାରେ ମୃଦୁ ହସ ହସି ମାନସ ଉତ୍ତର ଦେଲା ।

ତା'ପରେ ଶ୍ରୀମତୀ ମାଇତି ହଠାତ୍ କାହିଁକି ଗମ୍ଭୀର ହୋଇ ଉଠିଲେ । କହିଲେ—"କିନ୍ତୁ ମନି ଆମର ଯେପରି ପିଲା ନୁହେଁ ମାନସବାବୁ । ବାର ତେର ବର୍ଷ ବେଳୁ ମୁଁ ତାକୁ ନିଜ ହାତରେ ଗଢ଼ି ଆଣିଛି । ଯେମିତି ରୂପରେ, ସେମିତି ଗୁଣରେ ! ମୁଁ ଜାଣେ—ସୁନାମୁଣ୍ଡାଟାଏ ସେ ! ସହରର ଆଉ ଆଉ ଅତ୍ୟାଧୁନିକା ସ୍କୁଲ କଲେଜ ଝିଅଙ୍କ ଭଳି ସେ ଭେରସା ନୁହେଁ । ତାକୁ ପାଇ ଆପଣ ଜୀବନରେ ନିଶ୍ଚୟ ସୁଖୀ ହେବେ ।" କ୍ରମେ ତାଙ୍କର କଣ୍ଠସ୍ୱର କାତୁର୍ଯ୍ୟଭରା ହୋଇ ଆସିଲା, ସେ ଆବେଗ-କମ୍ପିତ ଭଙ୍ଗୀରେ କହିବାକୁ ଲାଗିଲେ—"ମନି ଥିଲା ମୋର ଡାହାଣ ହାତ ମାନସବାବୁ, ଏତେ ବଡ଼ ଘରଟାର ଝିଙ୍କିନଖି ସବୁ କାମରେ ମୋତେ ସାହାଯ୍ୟ କରୁଥିଲା । ଆଜି ସେ ଚାଲିଗଲା, ମୋର ଡାହାଣ ହାତଟି ଯେତେକି ଭାଙ୍ଗି ପଡ଼ିଲା ! ମୁଁ—ମୁଁ—ଆଜି..." ତାଙ୍କର ବଡ଼ବଡ଼ ଭସାଣିଆ ଆଖିଯୋଡ଼ିକ ଛଳଛଳ ହୋଇ ଉଠିଲା । ସେ ଆଉ ବେଶୀ କହି ପାରିଲେ ନାହିଁ । ମୁହଁ ଉପରେ ପଣତଟା ଜାକି ଧରି ହଠାତ୍ ଘରୁ ବାହାରି ଚାଲିଗଲେ ।

Digitized by srujanika@gmail.com

॥ ଦୁଇ ॥

ଗୋପାଳପୁରର ଶାନ୍ତ କାନ୍ତ ବେଳାଭୂମି···

ସନ୍ଧ୍ୟା ଉତ୍ତୀର୍ଣ୍ଣପ୍ରାୟ । ପୂର୍ବ ଆକାଶରେ ଫାଲ୍‌ଗୁନ ଦଶମୀର ଚନ୍ଦ୍ର ଉଠି ଆସୁଛି । ଦିଗନ୍ତବିସ୍ତାରୀ ଜଳରାଶିର ବୁକୁ ଛୁଇଁ ଛୁଇଁ କାହିଁ କେତେ ଦୂରରୁ ବହି ଆସୁଛି—ବସନ୍ତର ମନ୍ଦ ମଳୟ । ଅଦୂରରେ ଶୁଣାଯାଉଛି—ସମୁଦ୍ରବାସୀ କେଉଟମାନଙ୍କର ଅସ୍ପଷ୍ଟ କଥାବାର୍ତ୍ତା । ବେଳାଭୂମିର ଗୋଟିଏ ପ୍ରାନ୍ତରେ ଶୀତଳ ବାଲୁକା-ଶଯ୍ୟା ଉପରେ ଲଗାଲଗି ହୋଇ ବସିଛନ୍ତି ଦୁଇଟି ପ୍ରାଣୀ; ଦୁହେଁ ଦୁହିଁଙ୍କ ଭିତରେ ବିମୁଗ୍ଧ, ଆତ୍ମହରା । ଜଣେ ଯେପରି ପ୍ରାଣ, ଆଉ ଅନ୍ୟ ଜଣକ ତାହାର ଉଚ୍ଛଳ ଉଦ୍‌ବେଳ ସ୍ପନ୍ଦନ !

ସ୍ପନ୍ଦନ ଆଜି ମୁକ୍ତ—ଜୁଆର ସମୟରେ ସମୁଦ୍ରର ବକ୍ଷ ପରି ସ୍ଫୀତୋନ୍ମୁଖ । ପ୍ରାଣର ପରିଧି ଲଙ୍ଘନ କରି ସେ ଯେପରି ବାହାରିବାକୁ ଚାହେଁ—ଖେଳିଯିବାକୁ ଚାହେଁ ଚତୁର୍ଦ୍ଦିଗରେ ।

—"ଏତେ ଦିନ ହେଲା ମୁଁ ଥିଲି ବନ୍ଦିନୀ । ନୂଆବୋଉଙ୍କ କଡ଼ା ଶାସନ ଭିତରେ ଯେପରି ଅଣନିଶ୍ୱାସୀ ଭାବରେ ଛଟପଟ ହୋଇ ମରୁଥିଲି । ବୁଲା, ଚଲା, କଥାବାର୍ତ୍ତା, ପଢ଼ାପଢ଼ି—କୌଣସି ଥିରେ ମୋର ସ୍ୱାଧୀନତା ନ ଥିଲା । କିନ୍ତୁ ଆଜି ମୁଁ ମୁକ୍ତ—ଉପରର ଏଇ ଆକାଶ ପରି, ସମୁଦ୍ରର ଏଇ ଅଗଣିତ ଢେଉ ପରି ମୁକ୍ତ । ଆଜି ମୁଁ ଚକୋରୀ ଭଳି ମୋର ପ୍ରିୟ ସହିତ ଆନନ୍ଦ କଳରବ କରି ଉଡ଼ି ବୁଲିବି ଏଇ ଜୋଛନା ଜୁଆର ଭିତରେ···।'

Digitized by srujanika@gmail.com

କହୁ କହୁ ମନୀଷା ନିଜର ରଜୁ ଅଙ୍ଗଲତା ଲଟେଇ ଦେଲା—ମାନସର ପ୍ରଶସ୍ତ ବକ୍ଷ ଉପରେ । ମାନସ ନିଜ ବକ୍ଷରେ ସ୍ପଷ୍ଟ ଅନୁଭବ କଲା—ମନୀଷା ପ୍ରାଣର ପାଗଳ ସ୍ପନ୍ଦନ । ନିବିଡ଼ ବାହୁ ବନ୍ଧନ ଭିତରେ ସେ ମନୀଷାର ସ୍ପନ୍ଦନାୟିତ ପ୍ରାଣକୁ ଶୃଙ୍ଖଳିତ କଲା ଏବଂ ଲୋଲୁପ ଚକ୍ଷୁରେ ତାହାର ସୁବାସିତ କବରୀ ଚୁମ୍ବନ କରିବାକୁ ଲାଗିଲା ବାରମ୍ବାର ।

ବହୁକ୍ଷଣ ପରେ ସେମାନେ ହୋଟେଲକୁ ଫେରିଲେ । ରାତ୍ରି ଭୋଜନ ପରେ ମନୀଷା ନିଜ ନୂଆବୋଉ ପାଖକୁ ଲେଖି ବସିଲା ଏକ ଦୀର୍ଘପତ୍ର—'X X ଆମର ଏଠାକୁ ଆସିବାର ନଥିଲା । ମୁଁ ଦିନେ-ହଠାତ୍ ଅଧ୍ୟାପକଙ୍କ ଆଗରେ ପ୍ରସ୍ତାବ କଲି—ଚାଲ କେଉଁଠି ଗୋଟାଏ ଭଲ ଜାଗାରେ ଆମର 'ମଧୁଚନ୍ଦ୍ରିକା' ଯାପନ କରିବା ! ସେ ଏଇ ଗୋପାଳପୁରକୁ ହିଁ ବାଛିଲେ । ଚମତ୍କାର ଜାଗା ଏ ନୂଆବୋଉ ! X X ଆମେ ଏଇ ସାଙ୍ଗେ ସାଙ୍ଗେ ସମୁଦ୍ର କୂଳରୁ ଫେରିଲୁ । ରାତି ନ'ଟା ବାଜିଲାଣି । ଅଧ୍ୟାପକ ଶୋଇ ଶୋଇ ଖବର କାଗଜ ପଢ଼ୁଛନ୍ତି ଓ କହୁଛନ୍ତି—'ନୂଆବୋଉଙ୍କୁ ମୋର ଗୋଟାଏ ପତଳା ନମସ୍କାର ଜଣାଅ ।' ନମସ୍କାର ପତଳା ହେଲା କାହିଁକି ନୂଆବୋଉ ? ତୁମେ ତାଙ୍କ ପାଖକୁ ଚିଠି ଦେଇନାହଁ ଯେ ସେଇଥିପାଇଁ ସେ ମନ ଉଣା କରିଛନ୍ତି । ଚିଠି ଦେଲେ ମୋଟା ନମସ୍କାର ପାଇବ । X X କାଲି ବ୍ରହ୍ମପୁର ସହରକୁ ସିନେମା ଦେଖି ଯାଇଥିଲୁଁ । ଏ. ଭି. ଏମ୍.ର 'ଲଡ଼କୀ' ଚିତ୍ର । ଅବସର ବିନୋଦନ ପାଇଁ ଉପଯୁକ୍ତ ଏକା । ବ୍ରହ୍ମପୁର ଏଠାକୁ ମୋଟେ ଛ' ସାତ ମାଇଲ ବାଟ । ସାରା ସହର ବୁଲି ଦେଖିଲୁଁ । X X ଆସନ୍ତାକାଲି ପୁଣି ଜେମିନିର 'ବହୁତ୍‌ଦିନ ହୁଏ' ଚିତ୍ର ଦେଖିବାକୁ ଯିବୁ ବୋଲି ଠିକ୍ କରିଛୁଁ । X X ଅଧ୍ୟାପକଙ୍କ ଛୁଟି ସରି ଆସିଲାଣି । ଆମେ ଆଉ ତିନି ଚାରି ଦିନ ଏଠାରେ ରହିବୁଁ । ଫେରିବା ବାଟରେ ଭୁବନେଶ୍ୱରରେ ଦୁଇଦିନ ଅଟକି ଯିବୁଁ । ଭୁବନେଶ୍ୱର ମନ୍ଦିର, ଖଣ୍ଡଗିରି, ଧଉଳିଗିରି, ନୂଆ ରାଜଧାନୀ ପ୍ରଭୃତି ଦେଖିଯିବା ମୋର ଇଚ୍ଛା ।'

ଲେଖି ସାରି ମାନସକୁ ଚିଠିଟି ଆମୂଳଚୂଳ ପଢ଼ି ଶୁଣାଇଲା ମନୀଷା । ତା'ପରେ ମାନସର ଅଡୁଆ ମଥାବାଳ କେଇଟା ସାଙ୍ଗରେ ଖେଳୁ ଖେଳୁ କ'ଣ ଭାବି କହି ଉଠିଲା—'ତୁମେ ଜାଣ, ମୁଁ ଏଡୁଟିଏ ହେଲେ ସୁଦ୍ଧା ଆମର ସେଇ ମେଦିନୀପୁର ସହରଟି ଛଡ଼ା ଅନ୍ୟ କାହିଁ ଦେଶ ବିଦେଶ ବୁଲି ନ ଥିଲି । କେବଳ ଥରେ ଭାଇଙ୍କ ବାହାଘର ବେଳକୁ ଯାଇଥିଲି କଲିକତା । ତା'ପରେ ସେଇ ପୁରୁଣା ମେଦିନୀପୁର ସହରରେ ଦୀର୍ଘ ସାତ ବରଷ । ମୋର ବୁଲାଚଲାକୁ ନୂଆବୋଉ ଆଦୌ ପସନ୍ଦ କରୁ ନ ଥିଲେ ।'

ମନୀଷାର ଚନ୍ଦନ ଚିବୁକଟି ଟିପି ଦେଇ ମାନସ ହସି ହସି କହିଲା—"ଓହୋ, ସେଇଥିପାଇଁ ଏକ୍ଷଣି ତମ ଦେହରେ ପ୍ରଜାପତିର ପର ଗଜୁରି ଉଠିଛି ?"

Digitized by srujanika@gmail.com

ମନୀଷା ମାନସର ଗାଲରେ ଥିଇଁର କନା ଗୁପ୍ତୁଡ଼ାଏ ମାରି କହିଲା—"ହିଁ,... କଥା କହିବାର ଭାରି ବାଗ ଜାଣ ।"

ତହିଁ ଆରଦିନ ସେମାନେ ସିନେମା ଦେଖି ଫେରୁଥାନ୍ତି, ବାଟରେ ମାନସ କହିଲା—କେମିତି ଚଳଚ୍ଚିତ୍ରଗୁଡ଼ିକ ମୋତେ ଭାରି ଭଲ ଲାଗେ ମନା । ଏହା ଆଗରୁ ଚନ୍ଦ୍ରଲେଖା, ସଂସାର ପ୍ରଭୃତି ଦେଖିଛି । ଚଳଚ୍ଚିତ୍ରଗୁଡ଼ାକ ସବୁ ଦିଗରୁ ସୁନ୍ଦର । ବିଶେଷତଃ ସଂସାର ଚଳଚ୍ଚିତ୍ରଟି ତୁମେ ଦେଖିଥିବ......"

ମନୀଷା କହିଲା—"ସଂସାର ଫଂସାର ମୁଁ କିଛି ଦେଖି ନାହିଁ । ମୋର ହେତୁରୁ ହେଲାଦିନୁ ମୁଁ ବୋଧହୁଏ ସର୍ବମୋଟ ଚାରି ଛ'ଟା ଚଳଚ୍ଚିତ୍ର ଦେଖିଥିବି । ନୂଆବୋଉ ମୋତେ ବେଶୀ ସିନେମା ବି ଦେଖିବାକୁ ଛାଡ଼ୁ ନ ଥିଲେ ।"

—"ନୂଆବୋଉ ନିଜେ ବି କ'ଣ ସିନେମା ଦେଖନ୍ତି ନାହିଁ ?"

—"ହିଁ, ଭାଇ ଓ ସେ ଦୁହେଁ ମିଶି ବହୁତ ଦେଖନ୍ତି । ମୋତେ ବେଳେ ବେଳେ ସାଙ୍ଗରେ ନିଅନ୍ତି । କିନ୍ତୁ ମୋର ବେଶୀ ସିନେମା ଦେଖାଟା ନୂଆବୋଉଙ୍କ ଦେହରେ ସାଉ ନ ଥିଲା । ଥରେ ତାଙ୍କ ଅଜଣାରେ ମୁଁ ମୋର କେଇ ଜଣ ବନ୍ଧୁ କଲେଜ ଝିଅଙ୍କ ସାଙ୍ଗରେ ସିନେମା ଦେଖି ଚାଲି ଯାଇଥିଲି । ଫେରିଲା ପରେ ନୂଆବୋଉଙ୍କୁ ଆଉ ସମ୍ଭାଳେ କିଏ ? ଭାଇ ବି ତାଙ୍କର କଥାରେ ପଡ଼ି ମୋତେ ଗାଳି ଦେଲେ ।"

—"ଭଲ କରିଛନ୍ତି । ସେ ସବୁ ତମରି ମଙ୍ଗଳ ପାଇଁ ମନା । ବଢ଼ିଲା ଝିଅଙ୍କୁ ସେମିତି ଆଖି ଦେଖା ନ କଲେ—"

ମନୀଷା ଖପ୍‌ପା ହୋଇ ଉଠିଲା—'ରଖ ତୁମର ଆଖି ଦେଖା ! ଯେଉଁ ବଢ଼ିଲା ଝିଅମାନେ ଦିନରାତି ଘର କୋଣରେ ପଶି ରହିଥାନ୍ତି, ସେମାନେ ଏକବାରେ ଗୋଟା ପଣେ ତୁଳସୀ ! ଆଉ ଯେଉଁମାନେ ବୁଲାବୁଲି କରନ୍ତି, ସିନେମା ଦେଖନ୍ତି........"

ମାନସ ବାଧା ଦେଇ କହିଲା—"ଆହା, ମୁଁ ସେ କଥା କହୁ ନାହିଁ ମନା । ମୋ ମତରେ ଅଭିଭାବକମାନଙ୍କର ସେଇଟା କର୍ତ୍ତବ୍ୟ ।"

—"ହଉ, ଦେଖିବ ଯେ, ତମ ଝିଅକୁ ତମେ କେତେ ଆଖି ଦେଖା କରି ରଖିବ !" ଆହତ ଫଣିନୀ ପରି ମନୀଷା ଫଁ ଫଁ ନିଶ୍ୱାସ ଛାଡ଼ୁଥିଲା । ପରିସ୍ଥିତିଟାକୁ ସହଜ କରି ଏ ବାଦାନୁବାଦର ସମାପ୍ତି ଟାଣିବା ଲାଗି ମାନସ ହସି ହସି କହିଲା— "ଆରେ, ଅଢ଼େଇ ଦିନର ମାଇପକୁ ପୁଅ ନାଁ ଗୋପାଳିଆ ।"

Digitized by srujanika@gmail.com

ଗୋପାଳପୁରରୁ ଭୁବନେଶ୍ୱର ହୋଇ ଅଧ୍ୟାପକ ଦମ୍ପତି ଶେଷରେ ପଲ୍ଲୀ-ଭାରତୀକୁ ବାହୁଡ଼ି ଆସିଲେ । ଏହାହିଁ ମାନସର କର୍ମକ୍ଷେତ୍ର । ମନୀଷା ଏଇଠି ସଜାଡ଼ି ବସିଲା—ଆପଣା ସୁଖର ସଂସାର । ସେମାନଙ୍କ ଦାମ୍ପତ୍ୟ ଜୀବନର କର୍ମମୁଖର ଦିନଗୁଡ଼ାକ ଗଡ଼ି ଚାଲିଲା ଛନ୍ଦମଧୁର ଗତିରେ ।

ସେଦିନ ମାନସ କ୍ରିକେଟ୍ ଖେଳି ଆସି ମନୀଷାକୁ କ'ଣଟାଏ ଲେଖୁଥିବାର ଦେଖି ପାଟି କଲା—"ସଂଧ୍ୟା ବେଳଟାରେ ବସି ବସି କ'ଣ ଲେଖା ଚାଲିଛି ? ଆସ, ଆସ, ରେଡ଼ିଓ ଖୋଲ ! ସୁଲକ୍ଷଣାଙ୍କର ଓଡ଼ିଶୀ ଓ ଚମ୍ପୂ ଅଛି ।"

—"ମୋ ସୁନାଟା ପରା ! ଟିକିଏ ନୂଆବୋଉଙ୍କୁ ଚିଠିଟା ଲେଖି ଦିଏଁ । ଆମ ଭୁବନେଶ୍ୱର ରହଣି, ଆଉ ଟିକିଏ ଏଠିକା କଥା । ତମ କଥା କ'ଣ ଲେଖିବି କୁହ ।"

—"ମୋ କଥା କିଛି ଲେଖିବା ତମର ଦର୍କାର ନାହିଁ । ମୁଁ ନୂଆବୋଉଙ୍କୁ ଅଲଗା ଚିଠି ଦେବି । କ'ଣ ଲେଖିବି ଜାଣ ? ଲେଖିବି— ନୂଆବୋଉ ତମ ଗେହ୍ଲେଇ ନଣନ୍ଦର ଗୁଣ କେତେ ବାଖାଣିବି ? ସୁନା ମୁଣ୍ଡାକ ବୋଲି ମୋତେ ରୁଗ୍ଣ ପିତଳଟାଏ ଭଣ୍ଡି ଦେଲ । ହାସ୍ନୁ-ହାସ୍ନୁ—ଭୋଗବୋଲି ଖଞ୍ଜି ଦେଲ କଡ଼ୁକଥା ମୁଆଁ, ଧୂପବୋଲି ମାଡ଼ିଦେଲ ନିଆଁ ଖୁଣ୍ଟା ଧୂଆଁ !

"ହଉ, ଢଙ୍ଗ ସେତିକି ଥାଉ ! ଯାଅ, ଲୁଗା ବଦଳାଅ ।" —ଲଫାପାରେ ଚିଠି ଭର୍ତ୍ତି କରୁକରୁ ମନୀଷା କହିଲା, "ଆରେ ବନା, ଦି କପ୍ ଚା ବସା ।"—ଚାକର ପିଲାଟିକି ଡାକ ଦେଇ ରେଡ଼ିଓ ଖୋଲିଲା ।

ମାନସ ଲୁଗା ବଦଳାଇ ଆସି ମନୀଷା ପାଖରେ ଖଣ୍ଡେ ଆରାମ ଚେୟାର ଉପରେ ଅଙ୍ଗପ୍ରସାରଣ କଲା । ମନୀଷା କଟକ ଷ୍ଟେସନଟା ଧରାଉଁ ଧରାଉଁ ଆରମ୍ଭ କଲା—"ନୂଆବୋଉଙ୍କ ରେଡ଼ିଓଠାରୁ ଆମର ଏ ଫିଲିପ୍ସ ସୁପାର ଏମ୍ ସେଟ୍‌ଟି ଢେର୍ ଭଲ । ଘରେ ତାଙ୍କ ରେଡ଼ିଓ ନୂଆବୋଉ ମୋତେ କେବେ ବଜେଇବାକୁ ଦେଉ ନଥିଲେ । ଦିନେ ବସି ବଜାଉଥିଲି ଯେ, ଆସି କହିଲେ—"ଉଠ୍, ଉଠ୍, ତୁ' ପାରିବୁ ନାହିଁ । ମୋଡ଼ାମୋଡ଼ି କରି ଅସଜଡ଼ କରିଦେବୁ ।" ସେ ଯେଉଁ ଦଦରା ରେଡ଼ିଓଟା ତ, ସେଥିରେ ପୁଣି···"

ମନକୁ ମନ ହସିବାକୁ ଲାଗିଲା ମନୀଷା । ମାନସ କହିଲା—"ଆପଣା ଘଡ଼ି, ଫାଉଣ୍ଟେନ୍, ରେଡ଼ିଓ, ସାଇକେଲ୍ ଆଉ ସ୍ତ୍ରୀ—ଏସବୁ ଜିନିଷ ପର ହାତରେ ପଡ଼ିଲେ ଖରାପ ହେବ ଇ ହେବ । ନୂଆବୋଉ ଠିକ୍ ଜାଣନ୍ତି ।"

Digitized by srujanika@gmail.com

—"ତୁମେ ଖାଡ଼ମତ ନୂଆବୋଉଙ୍କ ପ୍ରେମରେ ପଡ଼ି ଗଲଣି ଦେଖୁଛି । ସବୁବେଳେ ତାଙ୍କର ପ୍ରଶଂସା, ଆଉ ମୋର ନିନ୍ଦା ।" ଅତି ଅସହଣୀ ହୋଇ ପଡ଼ିଲା ମନୀଷା । ମାନସ ହସି ହସି ଘର ଫଟାଇ ଦେଲା—ହାଃ··ହାଃ··ହାଃ··

ରେଡ଼ିଓରୁ ଖେଳିଗଲା ଭଞ୍ଜ ସଙ୍ଗୀତର ଅପୂର୍ବ ମାଧୁରୀ ··

ଚନା ଚା ଆଣି ଦେଇଗଲା । ପ୍ରଥମ ଢୋକଟା ତୁଣ୍ଡକୁ ନେଉଛି, ଚା ବାମ୍ଫରେ ମାନସର ଚଷମାଟା ଏକବାରେ ଝାପ୍ସା ହୋଇଗଲା । ମନୀଷା ନିଜ ହାତରେ ମାନସ ଆଖିରୁ ଚଷମାଟା ଖୋଲି ନେଇ ପଣତରେ ପୋଛି ପକାଇଲା । ତା' ପରେ ଚଷମାଟାକୁ ନିଜେ ପିନ୍ଧି ପକାଇ ଗାଲ ଫୁଲେଇ ମାନସକୁ ତରାଟି ଚାହିଁଲା । ପଚାରିଲା—"ଦେଖିଲ, ମୁଁ ଜଣେ ଅଧ୍ୟାପିକା ପରି ଦିଶୁଛି କି ନାହିଁ ?"

ହସି ହସି ମାନସ ଟିପ୍ପଣୀ କାଟିଲା—"ମେଟ୍ରିକରୁ ତ ଆଇ. ଏ. ପର୍ଯ୍ୟନ୍ତ ଯାଇ ପାରିଲ ନାହିଁ । ସେଥିରେ ପୁଣି ଅଧ୍ୟାପିକା ହେବାକୁ ମନ ?"

—"ମୁଁ କ'ଣ ପଢ଼ିବାକୁ ମନା କରୁଥିଲି ? ମୋର ତ ଗ୍ରାଜୁଏଟ୍ ହେବାର ଇଚ୍ଛା ଥିଲା । ବିଗାଡ଼ିଲେ ସେଇ ନୂଆବୋଉ । ସାତ ଆଠ ମାସ ଫାଷ୍ଟ ଇୟାରରେ ପଢ଼ିଛି କି ନାହିଁ, ମୋର କି ଗତିବିଧି ଲକ୍ଷ୍ୟ କଲେ କେଜାଣି, କହିଲେ—"ଏବେ ପିଲା ଖୋଜିବାରେ ବୟସ ହେଲା, ପୋଥିରେ ଡ଼ୋର ବାନ୍ଧ ।" ବାପାଙ୍କ କାନରେ ପୁଣି କି ମନ୍ତ୍ର ଦେଲେ କେଜାଣି, ସେ ମୋତେ କଲେଜ ଯିବାକୁ ମନା କରିଦେଲେ ।"

ମାନସ ଗମ୍ଭୀର ଭାବେ କ'ଣ ଭାବୁଁ ଭାବୁଁ କହି ପକାଇଲା—"କିଛି ଚିନ୍ତା ନାହିଁ, ଏବେ ମୁଁ ତୁମକୁ ପଢ଼ାଇବି ।"

ପିଲାଙ୍କ ପରି ମନୀଷା ଆନନ୍ଦରେ ନାଚି ଉଠି କହିଲା—"ବାଃ···ତା'ହେଲେ ମୁଁ ହେବି ତୁମ ପରି ଜଣେ ଅଧ୍ୟାପକ ।"

(ତିନି)

ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଦିବସ । ତିନି ଦିନ ବ୍ୟାପୀ ଉତ୍ସବର ସମାରୋହ । ମନୀଷା-ମାନସଙ୍କର ନିମନ୍ତ୍ରଣ କ୍ରମେ ଶ୍ରୀଯୁକ୍ତ ମାଇତି ସସ୍ତ୍ରୀକ ଆସି ପଲ୍ଲୀଭାରତୀରେ ପହଞ୍ଚିଛନ୍ତି ।

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ସେମାନଙ୍କର ଉତ୍ସବକୁ କୁଟୀର ଶିଳ୍ପ ଓ କାରୁକାର୍ଯ୍ୟ ପ୍ରଦର୍ଶନୀ ଦେଖିଯିବାର କଥା । ମାତ୍ର ମନୀଷା କାହିଁ ? ଦିନ ଗୋଟାକ ବେଳୁ କି କାମରେ ବାହାରକୁ ଯାଇଛି ଯେ, ସନ୍ଧ୍ୟା ଆସି ପାଞ୍ଚଟା ବାଜିଲଣି, ତା'ର ଦେଖା ନାହିଁ । ଶ୍ରୀମତୀ ମାଇତି ବିରକ୍ତ ହୋଇ ଉଠିଲେ । ମାନସ ହସି ହସି କହିଲା—"ବିରକ୍ତ ହେଉଛନ୍ତି କିଆଁ ? ଆପଣ ଯେ ସେଇମିତି ମିନିକୁ ଗଢ଼ିଛନ୍ତି ନୂଆବୋଉ ! ପୁନା ମୁଣ୍ଡାଟାଏ, ନୁହେଁ ?"

ବିରକ୍ତି ଭିତରେ ବି ଶ୍ରୀମତୀ ମାଇତି ହସି ପକାଇଲେ । ପଚାରିଲେ—"କୁଆଡ଼େ ଗଲା ସେ ?"

—"ମୁଁ କ'ଣ ଜାଣେ ! ମିଟିଂ, ପାର୍ଟି, କନ୍‌ଫରେନ୍‌ସ—କେତେ କାମ ! ଘରେ ଏଣେ ଅତିଥି ବସିଥିଲେ, କ'ଣଟା ଭାସିଗଲା ? ନାରୀ ନେତ୍ରୀଙ୍କର ଯେ ଟିକିଏ ବୋଲି ଫୁରୁସତ୍ ନାହିଁ ।"

—"ମିଟିଂ ? ପାର୍ଟି ? ଏସବୁ କ'ଣ କହୁଛନ୍ତି ମାନସବାବୁ ?"

—"ମେଦିନୀପୁର ମାଇତି ବଂଶର କନ୍ୟା ମନ୍ନ ଏବଂ ପଲ୍ଲୀଭାରତୀର ଅଧ୍ୟାପକ ପଟ୍ଟନାୟକଙ୍କ ସ୍ତ୍ରୀ ଶ୍ରୀମତୀ ମନୀଷା ଦେବୀଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ନୂଆବୋଉ । ମନୀଷା ଦେବୀ ବର୍ତ୍ତମାନ ଅତ୍ୟାଧୁନିକା କଲେଜ ଗ୍ରାଜୀ, ଜନପ୍ରିୟା ନାରୀନେତ୍ରୀ, ପଲ୍ଲୀଭାରତୀ ମହିଳା ମଙ୍ଗଳ ସମିତିର ମାନ୍ୟବର ସେକ୍ରେଟାରୀ ଏବଂ ......"—ହୋ ହୋ ହୋଇ ହସି ଉଠିଲା ମାନସ ।

ରାତି ସାତଟା ବେଳକୁ ତରବର ହୋଇ ଆସି ପହଞ୍ଚିଲା ମନୀଷା—"ମୋତେ ମାଫ୍ କର ନୂଆବୋଉ । ଆଜି ଆମ ମହିଳା ମଙ୍ଗଳ ସମିତିର ବାର୍ଷିକ ଅଧିବେଶନ ଥିଲା ଯେ, ମୁଁ ଆଉ କୌଣସିମତେ ମିଟିଂ ଛାଡ଼ି ଶୀଘ୍ର ଆସି ପାରିଲି ନାହିଁ । ଭାଇ ମୋ' ଉପରେ ବିରକ୍ତ ହେଉଥିବେ । ଆଚ୍ଛା, କାଲି ସକାଳେ ପ୍ରଦର୍ଶନୀ ଦେଖିଯିବା !"

ମନର ବିରକ୍ତି ଭାବ ଲୁଚାଇ ଶ୍ରୀମତୀ ମାଇତି କହିଲେ—"ତୋତେ ଅପେକ୍ଷା କରି କରି ଏଇ ପାଞ୍ଚ ମିନିଟ୍ ଆଗରୁ ଭାଇ ତୋର ମାନସବାବୁଙ୍କ ସହିତ କୁଆଡ଼େ ବାହାରି ଗଲେ । ହଉ, ପ୍ରଦର୍ଶନୀ କାଲି ଦେଖା ହେବ ।"

ତା'ପରେ ନଣନ୍ଦ ଭାଉଜ ଦୁହେଁ ଜଳଯୋଗରେ ବସିଲେ । ମନୀଷା ଆରମ୍ଭ କଲା—"ଏଇ ବଡ଼ଦିନ ଛୁଟିରେ ଆମେ ବମ୍ବେ ବୁଲି ଯାଉଛୁଁ ନୂଆବୋଉ । ଗବେଷଣା ସମ୍ପର୍କରେ ଅଧ୍ୟାପକଙ୍କର ପୁନାରେ କ'ଣ କାମ ଅଛି । ଫେରିବା ବାଟରେ ଦକ୍ଷିଣଭାରତର ଦର୍ଶନୀୟ ସ୍ଥାନଗୁଡ଼ିକ ଦେଖି ଫେରିବୁ । ତମେ ଯଦି ଭାଇଙ୍କୁ ଟିକିଏ ରାଜି କରେଇ ପାରନ୍ତ ନୂଆବୋଉ, ତା' ହେଲେ ସାଙ୍ଗରେ ଯାଆନ୍ତେ ?"

Digitized by srujanika@gmail.com

—"ମୋର ସମସ୍ତ କାହିଁ ମନ ? ଦେଖୁଛୁ ଦୁଇ ଦୁଇଟା ପିଲା । ପୁଣି ଘରଦ୍ୱାର ବାଡ଼ିବଗିଚ୍ଛ, ହାଲ ହକେଇତ, ସକଳ ବୋଝ ମୋର ମୁଣ୍ଡରେ । ମରିବାକୁ ବି ଟିକିଏ ତର ନାହିଁ । ଦେଶ ବିଦେଶ ଦେଖିବାକୁ ମନ ଥିଲେ ବି କ'ଣ ଯାଇ ହେଉଛି ? ତୋ'ର ବୟସ ଅଛି, ସମସ୍ତ ସୁବିଧା ବି ଅଛି, ଯେତେ ପାରୁଛୁ ବୁଲି ଦେଖ ! ଆମର କ'ଣ ଆଉ ବଳି ବୟସ ଆସୁଛି ?" ଏତିକି କହି ଶ୍ରୀମତୀ ମାଇତି ଅଳ୍ପ ଅଳ୍ପ ହସିଲେ । ମନୀଷା ମଧ୍ୟ ହସରେ ଯୋଗ ଦେଲା ।

ତା'ପରେ ଶ୍ରୀମତୀ ମାଇତିଙ୍କୁ ନିଜ ଶୋଇବା ଘରକୁ ଡାକି ନେଲା ମନୀଷା । "ନୂଆବୋଉ, ରେଡ଼ିଓ ଶୁଣିବ ?"—ବୋଲି ପଚାରୁ ପଚାରୁ ଯାଇ ରେଡ଼ିଓ ଖୋଲିଦେଲା ।

ସୁସଜ୍ଜିତ ପଲଙ୍କ ଉପରେ ଯାଇ ଅର୍ଦ୍ଧଶାୟିତ ଅବସ୍ଥାରେ ବସି ପଡ଼ିଲେ ଶ୍ରୀମତୀ ମାଇତି । ମନୀଷା କହିଲା—"ଏ ଫିଲିପ୍ସ ସୁପର୍ ଏମ୍ ସେଟ୍‌ଟି ୨୭୫ ଟଙ୍କାରେ କିଣିଲି ନୂଆବୋଉ ! ବେଶ୍ ଚମତ୍କାର ବାଜୁଛି । ତମ ରେଡ଼ିଓଟା ଭଲ ଅବସ୍ଥାରେ ଅଛି ତ ?"

'ହୁଁ'ଟିଏ ମାତ୍ର ଶ୍ରୀମତୀ ମାଇତି ପଲଙ୍କର ତକିଆ ପାଖରେ ଗଦା ହୋଇଥିବା ବହିଗୁଡ଼ାକ ଖେଳାଇବାକୁ ଲାଗିଲେ । ରେଡ଼ିଓ ଶୁଣିବାକୁ ଯେପରି ତାଙ୍କର ମନ ନାହିଁ ! ଗୋଟାକ ପରେ ଗୋଟାଏ ବହିଗୁଡ଼ାକର ନାମ ଦେଖି ଦେଖି ସେ ପାଟି କରି ଉଠିଲେ—"ଏ କ'ଣ ମନ ? ତୁ ଏସବୁ ବାଜେ ବହିଗୁଡ଼ାକ କେବେଠୁଁ ପଢ଼ିବାକୁ ଆରମ୍ଭ କଲୁଣି ? ତୋତେ ପରା ବରାବର ମନା କରିଛି—ଏ ଶସ୍ତା କୁରୁଚିପୂର୍ଣ୍ଣ ପ୍ରେମ କାହାଣୀ, ଗୋଇନ୍ଦା ଉପନ୍ୟାସ ପଢ଼ିବୁ ନାହିଁ । ଏଗୁଡ଼ାକ ଭିତରେ·····"

ରେଡ଼ିଓ ଆଡ଼େ କାନ ଦେଇ ନୂଆବୋଉଙ୍କ କଥାରେ କେବଳ ହସିବାକୁ ଲାଗିଲା ମନୀଷା । ସେ ହସର ବିଦ୍ରୂପ ଶ୍ରୀମତୀ ମାଇତିଙ୍କୁ ଆଘାତ କଲା । ସେ ଆଉ ଅଧିକ ଆଗେଇ ପାରିଲେ ନାହିଁ । ମନୀଷା ଆରାମ ଚେୟାରରେ ବସି ସେହିପରି ହସୁଁ ହସୁଁ ରେଡ଼ିଓରୁ ଆସୁଥିବା ହାଲ୍‌କା ସିନେମା ସଂଗୀତର ତାଳ ସହିତ ଗୋଡ଼ ହଲାଇ ତାଳ ଦେଉଥିଲା । ତା'ର ଭାବ, ଭଙ୍ଗୀ, କଥା, ହସ, ସବୁଥିରେ ଯେପରି ଏକ ସ୍ୱେଚ୍ଛାଚାରୀ, ବେଖାତିର୍ ଭାବ ! ନଣନ୍ଦର ଏପରି ବ୍ୟବହାରରେ ବ୍ୟଥିତା ହୋଇ ଶେଷରେ ଶ୍ରୀମତୀ ମାଇତି କହି ଉଠିଲେ—"ତୋର ଯେ ଆଜିକାଲି ଏସବୁ କି ପରିବର୍ତ୍ତନ ହେଉଛି ମନ, ମୁଁ କିଛି ବୁଝିପାରୁ ନାହିଁ ।"

ଏ କଥାରେ ମନୀଷା ଆହୁରି ହସିଲା ହସିଲା ଜୋର୍‌ରେ । ସେ ବିକଟ ହସରେ ସମସ୍ତ ଘରଟା ଆଚ୍ଛନ୍ନ ହୋଇଗଲା, ରେଡ଼ିଓ ସଂଗୀତ ବି ଶୁଣାଗଲା ନାହିଁ । ହସୁ ହସୁ ମନୀଷା କେବଳ ଏତିକି କହିଲା—"ପରିବର୍ତ୍ତନ ଜଗତର ନିୟମ ନୂଆବୋଉ !"

Digitized by srujanika@gmail.com

ପ୍ରେମ-ଫଲ୍ଗୁ

ମୋର ବିବାହ ଉତ୍ସବରେ ପ୍ରଧାନ ଅତିଥି ହୋଇଥିଲି ସଂଘମିତ୍ରା ।

ସଂଘମିତ୍ରା ମୋର ବାଲ୍ୟବନ୍ଧୁ, ସହପାଠିନୀ । ସହରର **ଗୋଟିଏ ପଡ଼ାରେ ଲଗାଲଗି** ଆମ ଦୁହିଁଙ୍କ ଘର । ଦୁଇଟି ଘର ଭିତରେ ସୁସ୍ଥ ସୌହାର୍ଦ୍ଦ୍ୟ !

ପିଲାଦିନ କଥା ମନେପଡ଼େ । ଦୁହେଁ ଏକା ସଙ୍ଗରେ ଖେଳୁଁ, ଖାଉଁ, ସ୍କୁଲ୍‌କୁ ଯାଉଁ । ରାଗରୁଷା, ହସକାନ୍ଦ, ମାନ ଅଭିମାନ ଭିତରେ ଦିନ କଟେ । ଆମର ବନ୍ଧୁତା ହୁଏ ଘନିଷ୍ଠରୁ ଘନିଷ୍ଠତର ।

Digitized by srujanika@gmail.com

ସଂଘମିତ୍ରା ବଡ଼ ଅଭିମାନିନୀ ଓ ଲଜ୍ଜାଶୀଳା । ତା' ମନକଥା ଜାଣିବା ଯେପରି କଷ୍ଟକର, ଗମ୍ଭୀର ମୁହଁ ଭଙ୍ଗୀ ତରଳାଇବା ସେହିପରି ଦୁଃସାଧ୍ୟ । କଲେଜ ଜୀବନରେ ମୋ ବ୍ୟତୀତ ସେ ଅନ୍ୟ କାହା ସଙ୍ଗରେ ପ୍ରାୟ ମିଳାମିଶା କରେନା । କ୍ଳାସ୍‌ର ଭଲ ଛାତ୍ରୀ ହିସାବରେ ସେ ସମସ୍ତଙ୍କଠାରୁ ପ୍ରଶଂସା ଓ ସମ୍ମାନ ଦାବୀ କରେ । ପୁଣି ରୂପସୀ ତରୁଣୀ ହିସାବରେ ରୂପର ଗର୍ବ ତ ତା'ର ରହିବା ସ୍ୱାଭାବିକ !

ସଂଘମିତ୍ରା ମୋତେ ପ୍ରକୃତରେ ସୁଖ ପାଏ—ଏହା ମୁଁ ସବୁବେଳେ ଅନୁଭବ କଲେ ମଧ୍ୟ ସଂପୂର୍ଣ୍ଣ ବିଶ୍ୱାସ କରି ପାରେନା । ବ୍ୟବହାରରୁ ମୋ ପ୍ରତି ତା'ର ଗଭୀର ଆକର୍ଷଣର ସୂଚନା ମିଳିଲେ ମଧ୍ୟ ସେ ବରାବର ମୋଠାରୁ ଦୂରରେ ରହିବାକୁ ଚେଷ୍ଟା କରେ ।

ସେଥର ପୂଜା ଛୁଟିରେ ସଂଘମିତ୍ରା ସହିତ ହସଖେଳରେ ଦିନଗୁଡ଼ିକ ଅତି ଛନ୍ଦ-ମଧୁର ଭାବେ କଟି ଯାଉଥାଏ । ଦିନେ ଅକସ୍ମାତ୍ ସଂଘମିତ୍ରା ଆସି ମୋତେ କହିଲା—ବିକାଶ ଭାଇ, ବୋଉ କାହିଁକି ତୁମକୁ ଡକାଇଛି । ସଞ୍ଜବେଳେ ଆମ ଘରଆଡ଼େ ଟିକିଏ ଯିବ ।

ତା'ର ସ୍ୱଭାବ ସୁନ୍ଦର ଗମ୍ଭୀର ମୁଖରେ ସ୍ମିତହାସ୍ୟ ଟିକିଏ ଫୁଟାଇ ସଂଘମିତ୍ରା ମୋତେ ଏକ ନିମନ୍ତ୍ରଣ ଦେଇଗଲା । ମୁଁ ଗଲି ! ଦଶହରା ପାଇଁ ଏକ ବିରାଟ ଭୋଜିର ଆୟୋଜନ ହୋଇଛି । ସେଦିନ ମାଉସୀଙ୍କ ବ୍ୟବହାରରେ ଟିକିଏ ନୂତନତ୍ୱ ଲକ୍ଷ୍ୟ କଲି । ସଂଘମିତ୍ରା ଓ ମୁଁ ଦୁହେଁ ସାଙ୍ଗରେ ଖାଇଲୁଁ । ମାଉସୀ ପରଷି ଦେଲେ ।

ଖିଆପିଆ ଶେଷରେ ମୁଁ ଡାକିଲି—ମିତା, ବଡ଼ ଗରମ ହେଉଛି । ଛାତ ଉପରେ ଟିକିଏ ବୁଲିଆସିବା, ଆ !

ସଂଘମିତ୍ରା ଟିକିଏ ଇତସ୍ତତଃ ହୋଇ କହିଲା—ନା ବିକାଶ ଭାଇ, ବୋଉ ଦିନସାରା କାମ କରି କରି ଥକିଲାଣି, ମୁଁ ତାକୁ ଟିକିଏ ସାହାଯ୍ୟ କରେଁ । ରାତି ହେଲାଣି, ତମେ ଏବେ ଘରକୁ ଯାଅ !

ହତାଶାର ଦୀର୍ଘଶ୍ୱାସ ପକାଇ ଫେରି ଆସିଲି । ସେଥର ମୋ' ଆଲବମ୍ ଭିତରେ ମୋର ଖଣ୍ଡିଏ ନୂଆ ଫଟୋ ଦେଖି ସଂଘମିତ୍ରା କହିଲା—ଏଇଟିକି ମୋର ଭାରି ଲୋଭ ହେଲାଣି । ବିକାଶଭାଇ, ଏହାର ଖଣ୍ଡିଏ କପି ମୋତେ ଦେବ ?

ହସି ହସି ଉତ୍ତର ଦେଲି—ଦେବି ଯେ, ତା' ବଦଳରେ ତୁ' ମତେ କ'ଣ ଦେବୁ କହ !

—ଦେବି ମୋର ଖଣ୍ଡିଏ ସୁନ୍ଦର ଫଟୋ !

Digitized by srujanika@gmail.com

ମୁଁ ମଥା ହଲେଇ ନାହିଁ କଲି—ଉହୁଁ, ତା ମୋର ଦର୍କାର ନାହିଁ । ଆଜି ମୋର ଗୋଟିଏ କଥା ରଖିବୁ ମିତା ! ପିଲାଦିନ କଥା ତୋର ମନେ ପଡ଼େ ? ସାଙ୍ଗ ହୋଇ କେତେ ଖେଳନ୍ତି, କେତେ ସିନେମା ଯାଆନ୍ତି । ଆଜି ଚାଲ, ବହୁଦିନ ପରେ ଥରେ ଯିବା ସିନେମା !

ସେ ସଙ୍ଗେ ସଙ୍ଗେ କହିଲି—ନାହିଁ ବିକାଶ ଭାଇ, ମୋତେ ଆଜି ମାଫ୍ କର ! ମୁଁ ଯାଆନ୍ତି ଯେ, କିନ୍ତୁ ସକାଳୁ ମୋ' ଦେହ ଖରାପ—ଡିସେଣ୍ଟ୍ରି ରକମ ହେଉଛି ।

ଅଥଚ ସେତେବେଳକୁ ଦୀର୍ଘ ଅଢ଼େଇ ଘଣ୍ଟା ଧରି ଆମର ଚେସ୍ଖେଳ ସରିଥାଏ । ମୁଁ ଆଉ ଅଧିକ ଦୂର ଅଗ୍ରସର ନ ହୋଇ ନୀରବ ରହିଲି ।

ଏହି କ'ଣ ତରୁଣୀ ତନ୍ୱୀ ସଙ୍ଘମିତ୍ରା ! ଯୌବନର ସକଳ ଆବେଦନ କ'ଣ ତା ନିକଟରେ ନିରର୍ଥକ ! ହାସ୍ୟ, ରୂପର ବିପୁଳ ସମ୍ଭାର ସହ ହୃଦୟର ନିଖିଳ ଆବେଗ ଯେମିତି ଚଳ ଚପଳ ଗିରି ନଦୀଟି ବହି ଚାଲିଛି, କିନ୍ତୁ ଲକ୍ଷ୍ୟ ତା'ର କଣ—ସେ ଏପର୍ଯ୍ୟନ୍ତ ଠିକ୍ କରି ପାରିନି ।

ଦୀର୍ଘ ଦୁଇ ବର୍ଷର ସଧୈର୍ଯ୍ୟ ପ୍ରତୀକ୍ଷା ପରେ ମୁଁ ମନେ ମନେ ଠିକ୍ କରିନେଲି—ଆଉ ମରୀଚିକା ପଛରେ ଧାଇଁ କିଛି ଲାଭ ନାହିଁ । ଏଥର ମୋତେ ଅନ୍ୟ ପନ୍ଥା ଗ୍ରହଣ କରିବାକୁ ହେବ ।

ସେଦିନ କଥା ପ୍ରସଙ୍ଗରେ ସଙ୍ଘମିତ୍ରାକୁ କହିଲି—ଆଜି ସନ୍ଧ୍ୟାରେ ଖେଳିବ ପାଇଁ ଆସିବୁ ନି ମିତା । ମୁଁ ବାହାରକୁ ଯିବି । ମୋର ଏକ ନିମନ୍ତ୍ରଣ ଅଛି—ତମ କଲେଜର ନିରୁପମା ରାଉତକୁ ଜାଣିଥିବୁ—ତାଙ୍କର ଘରେ ।

ସଙ୍ଘମିତ୍ରା ଆଶ୍ଚର୍ଯ୍ୟ ହେଲା, ତଥାପି ମୁହଁରେ ହସ ଫୁଟାଇ କହିଲା—ଅକସ୍ମାତ୍ ନିମନ୍ତ୍ରଣର ଉଦ୍ଦେଶ୍ୟ ?

—କେତେଦିନ ହେଲା ଆମର ତାଙ୍କର ସମ୍ବନ୍ଧ ପଡ଼ୁଛି କି ନା, ଏ ବୋଧହୁଏ ତାହାର ଉପକ୍ରମଣିକା ।

ହଠାତ୍ ସଙ୍ଘମିତ୍ରାର ମୁଖର ଭଙ୍ଗୀ ବଦଳି ଗଲା । ବୋଧହୁଏ ମୋ ମୁହଁରୁ ଏପରି ଏକ କଥା ଶୁଣିବ ବୋଲି ଆଶା କରି ନଥିଲା ବିଚାରୀ । ଅସ୍ଥିରତା ବଶତଃ କ'ଣ କହିବ ଠିକ୍ କରି ନପାରି ତଳକୁ ମୁହଁ ପୋତିଲା । ମାତ୍ର ସଙ୍ଗେ ସଙ୍ଗେ ନିଜକୁ ସ୍ୱାଭାବିକ ପରିସ୍ଥିତି ମଧ୍ୟକୁ ଫେରାଇ ଆଣି ଉତ୍ଫୁଲ୍ଲ ହେଲାପରି କହିଲା—ବାଃ ବଡ଼ ମଜା କଥା !

Digitized by srujanika@gmail.com

ଏ ଶୁଭ ଉପକର୍ମଣିକା ସଫଳ ହେଉ ! ମୁଁ କଟକଚଣ୍ଡୀଙ୍କୁ ଡାକୁଛି । କିନ୍ତୁ ଭୋଜିଟା ଯେପରି ବିରାଟ ଆକାରରେ ହୁଏ ବିକାଶ ଭାଇ, ମୁଁ ତେଣୁ ପେଟ ସଫା କରି ଆସିଥିବି ।

—ତୁ ନହାତ ପେଟୁ ମିତା । ଜାଣିଛୁ 'ଭୋଜନେ ଇତରାଃ ଜନାଃ' ।

—ତମ ବିବାହରେ ଆମେ ଇତର ଜନ ବିନା ଆଉ ଅଧିକ କ'ଣ ହୋଇ ପାରିବୁ ବିକାଶ ଭାଇ ? —ସଙ୍ଘମିତ୍ରାର ସ୍ୱର କରୁଣ ।

ଏହିପରି ଉପରେ ଉପରେ କଥାଟା ସେଦିନ ଉଡ଼ି ଯାଇଥିଲା । ତା'ପରେ ଅକସ୍ମାତ୍ ଦିନେ ସଙ୍ଘମିତ୍ରା ପାଇଲା ମୋର ବିବାହ ନିମନ୍ତ୍ରଣ ।

ସେଦିନ ତା' ମନରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୋଇଥିବ ଜାଣେନା । ତଥାପି ସଙ୍ଗେ ସଙ୍ଗେ ସେ ମୋ ପାଖକୁ ଦଉଡ଼ି ଆସି ସହାସ୍ୟ ବଦନରେ ମୋତେ ଅଭିନନ୍ଦନ ଜଣାଇ ଗଲା । ତା'ପରେ ମଙ୍ଗଳ ଅଧିବାସଠାରୁ ବିବାହ ଶେଷ ପର୍ଯ୍ୟନ୍ତ ସେ ଆମରି ଘରେ ରହି ଅତିଥିଚର୍ଚ୍ଚା, ଭୋଜି-ବ୍ୟବସ୍ଥା ପ୍ରଭୃତି ବିବାହର ନାନାଦି କାର୍ଯ୍ୟରେ ଆମକୁ ସାହାଯ୍ୟ କଲା । ଜାଣି ପାରିଲି ମୋ ବିବାହରେ ଯେପରି ସେ ଭଲେ ହେଲେ ଦୁଃଖିତ ନୁହେଁ !

ପହିଲି ରାତିରେ ମଧୁଶଯ୍ୟାର ସମସ୍ତ ବ୍ୟବସ୍ଥା କରିସାରି ସଙ୍ଘମିତ୍ରା ପାଖଘରକୁ ଶୋଇବା ପାଇଁ ଚାଲିଗଲା । ନିରୂପମାକୁ ପାଇ ସେଦିନ ମୁଁ ସୁଖୀ ହେଲି କି ଦୁଃଖୀ ହେଲି—କହି ପାରିବି ନାହିଁ ।

ମଧୁଶଯ୍ୟା ରାତି ଭୋର୍ ହେବା ମାତ୍ରେ ମୁଁ ବିଛଣାରୁ ଉଠିଗଲି । କାହିଁକି କେଜାଣି ଗୋଟିଏ ଖିଆଲରେ ପଶିଗଲି ସଙ୍ଘମିତ୍ରା ଶୋଇବା ଘରକୁ । ସେଠାରେ ଯାହା ଦେଖିଲି, ତାହା ଦେଖି ଯେକୌଣସି ଲୋକ ଧୈର୍ଯ୍ୟ ଧରି ପାରିବ ନାହିଁ । ସଙ୍ଘମିତ୍ରା ସାରା ରାତି ବିଛଣାରେ ପଡ଼ି କାନ୍ଦୁଛି । କାନ୍ଦି କାନ୍ଦି ଆଖି ଯୋଡ଼ାକ ତା'ର ଫୁଲି ଯାଇଛି, ସଜ୍ଜିତ କେଶରାଶି ହୋଇ ପଡ଼ିଛି ବିପର୍ଯ୍ୟସ୍ତ । ମୋତେ ଦେଖି ସେ କଇଁ କଇଁ ହୋଇ କାନ୍ଦି ଉଠିଲା—ବିକାଶଭାଇ, ମୋ ପାଖକୁ ଆଉ ଆସିଲ କାହିଁକି ? ତମେ ଯାଅ—ତମେ ଏଠୁ ଯାଅ ବିକାଶ ଭାଇ···

ସେ ଆଉ କହି ପାରିଲା ନାହିଁ । କାନ୍ଦି କାନ୍ଦି ତକିଆ ଭିତରେ ମୁହଁ ଗୁଞ୍ଜି ଦେଲା । ମୁଁ ପାଖରେ ବସିପଡ଼ି ପ୍ରବୋଧନା ଦେଲି ଏବଂ ଆଖିରୁ ତା'ର ଲୁହ ପୋଛି ଦେଉଁ ଦେଉଁ କହିଲି—ମୁଁ ଯଦି ତୋ' ମନରେ କିଛି କଷ୍ଟ ଦେଇ ଥାଏଁ, ମୋତେ କ୍ଷମା ଦେ !

Digitized by srujanika@gmail.com

—ତମେ କ୍ଷମାର ପାତ୍ର ନୁହେଁ ବିକାଶ ଭାଇ । ତମେ ଅତି ନିଷ୍ଠୁର । ନାରୀ ମନ ବୁଝନା, ତମେ ଭାରି··

—ଥାଉ, ଥାଉ, ମିତା ! ମୋର ସବୁ ଦୋଷ । କିନ୍ତୁ ବର୍ତ୍ତମାନ ଉପାୟ କ'ଣ କହ ଭଉଣୀ ?

—ଜୀବନରେ ତମେ ସୁଖୀ ହୁଅ ବିକାଶ ଭାଇ । ତମେ ଯାଅ—ମୋତେ ଭୁଲିଯାଅ ! ମୁଁ ଚିରଦିନ ଝୁରି ଝୁରି ମରେଁ । ପଣତକାନିରେ ଲୁହ ପୋଛି ସଙ୍ଘମିତ୍ରା ଉଠି ସେ ଘରୁ ଚାଲିଗଲା । ମୁଁ ନିର୍ବାକ୍ ନିରୁପାୟ ହୋଇ ବ୍ୟାଥାତୁର ଭାବେ ବାହାରକୁ ଚାହିଁ ରହିଲି । ଉଷାର ଆଲୋକ ଧୀରେ ଧୀରେ କକ୍ଷ ଭିତରେ ପ୍ରବେଶ କରୁଥିଲା ।

Digitized by srujanika@gmail.com



କନ୍ୟା ବରୟତେ ରୂପମ୍

ସେଦିନ ସନ୍ଧ୍ୟାରେ ଚା' ଟେବୁଲ୍ ଉପରେ ବିବାହ ବିଷୟକ ସେହି ପ୍ରସିଦ୍ଧ ସଂସ୍କୃତ ଶ୍ଳୋକଟି ସମ୍ପର୍କରେ ଆମର ଆଲୋଚନା ଚାଲିଥିଲା । ବିବାହ ବ୍ୟାପାରରେ କିଏ କ'ଣ ଚାହାନ୍ତି ? କନ୍ୟା ଚାହେଁ—ବରଟି ଦେଖିବାକୁ କନ୍ଦର୍ପ ଭଳି ସୁନ୍ଦର ହୋଇଥିବ । କନ୍ୟାର ମାଆ ଚାହେଁ—ଜୋଇଁଟି ଧନବାନ ହୋଇଥିଲେ, ଝିଅଟିର ଅନ୍ତତଃ ଦାନାକନା ଗଣ୍ଡାକ ଅଭାବ ହେବ ନାହିଁ । ବାପର ଇଚ୍ଛା ଜୋଇଁଟି ଗୁଣୀ ଜ୍ଞାନୀ ଖ୍ୟାତିବାନ୍ ହୋଇଥିବ । ବନ୍ଧୁବାନ୍ଧବ ଚାହାଁନ୍ତି—ଝିଅଟି ଭଲ କୁଳରେ ପଡ଼ୁଥିବ । ଆଉ ଇତର ଲୋକମାନେ ହିଁ ଭୋଜିଭାତରେ ଆଗ୍ରହୀ ।

ବୀର ବାବୁ ହଠାତ୍ କହି ଉଠିଲେ—ହଁ, କଥାଟା ଠିକ୍ । ଆମର ପୂର୍ବପୁରୁଷମାନେ ବହୁତ ଭାବିଚିନ୍ତି ଏଭଳି କଥାର ମଞ୍ଜି ସବୁ ଥୋଇ ଯାଇଛନ୍ତି, ଯାହାର ଯଥାର୍ଥତା ଆମେ ଏବେ ବି ଉପଲବ୍ଧି କରୁଛୁ । ଏ ବିଷୟରେ ମୋର ଏକ ସତ୍ୟ ଘଟଣା ମନେ ପଡ଼ୁଛି । ତାହା ଆପଣମାନଙ୍କୁ ଏକ ଚମତ୍କାର ଗଳ୍ପ ଭଳି ଲାଗିବ ।

Digitized by srujanika@gmail.com

ଡିସେମ୍ବରର ସେହି ଶୀତଳ ସନ୍ଧ୍ୟାକୁ ଆଉ ଟିକିଏ ଉଷ୍ଣତର କରିବା ପାଇଁ ଆମ୍ଭେମାନେ ବୀର ବାବୁଙ୍କୁ ସେହି ସତ୍ୟ ଘଟଣାଟି କହିବା ପାଇଁ ଜିଗର କଲୁଁ ।

ବୀର ବାବୁ ଗଳା ସଫା କରି ଆରମ୍ଭ କଲେ—ତିରିଶ ପନ୍ଦର ବର୍ଷ ତଳର କଥା । ସେତେବେଳେ ମୁଁ କଲେଜରେ ପଢ଼ୁଥାଏଁ । ସେଥର ଗ୍ରୀଷ୍ମ ଛୁଟିରେ ଗାଁକୁ ଯାଇ ଶୁଣିଲି—ମୋର କକା ଝିଅ କୁସୁମର ବାହାଘର ହେବ । ପାଖ ଗାଁ ନରପୁର ଜମିଦାରଙ୍କ ପୁଅ ସୁରେନ୍ଦ୍ର ବାବୁଙ୍କ ସଙ୍ଗରେ ସମ୍ବନ୍ଧ ସ୍ଥିର ହୋଇ ଯାଇଛି । ରଜ ପରେ ପରେ ବାହାଘର ।

କୁସୁମ ବେଶ୍ ରୂପର ଗୁଣର ଝିଅଟିଏ । ଗୋଟିଏ ଗୃହଲକ୍ଷ୍ମୀ ଭଳି ଗଢ଼ା ତାହାର ଦେହଟି । ସକାଳର ଶିଶିରଧୁଆ ପଦ୍ମଫୁଲଟି ପରି ସବୁବେଳେ ସତେଜ ଓ ହସ ହସ ମୁହଁ । ନରପୁର ହାଇସ୍କୁଲରେ ପଢ଼ୁଥିଲା । ନବମ ଶ୍ରେଣୀରୁ ନ ଉଠୁଣୁ ବାପ ମା ପଢ଼ା ବନ୍ଦ କରିଦେଲେ । ସୁନ୍ଦର ତଳ ତଳ ରୂପଟି ହେଲା ତାହାର ବଇରୀ—ପଢ଼ାଶୁଣା କ୍ଷେତ୍ରରେ ପ୍ରଧାନ ପ୍ରତିବନ୍ଧକ; କିନ୍ତୁ ବେଶି ପାଠ ନ ପଢ଼ିଲେ ମଧ୍ୟ ବୁଦ୍ଧି ଶୁଦ୍ଧିରେ କୁସୁମ ଥିଲା ଆମ ଗାଁ ଝିଅମାନଙ୍କ ମଧ୍ୟରେ ପହିଲା ନମ୍ବର । ସେଥିପାଇଁ ଆମ ଘରେ ସ୍ବୀର ଭଉଣୀଙ୍କ ମଧ୍ୟରେ ସେ ଥିଲା ମୋର ବିଶେଷ ସ୍ନେହଭଣ୍ଡାର ପାତ୍ରୀ । ସହରରୁ ତା' ପାଇଁ କିଛି ଗଳ୍ପ, ଉପନ୍ୟାସ, ନୂଆ ଏମ୍ବ୍ରୟଡରି ଡିଜାଇନ୍ କିଣି ଆଣିଥିଲି; କିନ୍ତୁ ସେଥର ଘରେ ଆସି ଲକ୍ଷ୍ୟ କଲି କୁସୁମର ପରିବର୍ତ୍ତନ । ତାହାର ହସ ହସ ମୁହଁଟି କୃଷ୍ଣପକ୍ଷର ଚନ୍ଦ୍ର ଭଳି ଶୁଷ୍କ ଓ ମଳିନ ଜଣା ପଡୁଥିଲା । ଦରୁଥର ପରି ସେ ଏଥର ମୋ ପାଖକୁ ବେଶି ଆସିଲା ନାହିଁ, କିମ୍ବା ମୋ ପାଖରୁ ତାହାର ବହିପତ୍ର ନେବାପାଇଁ ଆଗ୍ରହ ପ୍ରକାଶ କଲା ନାହିଁ ।

ଦିନେ ଦ୍ୱିପ୍ରହରେ ନିରୋଳାବେଳେ କୁସୁମକୁ ପାଖକୁ ଡାକି ପଚାରି ବସିଲି—ତାହାର ଏପରି ପରିବର୍ତ୍ତନର କାରଣ କ'ଣ ? ଆଗରେ ତାହାର ବାହାଘର—କେତେ ସ୍ୱପ୍ନ କେତେ ପରିକଳ୍ପନାର ମଧୁର ଲଗ୍ନ । ଏଥିରେ ପ୍ରତ୍ୟେକ ଝିଅ ଖୁସି ଓ ଆନନ୍ଦରେ ଉତ୍‌ଫୁଲ୍ଲିତ ହେବାର କଥା, କିନ୍ତୁ ସେ ଏପରି ମନମରା ହୋଇ ରହିଛି କାହିଁକି ?

କୁସୁମ ମୋ କଥାର କିଛି ଉତ୍ତର ନ ଦେଇ ଖାଲି କାନ୍ଦିବାରେ ଲାଗିଲା । ନୀରବରେ ଧାର ଧାର କରି ସେ ଦୁଇଆଖିରୁ ଲୁହ ଝରାଉଥାଏ ଏବଂ ମଝିରେ ମଝିରେ ଗୋଟିଏ କଥା ବାରମ୍ବାର କହୁଥାଏ—ମୋତେ ଆଉ କିଛି ପଚାର ନା ଭାଇ ଭାଇ, ମୁଁ ଏ ଜୀବନ ହାରେଇ ଦେବି । ଏ ପୋଡ଼ା ଜୀବନ ଥାଇ ଲାଭ କ'ଣ ?

ମୋର ବସ୍ତୁସ୍ତର ଅନ୍ତ ରହିଲା ନାହିଁ । ବୁଝିଲି—କୁସୁମ ମନରେ କ'ଣ ଗୋଟାଏ ଗଭୀର ଦୁଃଖ ରହିଛି । କକା ଓ ଖୁଡ଼ୀଙ୍କି ଡାକି ଏକାନ୍ତରେ ଏ କଥା କହିଲି । ଖୁଡ଼ୀ ବିରକ୍ତି ପ୍ରକାଶ କରି କହିଲେ—ସେ ମିଛିଟା କଥା ମୋତେ ଆଉ କହନା । ମାସେକାଳ ମୁଁ ତାକୁ ବୁଝାଇ ବୁଝାଇ ଥକିଲିଣି । ଏ ବାହାଘରରେ ରାଣୀଙ୍କର ମତ ନାହିଁ ।

କକା ଆହୁରି କଡ଼ା ଭାଷାରେ କହିଲେ—ତାହାର ଗୋଠଛଡ଼ା ମତ ହେଉନ୍ ଚୁଲିରେ ରହିଥାଉ । ଏ ବାହାଘର ଯେମିତି ହେଲେ ମୁଁ କରିବ । ନରିପୁର ଜମିଦାରଙ୍କୁ ମୁଁ ଜବାବ୍ ଦେଇଛି । ମରଦକା ବାତ୍—ହାତୀ କା ଦାନ୍ତ ।

ଏ ଯୁଗର ଯୁବକ-ଯୁବତୀଙ୍କ ମତଗତି କଥା କକା-ଖୁଡ଼ୀଙ୍କି ବୁଝାଇବା ପାଇଁ ମୁଁ ବହୁତ ଚେଷ୍ଟା କଲି; କିନ୍ତୁ ସେମାନେ ମୋ କଥାକୁ ଗୁରୁତ୍ୱ ଦେଲେ ନାହିଁ । କୁସୁମ ପାଇଁ ବିଭିନ୍ନ ସ୍ଥାନରେ ବିବାହ ପ୍ରସ୍ତାବ ପଡ଼ିଥିଲା । ଭଲ ଘର, ଭଲ ବର ଦେଖି ଶେଷରେ ସେମାନେ ନରିପୁର ଜମିଦାରଙ୍କ ପୁଅ ବିଷୟରେ ସିଦ୍ଧାନ୍ତ କଲେ । ଧନ ସମ୍ପତ୍ତି, ବଂଶ ମର୍ଯ୍ୟାଦା, କ୍ଷମତା ପ୍ରତିପତ୍ତି କେଉଁଥିରେ ଅଭାବ ନାହିଁ । ପିଲାଟି ପୁଣି ଏବେ ବି. ଏସ୍‌ସି. ପାଶ୍ କରିଛି, ଆହୁରି ବେଶି କ'ଣ ପଢ଼ିବା ପାଇଁ ଆସନ୍ତା ଜୁଲାଇ ମାସରେ ବିଲାତ ଯିବ । ଏପରି ଘର, ଏପରି ବର କେତେ ଜଣଙ୍କୁ ମିଳେ ?

ଏ ସବୁ ସତ୍ତ୍ୱେ କୁସୁମର ଏ ବିବାହରେ ଅମତ ହେବାର କି କାରଣ ଅଛି ? ଭାବି ଭାବି ମୁଁ କିଛି ଥଳକୂଳ ପାଇଲି ନାହିଁ ।

ବିବାହ ପାଇଁ ମହାପ୍ରସାଦ ନିର୍ବନ୍ଧର ତାରିଖ ଯେତେ ପାଖେଇ ଆସୁଥାଏ, କୁସୁମର ଦେହ ମନର ଅଧୋଗତି ସେତେ ଲକ୍ଷ୍ୟ କରୁଥାଏଁ । ଏଣିକି ସେ ନିଜ ଘରଭିତରୁ ପଦାକୁ ବେଶି ବାହାରେ ନାହିଁ—ଖଟଟି ଉପରେ ଭୁକ ହୋଇ କିମ୍ବା ଅଥବ ପରି ପଡ଼ି ରହିଥାଏ । ଖିଆପିଆ, ବେଶଭୂଷାରେ ତାହାର କିଛି ଠିକ୍ ଠିକଣା ନ ଥାଏ ।

ନିର୍ବନ୍ଧ ପୂର୍ବଦିନ ରାତରେ କୁସୁମ କୋଠରୀକୁ ଯାଇ ଦେଖିଲି—ତାହାର ଆଉ ସେ ପୂର୍ବ ଶିରୀ ନାହିଁ । ଆଖିରୁ ଲୁହ ଶୁଖି ଯାଇଛି । ଲଣ୍ଠନ ଆଲୁଅରେ ତା'ର ସେହି ସୁନ୍ଦର ଲାବଣ୍ୟଭରା ମୁଖଟି କିପରି ଭୟଙ୍କର ଦେଖା ଯାଉଛି ।

ମୁଁ ତାକୁ ବହୁତ ବୁଝାଶୁଝା କଲି । ଏ ବିବାହରେ ତାହାର କାହିଁକି ଅମତ ହେଉଛି, ବାରମ୍ବାର ପଚାରିଲି; କିନ୍ତୁ ଥରକୁ ଥର ତାହାଠାରୁ ସେହି ଗୋଟିଏ

Digitized by srujanika@gmail.com

ଛଟର ପାଉଥାଏଁ—ମୁଁ ଏ ଜୀବନ ହରେଇ ଦେବି ବୋଲି ଭାବେ; ଏ ପୋଡ଼ା ଜୀବନରେ ଆଉ ଲାଭ କ'ଣ ?

ସତକୁ ସତ କୁସୁମ ସେଦିନ ଆତ୍ମଘାତକ କାମ କରିବାକୁ ଯାଇଥିଲା । ନିର୍ବନ୍ଧ ଦିନ ଭୋର୍ ବେଳୁ ଏଠି ଆମ ବାଡ଼ି ପୋଖରୀରେ ବୁଡ଼ି ମରିବା ପାଇଁ ଉଦ୍ୟମ କରିଥିଲା, କିନ୍ତୁ ଆମର ଚାକରାଣୀ—ଯେ ବରାବର ବଡ଼ିଭୋରୁ ଉଠି ଘରଦ୍ୱାର ସଫା କରେ—ସେ ଠିକଣାବେଳରେ ଦଉଡ଼ି ଆସି ସମସ୍ତଙ୍କୁ ନିଦରୁ ଉଠାଇ-ଦେଲା । ମୁଁ ଧାଇଁ ଯାଇ ପୋଖରୀ ଭିତରୁ କୁସୁମକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କଲି ।

ତା'ପରେ ପରିସ୍ଥିତି ଭିନ୍ନ ରୂପ ଧାରଣ କଲା । ମୂଳରୁ ଅଶୁଭ ଲକ୍ଷଣ ଦେଖି ଘରର ସମସ୍ତେ ସେଦିନ ମହାପ୍ରସାଦ ନିର୍ବନ୍ଧ ବନ୍ଦ କରାଇବାକୁ ମତ ଦେଲେ । ଅଗତ୍ୟା ମୋତେ ସେଥିପାଇଁ ସକାଳୁ ସକାଳୁ ନରିପୁର ଜମିଦାର ଘରକୁ ସାଇକେଲ୍ ଖଣ୍ଡିକରେ ଧାଇଁବାକୁ ପଡ଼ିଲା ।

ମହାପ୍ରସାଦ ନିର୍ବନ୍ଧ ତ ସେଦିନ ବନ୍ଦ ହେଲା; କିନ୍ତୁ ନରିପୁର ଯାଇ ମୁଁ ଆବିଷ୍କାର କଲି—କୁସୁମର ଏ ବିବାହରେ ଅମତ ହେବାର ପ୍ରକୃତ କାରଣ ।

କୁସୁମର ପ୍ରସ୍ତାବିତ ବର ସୁରେନ୍ଦ୍ର ବାବୁଙ୍କୁ ପୂର୍ବରୁ ମୁଁ ଦେଖି ନଥିଲି । ବେଶ୍ ହୃଷ୍ଟପୁଷ୍ଟ ଗୌରାଙ୍ଗ ହେଲେ କଣ ହେବ, ସୁରେନ୍ଦ୍ର ବାବୁଙ୍କ ମୁହଁଟି ଦେଖିବାକୁ ଅସୁନ୍ଦର । ପିଲାଦିନେ ବସନ୍ତରୋଗ ତାଙ୍କର ବାଁ ଆଖିଟି ବିକୃତ କରିଦେଇ ଯାଇଛି ।

ତା'ପରେ ମୋ ଆଗରେ ବାଟ ପରିଷ୍କାର ହୋଇଗଲା ।

କୁସୁମର ଆତ୍ମହତ୍ୟା ପ୍ରଚେଷ୍ଟା ପରେ କକା-ଖୁଡ଼ୀ ମନମରା ହୋଇ ରହି ଥାଆନ୍ତି—ବିବାହ ବିଷୟରେ ଆଉ କିଛି କଥାବାର୍ତ୍ତା ବା ଯୋଗାଡ଼ଯନ୍ତ୍ର କରୁ ନଥାନ୍ତି । କୁସୁମର ମନର ଅବସ୍ଥା ଟିକିଏ ଭଲ ଥାଏ । ମୁଁ ତାକୁ ଆଶ୍ୱାସନା ଦେଇ କହିଲି—ନରିପୁର ଜମିଦାରଙ୍କ ପୁଅ ସହିତ ତୋର ବାହାଘର ମୁଁ କରାଇ ଦେବିନି । ତୁ ଖାଇପିଇ ଆନନ୍ଦରେ ନିଶ୍ଚିନ୍ତ ହୋଇ ରହ ।

ଇତି ମଧ୍ୟରେ ମୋର ମଉସିଆଁ ଭଉଣୀ ଗୀତାଠାରୁ ଖବର ପାଇଲି—କୁସୁମ ନରିପୁର ହାଇସ୍କୁଲ୍‌ର ଶିକ୍ଷକ ମୋହନ ବାବୁଙ୍କର ଫଟୋ ଖଣ୍ଡିଏ ପାଖରେ ଲୁଚାଇ ରଖିଛି । ମୋହନ ବାବୁଙ୍କ ସହିତ ମଧ୍ୟ କୁସୁମର ବିବାହ-ପ୍ରସ୍ତାବ ପଡ଼ିଥିଲା । କିନ୍ତୁ

Digitized by srujanika@gmail.com

ମୋହନ ବାବୁ ଗରିବ ହାଇସ୍କୁଲ୍ ମାଷ୍ଟରଟିଏ ବୋଲି ମୋର କକା-ଖୁଡ଼ୀ ଉଭୟେ ସେ ପ୍ରସ୍ତାବ ଏଡ଼ାଇ ଦେଇଥିଲେ ।

ଆହୁରି ଖବର ପାଇଲି ଯେ—ସେଥର ନରିପୁର ଦୋଳ ମେଳଣକୁ ଯାଇ କୁସୁମ ସମେତ ମୋର ଗୃହ ଭଉଣୀଯାକ ସୁରେନ୍ଦ୍ର ବାବୁ ତଥା ମୋହନ ବାବୁ ଉଭୟଙ୍କୁ ଲୁଚିଛପି ଦେଖି ଆସିଥିଲେ । ଆଗରୁ ସ୍କୁଲରେ ପଢ଼ିଲାବେଳେ କୁସୁମ କ୍ରୋଧହୁଏ ମୋହନ ବାବୁଙ୍କୁ ମନେ ମନେ ଭଲ ପାଇ ବସିଥିଲା । ମେଳଣ ପଡ଼ିଆରେ ସୁରେନ୍ଦ୍ର ବାବୁଙ୍କ ଚେହେରା ଦେଖି ସେ ଏବେ ସ୍ଥିର ରହିବ କିପରି ? ସୁରେନ୍ଦ୍ର ବାବୁଙ୍କ ସଙ୍ଗରେ ନିଜର ବିବାହ-ପ୍ରସ୍ତାବ ସ୍ଥିରୀକୃତ ହୋଇଯିବାରୁ ମନ ପ୍ରାଣରେ ସେ ବିଦ୍ରୋହ କରିବାରେ ଲାଗିଲା ।

କକା-ଖୁଡ଼ୀଙ୍କର ମତ ପରିବର୍ତ୍ତନ ପାଇଁ ମୁଁ ଲାଗି ପଡ଼ିଲି । ସେମାନଙ୍କୁ ବୁଝାଇ କହିଲି—ଝିଅର ଯେଉଁଠି ମନ ବଳୁଛି, ସେଇଠି ବିବାହ ହେଉ । ମୋହନବାବୁ ସୁରେନ୍ଦ୍ର ବାବୁଙ୍କଠାରୁ ଦେଖିବାକୁ ସୁନ୍ଦର, ପୁଣି ସେ ଅଶିକ୍ଷିତ ନୁହଁନ୍ତି, ଏ ଅଞ୍ଚଳର ଜଣେ ନାମଜ୍ୟାଦା ଶିକ୍ଷକ । କୁସୁମ ଯଦି ମୋହନବାବୁଙ୍କୁ ବିବାହ କରି ସୁଖୀ ହେବ, ଆମର ତହିଁରେ ଆପତ୍ତି କରିବାରେ କ'ଣ ଅଛି ?

ନରିପୁର ଜମିଦାରଙ୍କ ପକ୍ଷରୁ ଜବାବ୍ ଖିଲାପ ଏବଂ ସମ୍ମାନହାନିର ପ୍ରଶ୍ନ ଉଠିଥିଲା; କିନ୍ତୁ ଈଶ୍ୱରଙ୍କ ଦୟାରୁ ସବୁ ଠିକ୍ ହୋଇଗଲା । ସୁରେନ୍ଦ୍ରବାବୁ ନିଜ ସମ୍ମାନକୁ ବଞ୍ଚାଇ ଆପେ ଆପେ ଓହରି ଗଲେ ।

ମୋହନବାବୁଙ୍କ ସହିତ କୁସୁମର ବିବାହ ନିର୍ବନ୍ଧ ଅନୁଷ୍ଠିତ ହେବାଦିନ କୁସୁମର ହସଖୁସି, ଚଳଚଞ୍ଚଳ ଭାବ ଆଉ ଦେଖେ କିଏ ? ନୂଆ ଲୁଗା ଓ ଗହଣାଗାଣ୍ଠି ପିନ୍ଧି ମୋର ଗୃହ ଭଉଣୀଙ୍କ ଭିତରେ ସେ ସ୍ୱର୍ଗର ଅପ୍ସରାଟିଏ ଭଳି ଦେଖା ଯାଉଥାଏ । ମୁଁ ସେମାନଙ୍କୁ ସମସ୍ତ ଶୁଣାଇ କହିଲି—କୁସୁମ ଆମର ସ୍ୱର୍ଗର ସିଂହାସନ, ସୁରେନ୍ଦ୍ରଙ୍କର ରାଜ-ଐଶ୍ୱର୍ଯ୍ୟ ଲୋଡ଼େ ନାହିଁ; ଲୋଡ଼େ—ଦରିଦ୍ର ଶିକ୍ଷକର କନ୍ଦର୍ପକାନ୍ତି, ମୋହନ ରୂପ ।

କୁସୁମ ଲାଜେଇ ଗଲା । ସେଦିନ ବି ଲକ୍ଷ୍ୟ କଲି—ତା' ଆଖିରେ ତଳା ଢଳ ଲୁହ, କିନ୍ତୁ ସେ ଲୁହଥିଲା ପୁଲକର—ପରମ ପ୍ରାପ୍ତିର ଲୁହ ।

Digitized by srujanika@gmail.com

ମଙ୍ଗଳା-କୁଣ୍ଡ

ରୂପଶ୍ରୀ ସିନେମା ନିକଟରେ ସେ ଯେଉଁ ପଥିକବନ୍ଧୁ ହୋଟେଲ, ସେଇଠି ମୁଁ ତାକୁ ପ୍ରଥମେ ଦେଖିଥିଲି । ତା'ପରେ ଆମ ଗୃହିଣୀ ଯେତେବେଳେ ନିଜ ଭାଇଙ୍କ ବାହାଘର ଲାଗି ମାସେ ଛୁଟି ନେଇ ବାପ ଘରକୁ ଗଲେ, ସେତିକିବେଳେ ତା' ସହିତ ମୋର ପରିଚୟ ଘନିଷ୍ଠ ହେଲା ।

ହୋଟେଲରୁ ଟିଫିନ୍ କେରିଅର୍‌ରେ ଭାତ ଆଣି ଦୁଇଓଳି ସେ ମୋ ବସାରେ ଦେଇଯାଏ । ସାତ ଆଠ ବର୍ଷର କଳା ମଚମଚ ଗେଡ଼ା ପିଲାଟିଏ । ଦେହରେ ମଇଳାକୋଚଟ ଗେଞ୍ଜି ଓ ଖାକି ହାଫ୍‌ପେଣ୍ଟ । କି ଶୀତ, କି ଖରା ବର୍ଷା—ସବୁବେଳେ ଆପଣ ତାକୁ ଏଇ ପୋଷାକରେ ଦେଖିବେ । ହୋଟେଲରେ ସେ ଅଇଁଠା ଉଠାଏ, ବାସନ କୁସନ ଧୁଏ, ଘରଦ୍ୱାର ସଫା କରେ । ବେଶ୍ ଚମତ୍କାର ନାଁଟି ତା'ର—ମଙ୍ଗଲ—ମଙ୍ଗଲ ମୁଣ୍ଡା । ହାଲ୍‌ସାକିନ୍ ଷ୍ଟେସନ୍ ବଜାର । ମା' ତାର ଷ୍ଟେସନ୍ ବଜାରର ଜଣେ ଜଣାଶୁଣା ନାଗ୍ନି—ରାଇମନୀ । ଆଉ ବାପ ?

ନା, ନା, ଦୟାକରି ତା'ର ବାପ କଥା କିଛି ପଚାରନ୍ତୁ ନାହିଁ । ସେ ବଡ଼ ଗହନ କଥା—ଅତି ଲଜ୍ଜାକର ଓ ଚମକପ୍ରଦ କାହାଣୀ । ମୁଁ ଥରେ ସେଇ କଥା ପଚାରିବାକୁ ଯାଇ ବଡ଼ ଅଡୁଆରେ ପଡ଼ିଲି । ଅଳ୍ପ ଖୋଳୁ ଖୋଳୁ ମହାଦେବ ବାହାରିଲେ । ଅଗେ ନଭେଇଲା କଥା କହୁଛି ।

ମଙ୍ଗଲ ଜରିଆରେ ରାଇମନୀ ସହିତ ପରିଚୟ ହେଲା । ପ୍ରାୟ ପଚିଶ ବର୍ଷର ହୃଷ୍ଟପୁଷ୍ଟ ଯୁବତୀ । ରଙ୍ଗ କଳା ହେଲେ ବି ଅଙ୍ଗ ପ୍ରତ୍ୟଙ୍ଗରେ ଲାବଣ୍ୟର ଚିହ୍ନ ରହିଛି । ମୁହଁର ଗଢ଼ଣଟି ବେଶ୍ ସୁନ୍ଦର ! ମୁହଁରେ ଯାଦୁରୋଗ ଭଳି ଗୁଡ଼ାଏ ଚେକାଚେକା ଚିହ୍ନ ମୁଖଶ୍ରୀକୁ ନଷ୍ଟ କରୁଛି । କିନ୍ତୁ ସ୍ନୋ ପାଉଡ଼ରର ପ୍ରଲେପ ମଧ୍ୟରେ ରାଇମନୀ ସେ ଚିହ୍ନଗୁଡ଼ାକୁ ଲୁଚାଇ ରଖିବା ପାଇଁ ଚେଷ୍ଟିତ । ଦେହରେ କେତେ ରକମର ନକଲି ସୁନାର ଅଳଙ୍କାର—ବ୍ଲାଉଜ୍, ସାୟା ଓ ନାଇଲନ୍ ଶାଢ଼ୀ ।

ମୁଁ ଏଇ ରାଇମନୀ କଥା ହିଁ ଆପଣଙ୍କୁ କହୁଛି । କେଉଁଝର ଜିଲ୍ଲା ଚମ୍ପୁଆର ଆଦିବାସୀ ଜଙ୍ଗଲୀ ଝିଅ ସେ । ଗିରି ଝରଣା ଭଳି ସରଳ ସ୍ୱଚ୍ଛନ୍ଦ ଭାବରେ ଗତି କରୁଥିଲା ତା'ର ଜୀବନ । ଅକସ୍ମାତ୍ ସେଇ ଗତି ପଥରେ ଆସି ଠିଆ ହେଲା ଅଲଙ୍ଘ୍ୟ, ଦୁର୍ଭେଦ୍ୟ ବାଲିର ପାହାଡ଼ । ତା'ର ଭିତରେ ସେ ଲୁଚିଗଲା—ହଜିଗଲା । ହଠାତ୍ କାରେ

Digitized by srujanika@gmail.com

ବାପ ତା'ର ଗୁଣୀ ମୁଣ୍ଡା ଅକାଳରେ ମଲା । ବଡ଼ଭାଇ ଶାମ ମୁଣ୍ଡା ଯେପରି ହୁଣ୍ଡା, ସେଇପରି ଗୁଣ୍ଡା । ସବୁବେଳେ 'ହାଆଁଗ୍' ଖାଇ 'ବାନାମ୍' ବଜାଇ ବଜାଇ ବୁଲେ । ମନ ହେଲେ କାମଦାମ କରେ; ନହେଲେ ନାହିଁ । ରାଇମନୀର ଦରବୁଢ଼ୀ ମା କୌଣସି କୌଶଳେ ଏପଟ ସେପଟ କରି ଘର ଚଳାଏ ।

ଶାମ ମୁଣ୍ଡାର ବାହାଘର ବେଳ ପଡ଼ିଆସିଲା । ଟଙ୍କା ଲୋଡ଼ା । କନ୍ୟା ବାପକୁ ପଣ ଦେବାକୁ ହେବ—ବଳଦ ଗୋଟିଏ ମୁଣ୍ଡ, ଛେଳି ଆଠ ମୁଣ୍ଡ, ହାଆଁଗ୍ କୋଡ଼ିଏ ହାଣ୍ଡି, ଆଉ ନଗଦ ଦଶକୋଡ଼ି ଟଙ୍କା । ଏ ପଣ ଆସିବ କୁଆଡ଼ୁ ? ଅଗତ୍ୟା ଶ୍ୟାମ ମୁଣ୍ଡା ନିଜର ପିତୃପୁରୁଷଙ୍କର ଭିଟାମାଟି ଛାଡ଼ି ମା' ଭଉଣୀଙ୍କୁ ସଙ୍ଗରେ ଧରି ଆସିଲା ସହରକୁ । ସହରରେ ଟଙ୍କା ରୋଜଗାର କରି ସେ ବାହା ହେବ ।

ଆପଣ ତ ଜାଣନ୍ତି, ସହରରେ ଟଙ୍କାର କି ଭୀଷଣ ସ୍ରୋତ ଛୁଟି ଚାଲିଛି । ସେଇ ସ୍ରୋତର ଆବର୍ତ୍ତ ମଧ୍ୟରେ ପଡ଼ି ମୁହୂର୍ତ୍ତକ ମଧ୍ୟରେ ଶାମ ମୁଣ୍ଡାର ଶାନ୍ତ-ସୁନ୍ଦର ପରିବାରଟି କୁଆଡ଼େ ଛନ୍ନଛତ୍ର ହୋଇଗଲା ।

ସେତେବେଳକୁ ରାଇମନୀ ସୁନ୍ଦରୀ ତରୁଣୀ । ତା'ର ଦେହ ମନରେ ବସନ୍ତ ନଆ ନଆ ରଙ୍ଗ ଲଗାଉଥାଏ । ନିଜର ଅନାବୃତ ଫୁଟନ୍ତ କଳିକା ଭଳି ତନୁଟି ଧରି ସେ ଯେତେବେଳେ ଷ୍ଟେସନ୍ ବଜାରରେ ଠିଆ ହୁଏ, ସେତେବେଳେ ବହୁ ଲୋକଙ୍କର ଲୋଲୁପ ଦୃଷ୍ଟି ତା' ଉପରେ ପଡ଼ିଯାଏ । ଭୋଳା ମାରୱାଡ଼ିର ଟ୍ରକ୍ ଡ୍ରାଇଭର କରିମ୍ ମିଆଁ ତାକୁ ପ୍ରଥମେ ଆଶ୍ରୟ ଦେଲା । ଟ୍ରକ୍‌ରେ ସେ ଯାଏ କେଉଁଝରର ବଡ଼ବିଲ ଓ ନୂଆସାହି ଖାଦାନକୁ । ଖାଦାନରୁ କ୍ରୋମାଇଟ୍ ବୋଝାଇ କରି ଭଦ୍ରକ ଷ୍ଟେସନରେ ଆସି ମାଲ ଉତାରେ । ଦୈନିକ ମଜୁରୀ ଟଙ୍କାଏ ।

ଟ୍ରକ୍‌ର ତିନିଜଣ କୁଲିଙ୍କ ଭିତରେ ରାଇମନୀ ଏକମାତ୍ର ରେଜା । କରଞ୍ଜ ତେଲି ବୋଲି ନିଜର କଳା ଚକ୍‌ଚକ୍ କେଶରେ ବନ୍ଧେଇ କରି ବଡ଼ ଖୋସାଟାଏ ବାନ୍ଧେ । ତା ଉପରେ ଫୁଲ୍ ପେନ୍ଥାଟିଏ ଖୋଷି ଦେଇ ସେ ଯେତେବେଳେ ଅଣ୍ଟା ଓ ଗୋଡ଼ରେ ଲୁଗାଭିଡ଼ି ଟ୍ରକ୍ ଉପରକୁ ଉଠେ, ଡ୍ରାଇଭର କରିମ ମିଆଁ ତାକୁ ଚାହିଁ ମୁରୁକି ହସେ । ତା' ପରେ ଇଞ୍ଜିନ୍‌ରେ ଷ୍ଟାର୍ଟ୍ ଦେଉଁ ଦେଉଁ ଜନାକବାଟି ବାଟେ ପଛକୁ ଚାହିଁ ଡାକି ପଚାରେ—"ରାଇମନୀ, ପାନ ନେ ଲୋ । ବଡ଼ ଖୁସ୍‌ବୁ ପାନ ।"

ରାଇମନୀ ପ୍ରଥମେ ଟିକିଏ ସଙ୍କୋଚ କରି ହାତ ବଢ଼ାଇ ପାନ ଆଣେ । ଗାଡ଼ି ଚାଲେ । କରିମ୍ ମିଆଁ ପୁଣି ଡାକ ପକାଏ, "ରାଇମନୀ ଲୋ ରାଇମନୀ, ଗୀତଟିଏ ଗା ।"

Digitized by srujanika@gmail.com

ରାଇମଣୀ ପ୍ରଥମେ ପ୍ରଥମେ ଲଜ୍ଜା କରେ । କରମ୍ ମିଆଁ କହେ, "କି ଲୋ, ଲଜ୍ଜା କରୁଛୁ ? ଆହା ମୋ ଲଜକୁଳୀ ଲତା ! ଗା, ଗା, ଭଲ ଗୀତଟିଏ ଗା । ଏଇ ନେ' ଆଉ ଖଣ୍ଡେ ପାନ ।"

ରାଇମଣୀ କଳରେ ପାନ ଜାକି ଗୀତ ଆରମ୍ଭ କରେ ।

ଏଇ ହେଲା ରାଇମଣୀର ନୂତନ ଜୀବନ । ମୁଁ ବିଶେଷ କରି ତା'ର ଏହି ଜୀବନ କଥାହିଁ ଆପଣଙ୍କୁ କହିବି । କାରଣ ମୋର ଶ୍ରଦ୍ଧାଭାଜନ ମଙ୍ଗଳର ବିଷୟ ଏଥି ସହିତ ସମ୍ପୃକ୍ତ ଜଡ଼ିତ ।

ନୂତନ ସଭ୍ୟତାର ସ୍ୱାଦ ପାଇ ରାଇମଣୀର ରୂପାନ୍ତର ହେଲା । ସେ ଭୁଲିଗଲା—ନିଜର ମା, ଭାଇ, ଆତ୍ମୀୟ ସ୍ୱଜନମାନଙ୍କୁ— ପାସୋରି ଦେଲା ନିଜର ଶାନ୍ତ ସରଳ ସମାଜକୁ । ଭାଇ ତା'ର ଖବର ନିଏ । ମା' ଆସି ହାତ ଧରି ଟାଣେ । ରାଇମଣୀ କିନ୍ତୁ କରମ୍ ମିଆଁର ସେ ଭଡ଼ା ବସାଘରଟା ଭିତରୁ କାହିଁ ଯାଏନା ।

ରାଇମଣୀ ବହୁଦିନରୁ ସେ ଜଙ୍ଗଲୀ ଚାଲିଚଳନ, ସେ ମଫସଲି ଫେସନ୍ ଛାଡ଼ିଛି । ଏଣିକି ସେ ସାୟା ବ୍ଲାଉଜ୍ ପିନ୍ଧେ । ଘେରା ଉପରେ ଘେରା ପକାଇ କେତେ ରଙ୍ଗ ବେରଙ୍ଗର ଶାଢ଼ୀ ପିନ୍ଧେ । ଶସ୍ତା କେମିକାଲ୍ ସୁଗନ୍ଧ ତେଲରେ ମଥା କୁଣ୍ଡେଇ ବେଣୀ ଛାଡ଼େ । କାମରୁ ଫେରି ପ୍ରତିଦିନ ସାବୁନ ଲଗାଇ ଗାଧୋଇ ହୁଏ । ସ୍ନୋ ପାଉଡ଼ର ଘଷି ମୁହଁକୁ ଚକ୍‌କଣ କରେ ।

କରମ୍ ମିଆଁ ତା' ଚେହେରାର ଭାରି ତାରିଫ୍ କରେ । ବେଳେବେଳେ ଅତି ଖୁସି ହୋଇ "ମେରି ଗୁଲ୍" "ମେରି ସୋନେକି ଚଢ଼େୟାଁ" ବୋଲି କହି ରାଇମଣୀକୁ ଭୁଣ୍ଡାଇ ଧରେ । କେତେ ବାସନା ତେଲ, ସାବୁନ, ବ୍ଲାଉଜ୍, ଶାଢ଼ୀ ଆଣି ଦିଏ ଏବଂ କ'ଣ ଦରକାର ବୋଲି ପଚାରେ । ରାଇମଣୀ ହସି ଉଠି ମୁଣ୍ଡ ହଲାଏ ।

କରମ୍ ମିଆଁ ପୁଣି ପଚାରେ, "ମୋତେ ଦରକାର ?"

ରାଇମଣୀ ହସି ହସି ଭୂଇଁରେ ଲୋଟିଯାଏ । ବେଳେବେଳେ ଟ୍ରକ୍‌ର କ୍ଲିନର୍ ଫକୀର ଚୁପ୍‌ଚୁପ୍ ଆସି ପଛ ଆଡ଼ୁ ରାଇମଣୀର ଆଖି ମୁଦି ଧରେ । ରାଇମଣୀ ଛଟିପଟି ହୁଏ । ଫକୀର କହେ, "କିଏ ଧରିଛି, କହିଦେଲେ, ଛାଡ଼ିଦେବି ।"

ରାଇମଣୀ ହସି ହସି ପଚାରେ, "କହିଦେଲେ କ'ଣ ଦେବୁ ?"

ଫକୀର ଉତ୍ତର ଦିଏ, "ଗୋଟାଏ ଭଲ ଜିନିଷ ଦେବି ।" ତା'ପରେ ରାଇମଣୀର ଆଖି ଆଗରେ ଗୋଟାଏ ବଡ଼ ଦର୍ପଣ ଟେକି ଧରେ । ଆରେ, ଏ ପୁଣି କ'ଣ ମ ? ଦର୍ପଣ ଖାଙ୍କୁ କି ସୁନ୍ଦର ନାଲି ଗୁଲୁଗୁଲୁ ପାନଆଟିଏ !

Digitized by srujanika@gmail.com

ରାଇମଣି ମୁରୁକି ହସି ପଚାରେ, "କ'ଣ ଏତିକି ?" ଫକୀର କହେ, ନାଇଁ ଲୋ, ରାତିକି ଆହୁରି ବଡ଼ିଆ ଚିଜ ଆଣିଦେବି ।

ଥରେ ଥରେ କରମ୍ ମିଆଁର ଜଣାଶୁଣା ଲୋକ ବି ଆସି ଘୁଞ୍ଚି ଯା'ନ୍ତି । ଦିନେ ବୋଝେଇ ଟ୍ରକ୍ ଘେନି କରମ୍ ମିଆଁ ଖାଦାନ୍‌ରୁ ଫେରୁଛି, ବଅନ୍ତ ପାଖରେ ଜଣେ ପୋଲିସ୍ କନେଷ୍ଟବଲ ଟ୍ରକ୍ ଅଟକାଇଲେ । ରାଇମଣି ଟ୍ରକ୍ ପଛରେ ବସିଛି, ତା' ଆଡ଼କୁ ବାଙ୍କ ଚାହାଁଣୀଟିଏ ପକାଇ କନେଷ୍ଟବଲ ବାବୁ ଟ୍ରକ୍‌ରେ ଉଠିଲେ ।

ବରପଦା ପାଖରେ ଟ୍ରକ୍ ରହିଲା, ସେତେବେଳକୁ ସଞ୍ଜ ହୋଇଗଲାଣି । କରମ୍ ମିଆଁ ରାଇମଣିକୁ ଡାକି କହିଲା—ପୋଲିସ୍ ବାବୁ ଡାକୁଛନ୍ତି, ତାଙ୍କ ସଙ୍ଗରେ ଯା—

ରାଇମଣି ସେଇ ମୁହଁ ଅନ୍ଧାରରେ ରାସ୍ତାରୁ ଗଡ଼ି କନେଷ୍ଟବଲ ପଛେ ପଛେ ବିଲ ମଝିକୁ ଗଲା । ସେଠାରୁ ଫେରିଲା ବେଳକୁ କହିଲା "ପୁଲିସ୍ ବାବୁ, କ'ଣ ଦେବୁ ଦେ ।"

Digitized by srujanika@gmail.com

ଉତ୍ତରରେ କନେଷ୍ଟବଲ୍ ଠାରୁ ରାଇମନୀ ନିଜ ମାଂସଳ ନିତମ୍ବରେ ଗୋଟିଏ ଆଣ୍ଠୁଆ ଭୁଷା ଖାଇଲା ।

ଆଜ ଦିନେ ରାତ ପ୍ରାୟ ଦଶଟାବେଳେ କରମ୍ ମିଆଁ ଆସି ରାଇମନୀକୁ ଡାକିଲା, "ଆ ଲୋ, ଗୋଟେ ଭଲ ଜାଗାକୁ ନେଇଯିବି ।" ସେତେବେଳକୁ କରମ୍ ମିଆଁ ବସା ଆଗରେ ଫକୀର ନଜର ଜଣେ ବନ୍ଧୁଙ୍କ ସଙ୍ଗରେ ଟହଲ ମାରୁଛି । ସେମାନଙ୍କୁ ଫେରାଇ ଦେଇ କରମ୍ ମିଆଁ ରାଇମନୀ ସଙ୍ଗରେ ମାରୱାଡ଼ି ମାଲିକଙ୍କ ମିଲ୍ ଆଡ଼କୁ ଗଲା ।

ଭୋଳା ମାରୱାଡ଼ିଙ୍କ ପୁଅ ସେଦିନ କଲିକତା ଗଦିରୁ ଆସି ପହଞ୍ଚିଥାନ୍ତି । ଦୋତାଲା ଉପରେ ବିଜୁଳିପଙ୍ଖା ତଳେ ରାତ ଦଶଟାରେ ସେ କରମ୍ ମିଆଁ ପଥ ଚାହିଁ ବସିଛନ୍ତି । କରମ୍ ମିଆଁ ରାଇମନୀକୁ ସେଇଠି ଛାଡ଼ି ବକ୍‌ସିସ୍ ନେଇ ଫେରି ଆସିଲା ।

ରାତ ପାହାନ୍ତାବେଳକୁ ରାଇମନୀ ଯେତେବେଳେ ବସାକୁ ଫେରେ, ପାଦ ଯୋଡ଼ିକ ତା'ର ଟଳମଳ ହେଉଛି । ମଥାଟା ବେଳେ ବେଳେ ଘୁରାଇ ଦେଉଛି । ରାତରେ ଶ୍ରେଷ୍ଠବାବୁ ତାକୁ କ ପାଣିଗୁଡ଼ାଏ ପିଇବାକୁ ଦେଇଥିଲେ । ଡିଆଙ୍ଗଠାରୁ ବି ତାହା ଭଲ ଲାଗିଲା ।

ବସାରେ ରାଇମନୀକୁ ଦେଖି କରମ୍ ମିଆଁ ପଚାରିଲା, "ବାଃ, ଏ ଦାମିକା ଶାଢ଼ୀ ତୁ ପାଇଲୁ କୋଉଠୁଁ ? ଶାଢ଼ୀଟା ତୋତେ ବେଶ୍ ମାନୁଛି ରାଇମନୀ ।"

ରାଇମନୀର କିଛି ଅଭାବ ରହିଲା ନାହିଁ । କରମ୍ ମିଆଁର ରୋଜଗାର ମଧ୍ୟ ବଢ଼ିବାକୁ ଲାଗିଲା । କିନ୍ତୁ ଏଇ ପୂର୍ଣ୍ଣତା ମଧ୍ୟରେ ରାଇମନୀ ଅନୁଭବ କଲା—ଯେପରି ତା ଦେହ ଭିତରେ କ'ଣ ଗୋଟାଏ ପୋଡ଼ି ଜଳି ଯାଉଛି । ମୁଣ୍ଡ ଭିତରଟା ଖାଲି ଖାଲି ଲାଗୁଛି । ସାମାନ୍ୟ ପରିଶ୍ରମରେ ହାତ ଗୋଡ଼ ଅବଶ ହୋଇ ପଡ଼ୁଛି । ସାରା ଦେହରେ ଚେକା ଚେକା କି ଚକ୍ରଗୁଡ଼ାଏ ଦେଖା ଗଲାଣି ।

ସେଦିନ ସଞ୍ଜବେଳେ ବସନ୍ତିଆ ପାଖରେ ଟ୍ରକ୍ ଅଟକାଇ କରମ୍ ମିଆଁ ଯେତେବେଳେ ରାଇମନୀକୁ ଡାକିଲା, ରାଇମନୀ ମୁଣ୍ଡ ହଲାଇ ମନା କଲା, "ମୋତେ ଆଜି ଭଲ ଲାଗୁ ନାହିଁ । ଚାଲ, ପଳେଇଯିବା ଭଦ୍ରକ ।"

କରମ୍ ମିଆଁ ତାକୁ ଜବରଦସ୍ତି ଟାଣି ନେଇଗଲା । ସେଦିନ ବୈଠକ ଖୁବ୍ ଜମିଛି । ରେଜାକ୍ ଖାଁ ଦରଜି, ହଲର ମେସିନ୍-ମାଲିକ ଗଫୁର୍, ପାନଦୋକାନୀ ଦାଶା, ମଠ ବାବାଜୀ ହନୁମାନ ଦାସ ପ୍ରଭୃତି ପାଞ୍ଚ ଛଅ ଜଣ ଲୋକ ବସିଛନ୍ତି । ବାସୀ

Digitized by srujanika@gmail.com

ଖୁସି ରସ ପରଷା ହେଉଛି । କରମ୍ ମିଆଁ ଓ ଫକୀର୍ ପେଟେ ପେଟେ ପିଇଲେ । ରାଇମଣୀକୁ ମଧ୍ୟ ପିଆଇଲେ । ତା'ପରେ ତାକୁ ନେଇଗଲେ ବଜାର ଶେଷ ମୁଣ୍ଡ ଗୋଦାମ ଘରକୁ ।

ରାତି ପ୍ରାୟ ବାରଟାବେଳକୁ କରମ୍ ମିଆଁ ଯେତେବେଳେ ଟ୍ରକ୍ ଧରି ଆସିବାକୁ ବାହାରେ, ଦେଖେ— ରାଇମଣୀ ଆସି ନାହିଁ । ସେଇ ଅନ୍ଧାରିଆ ଗୋଦାମ ଘର କୋଣରେ ଦେଖିଲା ବେଳକୁ ସେ ସଂଜ୍ଞାହୀନା ହୋଇ ଭୂଇଁରେ ପଡ଼ିଛି ।

ଏହାପରେ ଲୋମହର୍ଷକ ଜୀବନଯାତ୍ରା ପଥରେ ରାଇମଣୀ ଆଗେଇ ଚାଲିଲା । ସେ ଆଜି ସାରା ସହର ଓ ଖୋଦାନ୍‌ରେ ସୁପରିଚିତା । ସେଇ 'ରାଇ' ନାମ ଆଜି ଗୋପପୁରରେ ଢବ ଢବ ବାଜୁଛି । ଆପଣଙ୍କ କାନରେ ହୁଏତ ପଡ଼ିଥିବ । ସେଦିନ ଭୋଳା ମାରୱାଡ଼ିଙ୍କର କଲେଜ ଶିକ୍ଷିତ ପୁଅ ଯୁକ୍ତି କରୁଥିଲେ, ମଇଳାଯାକ ଏଣେତେଣେ ଗୃହଆଡ଼େ ନ ପକାଇ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଜମା କଲେ, ସମାଜର ସ୍ୱାସ୍ଥ୍ୟ ଠିକ୍ ରହିବ । କେତେକ ବୁଦ୍ଧିଜୀବୀମାନଙ୍କର ଏଭଳି ଯୁକ୍ତି ବ ବେଳେବେଳେ ଆପଣଙ୍କ କାନରେ ପଡ଼ୁଥିବ ।

ମୁଁ ସେଇ ମଇଳାକୁଣ୍ଡ କଥା ଆପଣଙ୍କୁ କହୁଛି । ସେଇ ଘୃଣ୍ୟ ଆବର୍ଜନା ସ୍ତୁପ ମଧ୍ୟରୁ ମଙ୍ଗଳର ଜନ୍ମ । ମାଫ୍ କରନ୍ତୁ, ତା ବାପ କଥା ମୁଁ କିଛି କହି ପାରିବି ନାହିଁ ।

ସେଦିନ ଶ୍ରାବଣର ଏକ ବର୍ଷଣ-ମୁଖର ରାତି । କେଉଁଠିର କୁଆସାଞ୍ଜ ଜଙ୍ଗଲର ଏକ ଝଙ୍କା ଆମ୍ବଗଛ ମୂଳେ ପ୍ରଥମେ ମଙ୍ଗଳର କୁଆଁ କୁଆଁ ଡାକ ଶୁଭିଥିଲା । ରାଇମଣୀ ସେତେବେଳେ ଏକାକିନୀ, ସହାୟହୀନା, ଆଶ୍ରୟଶୂନ୍ୟା । ଡ୍ରାଇଭର କରମ୍ ମିଆଁ, କ୍ଲିନର୍ ଫକୀର୍ ତାକୁ ଛାଡ଼ିଦେଇ ଭଦ୍ରକ ପଳାଇଛନ୍ତି । ଭୋଳା ମାରୱାଡ଼ିଙ୍କ ପୁଅ ବହୁ ଦୂରରେ । ପୋଲିସ୍ କନେଷ୍ଟବଲ ଉତ୍ତଟି ଏଠି ଏକ୍ଷଣି ନାହିଁ । ରାଇମଣୀ ଏକାକିନୀ ।

ନାଁ-ନାଁ, ମୁଁ ଭୁଲ୍ କହିଲି । ରାଇମଣୀ ଏକାକିନୀ ନୁହେଁ, ବର୍ତ୍ତମାନ ତା' ସଙ୍ଗରେ ଅଛି ମଙ୍ଗଳ । ସେଇ ମଙ୍ଗଳକୁ ସଙ୍ଗରେ ନେଇ ସେ ପୁଣି ଆସି ଠିଆହେଲା ସହର ଦାଣ୍ଡରେ । କରମ୍ ମିଆଁ ପାଖରେ ଯେତେବେଳେ ପହଞ୍ଚିଲା, କରମ୍ ମିଆଁ ରାଗରେ ନିଶ ମୋଡ଼ି କହିଲା, ଯା-ଯା, ଦୁର୍ ହଟୋ । ମୋର ନିବେ ଥାଉଁ ଥାଉଁ ଛୋଟେ ପୁଣି ମୁଁ ରଖିବି ? ବୋଝ ଉପରେ ନଳିତା ବିଡ଼ା ।

Digitized by srujanika@gmail.com

ରାଇମଣି ନାରୀ ହୋଇ ରାସ୍ତା ଉପରକୁ ଆସିଲା । କୋଳରେ ତା'ର ମଙ୍ଗଳ । ଆଗରେ ସ୍ୱାର୍ଥ-ସର୍ବସ୍ୱ ନବ୍ୟ ସଭ୍ୟ ମଣିଷ ସମାଜ । ଯେ କେବଳ ନିଏ, କିଛି ଦିଏନା—ଯେ କେବଳ ଥାଳ ଥାଳ କରି ଆଦାୟ କରେ, କିଛି ପରିଶୋଧ କରେନା ।

ତଥାପି ରାଇମଣି ଦବିଗଲା ନାହିଁ; ହତୋତ୍ସାହ ହେଲା ନାହିଁ । ନିଜ ବାପ ଗୋସାପଙ୍କ ଜଙ୍ଗଲି ସମାଜରୁ ସେ ସେତିକି ଶିକ୍ଷା କରିଛି । ଆଖି ଆଗରେ ଦେଖିଲା—ତା'ର ଭଳି ପାଲମଣି, ଶୁକୁରମଣି ପ୍ରଭୃତି କେତେ ରେଜା ଗୋଠଛଡ଼ା ହୋଇ ଏ ସହରରେ ବଞ୍ଚିଛନ୍ତି । ତେବେ ସେ କାହିଁକି ବଞ୍ଚି ନ ପାରିବ ?

ଆଉ ରେଜା କାମ କରିବାକୁ ରାଇମଣିର ମନ ବଳିଲା ନାହିଁ । ମୂଲ ମଜୁରି ଲାଗିବାକୁ ମଧ୍ୟ ସେ ନା-ପସନ୍ଦ କଲା । ଗତର ଖଟେଇ ଦେହ ମିହନତ କରି ଭରଣ-ପୋଷଣ କରିବାକୁ ଆଉ ତାକୁ ଭଲ ଲାଗିଲା ନାହିଁ । ଷ୍ଟେସନ୍ ବଜାରରେ ସେଇ ପୋଲତଳ ନର୍ଦ୍ଦମା ପାଖ ବସାରେ ବସି ସେ ବେଶ୍ ରୋଜଗାର କଲା । ନିଜେ ବଞ୍ଚିଲା, ଆଉ ମଙ୍ଗଳକୁ ବଞ୍ଚାଇଲା ।

କରିମ୍ ମିଆଁ ଆଉ ତା ପାଖକୁ ଆସିଲା ନାହିଁ । ସେ ଏବେ ବୁରୁକୁମୁଣ୍ଡା ଝିଅ ଗୁରୁବାରୀକୁ ଧରିଛି । ଫକୀର ବେଳେ ବେଳେ ଆସେ । ଗଲାବେଳେ ମଙ୍ଗଳକୁ କାଖ କରି ବିସ୍କୁଟ୍ ଲଜେନ୍ସ ଧରାଇ ଦେଇଯାଏ । ମାରୱାଡ଼ିବାବୁ ଆଉ ଆସନ୍ତି ନାହିଁ; କିନ୍ତୁ ଷ୍ଟେସନ୍‌ର ଅନ୍ୟାନ୍ୟ ବାବୁମାନେ ବେଳେବେଳେ ଆସନ୍ତି । ରାଇମଣିର ସେଦିନ ଭଲ ରୋଜଗାର ହୁଏ ।

ମଙ୍ଗଳ ଧୀରେ ଧୀରେ ବଡ଼ ହେଲା । ହୃଷ୍ଟପୁଷ୍ଟ ପିଲାଟିଏ ହେଲେ ବି ଜନ୍ମକାଳରୁ ସେ ରୋଗିଣା । ମା' ଭଳି ଓଠ ଆଉ ଗାଲରେ କି ଚିହ୍ନ ସବୁ ଦେଖା ଯାଉଛି । ପାଞ୍ଚ ଛଅବର୍ଷ ବୟସ ବେଳକୁ ରାଇମଣି ତାକୁ ଷ୍ଟେସନ ବଜାରରେ ଛୋଟ ଛୋଟ କାମ କରିବାକୁ ପଠାଇଲା । ମଙ୍ଗଳ ନିଜ ଶକ୍ତି ଅନୁଯାୟୀ ଦିନକୁ ଆଠଣା, ଦଶଣା ରୋଜଗାର କରେ । ଶେଷେ ଆସି ସେ ଜୁଟିଲା ଏଇ ପଥିକ ବନ୍ଧୁ ହୋଟେଲରେ ।

ତା'ପର କଥା କହିବା ଆଉ ଲାଭ ନାହିଁ । ଆପଣ ବରାବର ମଙ୍ଗଳକୁ ଦେଖୁଥିବେ—ରାଇମଣିକୁ ମଧ୍ୟ । ଶେଷରେ ଗୋଟିଏ କଥା ମୁଁ ପଚାରିବାକୁ ଚାହେଁ—ମଇଳା-କୁଣ୍ଡରେ ଆପଣ ସବୁଯାକ ମଇଳା ଜମା କରନ୍ତୁ, ମୋର ଆପତ୍ତି ନାହିଁ । କିନ୍ତୁ ମଣିଷ ଜୀବନ ଦେହ ମଇଳାକୁଣ୍ଡ ତିଆରି କରିବାକୁ ଆପଣଙ୍କର କି ଅଧିକାର ଅଛି ?—କହନ୍ତୁ ବନ୍ଧୁ, ଆପଣଙ୍କର କି ଅଧିକାର ଅଛି ?

Digitized by srujanika@gmail.com



ସାବଣୀ

ହରେଣ ମୁଖାର୍ଜି ରୋଡ଼୍‌ର ସେଇ ବଡ଼ ମାଂସ ଦୋକାନଟା ପାଖରେ—ନା, ମୁଁ ବୋଧହୁଏ ଭୁଲ୍ କରୁ ନାହିଁ—ଠିକ୍ ସେଇଠୁ ଯେଉଁ ସରୁ ଗଳିଟା ବାହାରିଛି, ସେଇ ଗଳିରେ···

ସେଇ ବିଖ୍ୟାତ ଗଳିରେ ଆପଣ ହୁଏତ ଥରେ ଅଧେ ଯା-ଆସ କରିଥିବେ । ଅନେକ ଲୋକ ଯାଆନ୍ତି ସେଠିକି । କିନ୍ତୁ କେହି ତା' ଆଡ଼କୁ ଦୃଷ୍ଟି ଦିଅନ୍ତି ନାହିଁ। ଆପଣ ବି ତାକୁ ଲକ୍ଷ୍ୟ କରି ନ ଥିବେ ।

ମୁଁ ତାହାରି କଥା କହୁଛି ।

ସେଇ ଗଳିରେ ଆପଣଙ୍କ ନୟନ-ମନକୁ ଟାଣିନେଲା ଭଳି ଆପଣ ଅନେକ ଉପାଦାନ ପାଇବେ, ଆପଣଙ୍କ ଯୌନକ୍ଷୁଧାକୁ ଉଦ୍ଦୀପିତ କଲା ଭଳି ପାଇବେ ବହୁତ ଖୋରାକ୍ । କେତେ ବଡ଼ ବଡ଼ ଧୃଷ୍ଟ ଆଖି, କେତେ ଉନ୍ନତ ବୁକୁ, କେତେ ସଜ୍ଜିତ ସୁବାସିତ କବରୀ, କେତେ ବେପଥୁମାନ ସୁଗୋଲ ନିତମ୍ବ, ଆଉ ଜଙ୍ଘାମାଂସର ଅର୍ଦ୍ଧନଗ୍ନ

Digitized by srujanika@gmail.com

ଦେହ । କିନ୍ତୁ ତା'ଠାରେ ଏସବୁ ଆକର୍ଷଣୀୟ ଉପାଦାନ ନାହିଁ । ଖାଲି ଯାହା ତା'ର ପିଲାଳିଆ ସୁନ୍ଦର ମୁର୍ତ୍ତିଟି—ଶାନ୍ତ, ଲାବଣ୍ୟଭରା, ସକାଳର ସଜଫୁଟା ପଦ୍ମଫୁଲଟି ସତେକି ! ଆଖି ଯୋଡ଼ାକ ଭଯାଣିଆ, ଛଳଛଳ, ଜଗତର ସମସ୍ତ କାରୁଣ୍ୟରେ ଯେପରି ପରିପୂର୍ଣ୍ଣ !

ସେହି ଅଳପବୟସୀ ଝିଅଟି—ଅନାଡ଼ମ୍ବର, ଅନାକର୍ଷଣୀୟ । ଗଳିର ଜନସ୍ରୋତ ଭିତରେ ସେ ଯେପରି ଏକ ନିପାତନ—ପରମ୍ପରା ମଧ୍ୟରେ ବ୍ୟତିକ୍ରମ । ତାକୁ ଦେଖିଛନ୍ତି ଆପଣ ?

ନାଁ ତାହାର ସାବି—ସାବିତ୍ରୀ, ଘର କଟକ ଜିଲ୍ଲା ଟାଙ୍ଗି ପାଖରେ ଗୋଟାଏ କି ଗାଁ ବୋଲି କହିଥିଲି, ମନେ ନାହିଁ ।

ଟାଙ୍ଗିର ମଫସଲ ଓଡ଼ିଆ ଝିଅ ଆସି କଲିକତା ମହାନଗରୀରେ କାହିଁକି ? ମା' ଗଙ୍ଗାକାଳୀଙ୍କ ଦର୍ଶନ ପାଇଁ ନୁହେଁ—ଯାଦୁ କୋଠି, କି ଚିଡ଼ିଆଖାନା ଦେଖିବା ପାଇଁ ନୁହେ—ଖାଲି ଫୁର୍ତ୍ତିରେ ରହିବା ପାଇଁ ବି ନୁହେଁ । ତେବେ କାହିଁକି ?

ସେଇ କଥା ହିଁ କହୁଛୁ ।

—"ଆପଣ ମୋ କଥା ଶୁଣିବେ ? ଶୁଣି ପାରିବେ ?" କହୁଁ କହୁଁ ସାବିତ୍ରୀ ମୋ ଆଗରେ ଅଶ୍ରୁମୋଚନ କରିବାକୁ ଲାଗିଲି ନୀରବରେ ।

ହରଣ ମୁଖାର୍ଜି ରୋଡ଼ର ସେଇ ରୋମାଞ୍ଚକର ସରୁଗଳିଟା ଅତିକ୍ରମ କରୁଥିଲି ବେଳେ ହେଉନ ସାବିତ୍ରୀର ସେଇ ଲୋଭନୀୟ ଆଖି ଯୋଡ଼ାକ ମୋତେ ଅଟକାଇ ରଖିଲା । ଅଃ ··କି ପ୍ରଭାବଶାଳୀ ସେ ଆଖି ଯୋଡ଼ିକ ! ଯେପରି ଅତି ଅନ୍ତରଙ୍ଗ କଥା କିଛି ମୋତେ ନିବେଦନ କରିବାକୁ ଚାହେଁ !

ମୁଁ ଗଲି ।

ତା'ପରେ ସେଇ ଅଭାଗିନୀ ଯୁବତୀଟିର ଗତ ଦୁଇ ମାସର ଜୀବନ-ପୃଷ୍ଠା ଗୋଟିକି ପରେ ଗୋଟିଏ ଖୋଲି ଦେଖିଲି ନୟନ ଲୋତକରେ ଭିଜା, ହୃଦୟ କାରୁଣ୍ୟରେ ବୋଳା ସେ ପୃଷ୍ଠାଗୁଡ଼ିକ·····

ସାବିତ୍ରୀ, କଟକ ଜିଲ୍ଲା ଟାଙ୍ଗିର ସୁରେନ୍ଦ୍ର ବରାଳର ନବ ବିବାହିତା ଯୁବତୀ ପୁଣି ସ୍ତ୍ରୀ ସାବିତ୍ରୀ ୧.୫ଙ୍କର ହୃତ ତତ୍ୟବାନ ସ୍ୱାମୀଙ୍କୁ ସେ ଯେପରି ଯମ ମୁଖରୁ ଉଦ୍ଧାର କରିବା ଲାଗି ଶପଥ ପ୍ରତିଜ୍ଞା ଧରି ଆସିଛି !

Digitized by srujanika@gmail.com

॥ ୬୬ ॥

ନିବିଡ଼ ଅରଣ୍ୟ । କଣ୍ଟକମୟ ବନ୍ଧୁର ପଥ । ଚାରି ଦିଗରୁ କେତେ ହିଂସ୍ର ଜାନୁଆର୍ ଜିଭ ଲହଲହ କରି ମାଡ଼ି ଆସୁଛନ୍ତି । ସାହାଭରସା କେହି ନାହିଁ । ସାବିତ୍ରୀ ଏକାକିନୀ । କିନ୍ତୁ ସେ ଧୈର୍ଯ୍ୟହୀନା ନୁହେଁ—ସାହସ ହରାଇ ନାହିଁ । ଲକ୍ଷ୍ୟ ପଥରେ ଆଗେଇ ଯାଉ ଯାଉ ହଠାତ୍ ସେ ଏକ ହିଂସ୍ର ଜାନୁଆରର ଶିକାର ହୋଇଛି । ହା ବିଧାତା !

—"ଆପଣ ମୋର ବାପ ସମାନ, ମୋତେ ଏ ନରକ ପୁରୀରୁ ଉଦ୍ଧାର କରନ୍ତୁ । ମୋତେ ବଞ୍ଚାନ୍ତୁ ।" ସାବିତ୍ରୀ ମୋର ପାଦ ଯୋଡ଼ିକ ଜାବୁଡ଼ି ଧରି କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲା ।

ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲି । ଦୁଃଖ ଓ ବିସ୍ମୟରେ ମୁଣ୍ଡ ମୋର ଗୋଳମାଳ ହୋଇ ଯାଇଥାଏ । ପ୍ରାଣରେ ପ୍ରଚଣ୍ଡ ବିକ୍ଷୋଭ । ସାବିତ୍ରୀ ଭୂଇଁରେ ପଡ଼ି ସେହିପରି କାନ୍ଦୁଥାଏ । ସୁସଜ୍ଜିତ ପଲଙ୍କ ତାହାର ପଡ଼ିଥାଏ ଖାଲି । ପାଖରେ ଡ୍ରେସିଂ ଟେବୁଲ୍ ଉପରେ ନାନା ରକମର ପ୍ରସାଧନ ସାମଗ୍ରୀ । ଯେପରି ଷ୍ଟ୍ରେଟକାଟର ଏକ ମନୋହାରୀ ଦୋକାନ । କାନ୍ଥରେ ଝୁଲୁଥାଏ ଫିରିସୀ ଓ ଚୀନା ଯୁବତୀମାନଙ୍କର ବଡ଼ ବଡ଼ ଉଲଗ୍ନ ଚିତ୍ରପଟ । ଶସ୍ତା କେମିକାଲ୍ ଅତରର ଗନ୍ଧ ଘର ସାରା ଖେଳି ବୁଲୁଥାଏ । ସେଇ ଘରର—କଲିକତା ମହାନଗରୀର ଏକ କ୍ଷୁଦ୍ରାଦପି କ୍ଷୁଦ୍ର କୋଣର ଶ୍ରୀବୃଦ୍ଧି କରିବାକୁ ସଦ୍ୟ ଯାଇଥାଏ ସାବିତ୍ରୀ ।

ଶୁଣିଛନ୍ତି ଆପଣ ? ଏ ଦେଶର ଚିଲିକା ମାଛ ସହିତ, ଉନ୍ନତ ବନ୍ୟ ସମ୍ପଦ ଆଉ ସ୍ୱଚ୍ଛଳ ଶ୍ରମିକ ଶକ୍ତି ସହିତ, ଏଇପରି କେତେ ଯେ ସାବିତ୍ରୀ କଲିକତା କାଳିମାଟିର ଶ୍ରୀବୃଦ୍ଧି ପାଇଁ ରପ୍ତାନି ହୋଇଯାନ୍ତି, ତାହାର ଖବର ରଖିଛନ୍ତି ? ଦୁଇ ମାସ ତଳେ ସାବିତ୍ରୀକି ସେହିପରି ରପ୍ତାନି କରିଥିଲା ଟାଙ୍ଗିର କଲିକତା ଟାଉଟର ଗୁଣ୍ଡା ନଟ ମହାନ୍ତି ।

—"ନଟ ମହାନ୍ତି ମୋତେ କେତେ ଭରସା ଦେଇଥିଲା । ତାଙ୍କ ପାଖରେ ମୋତେ ଅଣି ପହଞ୍ଚାଇ ଦେବ । ବିଭାଘର ଅଷ୍ଟମଙ୍ଗଳା ପରେ ପନ୍ଦରଦିନ ଛୁଟି ପୂରେଇ ସେ କଲିକତା ଚାଲିଗଲେ । ବର୍ଷେ ହେଲା ଆଉ ଚିଠିପତ୍ର ଦେଲେ ନାହିଁ, କି ଘରକୁ ଫେରିବାକୁ ମନ କଲେ ନାହିଁ । ଏଣେ କଳହୁଡ଼ୀ ଶାଶୁ ଗଞ୍ଜଣାରେ ମୁଁ ପୋଡ଼ି ଜଳି ମରୁଥିଲି । ଏତିକିବେଳେ ନଟ ମହାନ୍ତି ପହଞ୍ଚି କେତେ ଆଶା ଦେଖାଇଲା, ମହାପ୍ରସାଦ ଛୁଆଁଇ ମୋତେ ଧରମ ଭଉଣୀ କଲା । ମୁଁ ତାହାରି ବିଶ୍ୱାସରେ ଦିନେ ରାତି ଅଧରେ ଘରୁ ଗୋଡ଼ କାଢ଼ି ବାହାରି ଆସିଲି । ତା' ପରେ·····"

"ଆଉ ସାବିତ୍ରୀ, ଆଉ ! ଆଉ ସେ ସବୁ ଶୁଣି ହେବ ନାହିଁ । ତୁମେ ଥୟ ଧର ।" ତାକୁ ଆଶ୍ୱାସନା ଦେଇ ଭୂଇଁରୁ ଉଠାଇ ବସାଇଲି ।

Digitized by srujanika@gmail.com

ସାବିତ୍ରୀ ଟିକିଏ ଶାନ୍ତ ହୋଇ କହିଲା—"ନିଜର ପରିଚିତ ମାଉସୀ ଘର ବୋଲି କହି ନଟ ମହାନ୍ତି ମୋତେ ଏଇଠି ଏ ବୁଢ଼ୀ ପାଖରେ ଛାଡ଼ି ଦେଇଗଲା, ଗଲା ହରିସନ୍ ରୋଡ଼ରୁ ତାଙ୍କୁ ଡାକି ଆଣିବା ପାଇଁ ! ଆଉ ସେ ଅକପେଇସା ଫେରିଲା ନାହିଁ । ମୋତେ ଏ ବୁଢ଼ୀ ଆଗେ ଚେଷ୍ଟାରେ ଲଗାଇଲା, ଅଇଁଠା କଂସାବାସନ ଧୁଆ କରେଇଲା, ଘର ସଜାସଜି କରିବାକୁ ବାଧ୍ୟ କଲା । ମୁଁ ଯେତେବେଳେ ପ୍ରକୃତ କଥାଟା ଜାଣି ପାରିଲି, ସେତେବେଳେ ମୋ ପାଇଁ ସବୁ ବାଟ ବନ୍ଦ । ମୋ ଗୋଡ଼ରେ ବେଡ଼ି, ପିଠିରେ କୋରଡ଼ା । ଶେଷରେ ନାଗ୍ଭର ହୋଇ·····"

ଛାତିରେ ଯେପରି ଗୁରୁ ବେଦନା ଅନୁଭବ କଲା ସାବିତ୍ରୀ । ଦୁଇ ହାତରେ ଛାତିଟାକୁ ଚାପି ଧରି ସେ ବିଛଣା ଉପରେ ମୁହଁ ମାଡ଼ି ଦେଲା ଏବଂ ବିକଳ ହୋଇ କହିଲା—"ମୋତେ ଆପଣ ଏଠାରୁ ନେଇ ଚାଲନ୍ତୁ, ନୋହିଲେ ମୁଁ ଏଇମିତି ଛଟପଟ ହୋଇ ମରିବି ।'

ମୁଁ ତାକୁ ବହୁତ ବୁଝାସୁଝା କରି ତା' ସ୍ୱାମୀର ଠିକଣା ନେଇ ଉଠିଲି । ବହୁ କଷ୍ଟରେ ହରିସନ ରୋଡ଼୍‌ର ଏକ ବଡ଼ ଲୁଗା ଦୋକାନରେ ସୁରେନ୍ଦ୍ର ବରାଳର ଖବର ମିଳିଲା । ଜଣେ ପୁଞ୍ଜିପତି ମାରୱାଡ଼ୀଙ୍କର ବିଶ୍ୱସ୍ତ କର୍ମଚାରୀ ସେ । ମାରୱାଡ଼ୀ ଶେଠ୍‌ଙ୍କ ବାସ ଭବନରେ ରହି ସେ ହରିସନ୍ ରୋଡ଼୍‌ସ୍ଥ ତାଙ୍କର ଲୁଗା ଦୋକାନର ବିକେତା ଥିଲା । ଶେଠ୍‌ଙ୍କ ଝିଅ ସହିତ ସେ ପ୍ରେମାସକ୍ତ ଥିବାର ଜାଣି ଏବେ ଶେଠ୍‌ଜୀ ତାକୁ ନିଜର ବର୍ତ୍ତମାନ ସହରସ୍ଥ ଦୋକାନକୁ ବଦଳି କରି ଦେଇଛନ୍ତି ।

ଅଗତ୍ୟା ସେଇ ମାରୱାଡ଼ୀ ଭଦ୍ରଲୋକଙ୍କୁ ସାକ୍ଷାତ କରି ସବୁ କଥା ବିସ୍ତାରିତ ଭାବରେ ତାଙ୍କ ଆଗରେ ବର୍ଣ୍ଣନା କଲି ଏବଂ ବିନୀତ ଭାବରେ ଦୁଇଟି ପ୍ରାଣୀର ଜୀବନ ଭିକ୍ଷା କଲି । ଦୟାଶୀଳ ଶେଠଜୀ ଏ ଦୁଇଟି ଜୀବନ ଉଦ୍ଧାର ପାଇଁ ମୋତେ ନିର୍ଭର ପ୍ରତିଶ୍ରୁତି ଦେଲେ ।

ମୁଁ ନିଶ୍ଚିନ୍ତ ନିଶ୍ୱାସ ପକାଇଲି ।

ଶେଷରେ ସାବିତ୍ରୀର ହିଁ ଜୟ ହେଲା । ସେହି ନରକପୁରୀରୁ ତାକୁ ଉଦ୍ଧାର କରିବାକୁ ଯାଇ ପ୍ରତିପତ୍ତିଶାଳୀ ଶେଠଜୀଙ୍କର କିଛି ଅର୍ଥବ୍ୟୟ ହେଲା, ମାନହାନି ବି ହେଲା । ସାବିତ୍ରୀର ଅଗ୍ନିପରୀକ୍ଷାରେ ନବଜନ୍ମ ହେଲା ସୁରେନ୍ଦ୍ର ବରାଳର । ଏଇ ବୋଧହୁଏ ସତୀ ସାବିତ୍ରୀର ପ୍ରକୃତ 'ସତ୍ୟବାନ' ।

କିନ୍ତୁ ନଟ ମହାନ୍ତି ? ତାହାର ତ ସନ୍ଧାନ ମିଳିଲା ନାହିଁ !

ଆପଣ ତାକୁ କେବେ କେଉଁଠି ଦେଖିଛନ୍ତି କି ? ଡେଙ୍ଗା ହୋଇ ଶ୍ୟାମଳ ବର୍ଣ୍ଣର ପତଳା ଲୋକଟା, ନାକତଳେ ପ୍ରଜାପତିଆ ନିଶ । ତାହାଣ ଆଖିଟା ଟିକିଏ ଟେରା । ପୋଲିସ୍‌ରେ ଖବର ଦିଆଯାଇଛି, ଖୋଜା ଚାଲିଛି ।

ଏ ଯୁଗରେ ଯମର ବି ଯମ ଅଛି; ଯିବ କୁଆଡ଼େ ସେ !

●

Digitized by srujanika@gmail.com

ମିସ୍ ତନିମା ମହାନ୍ତି

ମିସ୍ ତନିମା ମହାନ୍ତିଙ୍କ ଆଖିରେ ଆଜି ଅଶ୍ରୁ ।

ସେ କାନ୍ଦୁଛନ୍ତି । ଯେଉଁ ଆଖି ଚିରଦିନ ହାସ୍ୟୋଜ୍ଜ୍ୱଳ ଓ ଚଳଚଞ୍ଚଳ— ଯେଉଁ ମଦିର ନୟନ-ଭଙ୍ଗୀରେ କେତେ ଯୁବକ-ଚିତ୍ତ ମୁଗ୍‌ଧ, ଉନ୍ମତ୍ତ, ସେହି ନୟନର ଲୁହ-ପଖାଳା ପକ୍ଷ୍ମ ଉପରେ ଆଜି ବେଦନାର ବେପଥୁମାନ୍ ବିନ୍ଦୁ !

—କାନ୍ଦନା ତନୁ ! ବିରହ, ବିଚ୍ଛେଦ, ଏସବୁ କାବ୍ୟ ଉପନ୍ୟାସର ନିରର୍ଥକ ଶବ୍ଦ-ବିନ୍ୟାସ ମାତ୍ର । ପ୍ରେମିକ ପ୍ରବାସୀ ହେଲେ, ପ୍ରେମିକା ଯେ ବିରହ ଜ୍ୱାଳାରେ ଦହ୍ୟମାନ ହେବ—ଏହାର କୌଣସି କାରଣ ନାହିଁ । ବିଶେଷତଃ ଏ ଟେଲିଫୋନ, ଟେଲିଭିଜନ୍ ଯୁଗରେ ବାସ, ପ୍ରବାସର କଳ୍ପନା ନିତାନ୍ତ ନିରର୍ଥକ । ତୁମେ ଦୁଃଖ କରନା ! ଏ ବିଚ୍ଛେଦ ଆମର ଆସନ୍ନ ମିଳନର ମଙ୍ଗଳ ଅଧିବାସ ମାତ୍ର ।

—ଏସବୁ କଥା କହି ମୋତେ ଭୁଲାଅନା ସୁଶାନ୍ତ ବାବୁ । ଏ ଦୀର୍ଘ ଛ'ମାସ କାଳ ତୁମକୁ ଛାଡ଼ି ରହିବା ମୋ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ ।

Digitized by srujanika@gmail.com

—କିନ୍ତୁ ଅସମ୍ଭବ ନୁହେଁ ତନୁ । ବିଶେଷତଃ ତମପରି ଆଧୁନିକା ଶିକ୍ଷିତା ଯୁବତୀଙ୍କ ପକ୍ଷରେ । ଯାଅ ! ମୁଁ ତୁମକୁ ଯେଉଁ କର୍ମପନ୍ଥାର ନିର୍ଦ୍ଦେଶ ଦେଇଛି, ତାହାରି ମଧ୍ୟରେ ନିମଗ୍ନ ରହି ଦିନରାତି କାମରେ ଲାଗି ରହିଲେ, ମୋ କଥା ଭୁଲି ହୋଇଯିବ ।

—ତୁମ କଥା ଭୁଲିପାରିବି ? ନା-ନା-ନା—

ମିସ୍ ମହାନ୍ତି ହେଣ୍ଡ୍-ଭିଜା ରୁମାଲ କୋଣରେ ଲୁହ ପୋଛିଲେ । ସହରର ପ୍ରତିପତ୍ତିଶାଳୀ ଧନୀକ ଓକିଲଙ୍କ କନ୍ୟା ସେ— ସୁନ୍ଦରୀ, ସ୍ୱାସ୍ଥ୍ୟବତୀ । କଲେଜ ଜୀବନରୁ ସୁଶାନ୍ତ ବାବୁଙ୍କ ପ୍ରତି ତାଙ୍କର ଗଭୀର ଅନୁରକ୍ତି । ସୁଶାନ୍ତ ନାୟକ ବିଶିଷ୍ଟ ଗାନ୍ଧୀବାଦୀ, ଦେଶସେବକ, ପୁଣି ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର । କୃଷି ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସେ ଯେତେବେଳେ ବିଶ୍ୱବିଦ୍ୟାଳୟର ଦୁଆର ବନ୍ଧ ଡେଇଁଲେ, ସେତେବେଳେ ସମସ୍ତେ ଆଶା କରିଥିଲେ ଯେ—ସୁଶାନ୍ତ ବାବୁ ଭାରତ ସରକାରଙ୍କ ଅଧୀନରେ ଜଣେ ଉଚ୍ଚପାହ୍ୟା ଅଫିସର୍ ହୋଇ ବସିଯିବେ । କିନ୍ତୁ ଚାକିରିପ୍ରତି ତାଙ୍କର ଆଦୌ ମୋହ ନଥିଲା । ସେ ବାଛିନେଲେ ନିଜର ସ୍ୱାଧୀନ କର୍ମପନ୍ଥା । କାହିଁ ଦିଲ୍ଲୀ, କାହିଁ ଓଡ଼ିଶାର ଏକ ଅଖ୍ୟାତ ମଫସଲ ଗାଁ' ମୁଣ୍ଡାବଳି । ସେଇଠି ସେ ଆରମ୍ଭ କଲେ ଏକ ବିରାଟ କୃଷିଫାର୍ମ୍ । ମୋଟେ ଦୁଇଟା ବର୍ଷ ଭିତରେ ଫାର୍ମରେ ଭଲ ଫସଲ ଉତ୍ପାଦନ କରି ସେ ଦେଶବାସୀ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି-ପାରିଛନ୍ତି । ଏବେ ଉନ୍ନତ ଧରଣର କୃଷି ବିଷୟରେ ଗବେଷଣା କରିବା ଲାଗି ସରକାରଙ୍କ ତରଫରୁ ସେ ଆମେରିକା ଯାଉଛନ୍ତି । ଏହି ସୌମ୍ୟ ଦର୍ଶନ, ଉଚ୍ଚ ଶିକ୍ଷିତ କର୍ମଠ ଯୁବକଙ୍କୁ ଜୀବନର ସାଥୀ ରୂପେ ପାଇବା ପାଇଁ ମିସ୍ ମହାନ୍ତି ବହୁ ଦିନରୁ ଲାଳାୟିତ; କିନ୍ତୁ ତାଙ୍କର 'ସହଧର୍ମିଣୀ' ହେବାଲାଗି ସେ ଟିକିଏ କୁଣ୍ଠାବୋଧ କରନ୍ତି । ସହରର 'ସୋସାଇଟି' 'ଆସୋସିଏସନ୍' ଛାଡ଼ି ସେ ମଫସଲ ପଲ୍ଲୀରେ କିପରି ଯାଇ ନୀରସ, ରୁକ୍ଷ ଜୀବନ ଯାପନ କରିବେ ? ସେଠି ତ ନାହିଁ କ୍ଲବ୍, ପାର୍ଟି—ନାହିଁ ସିନେମା, ଥିଏଟର । ଅସ୍ୱାସ୍ଥ୍ୟକର କୃଷ ଜମିର ବଣ ଖମାଣ ଭିତରେ—ନାଷ୍ଟି ମଲାମୁଣ୍ଡିଆ କୃଷୀଙ୍କ ସଙ୍ଗରେ ସେ କିପରି ବଞ୍ଚିବେ ! ସହରର ଅଭିଜାତ ଦୁଲାଳୀ ମିସ୍ ତନିମା ମହାନ୍ତିଙ୍କ ପକ୍ଷରେ ଅସହ୍ୟ ସେ ଜୀବନ । କିନ୍ତୁ ସୁଶାନ୍ତକୁ 'ଆପଣାର' କରି ପାଇବାକୁ ହେଲେ, ତାଙ୍କ ସହିତ ସୁଦୂର ମଫସଲରେ ରହି 'ତାପସିକ ଜୀବନ' ଯାପନ କରିବା-ଛଡ଼ା ମିସ୍ ମହାନ୍ତିଙ୍କର ଆଉ ସେ ଗତ୍ୟନ୍ତର ନାହିଁ !

ଆଦର୍ଶବାଦୀ ସୁଶାନ୍ତ ବରାବର କହନ୍ତି—"ତାପସିକ ଜୀବନ ହିଁ ବଞ୍ଚିବାର କଳା ।"

Digitized by srujanika@gmail.com

ମିଶ୍ର ମହାନ୍ତି ଏ କଥାରେ ବରାବର ଯୁକ୍ତି କରନ୍ତି—"ଏ ବୈଦିକ ଯୁଗ ନୁହେଁ ସୁଶାନ୍ତବାବୁ, ତମେ ସମାଜରେ ରହି ମଧ୍ୟ ଶୁଦ୍ଧପୂତ ତାପସ ବ୍ରତ ପାଳନ କରି ପାରିବ । ବିଂଶ ଶତାବ୍ଦୀର ଏ ପ୍ରଗତିଶୀଳ ବିଜ୍ଞାନଯୁଗ—ଯାନ୍ତ୍ରିକତାର ଯୁଗ । ନଗର ଜୀବନ ହିଁ ଏ ଯୁଗ ସଭ୍ୟତାର ପ୍ରତିଭୂ !"

"ନଗର-ସର୍ବସ୍ୱ ପାଶ୍ଚାତ୍ୟ ଦେଶମାନଙ୍କରେ ତାହା ହୋଇପାରେ ତନୁ ! କିନ୍ତୁ ଗ୍ରାମ-ବହୁଳ ଭାରତ ବର୍ଷରେ ପଲ୍ଲୀର ସରଳ ସୁନ୍ଦର ଜୀବନ ହିଁ ଆମ ସଭ୍ୟତାର ବାହକ ଓ ଧାରକ । ତେଣୁ ମହାତ୍ମା ଗାନ୍ଧୀ........"

—"ମହାତ୍ମା ଗାନ୍ଧୀ କ'ଣ କହିଥିଲେ ମୁଁ ଶୁଣିବାକୁ ଚାହେଁନା । ମୋ ନିଜ ଅନୁଭବ ଓ ବିଚାର ବୁଦ୍ଧି ବଳରେ ମୁଁ ଜାଣିଛି—ଆଜିର ସମାଜରେ ପୂର୍ବର ସେଇ ତାପସିକ ଜୀବନ-ଯାପନ କରିବା ଅସମ୍ଭବ, ଅନାବଶ୍ୟକ ମଧ୍ୟ ।"

"ଏ ତୁମର ସଙ୍କୀର୍ଣ୍ଣ ବ୍ୟକ୍ତିଗତ ଅଭିମତ ତନୁ !" ଯୁକ୍ତି ବଢ଼ି ବଢ଼ି ମତାନ୍ତର ଉପୁଜି ପାରେ—ଏଇ ଭୟରେ ନୀରବ ରହନ୍ତି ତନିମା ।

× × × ×

ସୁଶାନ୍ତ ଆମେରିକା ଚାଲିଗଲେ । ଗଲାବେଳେ ମିଶ୍ର ମହାନ୍ତି ନିଜ ପ୍ରେମର ଅଭିଜ୍ଞାନ ସ୍ୱରୂପ ନିଜର ଏକ ନାମାଙ୍କିତ ମୁଦ୍ରିକା ତାଙ୍କ ହସ୍ତରେ ପିନ୍ଧାଇ ଦେଇଥିଲେ ଏବଂ ଆକୁଳ ଭାବେ ଆତ୍ମ ନିବେଦନ କରିଥିଲେ — ମୋତେ ଭୁଲିବନି ସୁଶାନ୍ତ ବାବୁ ।

ସୁଶାନ୍ତ ଭୁଲି ନାହାନ୍ତି, ତନିମାଙ୍କ ନିକଟକୁ ସେ ନିୟମିତ ଚିଠି ଦିଅନ୍ତି ଏବଂ ପ୍ରତି ଚିଠିରେ ପଚାରି ପଠାନ୍ତି—ମୁଣ୍ଡାବଳିର ପଲ୍ଲୀ ଅଞ୍ଚଳରେ ସେ କିପରି ଭାବରେ ତାଙ୍କର କର୍ମପନ୍ଥା ପାଳନ କରୁଛନ୍ତି ।

ମିଶ୍ର ମହାନ୍ତି ସହରର ପ୍ରାସାଦ ଭିତରେ ବିଜୁଳି ବତୀ, ବିଜୁଳି ପଙ୍ଖା ତଳେ ବସି ତାର ଉତ୍ତର ଲେଖନ୍ତି—ମୁଣ୍ଡାବଳି ଅଞ୍ଚଳକୁ ମୁଁ ମାସରେ ଥରେ ଦୁଇଥର ବୁଲି ଯାଉଛି । ଆମର ଉତ୍ସାହୀ କର୍ମୀମାନଙ୍କ ସଙ୍ଗରେ ଘେନି ଘରେ ଘରେ ଔଷଧ ବାଣ୍ଟୁଛି—ରାସ୍ତା, ଘାଟ, ପୋଖରୀ, ଅଳିଆ ଗଦା ସଫା କରାଉଛି—ଲୋକମାନଙ୍କୁ ସ୍ୱାସ୍ଥ୍ୟରକ୍ଷାର ମୌଳିକ ନିୟମ ମାନ ବୁଝାଉଛି । ସ୍ଥାନେ ସ୍ଥାନେ ନୈଶ ବିଦ୍ୟାଳୟମାନ ବସାଇ ନିରକ୍ଷର ଲୋକଙ୍କୁ ସାକ୍ଷର କରିବାର ଉଦ୍ୟମ କରୁଛି । ମୋ ଯିବାଦ୍ୱାରା ସେଠାକାର ଲୋକମାନେ ସବୁ କାର୍ଯ୍ୟରେ ବିଶେଷ ଉତ୍ସାହ ପ୍ରକାଶ କରୁଛନ୍ତି ।

Digitized by srujanika@gmail.com

ଏପରି ଚିଠିରେ ସୁଶାନ୍ତ ମନେ ମନେ ଖୁବ୍ ଆନନ୍ଦିତ ହୁଅନ୍ତି, କାରଣ ତାଙ୍କର ମହତ୍ତ୍ୱ ଆଦର୍ଶରେ ହିଁ ତନିମା ନିଜକୁ ଗଢ଼ି ପାରିଛନ୍ତି । ସହଧର୍ମିଣୀ ହୋଇ ପାରିଲେ ତେଣିକି ପତ୍ନୀ ହେବାକୁ ଆଉ ଅସୁବିଧା ନାହିଁ ।

ଛ' ମାସ ପରେ ସୁଶାନ୍ତ ସ୍ୱଦେଶକୁ ବାହୁଡ଼ିଲେ । ଫାଲ୍‌ଗୁନର ଏକ ମଙ୍ଗଳ ଲଗ୍ନରେ ତନିମାଙ୍କ ସହିତ ତାଙ୍କର ମିଳନ ହେଲା—ପ୍ରଜାପତି ମିଳନ—ଯଥା ନଳସ୍ୟ ଦମୟନ୍ତୀ.....

ଠିକ୍ ବିବାହର ପରେ ପରେ ତନିମା ପ୍ରସ୍ତାବ କଲେ—ପ୍ରିୟତମ, ଚାଲ ଭୂସ୍ୱର୍ଗ କାଶ୍ମୀରରେ ଆମର ମଧୁଚନ୍ଦ୍ରିକା ଯାପନ କରିବା ।

ସୁଶାନ୍ତଙ୍କ ମୁଖରେ ସ୍ମିତହାସ୍ୟ ଖେଳିଗଲା—"କାଶ୍ମୀର ଭୂସ୍ୱର୍ଗ ହେଲା, ଚେଷ୍ଟା କଲେ ମୁଣ୍ଡାବଳି କାହିଁକି ନହେବ ତନୁ ! ଚାଲ, ମୋର ସେଇ ସ୍ୱପ୍ନର କାଶ୍ମୀରରେ ହିଁ ମଧୁଚନ୍ଦ୍ରିକା ଯାପନ କରିବା ।"

ଏ ପ୍ରସ୍ତାବରେ ତନିମାଙ୍କର ଆନ୍ତରିକ ସମର୍ଥନ ନଥିଲେ ମଧ୍ୟ ସେ ବାଧ୍ୟ ହୋଇ ମୁଣ୍ଡାବଳି ଯାତ୍ରାଲାଗି ପ୍ରସ୍ତୁତ ହେଲେ ।

ଶକ୍ତିଘାଟ ରେଲୱେ ଷ୍ଟେସନ୍‌ରେ ଓହ୍ଲାଇ ସେମାନେ ଶଗଡ଼ ବ୍ୟବସ୍ଥା କଲେ । ଶକ୍ତିଘାଟ ଠାରୁ ମୁଣ୍ଡାବଳି—ଦୀର୍ଘ ବାର ମାଇଲ କଚ୍ଚା ରାସ୍ତା । ଶଗଡ଼ ବ୍ୟତୀତ ଅନ୍ୟ କୌଣସି ଯାନ ବାହନ ନାହିଁ । ତନିମା ଭାବିଥିଲେ—ରେଳଗାଡ଼ିରୁ ଓହ୍ଲାଇବା କ୍ଷଣି ସେମାନଙ୍କ ଲାଗି ପ୍ଲାଟଫର୍ମ୍ ମୁହଁରେ ସୁସଜ୍ଜିତ ମୋଟର କାର୍ ଠିଆ ହୋଇଥିବ । କିନ୍ତୁ ସେ ନିରାଶ ହେଲେ । ସଭୟରେ ଶଗଡ଼ ଉପରକୁ ଉଠୁଁ ଉଠୁଁ ତାଙ୍କର ଡାହାଣ ଗୋଡ଼ର କାଣି ଅଙ୍ଗୁଳିଟି ଶଗଡ଼ ଦଣ୍ଡାରେ ଛେଚା ହୋଇ ଜଖମ ହୋଇଗଲା । ବେଦନାରେ ଆଖି ତାଙ୍କର ଲୁହ ଛଳଛଳ ହୋଇ ଉଠିଲା । ସେ ଦୁଃଖ ଓ ବିରକ୍ତିରେ କହି ପକାଇଲେ—"ବାପାଙ୍କୁ କହି ଆମ କାର୍‌ଟା ଘେନି ଆସିଥିଲେ ହୋଇ ନଥାନ୍ତା !"

—"ତୁମେ ପରା ମୁଣ୍ଡାବଳି କେତେଥର ଯାଇଛ ତନୁ ! କଚ୍ଚା ରାସ୍ତା, ବାଟରେ ପୁଣି ଦୁଇ ତିନିଟା ନଈ । କିପରି ସେ ଅଞ୍ଚଳକୁ ମୋଟରକାର୍ ଯିବ ! ବିଦେଶ ଯିବା ପୂର୍ବରୁ ମୁଁ ଲାଗିପଡ଼ି ଗୋଟିଏ ନଈରେ ପୋଲ ତିଆରି କରାଇଥିଲି । ଏଥର ଆଉ ନଈରେ ପୋଲ କରାଇ ଦେଲେ, ତେଣିକି କାର୍ ଯା-ଆସ କରି ପାରିବ ।"

Digitized by srujanika@gmail.com

ଚନ୍ଦ୍ରମା ନିରୁତ୍ତର ହୋଇ ଶଗଡ଼ ଭିତରେ ବଡ଼ ଅସ୍ୱସ୍ତିକର ମନରେ ବସି ରହିଲେ ।

ବାଟରେ ପଡ଼ିଲା ନଈ । ନଈ ବାଲିରେ ଶଗଡ଼ ଗୁଳିଗଲା । ଅଗତ୍ୟା ଦୁହିଁଙ୍କୁ ଶଗଡ଼ରୁ ଓହ୍ଲାଇ ପାଦରେ ନଈପାଣି ପାର ହେବାକୁ ପଡ଼ିଲା । ଫଗୁଣ ମାସ । ନଈରେ ଅଣ୍ଠୁଏ ପାଣି । କିନ୍ତୁ କୁମ୍ଭୀର ଓ ସାପ ଭୟରେ ଚନ୍ଦ୍ରମା ପାଣିରେ ପଶିବାକୁ ରାଜି ହେଲେ ନାହିଁ ।

"ଏଠି କୁମ୍ଭୀର ନାହାନ୍ତି"—ବୋଲି ସୁଶାନ୍ତ ତାଙ୍କୁ ଯେତେ ବୁଝାଇଲେ, ତହିଁରେ ମୋଟେ କର୍ଣ୍ଣପାତ କଲେ ନାହିଁ । ଶେଷରେ ତାଙ୍କ ଲାଗି ସବାରୀର ବ୍ୟବସ୍ଥା କରାଗଲା ।

× × × ×

ମୁଣ୍ଡାବଲି- ସୁଶାନ୍ତଙ୍କ ସ୍ୱପ୍ନର କାଶ୍ମୀର । ଚାରିଆଡ଼େ ସବୁଜ ବନରେ ଆଚ୍ଛାଦିତ ଶ୍ରେଷ୍ଠ ବଡ଼ ପର୍ବତ ଶ୍ରେଣୀ, ତା'ଭିତରେ ଲୀଳା-ଚପଳା କିଶୋରୀ ପରି ସାନ ସାନ ଝରଣା କୁଳୁକୁଳୁ ନାଦରେ କାହିଁ କୁଆଡ଼େ ବହି ଯାଉଛି । ଜାତି ଜାତିକା ଗଛ —ଜାତି ଜାତିକା ଲତାକୁଞ୍ଜରେ ନେଳନ୍ତି ନେଳନ୍ତି ଫୁଲ ଫଳ, ଡାଳେ ଡାଳେ ପକ୍ଷୀମାନଙ୍କର କଳକୂଜନ । ଅପୂର୍ବ ସେ ଶୋଭା !

ସେହି ଶୋଭାର ବଜାର ଭିତରେ ବାଘମରା ପାହାଡ଼ ପାଦ ଦେଶରେ ଏକ ଶ୍ରେଷ୍ଠ ଝରଣା କୂଳରେ ସୁଶାନ୍ତଙ୍କର ବିରାଟ ବଙ୍ଗଳା । ବଙ୍ଗଳା ପାଖକୁ ଆଡ଼ଦୀର୍ଘ ଦୁଇ ମାଇଲ ଧରି ତାଙ୍କର ବିସ୍ତୀର୍ଣ୍ଣ କୃଷି ଫାର୍ମ୍ । ଟ୍ରାକ୍ଟର ଚାଲିଛି, ବୁଲଡୋଜର୍ ଚକ୍କର କରି ବୁଲିଛି । ଆଦିବାସୀ ସ୍ତ୍ରୀ ପୁରୁଷ ଦଳ ଦଳ ହୋଇ କାମ କରୁଛନ୍ତି । ପଡ଼ିଆ ଜମି ଉଟିଆ ହେଉଛି- କୃଷ୍ଣ ଟାଙ୍ଗର ଭୂଇଁ ଶସ୍ୟଶ୍ୟାମଳ ହୋଇ ହସି ଉଠିଛି ।

ସୁଶାନ୍ତ ଓ ଚନ୍ଦ୍ରମାଙ୍କୁ ଦେଖି ଫାର୍ମ୍‌ର ସମସ୍ତ ଲୋକ ବଙ୍ଗଳା ନିକଟରେ ରୁଣ୍ଡ ହୋଇଗଲେ । ସମସ୍ତଙ୍କ ମନରେ ଭରା ଆନନ୍ଦ—ମୁହଁରେ ହର୍ଷ ଧ୍ୱନି । କପୋତ କପୋତୀ ଯୋଡ଼ିକ ଆଜି ଯେପରି ଆପଣା ନୀଡ଼କୁ ବାହୁଡ଼ି ଆସିଛନ୍ତି—ଶାବକମାନଙ୍କ ଗହଳକୁ !

Digitized by srujanika@gmail.com

ଦିନ ବିତିଗଲା । ସୁଶାନ୍ତ ପୁଣି ଗଭୀର ପ୍ରେରଣା ଓ ନୂତନ ଉତ୍ସାହ ଘେନି ଦିନରାତି କାମରେ ଲାଗି ରହିଲେ । ଏକୁଟିଆ ପଡ଼ିଗଲେ ବିଚାରୀ ତନିମା । ସୁଶାନ୍ତଙ୍କ ସଙ୍ଗରେ ସେ କ୍ଷେତକୁ ଯାଇ ପାରନ୍ତି ନାହିଁ, କି ଘର ଭିତରେ ଏକୁଟିଆ ପଡ଼ି ରହିବାକୁ ସୁଖ ପାଆନ୍ତି ନାହିଁ । ବଡ଼ ନିଃସଙ୍ଗ, ନିଷ୍ପନ୍ଦ ଜୀବନ । ମୁଣ୍ଡାବଳିର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କର ସହରୀ ମନକୁ ପ୍ରଥମ କେତେଦିନ ଆକୃଷ୍ଟ କରି ରଖିଥିଲା । ତା'ପରେ ଆସିଲା ବିରକ୍ତି—ଗତାନୁଗତିକତା ପ୍ରତି ଅବସାଦ । ସହରୀ ଜୀବନର ନିତ୍ୟ ନୂତନ ଆବେଗ, ଉତ୍ତେଜନା, ରୋମାନ୍ସ, ଆଡ୍‌ଭେଞ୍ଚର କଥା ସେ ଅହରହ ଝୁରି ହେବାକୁ ଲାଗିଲେ । ଶରୀର ତାଙ୍କର ଦିନକୁ ଦିନ କ୍ଷୀଣ ହୋଇଗଲା ।

ଦିନେ ସୁଶାନ୍ତ ପଚାରିଲେ—"ତମର କ'ଣ ହେଲା ତନୁ ? ଇମିତି ଶୁଖିଲା ଦିଶୁଛ ଯେ ! କ'ଣ ଦେହ କିଛି......"

"ସେଥିରେ ତମର କ'ଣ ଅଛି ? ମୁଁ ମଲେ ବା ଗଲା—" ତନିମାଙ୍କ କଣ୍ଠରେ ବ୍ୟଥା ଓ ଅଭିମାନର ସ୍ୱର ।

ସୁଶାନ୍ତ ଦୁଃଖିତ ହେଲେ, ବିରକ୍ତ ବି ହେଲେ—"ଦିନ ରାତି ଚବିଶ ଘଣ୍ଟା ଜଣେ ଲୋକ ଏଇ ଘର କାନ୍ଥ ଭିତରେ ଆବଦ୍ଧ ହୋଇ ରହିଲେ, ବଞ୍ଚିବ କେମିତି ? କେତେଥର ତୁମକୁ କହିଲି ତନୁ, ମୋ ସାଙ୍ଗରେ କ୍ଷେତକୁ ବୁଲ; ନୋହିଲେ ଆଖପାଖ ଗାଁ ଗଣ୍ଡାକୁ ବୁଲିଯାଅ ବୁଲିବା ସାଙ୍ଗେ ସାଙ୍ଗେ ଔଷଧ ବଣ୍ଟା କାମ ବି ହେବ । ମୋ କଥା ତ ଶୁଣିଲ ନାହିଁ, ମୁଁ କରିବି କ'ଣ ?"

—"ତୁମକୁ ମୋ ଲାଗି କିଛି କରିବାକୁ କହୁନି । ନିଜ କାମରେ ତମେ ଲାଗ । ତମେ—ତମେ ବଡ଼ ସ୍ୱାର୍ଥପର !" ତନିମା ଆଉ ବେଶୀ ସମୟ କହି ପାରିଲେ ନାହିଁ, ବିଛଣାରେ ମୁହଁ ମାଡ଼ି ଫୁଁ ଫୁଁ ହୋଇ କାନ୍ଦିବାକୁ ଲାଗିଲେ ।

ବିଷୟଟା କ୍ରମେ ଗୁରୁତର ହେଉଛି ଦେଖି ସୁଶାନ୍ତ ନୀରବ ହେଲେ—ବିଛଣା ନିକଟକୁ ଯାଇ କ୍ରନ୍ଦନରତା ତନିମାକୁ କୋଳକୁ ନେଲେ । ତହିଁଆର ଦିନ ସକାଳେ ତନିମା ବସି ଏକୁଟିଆ ରେଡ଼ିଓ ଶୁଣୁଛନ୍ତି, ହଠାତ୍ ରେଡ଼ିଓଟା ବିଗିଡ଼ି ଗଲା । ଯେତେ ମୋଡ଼ାମୋଡ଼ି କଲେ ଆଉ ବାଜିଲା ନାହିଁ । ବିରକ୍ତ ହୋଇ ତନିମା ଉଠି ପଡ଼ିଲେ । ସୁଶାନ୍ତ କେତେବେଳୁ କାମକୁ ଚାଲିଯାଇଛନ୍ତି । କୂଅ ମୂଳରେ ଚାକର ପିଲାଟି ବସି ବାସନ ମାଜୁଛି । ଏତେବଡ଼ ବଙ୍ଗଳାଟା ଶୂନ୍‌ଶାନ୍ । ସାଙ୍ଗରେ ବସି ଖେଳିବାକୁ କୁକୁର ଛୁଆଟିଏ ବି ପାଖରେ ନାହିଁ । ତନିମା ଘର ଆଡ଼କୁ ଚାହିଁଲେ । କାନ୍ଥଗୁଡ଼ାକ ଯେପରି ରାକ୍ଷସୀ ମୂର୍ତ୍ତି ଧରି ତାଙ୍କ ଆଡ଼କୁ ମାଡ଼ି ଆସୁଛନ୍ତି !

Digitized by srujanika@gmail.com

ଚାଳଟା ତାଙ୍କ ଉପରେ ମାଡ଼ି ପଡ଼ିବ ଯେପରି ! ସେ ଭୟରେ ବାହାରକୁ ପଳାଇଗଲେ । ବାହାରେ ଦିଗନ୍ତ ବିସ୍ତୃତ ଶସ୍ୟକ୍ଷେତ୍ର । ଦୂରରେ ଟ୍ରାକ୍ଟରର ଗର୍ଜନ କରି ଚାଲିଛି । କଳା କଳା ଜୀବଗୁଡ଼ାଏ ତା ସାଙ୍ଗରେ କାମ କରୁଛନ୍ତି । ଶିରି ଶିରି ପବନରେ ବଂଶୀଧ୍ୱନି ସହିତ ଭାସି ଆସୁଛି ଆଦିବାସୀ ରମଣୀର କଣ୍ଠସ୍ୱର । ତନିମା ନିଜକୁ ବଡ଼ ନିଃସଙ୍ଗ ବୋଧ କଲେ । ସୁଶାନ୍ତ ! କାହିଁ ସେ କୁଆଡ଼େ ? ହା ହୃଦୟହୀନ ସୁଶାନ୍ତ ! ପ୍ରସ୍ତରମୟୀ ଅଭିଶପ୍ତା ଭୂମିକୁ ତମେ ଅହଲ୍ୟାର ଜୀବନ ଦାନ କରିପାର ସତ, କିନ୍ତୁ ଜୀବନ୍ତ ଅହଲ୍ୟାର ହୃଦୟସ୍ପର୍ଶ କରିବା ତୁମ ପକ୍ଷରେ ଦୁଃସାଧ୍ୟ ।

ତନିମା ଆଉ ଠିଆ ହୋଇ ରହି ପାରିଲେ ନାହିଁ । ବାହାରି ପଡ଼ିଲେ ବଙ୍ଗଳାରୁ । କ୍ଷେତ ଭିତରେ ପଶି ଏକମୁହାଁ ଚାଲିବାକୁ ଲାଗିଲେ । କୁଆଡ଼େ ଚାଲିଛନ୍ତି ଖିଆଲ ନାହିଁ । ମୁଣ୍ଡ ଉପରେ ଚୈତ୍ର ମାସର ଖରା । ତଳେ କାଦୁଅ ପାଣି, ଢେଲା ପଥର, କଣ୍ଟା ଖୁଞ୍ଚ । ପାଦ ଯୋଡ଼ିକ କ୍ଷତ ବିକ୍ଷତ ହୋଇ ରକ୍ତ ଝରୁଛି ।

ପାତଳା ଶାଢ଼ୀ ଚିରିଗଲାଣି କେତେ ଜାଗା । ପେଲବ କପାଳ ଦେଶରୁ ଝରି ପଡ଼ୁଛି ଅଜସ୍ର ସ୍ୱେଦବିନ୍ଦୁ । ଧଇଁ ସଇଁ ହୋଇ ସେ ଚାଲିଛନ୍ତି ।

ପ୍ରାୟ ଅଧ ମାଇଲ ରାସ୍ତା ଗଲା ପରେ ଦୂରରୁ ସୁଶାନ୍ତ ଦେଖି ପାରିଲେ—ତନିମା ଏକାକୀ ଛୁଟିଛନ୍ତି । ସେ ଆନନ୍ଦରେ ହାତ ଟେକି ଡାକ ଛାଡ଼ିଲେ—ତ—ନି—ମା—

ତନିମା ହଠାତ୍ ଠିଆ ହୋଇ ଯାଇ ସୁଶାନ୍ତଙ୍କୁ ପ୍ରତ୍ୟୁତ୍ତର ଦେବା ଲାଗି ହାତ ଟେକିଲେ । ମାତ୍ର ହାତ ସମ୍ପୂର୍ଣ୍ଣ ଉପରକୁ ଉଠିବା ପୂର୍ବରୁ ସେ ଟଳି ପଡ଼ିଲେ ଭୂଇଁରେ ସଂଜ୍ଞାହୀନା ହୋଇ । ତୁଣ୍ଡରୁ ତାଙ୍କର 'ସୁ—ଶା – ନ୍ତ' ଡାକଟି ମଧ୍ୟ ସମ୍ପୂର୍ଣ୍ଣ ରୂପେ ଉଚ୍ଚାରିତ ହୋଇ ପାରିଲା ନାହିଁ ।

ତା'ପରେ ଦୁଇଦିନ କାଳ ତନିମାଙ୍କୁ ଭୀଷଣ ଜ୍ୱର । ବାପଘର—ସହରକୁ ଯିବାଲାଗି ସେ ବ୍ୟାକୁଳ ହେଲେ ଏବଂ ସଙ୍ଗରେ ଯାଇ ଛାଡ଼ି ଦେଇଆସିବାକୁ ସୁଶାନ୍ତଙ୍କୁ କହିଲେ । ଫାର୍ମ୍ କାମର ଭିଡ଼ ହେତୁ ସୁଶାନ୍ତ ଯିବାକୁ ଅମଙ୍ଗ ହେବାରୁ ଦୁହିଁଙ୍କ ଭିତରେ ହେଲା ଝଗଡ଼ା । ଶେଷରେ ସୁଶାନ୍ତ ଶିଲ୍ପାଟ ଷ୍ଟେସନ୍ ପର୍ଯ୍ୟନ୍ତ ସଙ୍ଗରେ ଯାଇ ତନିମାଙ୍କୁ ଗାଡ଼ି ଚଢ଼େଇ ଦେଇ ଆସିଲେ ।

Digitized by srujanika@gmail.com

ଠିକ୍ ତିନି ଦିନ ପରେ ସୁଶାନ୍ତ ନିଜ ଶ୍ୱଶୁରଙ୍କଠାରୁ ଚିଠି ଖଣ୍ଡିଏ ପାଇଲେ, "ସୁଶାନ୍ତ, ତୁମେ ତମର ସେଇ ଜଙ୍ଗଲ ଭିତରେ ତନୁକୁ ପଶୁ କରିବାକୁ ଚାହିଁଥିଲ । ସେ ପଳାଇ ଆସି ବଞ୍ଚିଛି । ତା'ର ଭବିଷ୍ୟତ ଜୀବନ ଯେ ନଷ୍ଟ ହୋଇଗଲା, ସେଥିଲାଗି ଦାୟୀ କିଏ ?"

ଚିଠିଟି ପଢ଼ି ସୁଶାନ୍ତ ଖାଲି ଟିକିଏ ମୁରୁକି ହସିଲେ ।

ତନିମା ପ୍ରକୃତରେ ଶ୍ରୀମନ୍ତ ତନିମା ନାୟକ ହୋଇ ପାରି ନାହାନ୍ତି । ସେ ପୂର୍ବର ସେହି ମିସ୍ ତନିମା ମହାନ୍ତି ହୋଇ ରହିଗଲେ ।

●

Digitized by srujanika@gmail.com

ପରକୀୟା

ଯମୁନାର ବୁକୁ ଭରି ଉଠିଛି—ତଟିନୀ ଆଜି ପୂର୍ଣ୍ଣଗର୍ଭା ।

ଶ୍ରାବଣର ଅସରନ୍ତି ବାରିଧାରା ଆକାଶ ଫଟାଇ ଝରି ପଡ଼ୁଛି । ପୃଥିବୀ ବକ୍ଷରେ ସତେଜ ସବୁଜିମାର ରଙ୍ଗ-ରସ । ଯମୁନାର କୂଳେ କୂଳେ ନବୋଢ଼ା କଦମ୍ବ ବନ ଆଜି ପୁଷ୍ପବତୀ ।

ଗୋପନଗରସ୍ଥ ଚନ୍ଦ୍ରସେଣାଙ୍କର ପ୍ରାସାଦ ଉପରୁ ବୃଷଭାନୁ ଜେମା ପ୍ରକୃତିର ଏଇ ରମଣୀୟ ରୂପ ନିରୀକ୍ଷଣ କରୁଛନ୍ତି ।

ସନ୍ଧ୍ୟା ଆଗତ ପ୍ରାୟ । ବର୍ଷା ସଂପୂର୍ଣ୍ଣ ଛାଡ଼ି ଯାଇଛି । ଯମୁନା କୂଳର କଦମ୍ବ ବନରୁ କେକା-ରବ ଶୁଣାଯାଉଛି ଏବଂ ତା ସହିତ ରହି ରହି ଭାସି ଆସୁଛି—କାହା ବିରହ-ବଂଶୀର କରୁଣ ମୂର୍ଚ୍ଛନା ।

Digitized by srujanika@gmail.com

ବୃଷଭାନୁ-ଜେମା ତନ୍ମୟ ଚିତ୍ତରେ ଚାହିଁ ରହିଲେ ସେହି ଦିଗକୁ । ସେହି ଶାନ୍ତ ଶୀତଳ ପରିବେଶ ମଧ୍ୟରେ ତାଙ୍କ ଯୁବତୀ ମନ ଚାହିଁଲା ଟିକିଏ ଉତ୍ତେଜନା, ଦେହ ଖୋଜିଲା ଟିକିଏ ଉତ୍ତାପ ।

ଚନ୍ଦ୍ରସେଣା ! କାହାନ୍ତି ସେ ?

ନା, ନା, ତାଙ୍କର କିଛି ଆବଶ୍ୟକତା ନାହିଁ । ନିଜର ମାତା ଓ ଭଗିନୀଙ୍କୁ ଘେନି ସେ ଆନନ୍ଦରେ ଥାଆନ୍ତୁ ! ରୁକ୍ଷ, ନିଷ୍ଠୁର, ବେଳାଭୂମି ସେ । ହୃଦୟର ସକଳ ଆଶା, ଆବେଗ ସମୁଦ୍ରର ଢେଉ ଭଳି ତାଙ୍କ ନିକଟରେ ମଥା କୁଟି କୁଟି ହତାଶ ହୋଇ ଫେରେ । ଦୁଇଟି ଦେହର ଉତ୍ତାପ ବିନିମୟ କରିବା ଲାଗି ତାଙ୍କର ଶକ୍ତି କାହିଁ ? ସାମର୍ଥ୍ୟ କାହିଁ ?

ବୃଷଭାନୁ-ଜେମା ଅସ୍ଥିର ହୋଇ ପଡ଼ିଲେ ।

ଏ କ'ଣ ? 'ରାଧା', 'ରାଧା' ବୋଲି ବଂଶୀ ବିଳାପ କରୁଛି ! ଏ କାହାର ବଂଶୀ ? କାହିଁକି ସେ ଜଣେ ବିବାହିତା, କୁଳନାରୀର ନାମୋଚ୍ଚାରଣ କରୁଛି ? କାହିଁକି ସେ ଚନ୍ଦ୍ରସେଣାର ସ୍ତ୍ରୀକୁ ନିକାଞ୍ଚନ କଦମ୍ବ ବନକୁ ଅହ୍ୱାନ କରୁଛି ?

ବଂଶୀ ବିଳାପ କ୍ରମେ କରୁଣତର ହୋଇ ଉଠିଛି । ବାତାୟନ ପଥରେ ବୃଷଭାନୁ-ଜେମା ଆକୁଳ ହୃଦୟ, ବ୍ୟାକୁଳ ନୟନରେ ଚାହିଁ ରହିଛନ୍ତି ଦୂରକୁ— ବହୁ ଦୂରକୁ । ଦୃଷ୍ଟି ତାଙ୍କର ଯେତେ ଦୂରକୁ ଯାଉଛି, ସେ ଦେଖୁଛନ୍ତି—ସାନ୍ଦ୍ର ସୁରମ୍ୟ କଦମ୍ବ-ବନ ଦେଇ କାହିଁ କୁଆଡ଼ୁ ଶ୍ରାବଣର ଭରା ଯମୁନା ବହି ଆସୁଛି । ପ୍ରବାହରେ ତା'ର ଅପୂର୍ବ ଛନ୍ଦ ଓ କଳ ଗୁଞ୍ଜନ ।

ତଟିନୀର ଶାନ୍ତ ଶୃଙ୍ଖଳିତ ଗତି କ୍ରମେ ଉନ୍ମତ୍ତ, ଉଚ୍ଛୃଙ୍ଖଳ ହୋଇ ଉଠୁଛି । ବୃଷଭାନୁ-ଜେମା ଭଲ କରି ଲକ୍ଷ୍ୟ କଲେ—ଯମୁନାର ଏକ ବାଙ୍କ ମୋଡ଼ରେ ସାବଲୀଳ ସ୍ରୋତ ବାଧା ପାଉଛି । ଜଳ ପ୍ରବାହ ଖଣ୍ଡିତ ହୋଇ ପ୍ରବଳ ହୋଇ ଉଠୁଛି । ଦେଖୁ ଦେଖୁ ସ୍ରୋତ କୂଳ ଲଙ୍ଘନ କଲା । ଯମୁନା ବକ୍ଷରେ ଜଳ ପ୍ଲାବନ—ପାଗଳ ପ୍ରାଣବାନ୍ ବନ୍ୟା !

ବେଦନାର ଏକ ଦୀର୍ଘଶ୍ୱାସ ପକାଇଲେ ବୃଷଭାନୁ-ଜେମା । ଏହି ଯେ— ବଂଶୀ 'ରାଧା', 'ରାଧା' ବୋଲି ଆତୁର ଡାକ ଛାଡ଼ୁଛି । ନା, ନା, ଆଉ ରହି ହେବ ନାହିଁ । ବୃଷଭାନୁ-ଜେମା ଉଠିଲେ । ଆଉ ଘରେ ସ୍ୱାମୀ ଚନ୍ଦ୍ରସେଣା ! ତଳେ ଶାଶୁ ଜଟିଳା, ଆଉ ନଣନ୍ଦ କୁଟିଳା । ଘରୁ ବାହାରିଲେ ପୁଣି ଲଜ୍ଜା, ସମାଜ ଓ ତା'ର ଅନୁଶାସନ—ନାନା ବାଧା ବନ୍ଧନର ହିମାଳୟ ପର୍ବତ ।

Digitized by srujanika@gmail.com

ଉଦ୍‌ବେଗଭରା ମନ, ଅସ୍ଥିର ପଦପାତ—ବୃଷଭାନୁ-ଜେମା ବାହାର ପଡ଼ିଲେ । ଚନ୍ଦ୍ରସେଣା ଅବାକ୍ ବିସ୍ମୟରେ ଗୁହିଁ ରହିଛନ୍ତି, କୁଟିଳା ନିଜ ମା' ଆଗରେ ଅଭିଯୋଗ କରୁଛି, ଆଉ ଜଟିଳା ରୋଷ-କଷାୟିତ ନୟନରେ କୁଳବଧୂର ମତିଗତି ଦେଖି ବିରକ୍ତ ହେଉଛନ୍ତି—ସାରିଲା, ସବୁ ସାରିଲା

ବୃଷଭାନୁ-ଜେମା କିଛି ଶୁଣିଲେ ନାହିଁ—କାହାରିକୁ ଭ୍ରୂକ୍ଷେପ କଲେ ନାହିଁ । ସକଳ ବାଧା ବିଘ୍ନ ଅତିକ୍ରମ କରି ଆଗୁସାର ହେଲେ । ମନର ଆବେଗ ଯମୁନାର ଜଳ ପ୍ରବାହ ଭଳି ପ୍ରବଳ - ହୃଦୟର ପ୍ରୀତି ଉନ୍ମତ୍ତ, ଉଚ୍ଛୃଙ୍ଖଳ । ସମ୍ମୁଖସ୍ଥ କଦମ୍ବକୁଞ୍ଜ ବ୍ୟତୀତ ସେ ଆଉ କିଛି ଦେଖିପାରିଲେ ନାହିଁ—ବଂଶୀର 'ରାଧା' ଡାକ ବ୍ୟତୀତ ଆଉ କିଛି ଶୁଣିପାରିଲେ ନାହିଁ ।

Digitized by srujanika@gmail.com

ଗିଧ

ନାରୀମାନଙ୍କର ବହୁ ଗୁଣାଗୁଣ ମଧ୍ୟରୁ ଗୋଟିଏ ବଡ଼ ଗୁଣ ହେଉଛି—ଜଣେ ଅନ୍ୟ ଜଣଙ୍କ ସହିତ ଚଟାପଟ୍ ବନ୍ଧୁତା ବାନ୍ଧିବା । ଜଣେ ଆକାଶ କନ୍ୟା ଆଉ ଜଣେ ଚିଲିକା ମାଛ ହୋଇଥିଲେ, ତହିଁରେ କିଛି ଯାଏ ଆସେନା । ମାତ୍ର ଅଳ୍ପକର ସାକ୍ଷାତରେ ଦୁହେଁ ଦୁହିଁଙ୍କ ବିଷୟରେ ଅନେକ କଥା ଜାଣି ନିଅନ୍ତି ଏବଂ ପରିସ୍ଥିତି ଅନୁକୂଳ ହେଲେ, ଦୁହେଁ ଅନ୍ତରଙ୍ଗ ବନ୍ଧୁତ୍ୱରେ ପରିଣତ ହୋଇ ଯାଇ ପାରନ୍ତି ।

ବଦଳି ହୋଇ ଶ୍ରୀମତୀ ଦାସ ସେଦିନ ଯେତେବେଳେ ସପରିବାର ସରକାରୀ କ୍ୱାର୍ଟର୍ସକୁ ଆସିଲେ, ପାଖ ଏସ. ଡି. ଓ.ଙ୍କ କ୍ୱାର୍ଟର୍ସର ଝରକା ପରଦା ଟେକି ଶ୍ରୀମତୀ ମହାନ୍ତି ସେହି ନବାଗତାକୁ ବଲ ବଲ କରି ଅନାଇଥିଲେ । ଶ୍ରୀମତୀ ଦାସ ଜାଣନ୍ତି—ଏକା ଇଲେକ୍‌ଟ୍ରିକାଲ୍ ଡିପାର୍ଟମେଣ୍ଟରେ କାମ କଲେ ମଧ୍ୟ ତାଙ୍କ ସ୍ୱାମୀ ଏସ୍ ଡି. ଓ.ଙ୍କ ତଳେ—ସେକସ୍‌ନାଲ ଅଫିସର୍ । ତେଣୁ ସେ ହଠାତ୍ ଶ୍ରୀମତୀ ମହାନ୍ତିଙ୍କୁ ନମସ୍କାରଟାଏ ଜଣାଇଲେ ।

ଶ୍ରୀମତୀ ମହାନ୍ତି ଆଉ କଣ ସମ୍ଭାଳି ପାରନ୍ତି ? ସଙ୍ଗେ ସଙ୍ଗେ ଘରୁ ବାହାରି ଆସି ଶ୍ରୀମତୀ ଦାସଙ୍କ ପାଖରେ ହାଜର ହୋଇଗଲେ । ତା ପୂର୍ବରୁ ତାଙ୍କର ସାନ ସାନ ପୁଅ ଝିଅ ଦୁହେଁ ଆସି ପଦାରେ ଠିଆ ହୋଇ ଶ୍ରୀମତୀ ଦାସଙ୍କ ପିଲାମାନଙ୍କର ଗତିବିଧି କଠେଇ କଠେଇ ଦେଖୁଥିଲେ । ମାଆ-ମାଉସୀଙ୍କର ମୁଲାକାତ୍ ପରେ ସେମାନେ ଆଉ କେତେ ସମୟ ଧୈର୍ଯ୍ୟ ଧରି ରହିବେ ? କ୍ରମେ ସେମାନଙ୍କ ମଧ୍ୟରେ ବେଶ୍ ଆଳାପ ଜମିଗଲା ।

ଶ୍ରୀମତୀ ଦାସଙ୍କ ସହିତ ସୁଖ ଦୁଃଖ ହେଉ ହେଉ ଶ୍ରୀମତୀ ମହାନ୍ତି କହିଲେ—ଏଠିକି ତମର ବଦଳି ହେବାର ଖବର ଅନେକ ଦିନ ହେଲା ଜାଣିଲିଣି । କିନ୍ତୁ ତମେ ଏତେଦିନ ହେଲା ଆସୁ ନଥିବାରୁ ମନଟା ଗୋଳେଇ ଘାଣ୍ଟି ହେଉଥିଲା । ତମ ପୂର୍ବରୁ ସେକସ୍‌ନାଲ୍ ଅଫିସର୍ ପାଣିଗ୍ରାହୀ ବାବୁ ବଦଳି ଅର୍ଡ଼ର ପାଇଲା ମାତ୍ରେ ଦେ' ଛୁ ! ଧୀରେ ସୁସ୍ଥେ ସବୁ କଥା ଠିକଣା କରି—ଜିନିଷପତ୍ର ବନ୍ଧାବନ୍ଧି କରି ଯିବା ପାଇଁ ତର ସହିଲା ନାହିଁ । ଯିବାବେଳକୁ ପୁଣି ଆମର ବଦନାମ କରିଗଲେ ।

Digitized by srujanika@gmail.com

ଅକସ୍ମାତ୍ ପ୍ରଥମ ସାକ୍ଷାତରେ ଶ୍ରୀମତୀ ମହାନ୍ତିଙ୍କର ଏପରି ଖୋଲଖୋଲି ଆନ୍ତରିକ ଭାବ ଦେଖି ଶ୍ରୀମତୀ ଦାସ ଟିକିଏ ବିସ୍ମିତ ହେଲେ । ଶ୍ରୀମତୀ ମହାନ୍ତି କହୁଥାନ୍ତି—ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଭଉଣୀ, ଅମେ ପାଣିଗ୍ରାହୀ ବାବୁଙ୍କର କେତେ ଉପକାର କରିଛୁଁ । ଥରେ କିଏ ତାଙ୍କ ବିରୁଦ୍ଧରେ ଭିଜିଲାନ୍ସ ରିପୋର୍ଟ୍ ହେଲା ଯେ ଘୁଷଖିଆ ଯିବା ଉପରେ । ଖାଲି ଆମର ଏ ଥିଲେ ବୋଲି·····

ଏତିକି ବେଳେ ଘର ଭିତରୁ ଶ୍ରୀ ଦାସଙ୍କର ପାଟି ଶୁଭିଲା—ସାନ ଟ୍ରଙ୍କର ଚାବିଟା କେଉଁଠି ରଖିଲ ହେ ?

ଶ୍ରୀମତୀ ମହାନ୍ତି ବ୍ୟସ୍ତ ହୋଇ କହିଲେ—ତମେ ଯାଅ ଭଉଣୀ, ଏକ୍ଷଣି ଗଳ୍ପ କରିବା ବେଳ ନୁହେଁ । ତମେ ଆଗେ ଥଇଥାନ ହୋଇ ରହ, ପରେ ଗପସପ ହେବା ।

ଶ୍ରୀମତୀ ମହାନ୍ତି ଯିବାବେଳେ ନିଜର ପିଲା ଦୁହିଁଙ୍କି ବସାକୁ ଯିବା ପାଇଁ ଡାକିଲେ । ଶ୍ରୀମତୀ ଦାସ କହିଲେ—ସେମାନେ ଯିବେ କୁଆଡ଼େ ? ଏଇଠି ସୁରଜ ସାନିଙ୍କ ସାଙ୍ଗରେ ଖେଳାଖେଳି କରନ୍ତୁ । ଗଲୁ ମା ସାବି, ପ୍ଲାଷ୍ଟିକ୍ ବେଗ୍‌ରେ ମହାପ୍ରସାଦ ଅଛି; ଦୁଇଟା ପ୍ଲେଟ୍‌ରେ ଆଣି ପିଲାମାନଙ୍କୁ ଦେ !

ମହାପ୍ରସାଦ କଥା ଶୁଣି ଶ୍ରୀମତୀ ମହାନ୍ତି ଯାଉ ଯାଉ ଅଟକି ଗଲେ । ହସି ହସି କହିଲେ—ଆମ ସହିତ ମହାପ୍ରସାଦ କାରବାର କରୁଛ ଭଉଣୀ । ଏଣିକି ଆମର ସମ୍ପର୍କଟା କେମିତି ହେବ, ଜାଣି ପାରୁଛଟି ?

Digitized by srujanika@gmail.com

ଶ୍ରୀମତୀ ଦାସ ଖୁସି ମନରେ ହସିବାରେ ଲାଗିଲେ; କହିଲେ—ପୁରୀରୁ ଆଜି ବାହାରିଲା ବେଳେ ମହାପ୍ରସାଦ କିଛି ସାଙ୍ଗରେ ନେଇ ଆସିଛୁଁ । ଆଜି ରାତିଟାତ ଆଉ ରୋଷେଇ ବାସ କରି ହେବନି; ସେଇ ମହାପ୍ରସାଦରେ ଚଳିଯିବ । ତମେ ଯାଅ ଅପା, ସାବୀ ହାତରେ ତମ ପାଇଁ ମଧ୍ୟ ମହାପ୍ରସାଦ ପଠାଇ ଦେଉଛି ।

ଶ୍ରୀମତୀ ମହାନ୍ତି କହିଲେ—ଜଗନ୍ନାଥଙ୍କ ମହାପ୍ରସାଦ ଭାଗ୍ୟରେ ଥିଲେ ମିଳେ । ମୋ ସାନ ଭଉଣୀ ଏବେ ପୁରୀରେ ଅଛି । ସଂସ୍କୃତ ଅଧ୍ୟାପିକା । ହେଲେ ବି ଭୋଗରାଗ ମହାପ୍ରସାଦରେ ତାହାର ସେମିତି ଆଗ୍ରହ ନାହିଁ । ଏଠିକି ମଝିରେ ମଝିରେ ଆସିଲେ ହୁଣ୍ଡିଟା ଭୁଚ୍ଛା ହାତରେ ଆସି ପହଞ୍ଚେ ।

ଶ୍ରୀମତୀ ମହାନ୍ତି ଚାଲିଗଲା ପରେ ଦାଣ୍ଡ ଦୁଆରେ ଥୁଆ ହୋଇଥିବା ଆଉ କେତେକ ଜିନିଷପତ୍ର ଘର ଭିତରକୁ ଉଠାଉଠି କରି ଶ୍ରୀମତୀ ଦାସ ଆପଣା ସ୍ୱାମୀ ସୁଶାନ୍ତ ବାବୁଙ୍କ ସହ ଘର ସଜାଡ଼ିବାରେ ଲାଗି ପଡ଼ିଲେ ।

ସଞ୍ଜ ହୋଇ ଆସୁଥିଲା । ରାସ୍ତାମାନଙ୍କରେ ବିଜୁଳି ଆଲୁଅ ଜଳି ଉଠିଥିଲା । ଦୂରରୁ କେଉଁଠୁ ଲାଉଡ୍ ସ୍ପିକର୍‌ରେ ହିନ୍ଦୀ ସିନେମା ଗୀତ ଭାସି ଆସୁଥିଲା । ବଣପାହାଡ଼ ଘେରା ସାନ ସହରଟି ଯେପରି ନୈଶଲୀଳା ପାଇଁ ପ୍ରସ୍ତୁତ ହେଉଥିଲା !

ହଠାତ୍ ଘର ଅଗଣାରୁ ମାଙ୍କଡ଼ ଚହଡ଼ା ଭଳି କଣ ଶବ୍ଦଟାଏ ଶୁଣାଗଲା ଏବଂ ତା ସଙ୍ଗେ ସଙ୍ଗେ ଏସ୍. ଡ଼ି. ଓ.ଙ୍କ ସାନ ଝିଅ ରମିର କାନ୍ଦ । ଶ୍ରୀମତୀ ଦାସ ଘର ଭିତରୁ ବାହାରି ଆସି ଦେଖିଲେ—ଅଗଣାରେ ଥିବା ପିଜୁଳି ଗଛରେ ଚଢ଼ି ଏସ୍.ଡ଼ି.ଓ.ଙ୍କ ପୁଅ ବିକାଶ ପିଜୁଳି ଖାଇବାରେ ଲାଗିଛି । ଗଛତଳେ ସାବୀ, ସୁରି ଓ ରମି ଠିଆ ହୋଇ ଚାତକ, ବର୍ଷା ଜଳକୁ ଚାହିଁ ରହିଲା ଭଳି ଗଛ ଉପରେ ପିଜୁଳି ତୋଳୁଥିବା ବିକାଶକୁ ଚାହିଁ ରହିଛନ୍ତି । ତଳକୁ ପିଜୁଳି ନ ପକାଇ ବିକାଶ ସବୁ ଖାଇ ଯାଉଥିବାରୁ ରମି କାନ୍ଦିବା ଆରମ୍ଭ କରି ଦେଇଛି ।

ଶ୍ରୀମତୀ ଦାସ କହିଲେ—ରମି, ସୁରି, ସାବୀକୁ ଗୋଟିଏ ଗୋଟିଏ ପିଜୁଳି ଦିଅ ବିକାଶ ! ଆଉ ତମେ ଗଛରୁ ଓହ୍ଲାଇ ଆସ, ସଞ୍ଜ ହେଲାଣି ।

ଗଛ ଉପରୁ ବିକାଶ କହିଲା—ବୋଉ ପାଇଁ ବେଶି ଦି'ଟା ପିଜୁଳି ତୋଳୁଛି ମାଉସୀ ! ବୋଉ ଏ ଗଛ ପିଜୁଳି ଖାଇବାକୁ ସୁଖପାଏ । ରମି-ସୁରି-ସାବୀଙ୍କ ପାଇଁ ବି ପିଜୁଳି ତୋଳୁଛି ।

Digitized by srujanika@gmail.com

ସେଦିନ ରାତିରେ ଖାଇଲା ବେଳେ ଶ୍ରୀମତୀ ଦାସ ସୁଶାନ୍ତ ବାବୁଙ୍କୁ କହିଲେ— ଆମର ଏଇ ଏସ୍. ଡ଼ି. ଓ.ଙ୍କ ସ୍ତ୍ରୀଟି ଶ୍ରୀମତୀ ମହାନ୍ତି ଭାରି ମେଳାପୀ ଲୋକ । ଖୋଦ୍ ଏସ୍. ଡ଼ି. ଓ. ସାହେବଟି କେମିତି କେଜାଣି !

ସୁଶାନ୍ତ ବାବୁ କହିଲେ—ଏସ୍. ଡ଼ି. ଓ. ଭଲ ଲୋକ ବୋଲି ତ ଶୁଣୁଛି । କିନ୍ତୁ ବିଚରା ମୋର ଭଲ ହିତାଭାଗା ।

ହିତାଭାଗା କାହିଁକି ?—ଶ୍ରୀମତୀ ଦାସ ପଚାରିଲେ ।

ସୁଶାନ୍ତ ବାବୁ ଉତ୍ତର ଦେଲେ—ମୋର ଭଲ ସ୍ତ୍ରୈଣ—ମାଇପ କଥାରେ ଉଠ୍ ବସ୍ ହୁଅନ୍ତି ।

ଶ୍ରୀମତୀ ଦାସ ଛଳ କୋପ କରି କହିଲେ—ଧେତ୍ ! ତମେ ଗୋଟାଏ ଭାରି ଇଏ ! କେଉଁ କଥାକୁ ନେଇ କେଉଁଠି ଯୋଡ଼ି ଦେଉଛ !

ସୁଶାନ୍ତ ବାବୁ କହିଲେ—ଢେଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ । ମୋର କର୍ତ୍ତବ୍ୟଟି କରିଦେଲେ ହେଲା । ଏସ୍. ଡ଼ି. ଓ. ଭଲ ହୁଅନ୍ତୁ ବା ମନ୍ଦ ହୁଅନ୍ତୁ, ମୋର ତହିଁରେ କଣ ଯାଏ ଆସେ ?

ଶ୍ରୀମତୀ ଦାସ କହିଲେ—ସେକଥା ଠିକ୍ । ତେବେ ଜଣେ ଉପରିସ୍ଥ ହାକିମ ଭଲ ହୋଇଥିଲେ, ଆମର ଲାଭ । ଚାକିରି କ୍ଷେତ୍ରରେ କେତେବେଳେ କଣ ଭଲ-ମନ୍ଦ ତ ରହିଛି !

ସୁଶାନ୍ତ ବାବୁ ହସି ହସି ପ୍ରକାଶ କଲେ—ତାହାହେଲେ ତମେ ଆଗରୁ ତାଙ୍କର ଘରଆଡ଼ୁ ସମ୍ପର୍କଟା ଦୃଢ଼ କରି ନିଅ !

ଘରଆଡ଼ୁ ସମ୍ପର୍କ ଦୃଢ଼ ହୋଇଗଲା ଅଳ୍ପ ଦିନ ମଧ୍ୟରେ । କିନ୍ତୁ ସେଥିପାଇଁ ଶ୍ରୀମତୀ ଦାସଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ି ନାହିଁ—କମ୍ ସହିବାକୁ ହୋଇ ନାହିଁ ।

ସେଦିନ ସକାଳେ ଏସ୍. ଡ଼ି. ଓ.ଙ୍କ ଘରେଷେଯା ପୂଜାରୀ ଆସି କହିଲା—ମା' ପଠାଇଛନ୍ତି, କିଛି ପିଆଜ ଦେବେ, ଆମର ସରି ଯାଇଛି ।

ଶ୍ରୀମତୀ ଦାସ ପୁଞ୍ଜାଏ ଭଲ ପିଆଜ ଆଣି ପୂଜାରୀକୁ ଦେଲେ । କହିଲେ— ତମ ମାଆଙ୍କୁ କହିବୁ, ଆଜି ଦି'ପହରେ ମୁଁ ତାଙ୍କ ପାଖକୁ ଯିବି ।

Digitized by srujanika@gmail.com

ଅପରାହ୍ଣର ଅଳସ ମୁହୂର୍ତ୍ତରେ ବସି ଶ୍ରୀମତୀ ମହାନ୍ତି ଓ ଶ୍ରୀମତୀ ଦାସ ଅଚ୍ଛଣ୍ଡା ଗପ ଯୋଡ଼ି ଦେଇଛନ୍ତି—ଢେଙ୍କିଶାଳରୁ ଢେଙ୍କାନାଳ ଯାଏଁ କେତେ ଗପ, କେତେ କଥା । କିନ୍ତୁ କଥାରେ ପରିଧି ଯେତେଦୂର ବିସ୍ତାରିତ ହେଉ ପଛକେ, କେନ୍ଦ୍ର ବିନ୍ଦୁ ଥିଲା ଗୋଟିଏ ବିଷୟ—ନିଜ ନିଜର ସଂକୀର୍ଣ୍ଣ ସ୍ୱାର୍ଥ, କ୍ଷୁଦ୍ର କ୍ଷୁଦ୍ର ଆଶା-ଆକାଂକ୍ଷା ।

ଶ୍ରୀମତୀ ଦାସ କହିଲେ—ଏ ସହରରେ ଭଲ ଦୁଧ ଟିକିଏ ମିଳୁନି ଅପା । ଜଣେ ବୁଢ଼ା ଦୈନିକ ଅଧସେରି କରି ଆମକୁ ଦୁଧ ଦେଉଛି ଯେ, ତହିଁରେ ଅଧାଅଧି ପାଣି । ଦର କେଣ କମ୍ ନେଉଛି ? ସେର ଦେଢ଼ ଟଙ୍କା ।

ଶ୍ରୀମତୀ ମହାନ୍ତି ଉତ୍ତର ଦେଲେ—ହଁ, ଛୁଆ ପିଲାଙ୍କୁ ଟିକିଏ ଭଲ ଦୁଧ ନ ଖୁଆଇଲେ, ମଣିଷ ହେବେ କେମିତି ? ସ୍ୱାମୀ-ସାଆନ୍ତଙ୍କ ସ୍ୱାସ୍ଥ୍ୟ ତ ସେମିତି ଭଲ ନୁହେଁ ! ତମେ ଗୋଟାଏ କାମ କର ଭଉଣୀ, ସେ ବୁଢ଼ାଠୁଁ ଆଉ ଦୁଧ କିଣନା । ଏବେ ମୋର ଆଉ ଗୋଟିଏ ଗାଈ ଦୁହାଁଳ ହୋଇଛି । ତମକୁ ମୁଁ ଅଧସେର ଲେଖାଏଁ ଦୁଧ ଯୋଗାଇ ପାରିବି ।

ଶ୍ରୀମତୀ ଦାସ ଖୁସି ହୋଇ କହିଲେ—ଭଲ କଥା !

ଶ୍ରୀମତୀ ମହାନ୍ତି ପ୍ରକାଶ କଲେ – ତମ ପୂର୍ବରୁ ମୁଁ ପାଣିଗ୍ରାହୀ ବାବୁଙ୍କୁ ଦୁଇ ଟଙ୍କା ଦରରେ ଦୁଧ ଦେଉଥିଲି । କିନ୍ତୁ ପାଣିଗ୍ରାହୀ ବାବୁଙ୍କର ସେ ବଡ଼ଝିଅ ମାଇକିନାଟି, ପ୍ରତିମାସ ଦୁଇ ତିନି ଦିନ ଦୁଧ ଦିଆ ଯାଇନାହିଁ ବୋଲି ଗୋଳମାଳ ଲଗାଇ ଟଙ୍କା କାଟୁଥିଲା । ତମ ସାଙ୍ଗରେ ତ ଆଉ ଆମର ସେ ସମ୍ପର୍କ ନାହିଁ ! ତମେ ନୋହିଲେ ସେରପ୍ରତି ଟଙ୍କାଏ ପଞ୍ଚସ୍ତରି ଦର ଦେବ ।

ଶ୍ରୀମତୀ ମହାନ୍ତିଙ୍କର ଗାଈ ଦୁଧ ଶ୍ରୀମତୀ ଦାସଙ୍କୁ ବିକ୍ରୀ ହେବାରେ ଲାଗିଲା । ମାତ୍ର ଶ୍ରୀମତୀ ଦାସଙ୍କର ଲଙ୍କା, ପିଆଜ, ତେନ୍ତୁଳି ଆଚାର, ମୁଗଡାଲି ପ୍ରଭୃତି ଶ୍ରୀମତୀ ମହାନ୍ତିଙ୍କୁ ଦାନ କରାଯିବାରେ ଲାଗିଲା ମାସର ଅଧିକାଂଶ ଦିନ ।

ସେଦିନ ସଞ୍ଜବେଳେ ଶ୍ରୀମତୀ ମହାନ୍ତି ସହର ମୁଣ୍ଡରେ ଥିବା ନିଜ ନଣନ୍ଦ ଘରକୁ ଶ୍ରୀମତୀ ଦାସଙ୍କୁ ସାଙ୍ଗରେ ନେଇ ବୁଲି ଯାଇଥିଲେ । ଶ୍ରୀମତୀ ଦାସ ଧରିଥିବା ଭେନିଟି ବ୍ୟାଗ୍‌ଟି ଶ୍ରୀମତୀ ମହାନ୍ତିଙ୍କ ଭେନିଟି ବ୍ୟାଗ୍‌ଠାରୁ ସୁନ୍ଦର ଦେଖା ଯାଉଥିଲା । ତେଣୁ ଶ୍ରୀମତୀ ମହାନ୍ତିଙ୍କର ଶ୍ୟେନ ଦୃଷ୍ଟି ହେଉ ଲୋଭନୀୟ ବସ୍ତୁଟି ଉପରେ ବାରମ୍ବାର ସଂଘାତିତ ହୋଇ ଯାଉଥିଲା । ଫେରିବା ପଥରେ ଶ୍ରୀମତୀ ମହାନ୍ତି ପଚାରିଲେ—ତମ ଭେନିଟି ବ୍ୟାଗଟି କେଉଁଠୁ କିଣିଥିଲ କି ? ବେଶ୍ ସୁନ୍ଦର ଓ ମଜବୁତ୍ ହୋଇଛି !

Digitized by srujanika@gmail.com

ଶ୍ରୀମତୀ ଦାସ କହିଲେ—ତମେ ଏଇଟା ନିଅ ·ଅପା ! ମୋର କଣ ହେବ ? ଆଉ ଗୋଟାଏ ବ୍ୟାଗ୍ ଘରେ ପଡ଼ି ରହିଛି ।

ବସା ଆଗରେ ଜିପ୍‌ରୁ ଓହ୍ଲାଇ ଗଲାବେଳେ ଶ୍ରୀମତୀ ଦାସ ଭେନିଟି ବ୍ୟାଗରୁ ନିଜର ଜିନିଷପତ୍ର କାଢ଼ି ରଖି ଶ୍ରୀମତୀ ମହାନ୍ତିଙ୍କ ହାତକୁ ବ୍ୟାଗ୍‌ଟି ବଢ଼ାଇ ଦେଲେ ଏବଂ କହିଲେ—ଏ ଭେନିଟି ବ୍ୟାଗ୍‌ଟି ତମ ପାଖରେ ଥିବା ଯାଏଁ ମୋତେ ମନେ ରଖିବ ଅପା ।

ଶ୍ରୀମତୀ ମହାନ୍ତି ହସି ହସି କହିଲେ—ତା'ପରେ ତମକୁ ଭୁଲିଗଲେ ଚଳିବ ତ ? ନା ନା, ସେ କଥା ନୁହେଁ । ଏ ତୁଚ୍ଛ ଭେନିଟି ବ୍ୟାଗ୍‌ଟାକୁ ଯେନି ଆମର ସମ୍ପର୍କ ଗଢ଼ି ନ ଉଠୁ ! ହୃଦୟର ବନ୍ଧନ ହିଁ ଅସଲ କଥା ।

ଏ ତେଲ ଲୁଣର ସଂସାରରେ ହୃଦୟର ବନ୍ଧନ କିନ୍ତୁ ଅବଲମ୍ବନ-ସାପେକ୍ଷ । ସେ ଅବଲମ୍ବନ କଣ ମଣିଷର ସୁଖ ସ୍ୱାଚ୍ଛନ୍ଦ୍ୟରେ ସହାୟକ କେତେକ ବ୍ୟବହାର୍ଯ୍ୟ ଜିନିଷପତ୍ର ? ନା, ତାହାଠାରୁ ଆଉ ଅଧିକ କିଛି ? ଶ୍ରୀମତୀ ଦାସ ବେଳେ ବେଳେ ଏକାନ୍ତରେ ଏ ବିଷୟ ଭାବନ୍ତି । ଯେତେ ଭାବନ୍ତି ମଣିଷ ମଣିଷ ଭିତରେ ଥିବା ସମ୍ପର୍କଟା ତେତେ ତାଙ୍କୁ ଅଜୁଆ ସୂତା ପରି ବୋଧହୁଏ ।

ଦିନେ ସାବୀ ଶ୍ରୀମତୀ ଦାସଙ୍କ ପାଖରେ ଆଖି ଛଳ ଛଳ କରି କହିଲା—ବିକାଶ ଭାଇ ମୋ ଯନ୍ତ୍ରବାକ୍‌ସ କେବେଠୁଁ ମାଗି ନେଇ ଦଉ ନାହାନ୍ତି । କହୁଛନ୍ତି—ସ୍କୁଲରେ ତାହା ଚୋରି ହୋଇଗଲା । କିନ୍ତୁ ମୁଁ ଆଜି ଦେଖି ଆସିଛି, ବିକାଶ ଭାଇଙ୍କର ବହିଥାକ ଭିତରେ ମୋ ଯନ୍ତ୍ରବାକ୍‌ସ ଲୁଚି ହୋଇ ରହିଛି ।

ଶ୍ରୀମତୀ ଦାସ ଝିଅକୁ ପ୍ରବୋଧନା ଦେଇ କହିଲେ—ହଉ, ତୁ ଆଉ ଏ ବିଷୟରେ ପାଟିତୁଣ୍ଡ କରନା ! ତୋତେ ମୁଁ ଆଉ ଗୋଟିଏ ଯନ୍ତ୍ରବାକ୍‌ସ କିଣି ଦେବି ।

ସାବୀ କହିଲା—ଆମେ ଆଉ ରମି-ବିକାଶ ଭାଇଙ୍କର ସାଙ୍ଗ ହେବୁ ନାହିଁ ବୋଉ ! ସେମାନେ ଭାରି ଦୁଷ୍ଟ । ମୁଁ ରବର କେଇଟା ରବର କଣ୍ଢେଇ ରମି ନେଇ ଯାଇଛି । ମାଗିଲେ ଆଉ ଫେରାଉ ନାହିଁ ।

ଶ୍ରୀମତୀ ଦାସ ଝିଅକୁ ଆକଟ କଲେ—ଚୁପ୍ ଚୁପ୍ ! ସେ କଥା କହନା ! ସମସ୍ତେ ସାଙ୍ଗ ହୋଇ ଖେଳାଖେଳି କର

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ଶ୍ରୀମତୀ ଦାସଙ୍କ ଘରେ ବସି ବାରମଜା, ଚନାବାଦାମ ଚୋବାଉ ଚୋବାଉ ଶ୍ରୀମତୀ ମହାନ୍ତି କହିଲେ—ଆମେ ଢେଙ୍କାନାଳରେ ଥିଲାବେଳେ ବେଶ୍ ଶସ୍ତାରେ ଖୁବ୍ ଭଲ ଚନାବାଦାମ ପାଉଥିଲୁ । ଏଠିକା ଚନାବାଦାମଗୁଡ଼ାକ ମିଠା ନୁହେଁ । ପୂଜାରୀ ପିଅନମାନେ ମିଶି ଗତବର୍ଷ ଆମ ବାଡ଼ିରେ ଚନାବାଦାମ କିଛି ଲଗାଇଥିଲେ । ଭଲ ଫଳିଥିଲା, କିନ୍ତୁ ସ୍ୱାଦ ନାହିଁ ।

ହଠାତ୍ କଣ ସ୍ମରଣ କରି ଶ୍ରୀମତୀ ମହାନ୍ତି କହି ଉଠିଲେ—ହଁ ଭଉଣୀ, ସେ ପୂଜାରୀ-ପିଅନଗୁଡ଼ାକ କିପରି ଶ୍ରେଷ୍ଠ ଲୋକ, ତମେ ଜାଣ । ମୋତେ ଦି' ଦି' ଥର କହି ସାରିଲେଣି । ବଗିଚାରୁ ତମକୁ ଚାରି ପାଞ୍ଚଥର ଭେଣ୍ଡି, ଜହ୍ନି, ଅମୃତଭଣ୍ଡା, ବୋଇତାଳୁ ଡଙ୍କ ଇତ୍ୟାଦି ଦେଇଥିଲେ ପରା ! ତାହାର ପଇସା ସେମାନେ ପାଇ ନାହାନ୍ତି ।

ଶ୍ରୀମତୀ ଦାସଙ୍କ ମୁହଁରେ କିଏ ଯେପରି ଥାପଡ଼ଟାଏ ବସାଇ ଦେଲା ! ଲଜ୍ଜା ଓ ଦୁଃଖରେ ସେ ଉତ୍ତର ଦେଲେ—ହଁ, କଣ କେତେଥର ସେମାନେ ଦେଇଥିଲେ, ମୁଁ ତାହାର ହିସାବ ରଖି ନାହିଁ ।

ଶ୍ରୀମତୀ ମହାନ୍ତି କହିଲେ—ଗରିବ ଲୋକ ସେମାନେ । ଆମ କ୍ୱାର୍ଟର୍ସ୍ ପଛପଟେ ବିରାଟ ଜାଗାଟା ଖାଲି ପଡ଼ିଥିଲା ବୋଲି, ମୋତେ କହି ଫୁରୁସତ୍ ସମୟରେ ସେଠି କିଛି କିଛି ଫସଲ କରୁଛନ୍ତି । ପନିପରିବା ଫଳ ଫୁଲର ଯାହା ହୁଏ, ବିକୀ କରି ପଇସା ପତ୍ର ସେମାନେ ନିଜ ଭିତରେ ବାଣ୍ଟି ନିଅନ୍ତି । ମୋର ତା ସହିତ କିଛି ସଂପର୍କ ନାହିଁ ଭଉଣୀ, ମୋତେ ତୁମେ ଭୁଲ୍ ବୁଝିବ ନାହିଁ ।

ଶ୍ରୀମତୀ ଦାସ କିନ୍ତୁ ଅସଲ କଥାଟି ଠିକ୍ ବୁଝି ପାରିଥିଲେ । ସେହିଦିନ ରାତିରେ ଶୋଇଲାବେଳେ ନିଜ ସ୍ୱାମୀଙ୍କୁ କହିଲେ—ତମେ ଏହା ଭିତରେ କେବେ ଥରେ ଭୁବନେଶ୍ୱର ଯାଇ ଆମ ବଦଳିର ବ୍ୟବସ୍ଥା କର । ଏଠାରେ ଆଉ ବେଶି ଦିନ ରହି ହେବ ନାହିଁ ଦେଖୁଛି ।

ସୁଶାନ୍ତବାବୁ ଦୀର୍ଘ ନିଶ୍ୱାସଟାଏ ପକାଇ ଉତ୍ତର ଦେଲେ—ପାଣିଗ୍ରାହୀ ବାବୁ ଏଠି ଅତି କଷ୍ଟରେ ଦୁଇ ବରଷ ରହିଥିଲେ । ଆମେ କଣ ବର୍ଷଟାଏ ବି ରହି ପାରିବା ନାହିଁ ?

●

Digitized by srujanika@gmail.com

ଗର୍ଭନାଡ଼

ନରୁ ଏବେ କଲେଜରେ ପଢ଼ିବ । କଲେଜ ଛାତ୍ରୀ ହେବାର କେତେ ଆଶା, କେତେ ସ୍ୱପ୍ନ, କେତେ ପରିକଳ୍ପନା—ନୂତନ ଜୀବନ ପାଇଁ କେତେ ସଜବାଜ !

ଉତ୍ସାହ ଉତ୍ତେଜନାରେ ମନଟା ଡିଆଁ ମାରୁଛି ବଣରେ ହରିଣୀ ପରି । ଚାଲିରେ ଚାଞ୍ଚଲ୍ୟ । କଥାବାର୍ତ୍ତାରେ ନୂତନ ଛନ୍ଦ । ବେଶ-ପୋଷାକରେ ନୂତନ ଭଙ୍ଗୀ । ନରୁ ଯେପରି ଗୋଟାଏ ନୂଆ ମଣିଷ ହୋଇ ଯାଇଛି—ଯେପରି ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ, ପାଖ ପଡ଼ିଶା ସମସ୍ତଙ୍କୁ କହୁଛି—ମୋତେ ଏବେ ପତରରେ ପକାଅ, ଖାତିର୍ କର ! ମୁଁ କ'ଣ ଜଣେ ସାଧାରଣ ଯେ-ସେ ଲୋକ ? ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ମୁଁ ପ୍ରଥମ ଦଶ ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇଛି । ମୁଁ ଆଉ ସାନ ଝିଅଟିଏ ନୁହେଁ, ଏବେ ମୁଁ କଲେଜରେ ପଢ଼ିବ ।

ଝିଅର କୃତିତ୍ୱରେ ବାପାଙ୍କ ଛାତି କୁଣ୍ଢେ ମୋଟ । କେଡ଼େ ସୁନ୍ଦର ଚାରିକୋଣିଆ ରିଷ୍ଟ୍ ୱାଚ୍‌ଟିଏ ଆଣି ନରୁକୁ ଉପହାର ଦେଇଛନ୍ତି । ରାଉରକେଲାରୁ

Digitized by srujanika@gmail.com

ମାମୁଁ ପଠାଇଛନ୍ତି—ଦାମିକା ଫାଉଣ୍ଟେନ୍ ପେନ୍‌ଟିଏ । ଲେଖିଛନ୍ତି—ନରୁ ଆମର ହୀରା ଖଣ୍ଡିଏ । ସେ ଯେତେ ଉପରକୁ ଚାହୁଁଛି, ପଢ଼ୁ !

ସେଦିନ ବାପାଙ୍କ ସାଙ୍ଗ ଇଂଜିନିୟର ନବବାବୁ ଆସି ନରୁକୁ କେତେ ପ୍ରଶଂସା କଲେ । ବାପାଙ୍କୁ କହିଗଲେ—ଭଲ ପଢ଼ୁଛି ଯେତେବେଳେ, ଝିଅକୁ ଡାକ୍ତରୀ ପଢ଼ାଅ !

ସାଙ୍ଗସାଥୀମାନେ ପ୍ରାୟ ପ୍ରତିଦିନ ଆସି ଘରେ ଭିଡ଼ ବାନ୍ଧୁଛନ୍ତି । ନରୁର ବିଦ୍ୟାବୁଦ୍ଧି ବିଚକ୍ଷଣତାର ତାରିଫ୍ କରୁଛନ୍ତି, ଆଉ "ଭୋଜି ଖାଇବାକୁ ଦିଅ" ବୋଲି ଲଗାଉଛନ୍ତି । ନରୁ ବାଁ ହାତରେ ରିଷ୍ଟ୍ ୱାଚ୍‌ଟି ପିନ୍ଧି, ଡାହାଣ ହାତରେ ଫାଉଣ୍ଟେନ୍ ପେନ୍‌ଟି ଧରି ସମସ୍ତଙ୍କ ଆଗରେ ଟିକିଏ ଟିକିଏ ହସୁଛି ଆଉ ଫୁଲୁଛି—ଫୁଲୁଛି ଆଉ ହସୁଛି ।

ଖବର କାଗଜରେ ନରୁର ଫଟୋ ବାହାରିଛି । ଫଟୋ ତଳେ ସଂକ୍ଷିପ୍ତ ପରିଚୟ ଏବଂ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସମଗ୍ର ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଥିବା କୃତିତ୍ୱ ବର୍ଣ୍ଣିତ ହୋଇଛି ।

ବିଭିନ୍ନ ସ୍ଥାନରୁ ବହୁ ଅଜଣା ଗୁଣଗ୍ରାହୀ ଚିଠି ଲେଖୁଛନ୍ତି । କେତେକ ନରୁର ପୂରା ମାର୍କସିଟ୍ ପଠାଇବାକୁ ଲେଖିଛନ୍ତି—କେତେକ ପତ୍ରବନ୍ଧୁ ହେବାକୁ ଅନୁରୋଧ ଜଣାଇଛନ୍ତି । ଚାରିଆଡ଼େ ନରୁର କେତେ ଖ୍ୟାତି, କେତେ ପ୍ରଶଂସା, କେତେ ଅଭିନନ୍ଦନ !

କିନ୍ତୁ କେବଳ ଏକା ନରୁର ମାଆ ଝିଅର କୃତିତ୍ୱରେ ଏ ପର୍ଯ୍ୟନ୍ତ ତୁଣ୍ଡ ଫିଟାଇ କିଛି କହି ନାହାନ୍ତି, କିମ୍ବା ଭାବଭଙ୍ଗୀରେ ମନ କଥା କିଛି ପ୍ରକାଶ କରି ନାହାନ୍ତି । ମେସିନ୍ ଭଳି ସେ ଖାଲି ଘର କାମ ସବୁ କରି ଯାଉଛନ୍ତି । ସମସ୍ତଙ୍କଠାରୁ ଝିଅର ପ୍ରଶଂସା ଶୁଣୁଛନ୍ତି । ଝିଅର ସାଙ୍ଗସାଥି, ସ୍ୱାମୀଙ୍କର ବନ୍ଧୁବାନ୍ଧବ ଏବଂ ଆପଣା ଚିହ୍ନାଜଣା ସାଇପଡ଼ିଶାଙ୍କୁ ଚା, ଜଳଖିଆ, ପାନ, ସିଗାରେଟ୍‌ରେ ଚର୍ଚ୍ଚା କରୁଛନ୍ତି ।

ମାଆର ଏପରି ବିଚିତ୍ର ମତିଗତି ଦେଖି ନରୁ ଦିନେ ବାପାଙ୍କ ଆଗରେ ନାଲିସ୍ କଲା—ମାଆଟା ଆଜିକାଲି ଭାରି ହିଂସକୁଟୀ ହେଲାଣି ବାପା !

ବାପା ପଚାରିଲେ—କାହିଁକି ରେ ? କଣ ହେଲା କି ?

ନରୁ କହିଲା—ସେ ଆଉ କାହାର ଶିରୀ ଦେଖି ପାରୁ ନାହିଁ—କାହାର ପ୍ରଶଂସା ସହିପାରୁ ନାହିଁ ।

Digitized by srujanika@gmail.com

ପ୍ରକୃତ ବୋଧହୁଏ ନାରୀମାନଙ୍କ କାନକୁ ଟିକିଏ ପତଳା କରି ଗଢ଼ିଛି । ରୋଷେଇ ଘର ଭିତରୁ ଚେଁ ଗୁଁ ସେଁ ସାଁ ଶବ୍ଦ ମଧ୍ୟରେ ବାପ-ଝିଅଙ୍କ କଥାବାର୍ତ୍ତା ଶୁଣିପାରି ନରୁ-ମା' ପାଟି କରି ଉଠିଲେ—ଝିଅଟାଣ୍ଡୁଟାର ମଥାକୁ ହାତ ପାଇଗଲଣି ଦେଖୁଛୁ । ବାପ ଆଗରେ କଣ ଇମିତି ଗେହ୍ଲେଇ ହେଉଛୁ !

ନରୁ ଜିଭ କାମୁଡ଼ି ପକାଇ ଚୁପ ହୋଇଗଲା । ଯାଃ.....ମାଆଟା ଶୁଣି ପକାଇଲା ! ହଉ ଶୁଣୁ—ଅଚ୍ଛା କରି ଶୁଣୁ । ମୁଁ ତ କିଛି ମିଛ କଥା କହୁ ନାହିଁ !

ନରୁ ମନେ ମନେ ବାପାଙ୍କ ଉପରେ ମଧ୍ୟ ଟିକିଏ ବିରକ୍ତ ହେଲା । ବାପା ବି ବେଳେ ବେଳେ ମାଆ-ଆଡ଼ୁଆ ହୋଇ ଯାଆନ୍ତି—ମାଆ ପକ୍ଷ ନେଇ କଥା କହନ୍ତି । ସେତେବେଳେ ବାପାଙ୍କୁ କିମିତି ମାଇଚିଆ-ମାଇଚିଆ ବୋଲି ନରୁର ମନେହୁଏ । ଗତ ବର୍ଷ ସାନ ଭଉଣୀ ବୁଚୁର ଜନ୍ମଦିନରେ ଅଜା ଗୋଟିଏ ଫ୍ରକ୍ ପଠାଇଥିଲେ । ଫ୍ରକ୍‌ଟାର ରଙ୍ଗ ଓ ଡିଜାଇନ ନରୁର ପସନ୍ଦ ହେଲା ନାହିଁ । ମାଆର କିନ୍ତୁ ଖୁବ ପସନ୍ଦ । ସାମାନ୍ୟ ଫ୍ରକ୍ ବିଷୟଟା ଯେନ ମାଆ—ଝିଅଙ୍କ ମଧ୍ୟରେ ଟିକିଏ କଥା କଟାକଟି ହୋଇଗଲା । ଅଗତ୍ୟା ବାପାଙ୍କର ମତ ଲୋଡ଼ାଗଲା । ବାପା, ମା' ସହିତ ଏକମତ ହୋଇଗଲେ । ଅଥଚ ଫ୍ରକ୍‌ଟା କି ବାଜେ !

ମାଆ ବୋଧହୁଏ କିଛି ଗୁଣି ଗାରୁଡ଼ି ଜାଣେ । ବାପାଙ୍କୁ ବେଳେ ବେଳେ ସେ କି ମନ୍ତ୍ର କରେ କେଜାଣି, ବାପା ଏତେ ପାଠ ପଢ଼ି ଏତେ ବଡ଼ଲୋକ ହୋଇ ବି ସମସ୍ତ ବୁଦ୍ଧି ଶୁଦ୍ଧି, କାଣ୍ଡଜ୍ଞାନ ହରାଇ ମେଣ୍ଢାଟିଏ ପରି ଆଚରଣ କରନ୍ତି । ଟିଉସନ୍ ମାଷ୍ଟର ବାହାର ଘରେ କି ବୈଠକଖାନାରେ ବସି ନରୁକୁ ପଢ଼ାଇବେ—ଗୁରୁବାର ଘରେ ଆମିଷ ହେବ କି ନା—ସାନ ଭାଇ ମୁନାର ଭଲ ନାମ ଦୀନବନ୍ଧୁ କି ଲକ୍ଷ୍ମୀପତିକୁମାର ଦିଆଯିବ ଇତ୍ୟାଦି ସାନ ବଡ଼ ଘରୋଇ ବ୍ୟାପାରରେ ବାପା ବେଶୀ ମାଆ କଥାରେ ଚାଲନ୍ତି । ପରିସ୍ଥିତି ଜଟିଳ ହୋଇଥିଲେ, କୌଣସି ମତ ନ ଦେଇ ଚୁପ ରହି ଯାଆନ୍ତି । ସେ କ୍ଷେତ୍ରରେ ମାଆର କଥାହିଁ ବଜାୟ ରହେ । ମାଆ ପ୍ରକୃତରେ ଡାହାଣୀଟାଏ ! ଗୁଣିଗାରୁଡ଼ି ଦ୍ୱାରା ମାଇକିନାମାନେ ଭେଣ୍ଡା ପୁରୁଷକୁ ମେଣ୍ଢା କରି ରଖୁଥିବାର ବହୁ ଗଳ୍ପ ନରୁ ଶୁଣିଛି ।

କିନ୍ତୁ ନରୁ ଜାଣେ ଯେ ସେ ବାପାଙ୍କର ଅତି ଗେହ୍ଲା ଝିଅ । ବୁଚୁଠାରୁ—ଏପରିକି ମାଆଠାରୁ ଅଧିକ ବାପା ତାକୁ ଭଲ ପାଆନ୍ତି । ଏହାର ପ୍ରମାଣ ବି ସେ ପାଇଛି । ମାଆକୁ ଲୁଚାଇ ସେ କେତେଥର ଭଲ ଭଲ ରିବନ୍, କଜଳ, ନଖପାଲିସ୍ ଆଣି ନରୁକୁ ଦେଇଛନ୍ତି । ମାଆ ଯଦି କୌଣସି ମତେ ଜାଣିଗଲା ତ, ଆଉ ରକ୍ଷା ନାହିଁ ।

Digitized by srujanika@gmail.com

ବାପାଙ୍କ ଉପରେ ଗୁଲେ ତେଜ ଗର୍ଜନ— ଝିଅଟାର ମଥା ଖାଇଲ ତମେ, ତାକୁ ବିଗାଡ଼ି ଦେଲ । ସେ ପାଠ ପଢ଼ିବ, ନା ଦିନରାତି ବସି ବେଶପୋଷାକ ହେଉଥିବ ? 'ଇତ୍ୟାଦି—ଇତ୍ୟାଦି ।

ସେତିକରେ କଥା ସରେ ନାହିଁ । ନିରୁ ପାଇଁ ଆସିଥିବା ସେହି ରିବନ୍, କଜଳ, ନଖପାଲିସ୍ ପ୍ରଭୃତି ମାଆ ବି ନେଇ ଅଳଜୁକ୍ତା ଭାବରେ ବ୍ୟବହାର କରେ ଛି ଛି ଛି......

ଗତ ବଡ଼ଦିନ ଛୁଟିରେ ବାପା କଲିକତା ଯାଇଥିଲେ । ସ୍କୁଲରେ ଟେଷ୍ଟ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବାରୁ ନିରୁର ମନ ଖୁସି ଥାଏ । ବାପାଙ୍କୁ କହିଥିଲି—ମୋ ପାଇଁ ଭଲ ଜିନିଷ କିଛି ଆଣିବ । କଲିକତାରୁ ବାହୁଡ଼ି ବାପା ଘରେ ପହଞ୍ଚିବା ମାତ୍ରକେ, ନିରୁ ତାଙ୍କର ସୁଟ୍‌କେସ୍ ଘାଣ୍ଟି ପକେଇ ନେଲେ ଇୟରର୍‌-ରିଙ୍ଗ୍ ବାହାର କଲା ଏବଂ ହାତରେ ଧରି ମନ ଆନନ୍ଦରେ ପରସ୍ତେ ନାଚଗଲା । ମୁନା ଓ ବୁଚୁ ଧାଇଁଆସି କଣ୍ଢେଇ, ନାଲି ଟୁକୁ ଟୁକୁ କୁର୍ତ୍ତା ପ୍ରଭୃତି ପାଇଗଲେ । ମାଆ ସେତେବେଳେ ଥିଲା ଗାଧୁଆ ଘରେ । ଗାଧୁଆ ଘରୁ ବାହାରି ସେଦିନ ସେ ଯେଉଁ କାଣ୍ଡଟାଏ ସୃଷ୍ଟି କଲା, ତାହା ନିରୁ ମନରୁ କେବେ ପାସୋରି ଯିବ ନାହିଁ ।

ମାଆ ନିଜ ପାଇଁ କଲିକତାରୁ କିଛି ଜିନିଷ ଆଣିବାକୁ ହୁଏତ ବାପାଙ୍କୁ କହିଥିବ । ଇୟରର୍‌-ରିଙ୍ଗ୍ ହିଁ ଲାଗି ବାପା ବି ହୁଏତ ମାଆ ପାଇଁ ଆଣିଥିବେ । କିନ୍ତୁ ସେକଥା ନିରୁ କିପରି ଜାଣିବ ? ବାପା ମଧ୍ୟ ମାଆର କାଣ୍ଡ-କାରଖାନା ଦେଖି ଇୟରର୍‌-ରିଙ୍ଗ୍ ପ୍ରକୃତରେ କାହାପାଇଁ ଆସିଛି, କିଛି କହିଲେ ନାହିଁ । ସେ ଦିନସାରା ମାଆ ରାଗ-ଗରଗର ହୋଇ ବାପାଙ୍କ ସଙ୍ଗରେ କଥାବାର୍ତ୍ତା କଲା ନାହିଁ, କମ୍ଭା କିଛି ଖିଆପିଆ ବି କଲା ନାହିଁ । ମିଛେ ମିଛେ ମୁନା ଓ ବୁଚୁଙ୍କୁ ଗାଳିଗୁଲଜ କଲା—ମାଡ଼ ଦେଲା ।

କଥାଟା ମନେ ପଡ଼ିଲେ, ନିରୁକୁ ହସ ମାଡ଼େ । ମାଆର ବୟସ ହୋଇଛି, ପଞ୍ଚତିରିଶ ବର୍ଷ ପାଖାପାଖି ହେବ । ତିନି ତିନିଟା ପିଲା ଛୁଆ, ପୁଣି ଗୋଟାଏ କଣ ହେବ, ଗର୍ଭରେ ଧରିଛି । ଗାଲ ଦୁଇଟା କମେ ପଶି ଯାଉଛି—ଆଖିତଳେ କଳା କଳା ରେଖା ବାରି ହେଉଛି—ମଥାର ଲମ୍ବା ଘନ କେଶ ପତଳା ହେଲାଣି । ତଥାପି ତା'ମନର ସଉକ ମେଣ୍ଟି ନାହିଁ—ଗହଣାଗାଣ୍ଠି, ଶାଢ଼ୀ, ଚୁଡ଼ୀ ପ୍ରତି ଲୋଭ ଊଣା ହୋଇ ନାହିଁ । ତହିଁରେ ପୁଣି ଆପଣା ଝିଅଟା ସଙ୍ଗରେ ବାଦ ।

ପରେ ପରେ ବାପା ଅବଶ୍ୟ ଆଉ ହଳେ ଇୟରର୍‌-ରିଙ୍ଗ୍ କିଣି ଆଣି ମାଆକୁ ଦେଇଥିଲେ । ଝଗଡ଼ାଟା ଅପାତତଃ ଅପସରି ଯାଇଥିଲା ସେଥରକ ପାଇଁ ।

Digitized by srujanika@gmail.com

ଗତ କେତେଦିନ ତଳେ ପୁଣି ଥରେ ଝଡ଼ ଉଠିଥିଲା ନିରୁକୁ କେନ୍ଦ୍ର କରି। ନିରୁ କହିଲା—କଲେଜକୁ ସେ ଶାଢ଼ୀ ପିନ୍ଧି ଯିବ। ସେଦିନ ସଞ୍ଜବେଳେ ବାପା ଯେମିତି ଶାଢ଼ୀ କିଣିବା ପାଇଁ ନିରୁ ସଙ୍ଗରେ ବଜାରକୁ ବାହାରିଛନ୍ତି, ମାଆ ଅଡ଼ି ବସିଲା— ବଳକଟେ ବୋଲି ଝିଅ, ଏତେ କମ୍ ବୟସରୁ ଶାଢ଼ୀ ପିନ୍ଧିବ କାହିଁକି ? ନା, ନା, ଫ୍ରକ୍ ପିନ୍ଧି ସେ କଲେଜ ଯାଉ !

ନିରୁ କହିଲା—ତୁ' ତ ମା' କଲେଜ ମାଡ଼ି ମାଡ଼ିନୁ, କଲେଜ ପଢ଼ାକଥା ଜାଣିବୁ କିମିତି ? ମାଇନର ସ୍କୁଲ୍ ଝିଅଙ୍କ ଭଳି ଫ୍ରକ୍ ପିନ୍ଧି କଲେଜ ଯିବାକୁ ମୋତେ ଲଜ ଲଗିବ।

ମାଆ ମାଇନର ଶେଷ ପର୍ଯ୍ୟନ୍ତ ପାଠ ପଢ଼ିଥିଲା। ତେଣୁ କଥାଟା ଠିକଣା ଜାଗାରେ ଯାଇ ଆଘାତ କଲା ! ରାଗ ଜରଜର ହୋଇ ସେ କହିଲା—ମୁଁ କଲେଜ ମାଡ଼ି ମାଡ଼ିନି, କି ତୋ ଭଳି ଅଲଜୁକୀ ବେହିଆଣୀ ହୋଇନି। ନିତି ନୂଆ ନୂଆ ଶାଢ଼ୀ, ଖଣ୍ଡିଆ ବ୍ଲାଉଜ୍ ପିନ୍ଧି ଟୋକାଙ୍କ ସହିତ ହେଁ-ହେଁ, ଫେଁ-ଫେଁ ହେବା ଆମ ପଢ଼ିଲା ବେଳେ ନ ଥିଲା।

ଏ କଥାରେ ନିରୁ ଚିଡ଼ିଗଲା। ସେ ଜିଦ୍ ଧରି ବସିଲା—କଲେଜରେ ପଛେ ନ ପଢ଼ିବ; କିନ୍ତୁ ଫ୍ରକ୍ ପିନ୍ଧି ସେ କଲେଜ ଯାଇପାରିବ ନାହିଁ।

ବାପା ଯେମିତି ନିରୁ ପକ୍ଷ ନେଇ କଥା କହିବାକୁ ଆରମ୍ଭ କରିଛନ୍ତି, ଆଉ ଯାଆନ୍ତି କୁଆଡ଼େ ? ମାଆ ଫାଟିକରି ଉଠିଲା—ତମେ ଝିଅଟାକୁ ମୁହଁ ଦେଇ ସାରିଦେଲ। ସେ ଆଉ ଗୁରୁ ଗୁରୁଜନମାନଙ୍କ କଥା ଶୁଣୁଛି ନା ମାନୁଛି ? ଭବିଷ୍ୟତରେ ତମେ ତାକୁ ସମ୍ଭାଳିବ, ମୋତେ ଆଉ ଦୋଷ ଦେବ ନାହିଁ।

ସେଦିନ ଶାଢ଼ୀ କିଣିବା ପାଇଁ ବଜାର ଯିବା ବନ୍ଦ ହେଲା। କିନ୍ତୁ ଝଡ଼ଟା ସହଜରେ ଲିଭିଲା ନାହିଁ। ତାହାର ପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ମା-ଝିଅଙ୍କ ମନକୁ ଆନ୍ଦୋଳିତ କଲା। ମଝିରେ ମଝିରେ ପାରିବାରିକ ଶାନ୍ତିକୁ ମଧ୍ୟ ବିପର୍ଯ୍ୟସ୍ତ କରିବାରେ ଲାଗିଲା।

ବାପା କୌଣସିମତେ ମାଆକୁ ବୁଝାଇ ଶୁଝାଇ ନିରୁ ପାଇଁ ଦୁଇଖଣ୍ଡ ଶାଢ଼ୀ କିଣି ଆଣିଲେ। ନିରୁ ସଙ୍ଗିନୀମାନଙ୍କୁ ଡେକି ଘର ଭିତରେ ଶାଢ଼ୀ-ପିନ୍ଧାର ରିହରସାଲ୍ କଲା। ଖାଇବା ଘରେ ବାପାଙ୍କ ଆଗରେ ମାଆ ଗଜର ଗଜର ହେଉଥିଲା—କଲେଜକୁ ଯିବା ପାଇଁ ଏତେ ଚକଚକିଆ ଦାମିକା ଶାଢ଼ୀ ଆଣିବା କି ଦର୍କାର ଥିଲା ? କାହିଁ, ଗତ

Digitized by srujanika@gmail.com

ଷୋଳ ବର୍ଷ ଭିତରେ ମୋତେ ତ ଏଡ଼େ ସୁନ୍ଦର ଶାଢ଼ୀ ଖଣ୍ଡିଏ ତମେ କେବେ କିଣି ଦେଇନ ।

ବାପା ଏହାର ଆଉ କି ଉତ୍ତର ଦିଅନ୍ତେ ?

ପିନ୍ଧିଛି ସୁନ୍ଦର ରଙ୍ଗୀନ୍ ଶାଢ଼ୀ । କାନରେ ଚକଚକ କରୁଛି ନୂଆ ଇୟର୍-ରିଙ୍ଗ୍ । ଦୁଇ ହାତରେ ପଟିଏ ପଟିଏ ସୁନା ଚୁଡ଼ୀ । ବାଁ ହାତରେ ରିଷ୍ଟ୍‌ୱାଚ୍ । ପାଦରେ ନୂଆ ହାଇହିଲ୍ ଯୋତା । ନିରୁ କଲେଜ ଗଲା ସଙ୍ଗିନୀମାନଙ୍କ ମେଳରେ ହଲି ହଲି ଝୁଲି ଝୁଲି । ପ୍ରଜାପତିର ନୂତନ ଡେଣା ଯେପରି ଗଜାଇ ଉଠିଛି ! ସେ କଣ ବାଧା-ବନ୍ଧନ ମାନେ ? ମୁକ୍ତ ଆକାଶରେ ସେ ଉଡ଼ି ବୁଲିବାକୁ ଚାହେଁ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଭାବରେ ।

ସେଦିନ ରାତି ଅଧରେ ନିରୁ ସ୍ୱପ୍ନଟାଏ ଦେଖିଲା । ବିଚିତ୍ର ସ୍ୱପ୍ନ—ମାଆ ତାହାର ମରି ଯାଇଛି । ମାଆକୁ ହରାଇ ବାପା ମନମରା ହୋଇ ରହିଛନ୍ତି । ମୁନା ଓ ବୁଚୁ କାନ୍ଦାକଟା କରୁଥିଲେ । ନିରୁ ସେମାନଙ୍କୁ ବୁଝାଇ ସୁଝାଇ ନିଜ କୋଳକୁ ଟୋଳି ନେଇଛି । ବାପାଙ୍କର ଖଆପିଆ, ବସାଉଠା ଇତ୍ୟାଦିର ସବୁ ଦାୟିତ୍ୱ ସେ ନିଜ ହାତରେ ଗ୍ରହଣ କରିଛି । ଘରର ସେ ଏବେ ଅପ୍ରତିଦ୍ୱନ୍ଦ୍ୱୀ ଗୃହିଣୀ—ଏକମାତ୍ର ସର୍ବମୟୀ କର୍ତ୍ତ୍ରୀ । ମାଆର ସମସ୍ତ ଶାଢ଼ୀ, ଲୁଗାପଟା, ଗହଣାଗାଣ୍ଠି ର ବର୍ତ୍ତମାନ ସେ ନିରଙ୍କୁଶ ଅଧିକାରିଣୀ । ଏକାବେଳକେ ସବୁତକ ଶାଢ଼ୀ ଓ ଗହଣା ପିନ୍ଧି ସେ ରାଣୀଟିଏ ପରି ଘରେ ବସିଛି ।

ହଠାତ୍ ନିରୁର ନିଦ ଭାଙ୍ଗିଗଲା । ସ୍ୱପ୍ନର ଆବେଶ କଟିଯିବା ମାତ୍ରେ ନିରୁ ଅନୁଭବ କଲା—ଉତ୍ତେଜନାରେ ତାହାର ସାରା ଦେହଟା ଥରୁଛି । ଅନ୍ଧାର ଘର ଭିତରେ ସେ ଦେଖିଲା ମାଆ ତା'ର ପାଖ ପଲଙ୍କରେ ନିଘୋଡ଼ ନିଦରେ ଶୋଇଛି । ପାଖରେ ଗଡ଼ୁଛନ୍ତି ମୁନା ଓ ବୁଚୁ ।

ନିରୁ ପଲଙ୍କ ପାଖକୁ ଯାଇ ମାଆକୁ ହଲାଇ ଡାକ ଦେଲା । ମାଆ ପଚାରିଲା—କଣ କି ଲୋ ? ଉଠିଲୁ କାହିଁକି ?

ନିରୁ କହିଲା—ଖରାପ ସ୍ୱପ୍ନଟାଏ ଦେଖିଲି ମା', ଡର ମାଡ଼ୁଛି । ମୁଁ ତୋର ପାଖରେ ଶୋଇବି ।

ମାଆ ଡାହାଣ ହାତ ଟେକି ଡାକିଲା—ଆ, ଚାଲିଆ

ନିରୁ ସେଇଠି ମୁନା-ବୁଚୁଙ୍କ ସାଙ୍ଗରେ ମାଆ କୋଳରେ ଗୁଞ୍ଜିଗାଞ୍ଜି ହୋଇ ନିଶ୍ଚିନ୍ତରେ ଶୋଇ ପଡ଼ିଲା ।

●

Digitized by srujanika@gmail.com

ସୃଷ୍ଟିର ସ୍ୱପ୍ନ

ରାତି ଦଶଟାର ସେଇ ମଧୁର ଲଗ୍ନ ।

କଲ୍ୟାଣୀ ଘର କାମ ସାରି ନଥି କରି ଆସି ସ୍ୱାମୀଙ୍କ କୋଳରେ ପଡ଼ିଗଲା ।

ସ୍ୱାମୀ ଦେବନାଥ ବାବୁ ବିଛଣାରେ ପଡ଼ି 'ଡଗର' ପତ୍ରିକାର ଗୋଟାଏ ଗପ ଉପରେ ଆଖି ପକାଉଥିଲେ । ପ୍ରିୟତମା ପତ୍ନୀଙ୍କ ଆଗମନରେ ଗଳ୍ପଟି ଅର୍ଦ୍ଧ ପଠିତ ଅବସ୍ଥାରେ ରହିଲା । କଲ୍ୟାଣୀକୁ କୋଳରେ ଜଡ଼ାଇ ଧରି ସେ ପଚାରିଲେ—ତମେ ଆଜି ଇମିତି ଶୁଖିଲା ଦିଶୁଛ କାହିଁକି କଲ୍ୟାଣୀ ! ଦେହ କିଛି ଖରାପ ହେଇନି କି ?"

କଲ୍ୟାଣୀ ଅତି କଷ୍ଟରେ "ହୁଁ"ଟିଏ ମାରିଲା ।

ଦେବନାଥ ଉଦ୍‌ବିଗ୍ନ ମନରେ କହିଲେ—"ଦେହ ଖରାପ ଅଛି, କାହିଁ ଏ ପର୍ଯ୍ୟନ୍ତ ମୋତେ ସେ କଥା କହିନ ! କ'ଣ ହୋଇଛି କୁହ, ମୁଁ ବର୍ତ୍ତମାନ ଯାଏଁ ଡାକ୍ତରଖାନାକୁ ।"

Digitized by srujanika@gmail.com

ଉଜ୍ଜ୍ୱଳ ଆନନ୍ଦର ମଧୁର ହସ ଫୁଟି ଉଠିଲା କଲ୍ୟାଣୀ ମୁଖରେ । ଦେବନାଥ ଆଶ୍ଚର୍ଯ୍ୟ ହେଲେ । ଦେହ ଖରାପ ଅଛି, ଅଥଚ ଏଣେ ମୁହଁରେ ଉଜ୍ଜ୍ୱଳ ହସ ! ଘଟଣା କ'ଣ !

କଲ୍ୟାଣୀ ସ୍ୱାମୀଙ୍କ ବକ୍ଷରେ ଲେଟି ପଡ଼ି ଗେହ୍ଲେଇ ହୋଇ କହିଲା— "ଡାକ୍ତରଖାନା ଦଉଡ଼ିବା କିଛି ଦରକାର ନାହିଁ । ରୋଗ ମୋର ଭଲ ନ ହେଉ ।"

"ପାଗଳୀ ହେଲ ନା କ'ଣ କଲ୍ୟାଣୀ ? ଦେହ ଦୁଃଖରେ ତମେ ଘାଣ୍ଟି ହେବ; ମୁଁ ପାଖରେ ବସି ତାହା ଦେଖିବି ।"

କଲ୍ୟାଣୀ ହସି ହସି କହିଲା—"ସେ ଦେହ ଦୁଃଖ ମୋ ଜୀବନର ପରମ ସୁଖ ପ୍ରିୟତମ । ପୁଷ୍ପିତା ଲତାକୁ ଫଳର ଗୁରୁଭାର ବାଧିଲେ ମଧ୍ୟ ସୃଷ୍ଟିର ଗଭୀର ଆନନ୍ଦରେ ସେ କି ମଜଗୁଲ୍ ନ ଥାଏ !"

ଦେବନାଥ କ୍ଷଣକେ ସବୁ କଥା ବୁଝି ପାରିଲେ । ସେମାନଙ୍କ ବିବାହିତ ଜୀବନର ଦୀର୍ଘ ଗୁରିଟି ବର୍ଷ କଟିଯାଇଛି । ଏହା ମଧ୍ୟରେ ଗୋଟିଏ ସନ୍ତାନ-ଲାଭ ଲାଗି କଲ୍ୟାଣୀ ଯେ କିପରି ସ୍ୱପ୍ନ-ବିଧୁରା ହୋଇଉଠିଛି, ତାହା ବରାବର ଦେବନାଥ ଲକ୍ଷ୍ୟ କରି ଆସିଛନ୍ତି । ବିଧାତାଙ୍କ ଦୟାରୁ ଆଜି ସେଇ ସ୍ୱପ୍ନ ସଫଳ ହେବାକୁ ଯାଉଛି । ଅତି ଆନନ୍ଦରେ ଦେବନାଥ ନିଜ ବାହୁବନ୍ଧନ ମଧ୍ୟରେ କଲ୍ୟାଣୀକୁ ଆବଦ୍ଧ କରି ପକାଇଲେ ।

କଲ୍ୟାଣୀ କହିଲା—ଆଜି ଦି'ପହରେ ନେଜି ଆଈ ଆସିଥିଲେ । ମୋର ବାନ୍ତି ହଉଥିଲା ଦେଖି ସବୁ କଥା ପଚାରି ବୁଝିଲେ । କହିଲେ —ହେଇଗଲା; ଏଥର ତୋ କୋଳ ପୂରିବ; ଏ ଘର ଉଜ୍ଜ୍ୱଳ ଉଠିବ ।

ନିରୁତ୍ତର ରହି ଦେବନାଥ କେବଳ କଲ୍ୟାଣୀର କପୋଳରେ ଅଜାଡ଼ି ଦେଲେ —ଅଜସ୍ର ଚୁମ୍ବନର ପୁଷ୍ପ ।

କଲ୍ୟାଣୀ ସ୍ୱାମୀଙ୍କ କାନ ପାଖରେ ମୁହଁ ଗୁଞ୍ଜି ସ୍ୱପ୍ନ-ବିଭୋର ହୋଇ କହିଲା— "ସେଦିନ ସିନେମାହଲ୍ ଭିତରେ ଯେଉଁ ପିଲାଟିକି ତମକୁ ଦେଖାଇ ଦେଇଥିଲି····· କି ସୁନ୍ଦର ଡଉଲ ଡାଉଲ ପୁଅଟି । ବାପ ପାଖରୁ ମା' କୋଳକୁ ଯିବା ଲାଗି ଖାଲି ଉଚ୍ଚାଟ ଲଗାଉଥାଏ । କଅଁଳ ଓଠର ଦଇବେଟି କଥା ତା'ର କି ସୁନ୍ଦର ! ମନେ ପଡ଼ୁଛି ?"

Digitized by srujanika@gmail.com

ଦେବନାଥ "ହୁଁ" ମାରିଲେ ।

"ତୁମେ ଲକ୍ଷ୍ୟ କରିଛ ସେ ସ୍ତ୍ରୀଲୋକଟିକି ? ମୁଖରେ ତା'ର ମାତୃତ୍ୱର କି ଗର୍ବ, କି ଆନନ୍ଦ ! ହସି ହସି ପିଲାଟିକି ସେ କୋଳକୁ ନେଲା । ଆମ କୋଳକୁ ଠିକ୍ ସେହିପରି ପୁଅଟିଏ ଆସିଲେ·····"

ଦେବନାଥ କାନ ଡେରି ସବୁ କଥା ଶୁଣି ଯାଉଥିଲେ । ହଠାତ୍ ବାଧା ଦେଇ କହିଲେ—"ନା କଲ୍ୟାଣୀ, ମୁଁ ପୁଅ ଚାହେଁନା । ତମରି ରୂପ ଗୁଣ ଧରି ପ୍ରଥମେ ଆମର ଝିଅଟିଏ ହେଲେ, କି ସୁନ୍ଦର ହୁଅନ୍ତା ।"

କଲ୍ୟାଣୀ ଏଥିରେ ରାଜି ନ ହୋଇ କହିଲା—"ଉହୁଁ, ଝିଅ ଆମର କ'ଣ ହେବ ? ମୁଁ ପୁଅଟିଏ ଚାହେଁ ।"

କଲ୍ୟାଣୀର ଜିଦ୍‌ରେ ହିଁ ଦେବନାଥ ବାବୁଙ୍କୁ ସମ୍ମତି ଦେବାକୁ ପଡ଼ିଲା ।

ଶତସ୍ୱପ୍ନ, ସହସ୍ର କଳ୍ପନା ମଧ୍ୟରେ କଲ୍ୟାଣୀର ଦିନଗୁଡ଼ିକ କଟିବାକୁ ଲାଗିଲା । ନଅ ମାସ ପରେ ହଠାତ୍ ଦିନେ କଲ୍ୟାଣୀଠାରେ ପ୍ରସବ ବେଦନା ପରିଲକ୍ଷିତ ହେଲା । ସ୍ତ୍ରୀର ପ୍ରଥମ ଗର୍ଭ, ତେଣୁ ବିଶେଷ ସାବଧାନ ହେବାର କଥା । ଦେବନାଥ ସଙ୍ଗେ ସଙ୍ଗେ କଲ୍ୟାଣୀକି ନିକଟସ୍ଥ ହସପିଟାଲ୍‌କୁ ପଠାଇ ଦେଲେ ।

ସହଜ ଓ ସୁବିଧାରେ ପ୍ରସବ ହୋଇପାରିଲା ନାହିଁ । ଦୀର୍ଘ ଦୁଇଦିନ କଲ୍ୟାଣୀ ଅସହ୍ୟ ବେଦନାରେ ଛଟପଟ ହେବାକୁ ଲାଗିଲା । ତଥାପି ସେ ମହା ଆନନ୍ଦରେ ସ୍ୱାମୀଙ୍କ ପାଖକୁ ଖବର ଦେଲା—"ଏ କଷ୍ଟ ନୁହେଁ, ତମେ ମୋ ପାଇଁ ବ୍ୟସ୍ତ ହେବ ନାହିଁ ।"

ଶେଷରେ ଅବସ୍ଥା ସାଙ୍ଘାତିକ ହୋଇଯିବାରୁ କଲ୍ୟାଣୀଠାରେ ଅସ୍ତ୍ରୋପଚାର କରାଗଲା । କଲ୍ୟାଣୀ ଅକୁଣ୍ଠିତ ଚିତ୍ତରେ ସମସ୍ତ ଦୁଃଖ ବେଦନା ସହ୍ୟ କଲା । ସେଦିନ ସେ ସଂଜ୍ଞାହୀନ ଥିବାବେଳେ ପ୍ରସବ କଲା ଏକ ପୁତ୍ର ସନ୍ତାନ—ନିଜ ସ୍ୱପ୍ନର ଜୀବନ୍ତ ରୂପାୟନ !

ଦେବନାଥ ଖବର ପାଇ ଆନନ୍ଦରେ ଅଧୀର ହୋଇ ଉଠିଲେ । କିନ୍ତୁ ଅନେକ ସମୟ ପର୍ଯ୍ୟନ୍ତ କଲ୍ୟାଣୀର ସଂଜ୍ଞା ନ ଫେରିବାର ଦେଖି ସେ ଅତି ବ୍ୟସ୍ତ ହୋଇ ପଡ଼ିଲେ । ଡାକ୍ତରଙ୍କ ପାଖରେ ବିକଳ ହୋଇ ପ୍ରିୟତମାର ଜୀବନ ଭିକ୍ଷା କଲେ । ଶେଷରେ ଡାକ୍ତରଙ୍କ ଚେଷ୍ଟାରେ କଲ୍ୟାଣୀ ଥରେ ଆଖି ମେଲି ଚାହିଁଲା । ଦେବନାଥ ବ୍ୟସ୍ତ ହୋଇ ପାଖକୁ ଯାଇ ଠିଆ ହେଲେ ।

Digitized by srujanika@gmail.com

ପ୍ରଥମେ ପାଖରେ ଶୋଇଥିବା ସନ୍ତାନଟିକୁ କଲ୍ୟାଣୀ ଥରେ ପ୍ରାଣଭରି ଦେଖିନେଲା । ତା'ପରେ ନିଜର ଦୁର୍ବଳ ହାତଟି ଅତି କଷ୍ଟରେ ଉଠାଇ ଶିଶୁର ଶ୍ରେଷ୍ଠ କଅଁଳ ମଥାଟିକୁ ଆଉଁସି ଦେଲା । ଶୀର୍ଣ୍ଣ ଅଧରରେ ତା'ର ଫୁଟି ଉଠିଲା ଏକ ମଧୁର ହାସ୍ୟ ରେଖା । ଅର୍ଦ୍ଧନିମୀଳିତ ନୟନରେ ଛଳ ଛଳ ହେଲା ଆନନ୍ଦର ଉଚ୍ଛୁଳା ଅଶ୍ରୁ ।

ଦେବନାଥ ବିସ୍ମୟ ମୁଗ୍‌ଧ ହୋଇ ଏ ଅପୂର୍ବ ଦୃଶ୍ୟ ଦେଖିବାକୁ ଲାଗିଲେ । କିଛିକ୍ଷଣ ପରେ କଲ୍ୟାଣୀ ସ୍ୱାମୀଙ୍କ ଆଡ଼େ ଚାହିଁ ଧୀରେ ଧୀରେ କହିଲା—"ଜୀବନର କାମନା ମୋର ଆଜି ପୂର୍ଣ୍ଣ ହୋଇଛି । ଏବେ ମୋତେ ବିଦାୟ ଦିଅ । ଏଇ ବକଣ୍ଟକ ଧନ ଛାଡ଼ିଗଲି, ଏଇଟାକୁ ମଣିଷ କରିବ ।"

ଏଇତକ କଲ୍ୟାଣୀର ଶେଷ କଥା । ଦେବନାଥ ବାବୁ ନିର୍ବାକ୍, ନିଶ୍ଚଳ ଭାବରେ କଲ୍ୟାଣୀର ପରିତୃପ୍ତି ଭରା ମୁହଁକୁ ଚାହିଁ ରହିଲେ ।

Digitized by srujanika@gmail.com

ଗୋପନ ପତ୍ର

ଗୀତା, ସୀତା ଓ ମିତା—ତିନି ଭଉଣୀ ।

ସମସ୍ତଙ୍କ ମନରେ କୌତୂହଳ ପୂରି ରହିଥାଏ । ବାପାଙ୍କର ସେ ଗୋପନ ପତ୍ରଟି କଥା କେହି ପାସୋରି ନ ଥାନ୍ତି । ପିତୃ ବିୟୋଗର ଦାରୁଣ ଆଘାତ ଟିକିଏ ଦେହସୁହା ହୋଇଗଲା ପରେ ଦିନେ ସମସ୍ତେ ମିଳି ଗୋପନ ପତ୍ରଟି ବାହାର କଲେ । ସମସ୍ତଙ୍କ ମନରେ କେତେ ଆଶା, ପୁଣି କେତେ ଆଶଙ୍କା ! ଛାତି ଦୁରୁଦୁରୁ କମ୍ପୁଥାଏ, ଆଖିରେ ଆଖିରେ ଉତ୍କଣ୍ଠା—ଉଦ୍‌ବିଗ୍ନତା ।

ଅଧୈର୍ଯ୍ୟ ହୋଇ ସାନ ଭଉଣୀ ମିତା ପଚାରି ଦେଲା—ଏ ଚିଠିରେ ବାପା କ'ଣ ଲେଖିଥିବେ କହିଲୁ ଗୀତା ଅପା ?

ଗୀତା ବଦଳରେ କିନ୍ତୁ ଉତ୍ତର ଦେଲା ସୀତା—ସମ୍ପତ୍ତି ଲୋ, ଆମ୍ଭ ତିନିଙ୍କ ଭିତରେ ପୈତୃକ ସମ୍ପତ୍ତିର ଭାଗ ବାଣ୍ଟୁରା କଥା !

Digitized by srujanika@gmail.com

ବଡ଼ ଭଉଣୀ ଗୀତା ମୁରବିଗିରି ଦେଖାଇ କହିଲା—ତୋ ମୁଣ୍ଡଗଣ୍ଡି ! ସମ୍ପତ୍ତି ଭାଗ ବଣ୍ଟାର କଥା ତ ବାପା ଆମକୁ ଦେଖାଇ ଶୁଣାଇ କରି ଯାଇଥାନ୍ତେ ! ଏପରି ଗୋପନ ପତ୍ର ଲେଖି ପୁଣି ତା ମୃତ୍ୟୁ ପରେ ପଢ଼ିବାକୁ କହିଯିବାର ଉଦ୍ଦେଶ୍ୟ କଣ ?

ମିତା କହିଲା—ବାପା ଯେପରି ଉଚ୍ଚମନା, ଆଦର୍ଶବାଦୀ ଲୋକ, ମୁଁ ମନେ କରୁଛି……।

ସୀତା ଟିକିଏ ବ୍ୟସ୍ତ ହେଲା ପରି କହିଲା—ହଉ, ତୁ' ଯାହା ମନେ କରୁଛୁ କରୁଥା ! ଗୀତା ଅପା, ତୁ ଆଗେ ଚିଠି ଖୋଲିବୁଟି !

କମ୍ପିତ ହସ୍ତରେ ଗୀତା ଖୋଲ ଚିରି ପତ୍ରଟି ବାହାର କଲା । ସୀତା ଓ ମିତାଙ୍କ ସମ୍ମୁଖରେ ସେହି ଦୀର୍ଘ ପତ୍ରଟି ମେଲାଇ ଧରି ସେ ପଢ଼ିବାକୁ ଲାଗିଲା—

"ମା' ମିତା, ସୀତା ଓ ଗୀତା !

ମୋର ଶେଷ ସମୟ ନିକଟ ହେଲାଣି ବୋଲି ଜାଣି ପାରୁଛି । ପୂର୍ବରୁ ତୁମେମାନେ ମାଆକୁ ହରାଇଛ, ଏବେ ମୋତେ ହରାଇ ନିଜକୁ ଅସହାୟ ମନେକରିବ ନାହିଁ । ତୁମ ସମସ୍ତଙ୍କୁ ମୁଁ 'ମଣିଷ' କରିଦେଇ ଯାଇଛି । ଏଣିକି ମୋର ବିଶ୍ୱାସ ତୁମେମାନେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିବ ।

ତମେମାନେ କେହି ବିବାହ କରିବ ନାହିଁ ବୋଲି ଶେଷ ସିଦ୍ଧାନ୍ତ ସେଦିନ ମୋତେ ଶୁଣାଇଥିଲ । ସେଥିପାଇଁ ମୋର ଦୁଃଖ ନାହିଁ । ଆଜୀବନ ଏହି ସିଦ୍ଧାନ୍ତରେ ଅଟଳ ଅଚଳ ରହି ପାରିଲେ, ମୁଁ ସୁଖୀ ହେବି । ତୁମେମାନେ ମୋର ଝିଅ ପୁଅ—ସବୁ । ଶିକ୍ଷାଦୀକ୍ଷା, ବୁଦ୍ଧି ବିଚାରରେ ଏକକୁ ଆରେକ ତଥାପି ଜୀବନ ଓ ଜଗତ୍ ସମ୍ପର୍କରେ ତୁମମାନଙ୍କ ପାଇଁ ବହୁତ କଥା ଜାଣିବାର ଓ ଶିଖିବାର ଅଛି । ସେଥିପାଇଁ ଏଇ ଶେଷକଥା କେଇପଦ ତୁମମାନଙ୍କୁ କହିବା ପାଇଁ ସ୍ଥିର କଲି ।

ଗୋଟିଏ ସତ ଘଟଣାରୁ ଆରମ୍ଭ କରେଁ । ଦୁଇବର୍ଷ ତଳର କଥା । ସେତେବେଳେ ମୟୂରଭଞ୍ଜ ଜିଲ୍ଲା ବାମନଘାଟିରେ ମୁଁ ଏସ୍. ଡି. ଓ. ଥାଏ । ଗୀତା ସେ ବର୍ଷ ଶୈଳବାଳା ମହିଳା କଲେଜରୁ ପୁଣି ସାମନ୍ତ ଚନ୍ଦ୍ରଶେଖର କଲେଜକୁ ବଦଳି ହୋଇ ଯାଇଥାଏ । ସୀତା ସେତେବେଳେ କଟକ ମେଡ଼ିକାଲ୍ କଲେଜରେ ହାଉସ୍ ସର୍ଜନ । ଆଉ ମିତା ପଢ଼ୁଥାଏ ମାନ୍ଦ୍ରାଜ୍ କଳା କେନ୍ଦ୍ରରେ । ବାଂଲୋରେ ଥାଉଁ କେବଳ ତମମାନଙ୍କ ମା ଆଉ ମୁଁ । ଦିନେ ରବିବାର ସନ୍ଧ୍ୟାବେଳେ ମୁଁ ଅଫିସ୍

Digitized by srujanika@gmail.com

ଘରେ ବସି କ'ଣ କାମ କରୁଛୁ, ଏତିକିବେଳେ ସେଠାକାର ସେକେଣ୍ଡ ଅଫିସରଙ୍କ ସ୍ତ୍ରୀ ମିସେସ୍ ଦାସଙ୍କର କଣ୍ଠସ୍ୱର ଘର ଭିତରୁ ଶୁଣିବାକୁ ପାଇଲି । କୌତୂହଳୀ ହୋଇ କାନ ଡେରିଲି—ମିସେସ୍ ଦାସ ଓ ତମ ମାଆ ଏହିଭଳି କଥାବାର୍ତ୍ତା କରୁଛନ୍ତି—

ମିସେସ୍ ଦାସ—ଆମର ତାଙ୍କୁ ଟିକିଏ ବୋଲି ଫୁରୁସତ୍ ନାହିଁ ଅପା ! ଆଜି ରବିବାରଟା, ସକାଳ ପହରୁ ଖାଲି କାମ—କାମ—କାମ । ଏଇ ଅଢ଼େଇଟା ବେଳେ କାମ ସାରି ଗଣ୍ଡିଏ ଖାଇଲେ ।

ତମ ମା'—ଆମର ସେ ତହୁଁ ବଳି । ମାସକ ତିରିଶ ଦିନ ଖାଲି କାମ ଆଉ ଟୁର୍—ଟୁର୍ ଆଉ କାମ । ଦେଖନ୍ତୁ, ଖାଇବା ପିଇବାରେ ଠିକ୍ ଠିକଣା ନାହିଁ ବୋଲି ତାଙ୍କ ଚେହେରା କେମିତି ହେଲାଣି !

ମିସେସ୍ ଦାସ—ଆମର ତାଙ୍କୁ ପୁଣି କଲିକ୍ ରୋଗ । କ୍ଷଣକେ ଭଲ ତ କ୍ଷଣକେ ରୋଗୀ । କ'ଣ କରିବ ମୋତେ କିଛି ବୁଦ୍ଧି ଦିଶୁ ନାହିଁ ।

ତମ ମା'—ମୋର ବି ସେଇ ଚିନ୍ତା ଭଉଣୀ ! ଏଇ କେତେ ବର୍ଷ ହେଲା ସେଙ୍କୁ ବରାବର ଆଜ୍‌ମା ହେଉଛି । ଦିନ ରାତି କାଶି କାଶି କାର୍ତ୍ତିକ ପରି ମଣିଷଟାର କଣ୍ଟା ଦୋହଲି ଗଲାଣି ।

ମିସେସ୍ ଦାସ—କଲିକ୍ କିନ୍ତୁ ବଡ଼ କଠିନ ରୋଗ । ବହୁତ ଚେଷ୍ଟା କଲିଣି; କିନ୍ତୁ କାହିଁରେ ଭଲ ହେଉ ନାହିଁ ।

ତମ ମା'—ଆଜ୍‌ମା ତ ଏକବାର ଦୁରାରୋଗ୍ୟ ! ଏଲୋପାଥି, ହୋମିଓପାଥି, କବିରାଜି—ସବୁ ଚେଷ୍ଟା କଲିଣି, କିନ୍ତୁ କ'ଣ ହେଉଛି କାହିଁ ?

ମିସେସ୍ ଦାସ—ମୋ ବଡ଼ପୁଅର ସେମିତି ବେଳେ ବେଳେ ପେଟକୁ ମାରେ । ଟୋକାଟା ଏଇ ବୟସରୁ ଇମିତି ହେଲାଣି । ବୟସ ବେଶୀ ହେଲେ କ'ଣ ହେବ କେଜାଣି—ମୋ ମାମୁଁ ପୁଅ ଭାଇ ସେ ଏକ୍ଷଣି କୋରାପୁଟରେ ଡାକ୍ତର, ସେଦିନ କହୁଥିଲେ -କଲିକ୍ ରୋଗଟା କୁଆଡ଼େ ବଂଶଗତ, ବାପକୁ ହୋଇଥିଲେ ପୁଅକୁ ହେବ ।

ତମ ମା'—ଆଜ୍‌ମା ରୋଗଟା ବି ସେଇ ରକମ ବୋଲି ସେ ତ କହୁଥିଲେ । କିନ୍ତୁ ଭଗବାନଙ୍କ ଦୟାରୁ ମୋ ପିଲାମାନଙ୍କର କାହାର ହୋଇ ନାହିଁ ।

Digitized by srujanika@gmail.com

ମିସେସ୍ ଦାସ—ଆମ ଲିଲି ଏଥର ଆଇ. ଏସ୍. ସି. ଫାଷ୍ଟ୍ ଡିଭିଜନ୍‌ରେ ପାଶ୍ କରିଛି; ଶୁଣିଛ ଅପା !

ତମ ମା'—ହଁ, ଆମ ମୀତା ଏବର୍ଷ କ୍ଲାସିକାଲ୍ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ମେଡ଼ାଲ୍ 'ପାଇଛି । ଆସନ୍ତା ବର୍ଷ ଗୋଟିଏ ସାଂସ୍କୃତିକ ପ୍ରତିନିଧି ଦଳରେ ଆମେରିକା ଯିବ ନାଚିବା ପାଇଁ ।

ମିସେସ୍ ଦାସ୍—ଲିଲି ବି ବେଶ୍ ନାଚେ । ଆଉ ମୋ ବଡ଼ପୁଅ ନାଟକରେ ଖୁବ ଭଲ ଅଭିନୟ କରିପାରେ । ପାଠ ଶାଠ ତ ତାହାର କିଛି ହେଲା ନାହିଁ ! ଏବେ କହୁଛି - ବମ୍ବେ ଯାଇ ସିନେମା ଦଳରେ ମିଶିବ ।

ତମ ମା'—ଆମ ଗୀତାର ଏବେ ପୁରା ବଦଳି ହୋଇଛି । ଆଉ ଖାତା ଲଗାଇଛି—ଡାକ୍ତରି ଲାଇନ୍‌ରେ କ'ଣ ବେଶୀ ପାଠ ପଢ଼ିବାକୁ ବଳିତ ଯିବ ।

ମିସେସ୍ ଦାସ୍—ମୋ ସାନପୁଅଟି ବି ସେଇ ରକମ ଜିଦ୍ ଧରିଛି । ଲ' ପରୀକ୍ଷା ଫଳ ବାହାରିବା ଦିନଠୁଁ କହୁଛି—ବାରିଷ୍ଟର ପଢ଼ିବାକୁ ଯିବ ବିଲାତ ।

ତମ ମା'—ମୋ ବଡ଼ ଭଉଣୀର ସ୍ୱାମୀ ଜଣେ ବାରିଷ୍ଟର । ଓଃ ସେ ଯାହା ଟଙ୍କା ରୋଜଗାର କରୁଛି ଭଉଣୀ, ଶୁଣିଲେ ତମେ ଆଶ୍ଚର୍ଯ୍ୟ ହେବ ।

ମିସେସ୍ ଦାସ୍—ଆଜକାଲି ଟଙ୍କା ରୋଜଗାର କରୁଛନ୍ତି ଓକିଲ ଆଉ ଡାକ୍ତର । ମୋ ମାମୁଁ ପୁଅ ଖୁବ ଡାକ୍ତର କଥା କହୁଥିଲି—ଦିନକୁ ଏକାବେଳେକେ ଶହ ଶହ । ସେଥର ତା'ପୁଅ ଜନ୍ମଦିନକୁ ମୋତେ ନିମନ୍ତ୍ରଣ କରିଥିଲି, ଶହେ କୋଡ଼ିଏ ଟଙ୍କାର ଖଣ୍ଡିଏ ବନାରସୀ ଶାଢ଼ୀ ପିନ୍ଧେଇଛି ।

ତମ ମା'—ମୋର ସେ ବାରିଷ୍ଟର୍ ଭିଣେଇ ସେଥର ମୋତେ ବମ୍ବେ ବୁଲାଇବାକୁ ନେଇ ଯାଇଥିଲା । ସେଦିନ ଯେଉଁ ମହାର୍ଘ ସିଲ୍‌କ୍‌ଟା ପିନ୍ଧି ତମ ସାଙ୍ଗରେ ହସ୍‌ପିଟାଲ୍ ଯାଇଥିଲି, ସେଇଟା ମୋତେ ସେ ଉପହାର ଦେଇଛି - ଦାମ୍ ଅଢ଼େଇଶ ଟଙ୍କା ।

ମିସେସ୍ ଦାସ୍—ଏ ଯେଉଁ ଇଜିପ୍ସିଆନ୍ ଶାଢ଼ୀଟା ପିନ୍ଧିଛି, ଦେଖିଲ ଅପା ! ଏହାର ଦାମ୍ କେତେ କହି ପାରିବ ?

Digitized by srujanika@gmail.com

ତମ ମା'—ଆଜି-କାଲିକାର ଫେସନ୍ ଚାଲିଛି ହ୍ୟାଣ୍ଡଲୁମ୍ ଶାଢ଼ୀ ଉପରେ । ଆମର ଯେତେ ସେଥର କଟକ ଯାଇଥିଲେ, ଏଇ ସମ୍ବଲପୁରୀଟା କିଣି ଆଣିଛନ୍ତି । ସଞ୍ଜବେଳେ ଟିକିଏ ମନ ହେଲା ଯେ ପିନ୍ଧି ପକେଇଲି । ଶାଢ଼ୀ ଖଣ୍ଡେ ଏକା—ଦାମ୍‌ଟା ସିମିତ ଉଣା ନୁହେଁ, ଏକାବେଳେ ପଞ୍ଚାଅଶୀ ଟଙ୍କା ।"

× × ×

ଆଉ ଶୁଣି ହେଲା ନାହିଁ । ହାତ ଦେଇ କାନ ଦୁଇଟି ବନ୍ଦ କଲି । ଓ-ହୋ-କି ସଂକୀର୍ଣ୍ଣତା ! କି ଉଦ୍ଧତ ଅହଂକାର ! କି ଜଘନ୍ୟ ସ୍ୱାର୍ଥପରତା ! ଦୁଇ ଜଣ ବନ୍ଧୁ ସୁଖ ଦୁଃଖ ଦ'ପଦ କଥା ହେଉଛନ୍ତି, କିନ୍ତୁ କେହି କାହାର କଥା ଶୁଣିବାକୁ ନାହିଁ । କେହି କାହାର ଦୁଃଖରେ ଦୁଃଖୀ, କି ସୁଖରେ ସୁଖୀ ନୁହେଁ । ଦୁହେଁ ଦୁହିଁଙ୍କର ସ୍ୱାର୍ଥ ନେଇ ବ୍ୟସ୍ତ—ବଡ଼ିମା ପ୍ରକାଶରେ ତତ୍ପର !

ସଙ୍ଗେ ସଙ୍ଗେ ଧାଇଁ ଯାଇ ତୁମ ମାଆର ଗଳା ଚିପି କଣ୍ଠରୋଧ କରିଦେବାକୁ ମୋର ବଡ଼ ଇଚ୍ଛା ହେଉଥାଏ । କିନ୍ତୁ ତାହା କରି ପାରିଲି ନାହିଁ । ସେଦିନ ରାତିରେ ଏହି କଥା ଘେନି ତମ ମାଆ ସହିତ ମୋର ଭୀଷଣ ଝଗଡ଼ା ହେଲା । ତାହାର ଏହି ଅହଂକାର ଓ ସ୍ୱାର୍ଥପରତା ଲାଗି ପୂର୍ବରୁ ମୁଁ ବରାବର ତା' ଉପରେ ବିରକ୍ତ ହୋଇଛି ଏବଂ ବେଳେ ବେଳେ ତାକୁ ଘୃଣା କରିଛି ମଧ୍ୟ ।

କିନ୍ତୁ ଏ ଘଟଣାର କେତେମାସ ପରେ ସେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲା ତାପରୁ ମୁଁ କ୍ରମେ ମୋର ଭୁଲ୍ ବୁଝି ପାରିଲି । ଧୀରେ ଧୀରେ ମୁଁ ହୃଦୟଙ୍ଗମ କଲି ଯେ—ଡୁଚ୍ଛାଟାରେ ମୁଁ ବରାବର ତମ ମା' ଉପରେ ବିରକ୍ତ ହୋଇଛି—ବିନା ଦୋଷରେ ବିଚାରୀକୁ ଘୃଣା କରିଛି ।

ମୋର ଟିକି ମାଆମାନେ, ତମେ କେହି ବୁଝିପାରିବ ନାହିଁ ରେ—ସେ କଥା ବୁଝିପାରିବ ନାହିଁ । ମାଆ ତମର ଥିଲା ବିବାହିତା, ପତ୍ନୀ, ଜନନୀ, ଗୃହିଣୀ । ସେଇଥିପାଇଁ ସେ ସ୍ୱାର୍ଥପର ଏବଂ ଅହଂକାରୀ । ଯେ ବିଭା ହୁଏ—ଘର ସଂସାର କରେ, ତାହାର କେତେକ ପରିମାଣରେ ସ୍ୱାର୍ଥ ଓ ଅହଂକାର ରହିବ ହିଁ ରହିବ । ସେ ସ୍ୱାର୍ଥ ବା ଅହଂକାର ଆଉ କେଉଁଥିପାଇଁ ନୁହେଁ, କେବଳ ତାହାର ସ୍ୱାମୀ ଓ ସନ୍ତାନ ସନ୍ତତିଙ୍କ ମଙ୍ଗଳ ପାଇଁ—ତାହାର ସୁନାର ସଂସାର ଗଢ଼ିବା ପାଇଁ । ତା' ନ ହେଲେ ପରିବାର ବିଗିଡ଼ିଯିବ ରେ, ସଂସାର ଉଜୁଡ଼ିଯିବ—ଯେମିତି ହୋଇଛି ବର୍ତ୍ତମାନ ଆମର ଏ ଘର-ସଂସାର !

Digitized by srujanika@gmail.com

ତୁମେମାନେ ତ ବନ୍ଧ ହେବ ନାହିଁ—ଘର ସଂସାର କରିବ ନାହିଁ ! ତେଣୁ କୌଣସି ସ୍ୱାର୍ଥ ବା ଅହଂକାର ତୁମମାନଙ୍କର ସରଳ, ଉନ୍ନତ ମନକୁ କଳୁଷିତ ନ କରୁ ! ମୋର ଏତକ କାମନା । ପର ପାରରେ ଥାଇ ତୁମମାନଙ୍କ ଜୀବନର ଏଇ ସଫଳତା କଥା ଜାଣିଲେ, ମୁଁ ଶାନ୍ତିରେ ରହି ପାରିବ ।

କଟକର ଏଇ କୋଠା ଖଣ୍ଡିକ ବ୍ୟତୀତ ମୋର ଅନ୍ୟ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜନସେବା କାର୍ଯ୍ୟରେ ବ୍ୟୟିତ ହେବାଲାଗି ମୁଁ ଉତ୍ସର୍ଗ କରିଗଲି ।

॥ ଇତି ॥”

ଚିଠିଟି ପଢ଼ି ସାରି ଗୀତା ଆଁ କରି ଦୁଇ ଭଉଣୀଙ୍କ ମୁହଁକୁ ଚାହିଁ ରହିଲା । ମାତା ଓ ପିତା ମଧ୍ୟ ଗୋଟିଏ ଗୋଟିଏ ଦୀର୍ଘନିଶ୍ୱାସ ପକାଇ ଗୀତା ମୁହଁକୁ ଚାହିଁ ରହିଲେ । କାହାରି ମୁଖରେ ଭାଷା ନାହିଁ । ତିନି ଜଣଙ୍କ ସମ୍ମୁଖରେ ସେଇ ଗୋପନ ପତ୍ରଟି !

Digitized by srujanika@gmail.com

ଅସ୍ତ ରାଗ

ମଲ୍ଲିନା ଦେବୀ କଡ଼ ଲେଉଟାଇଲେ ।

ନାଃ, ଆଉ ନିଦ ହେବ ନାହିଁ । ସାପ ଫଁ କଲା ପରି ତାଙ୍କର ଜୀର୍ଣ୍ଣଶୀର୍ଣ୍ଣ ଛାତିକୁ ଦୋହଲାଇ ଦେଇ ଦୀର୍ଘ ନିଶ୍ୱାସଟିଏ ବାହାରି ଆସିଲା ।

ଏ ଦୀର୍ଘ ନିଶ୍ୱାସ କାହା ଉପରେ ପଡ଼ିବ ? ଦୁଇ ପୁଅଙ୍କ ଉପରେ ? ନା, ଝିଅ ଉପରେ ? ଏଇ ଫଁ-ରେ ବିଷ ଅଛି କି ନା, କିଏ କହିବ ?

ରାତି ପାହିବାକୁ ଆଉ କେତେ ଡେରି ଅଛି କେଜାଣି ! କୁକୁଡ଼ା ରାବିଲାଣି ବୋଧହୁଏ । ଏ ନିଆଁଲଗା କାନକୁ ଆଉ କଣ କିଛି ଶୁଣା ଯାଉଛି ! ସାମନାରେ ଜୋଇଁଙ୍କର ରୋଗୀ-ଦେଖା ଘରୁ ଔଷଧପତ୍ରର ଗନ୍ଧ ଧୀର ପବନରେ ଭାସି ଆସୁଛି । ଝରକା ବାଟେ ସେ ବାହାରକୁ ଚାହିଁଲେ । ଅନ୍ଧାର ରାତି । ରାସ୍ତାର ଆଲୁଅ ଝାପ୍‌ସା । କିଛି କୁଆଡ଼େ ପରିଷ୍କାର ଦିଶୁ ନାହିଁ । ଏ ଦଶାଦିଆ ଆଖି ଯୋଡ଼ାକ ବି ଛିଡ଼ିବା ଉପରେ ।

Digitized by srujanika@gmail.com

କ କଲବଲ ସେ ନ ହେଉଛନ୍ତ ମତେ ! ବୟସ ଆସି ସତୁରୀ ଟପିଲାଣି । ଏ ସ୍ଥାନମାନଙ୍କର ଜୀବନଟା ବ ସହଜରେ ଯାଉ ନାହିଁ । ତାଙ୍କୁ ଧନରାତ ହନ୍ତସନ୍ତ କର ମାରୁଛ, ଟୁନା-ବାପ ଆଗରୁ ଯାଇ ଭଲ କରଛନ୍ତ । ବୟସ ସେମିତ କଛ ବେଶୀ ହୋଇ ନ ଥିଲ । ଷାଠିଏ କ ବାଷଠି । ରୋଗ ବ କଛ ନ ଥିଲ । ମଳନା ଦେବୀଙ୍କ ଆଖି ଆଗରେ ଜଳ ଜଳ କର ଦଶିଗଲ । ସେଦନ କଚେରୀରୁ ଫେର ଟୁନା-ବାପ କୋଟ୍ ପକେଟରୁ ଗୋଟାଏ ପାଞ୍ଚ ଟଙ୍କିଆ ଦଶ ଟଙ୍କିଆ ନୋଟ୍ ତାଙ୍କ ହାତକୁ ବଢ଼ାଇ ଦେଲେ । ପାଇଖାନାରୁ ଆସି ଗୋଡ଼ହାତ ଧୋଇ ଗୁଁଖାଇବାକୁ ବସିଛନ୍ତ, କହଲେ— ଗ୍ଛାତରେ ବଥା ଲାଗୁଛ । ଟୁନା ସେତେବେଳକୁ କଚେରୀରୁ ଫେର ନ ଥାଏ । ଦାଣ୍ଡଘରେ ମହକଲ କେଇଜଣ ଅପେକ୍ଷା କର ବସିଥାନ୍ତ । ଗ୍ଛାତରେ ବ୍ୟଥା ତାଙ୍କର କ୍ରମେ ବଢିଲ । ରାତ ଅଠଟା ବେଳକୁ ସମ୍ପୂର୍ଣ୍ଣ ଅଚେତନ ହୋଇ ପଡ଼ଲେ । ଡାକ୍ତର ଆସିଲେ, ଇଞ୍ଜେକ୍‌ସନ ଦଆଗଲ । କନ୍ତୁ କଛ ଫଳ ହେଲ ନାହିଁ ।

ଟୁନା ସେତେବେଳେ ରାଉରକେଲାରେ । ଗୁରୁ ବ୍ରହ୍ମପୁରରେ ତା' ସ୍ୱାମୀ ପାଖରେ । ସମସ୍ତଙ୍କୁ ଶୀଘ୍ର ଆସିବା ପାଇଁ ଟେଲିଗ୍ରାମ୍ କରାଗଲ । ରାତସାରା ସେ ଅଚେତନ ହୋଇ ରହଲେ । ମଳନା ଦେବୀ ସାରା ରାତ ତାଙ୍କ ବଛଣା ପାଖରେ ବସି ଭାଗବତ ପଢ଼ୁଥାନ୍ତ । ରାତ ପାହାନ୍ତା ବେଳକୁ ସବୁ ଶେଷ......

ଆଗରୁ ବାଟ କାଟି ଟନା-ବାପା ବେଶ୍ କଲେ । ମଳନା ଦେବୀଙ୍କର ମନେ ପଡ଼ଗଲ—କେତେ ଥର ସେ ସ୍ୱାମୀଙ୍କୁ କହଥିଲେ, ତମ ଆଗରୁ ମୁଁ ଯିବ । ତା ନ ହେଲେ, ଅନ୍ତତଃ ଏକାଠି ସାଙ୍ଗସୁଙ୍ଗା ହୋଇ ଯିବା ! ବଧାତା ତାହା କରାଇ ଦେଲ ନାହିଁ । ଟୁନା-ବାପାଙ୍କୁ ଆଗେ ପେଲ ଯାଇ ତାଙ୍କୁ ଦହଗଞ୍ଜ କର ମାରବାକୁ ଛାଡ଼ଦେଇ ଗଲ ।

ସ୍ୱାମୀ ଗ୍ଲଲଗଲ ପରେ ସେ ନ ଖାଇ ନ ପିଇ ସ୍ୱାମୀଙ୍କ ବାଟରେ ଯିବାକୁ ବସିଥିଲେ, ଜହର ଟିକଏ ବ ଖୋଜୁଥିଲେ ପାଟିରେ ଦେଇ ଆଖି ମୁଦ ଦେବାକୁ । କନ୍ତୁ ଏଇ ଗୁରୁ ଅଲକ୍ଷଣୀ ବାଦ ସାଧିଲ । ଗୋଡ଼େ ଗୋଡ଼େ ତାଙ୍କୁ ଜଗି ରହଲ— ଜବରଦସ୍ତି ତାଙ୍କୁ ଖୁଆଇଲ । ବଳକଟ ବୋଲ ଝିଅ—ତନ ପିଲାଙ୍କ ଭତରେ ସବା ସାନ ବୋଲ ମଳନା ଦେବୀ ତାକୁ ବଡ଼ ଅଲଅଳରେ ବଢ଼ାଇଥିଲେ । ତା କଥା ସେ କାଟି ଦଅନ୍ତେ କପର ? ସେ ଅଟକ ଗଲେ—ସ୍ୱାମୀଙ୍କ ଗ୍ଲଡ଼ା ତନ ପିଲାଙ୍କ ମୁହଁକୁ ଗ୍ଲହିଁ ବଞ୍ଚ ରହଲେ ।

Digitized by srujanika@gmail.com

କିନ୍ତୁ ବର୍ତ୍ତମାନ କିଏ ତାଙ୍କର ଦୁଃଖ ନେଉଛି ? ସ୍ୱାମୀଙ୍କ ପରେ ପୁଅ, ବୋହୂମାନଙ୍କର ତାଙ୍କ ପ୍ରତି ଅବହେଳା, ବେଖାତିର ଭାବ ବେଶ୍ ବଢ଼ି ଗଲା ସେମିତି ! ମାଆ ବା ଶାଶୂ ବୋଲି ଆଉ ପଚାରୁଛି କିଏ ? ବଳେଇ ନିଜ ଝିଅଙ୍କୁ ଯେମିତି ଏଘର ସେଘର ହେଲା ପରି ସେ ଆପଣାର ଅବଶିଷ୍ଟ ଗହଣା ଗଣ୍ଠି, ଟଙ୍କା ପଇସାର ଟଙ୍କିଟି ଧରି ଆଜି ବଡ଼ ପୁଅ ପାଖରେ ତ, କାଲି ସାନ ପୁଅ ପାଖରେ, ପନ୍ଦର ଦିନ ପୁଣି ଝିଅଘରେ ମୁଣ୍ଡ ଗୁଞ୍ଜିବାରେ ଲାଗିଛନ୍ତି । ପୁଅ ଝିଅ ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ—ଯେଝା ସଂସାର ସେଝାର । ମାଆ ହୋଇଛି ଯାତି ପରି ।

ବଡ଼ ପୁଅ ଇଞ୍ଜିନିୟର—ଛୁଆପିଲାଙ୍କୁ ନେଇ ଚାକିରି କରି ବୁଲିଲେ ବାହାରେ ବାହାରେ । ପୁଣି ବଡ ବୋହୂର ସେଇଁ ଦେମାକ୍ । ବଡ଼ ଲୋକର ଝିଅ ବୋଲି, ବାପଘରୁ ବେଶୀ ଯୌତୁକ ଆଣିଛି ବୋଲି ଗୋଡ଼ ତାହାର ତଳେ ଲାଗେନା—ଶାଶୂ ଶ୍ୱଶୁର କାହାରିକୁ ଖାତିର ନାହିଁ । ତାହାରି ଜ୍ୱାଳାରେ ଖାଲି ମଳିନା ଦେବୀ ଟୁନା ପାଖରେ ରହିବାକୁ ଚାହାଁନ୍ତି ନାହିଁ ।

ଟୁନା କେତେ ଥର କହୁଛି—ମା' ତୁ ଚାଲ୍ । ମୋର ପାଖରେ ରହିବୁ; କିନ୍ତୁ ମଳିନା ଦେବୀଙ୍କର ଯିବା ପାଇଁ ରୁଚି ଡାକେ ନାହିଁ । ଗଲେ ମାସେ ପନ୍ଦର ଦିନରୁ ବେଶି ନୁହେଁ ! ରହି ନ ପାରି ଛଟପିଟି ହୋଇ ପଳାଇ ଆସନ୍ତି । ଅସଲ ମରମ କଥା ଜାଣୁଛି କିଏ ? ଟୁନାକୁ ବା ବଡ଼ବୋହୂର ଅବଗୁଣଟା ସେ କହିବେ କିପରି ?

ମଲି ମୋର ଦେମାକ୍ ! ଛି' କଲେଁ ଉପରେ ସେ ବଡ଼ଲୋକ ! ଝିଅ ଜନମ ପାଇ ଧାଡ଼ିକୁଡ଼ି ଶିଖିଲା ନାହିଁ ! ବଡ଼ ବଡ଼ିଆଙ୍କୁ ମୁଲଜା ନାହିଁ—ଗୁରୁ ଗୁରୁଜନଙ୍କୁ ଭକ୍ତି ନାହିଁ । ସେ ବଡ଼ଲୋକର ମୂଲ୍ୟ କଣ ? ମଳିନା ଦେବୀ ମନକୁ ମନ କହି ହେଲେ—ଆମେ ତ ପୁଣି ଶାଶୂ ଶ୍ୱଶୁର, ଦିଅର, ନଣନ୍ଦ, ଦେଢ଼ଶ୍ୱଶୁର, ଦେଢ଼ଶାଶୂ ଯେମିତି ଏତେ ବଡ଼ ପରିବାରରେ ଚଳି ଆସିଲୁ ! ତିରିଶ ଚାଳିଶ ବର୍ଷ ସୁରୁଖୁରୁରେ ସଂସାର ଚଳାଇ ଆଣିଲୁ । କାହାର ବଳ ଅଛି—ଆମର ଦୋଷଟାଏ ଖୋଜି ଦେବ ! କାହା ଜିଭରେ ହାଡ଼ ଅଛି—ଆମ ନାଁରେ ପଦେ କହିବ ! ଆଉ ଏଙ୍କର ବେଳକୁ ସବୁ ଓଲଟା ! ନ ଦେଖିଲା ପୁଅ ଦେଖ, କଟମ କାଢ଼ିଚ ଦେଖ !

ଟୁନାର ବାହାଘର ପ୍ରସ୍ତାବ ଆସିଲା ବେଳେ ମଳିନା ଦେବୀ ଅଡ଼ି ବସିଥିଲେ—ନା, ଏତେ ବଡ଼ ଧନୀ ଲୋକ ଘରୁ ବୋହୂ କରିବା ନାହିଁ । କିନ୍ତୁ ଟୁନା-ବାପା ତାଙ୍କ କଥା କାନକୁ ନେଲେ ନାହିଁ, ଟଙ୍କା ପଇସାରେ ଭୋଳ ହୋଇଗଲେ । ପୁଣି ଓଲଟି ତାଙ୍କୁ ଥଟ୍ଟା କରି କହିଲେ—ବୁଝିଲ ଟୁନା ମା', ଶାଶୂ ଗରିବ ଘର ଝିଅ ହେଲା ବୋଲି ବୋହୂ ଗରିବ ଘରୁ ଆସିବ, ଏହାର କିଛି ମାନେ ହୁଏନା ।

Digitized by srujanika@gmail.com

ମଳିନା ଦେବୀ ଖପ୍‌ପା ହୋଇ ଜବାବ୍ ଦେଇଥିଲେ - ତମେ ସେଇ ଗରିବ ଘର ଝିଅକୁ ବିଭା ହେଉଥିଲ କାହିଁକି ?

ମଳିନା ଦେବୀଙ୍କର ପଟଷ୍କାର ମନେ ପଡ଼ିଗଲା ଏବଂ ମନେ ପଡ଼ିଗଲାକ୍ଷଣି ତାଙ୍କର ଦୁଃଖ-କରୁଣ ମୁହଁଟି ହାସ୍ୟୋଜ୍ଜ୍ୱଳ ହୋଇ ଉଠିଲା—ସେଇ ପ୍ରୌଢ଼ ବୟସରେ ବି ଟୁନା-ବାପା ରସିକତା କରି ତାଙ୍କର ଚିବୁକ ଟିପି ଦେଇ କହୁଥିଲେ—ତମର ଏଇ ରୂପ— ରୂପ ମୋତେ କରିଲା ପାଗଳ !

ହଁ, ମଳିନା ଦେବୀ ଥିଲେ ଅପୂର୍ବ ସୁନ୍ଦରୀ । ଗୋଟିଏ ଗୃହ୍ଵଳରେ ଗଢ଼ା ଯେମିତ ! ମଫସଲ ଗାଁ ସ୍କୁଲରେ ସେ ପଢ଼ିଲା ବେଳେ ଟୁନା-ବାପା ଲୁଚି ଲୁଚି ତାଙ୍କୁ ଦେଖୁଥିଲେ— ଲଜେନସ୍ ଚକୋଲେଟ୍ ଆଣି ଦେଉଥିଲେ—ଲୁଗାଇ ଲୁଗାଇ କେତେ ରଙ୍ଗର ବାଯନା ଫୁଲ ଆଣି ବେଣୀରେ ଖୋଷି ଦେଉଥିଲେ । କେତେ ସ୍ନେହ— କେତେ ଆଦର ! ସବୁ ଗୋଟି ଗୋଟି ମନେ ପଡ଼ି ଯାଉଛି । ତା'ପରେ ବାହାଘର— ମଧୁମୟ ଦାମ୍ପତ୍ୟ ଜୀବନ—'ମଲ୍ଲୀ ଦେଇ'ରୁ ସେ ହେଲେ 'ମଳିନା ଦେବୀ'— ସହରର ଜଣେ ନାମଜ୍ୟାଦା ଓକିଲଙ୍କ ସ୍ତ୍ରୀ—ରୂପ, ଗୁଣ, ଧନରତ୍ନରେ ଐଶ୍ୱର୍ଯ୍ୟମୟୀ ।

ବଡ଼ବୋହୂଟା ଯେ ଦେଖିବାକୁ ନିହାତ ଖରାପ, ତା' ନୁହେଁ । କିନ୍ତୁ ଦେହର ରଙ୍ଗଟା ଟିକିଏ ମଇଳା । ଶାଶୁ ପାଖରେ ବୋହୂ ଯେପରି ଠିକ୍ ମଣ୍ଡାଣ ଖାଏ ନା ! ସେଇଥିରେ ପୁଣି ବଡ଼ଲୋକର ଝିଅ ବୋଲି ଅହଙ୍କାରରେ ଫାଟି ପଡୁଛି ଲୋ ମା । କ'ଣ ମିଳିବ ସେ ଟଙ୍କା ପଇସା, ଯାନ ଯୌତୁକରୁ ? ପୁରୁଷ ମନକୁ କ'ଣ ସେଇଥିରେ ବାନ୍ଧି ରଖି ହୁଏ ?

ସେଦିନ କି ଦୁର୍ଯୋଗ ପଡ଼ିଥିଲା କେଜାଣି, ଆଖି ପିଛୁଳାକେ ଘଟଣାଟା ଘଟିଗଲା । ଟୁନା ଅଫିସ୍ ଚାଲି ଗଲାଣି । ମଳିନା ଦେବୀ ଗାଧୁଆ ଘରେ ପଶିଛନ୍ତି । ବାରଣ୍ଡାରୁ ବଡ଼ ବୋହୂର ପାଟି ଶୁଭିଲା । ସାନ ଝିଅ ବୁଚୁ ଜିଦ୍ ଧରିଛି—ସ୍କୁଲ ଯିବନି । ବଡ଼ବୋହୂ ତାକୁ ରାଗରେ କହୁଛି— ସ୍କୁଲ ଯିବୁ ନାହିଁ ତ ଆଜି କ'ଣ ଘରେ ବସି ଠାକୁରମା' ଠାରୁ ଗପ ଶୁଣିବୁ ? ତା'ପରେ ଚାଲିଲା ବୁଚୁ ଉପରେ ମାଡ଼ ଆଉ ଗାଳି ।

ମଳିନା ଦେବୀ ଗାଧୁଆ ଘରୁ ଧାଇଁ ଆସି ବଡ଼ବୋହୂ କବଳରୁ ବୁଚୁକୁ ଟାଣି ନେଲେ । ବୁଚୁ ଠାକୁର ମା' କୋଳରେ ଭେଁ ଭେଁ ହୋଇ କାନ୍ଦୁଥାଏ । ଏଣେ ବଡ଼ବୋହୂ ଅହତ ବାଘୁଣୀ ପରି ଶୋଇବା ଘରେ ଯାଇ ଗର୍ଜନ ଛାଡ଼ୁଥାଏ—ପର

Digitized by srujanika@gmail.com

ମୁହଁ ପାଇ ଝିଅ ଖଣ୍ଡକର ସାହସ ବଢ଼ି ଯାଉଛୁ । ବାପ ଆଜ ଆସୁ, ଦେଖିବ—କାଏ ଛୋର ପିଠିରେ ପଡ଼ିବ !

ମଳନା ଦେବୀ ଆଉ ସହି ପାରଲେ ନାହିଁ । ବରକ୍ତ ହୋଇ କହିଲେ—'ପର' ଏଠି କଏ ବଡ଼ବୋହୂ ? ବୁଢୁ ଆଉ ପର ମୁହଁ ପାଇଲ କେମିତ ? ତମେ ସାନ ପିଲା-ଟାକୁ ପିଟି ପିଟି ମାରି ପକେଇବ ନା କ'ଣ ?

ଚଣ୍ଢୀକୁ ଉତ୍ତର । ବଡ଼ବୋହୂ ଜବାବ ଦେଲା—ମୋ ଝୁଅକୁ ମୁଁ ପିଟିବ, ମାରବ, ଯାହା ଇଚ୍ଛା, ତାହା କରବ । ତମେ କଏ କହିବାକୁ ? ତମର ମୁହଁ ପାଇ ମୋର ପିଲାଗୁଡ଼ାକ ସବୁ ଖରାପ ହୋଇଗଲେ । କଥାଟା ସେତକରେ ଛୁଟିଲା ନାହିଁ, ରୁଷ ନଥିଁ ପର କୁହାଳବାରେ ଲାଗିଲା । ତେଣିକି ମଝିରେ ମଝିରେ ଶାଶୁ-ବୋହୂଙ୍କ ଭିତରେ ଚାଲିଲା ଝିଙ୍କାପିଙ୍କା । ଟୁନା ବି ସବୁକଥା ଜାଣି ବଡ଼ ବୋହୂକୁ ଆକଟ କଲା ନାହିଁ । ତା ପରେ ମଳନା ଦେବୀ ଆଉ ଟୁନା ପାଖରେ ରହନ୍ତେ କିପରି ? ତାଙ୍କୁ କଏ ଘରୁ ତଡ଼ିଦେଲା ପରି ସେ ଏକମୁହାଁ ହୋଇ ପଳାଇ ଆସିଲେ ।

ହେଲେ ସାନପୁଅ ରୁନା ପାଖରେ ବି ଶାନ୍ତି କାହିଁ ? ବାପ ଭଳି ରୁନା ଓକିଲାତି କଲା । ବାପଠାରୁ ବେଶୀ ଟଙ୍କା ଏବଂ ନାଁ କମେଇଲା—ଭଲ ଘରେ ବାହା ହେଲା । ପୁଣି ଦେଶର ବଡ଼ ନେତା ବୋଲାଉଛି । କିନ୍ତୁ ବୁଢ଼ୀ ମା'ଟାର ଦୁଃଖ ସେ ବି ତ ବୁଝିଲା ନାହିଁ !

ସାନ ବୋହୂଟି ଦେଖିବାକୁ ଭଲ । ପାଠୋଇ, କଲେଜରେ କୁଆଡ଼େ ବହୁତ ପାଠଶାଠ ପଢ଼ିଛି । ନିଜକୁ ଭାରି ବୁଦ୍ଧିଆ, ସବୁଜାନତା ବୋଲି ମନେ କରେ । କିନ୍ତୁ ନିଜର ପିଲାଝିଲାଙ୍କୁ ଯଦି ଲାଳନ ପାଳନ କରି ନ ପାରିଲା—ଯଦି ସ୍ୱାମୀର ଭଲ ମନ୍ଦ ନ ବୁଝିଲା—ଯଦି କୁଳବୋହୂର ମାନ ମହତ ନ ଜଗି ଚାଲିଲା, ତେବେ କି ଲାଭ ସେ କଲେଜ-ପଢ଼ାରେ ?

ଉଳର ତିନି ମାସିଆ କଅଁଳ ମୁହଁଟି ମଳନା ଦେବୀଙ୍କ ଆଖି ଆଗରେ ନାଚି ଉଠିଲା । କିଣ କହିବ ସାନବୋହୂର ପ୍ରକୃତି ? ଦିନ ରାତି ଛୁଆଟା ରାହା ଧରି କାନ୍ଦୁଥିବ, ତମେ ଲାଟ ସାହେବାଣୀ ପିଲାଟାକୁ କୋଳକୁ ନ ନେଇ ନିଜ ଧନ୍ଦାରେ ଲାଗିଥିବ । ମା'ଆ କ୍ଷୀର ନ ପାଇ ଉଳଟା ଶୁଖି କାଣ୍ଠା ହେଲାଣି । ତମେ ତାକୁ ବୋତଲ ଦେଇ ବଢ଼ାଇବ ? କ'ଣ ନା, ଥନ ପିଆଇଲେ ଶ୍ରୁଢର ଶୋଭା ନଷ୍ଟ ହୋଇଯିବ । ହଇଲେ ରମ୍ଭା ଉର୍ବଶୀ, ଆମର ବି ଥନ-ଶୋଭା ଥିଲା । ଆମେ ବି ତିନି ତିନିଟା ଛୁଆଙ୍କୁ ବର୍ଷ ବର୍ଷ କାଳ ଥନ ଭାଙ୍ଗି କ୍ଷୀର ପିଆଇ ମଣିଷ କରିଛୁଁ ।

Digitized by srujanika@gmail.com

ସାନବୋହୂର ଏଇ ଗୁଣ୍ଡରୁ ପାଞ୍ଚ ବର୍ଷର ପୁଅ ଲୁଠୁ, ମାଆ ପାଖ ମାଡ଼େ ନାହିଁ । ଲୁଠୁ କଥା ମନେ ପଡ଼ିବାରୁ ମଳିନା ଦେବୀଙ୍କ ପ୍ରାଣଟା ଛଟପଟ ହେବାରେ ଲଗିଲା । ବିଚରା ମା' ସୋହାଗ ପାଇଲା ନାହିଁ । ଧାଈ, ଚାକରାଣୀଙ୍କ ହାତରେ ବଢ଼ିଲା । ମଳିନା ଦେବୀ ଯେତେ ଦିନ ଚୁନା ପାଖରେ ଥିଲେ, ଲୁଠୁ ସେତେଦିନ ତାଙ୍କର କାୟା ସଙ୍ଗେ ଛାୟା ପରି ମିଶି ରହିଥିଲା । ଠାକୁର ମା' ପାଖରେ ତାହାର ଖିଆପିଆ, ଶୁଆବସା ସବୁ । ଏଇପରି ରାତରେ ପିଲାଟା ତାଙ୍କ କୋଳରେ ଜାକିଜୁକି ହୋଇ ଶୋଇଥିବ ଏବଂ ତାଙ୍କର ଥନ ବେଣ୍ଟକୁ ମୁହଁରେ ଦେଇ ଶୋଷୁଥିବ ବାରମ୍ବାର । କି ମୂଆଦ ତହିଁରୁ ସେ ପାଏ କେଜାଣି ?

ମଳିନା ଦେବୀ ଦୀର୍ଘ ନିଶ୍ୱାସଟାଏ ପକାଇଲେ । ହଉ ହେଲା, ପିଲାଝିଲାଙ୍କର ଲାଳନ ପାଳନ ନ କଲ ନାହିଁ, ସ୍ୱାମୀଙ୍କର ସୁଖ ଦୁଃଖ ଟିକେ ଦେଖ ! ସେଥିକି ବି ସାନ ବୋହୂର ସମୟ ନାହିଁ । ଚୁନାର ଖିଆ ପିଆ କଥା ଯଦି ପୁଝାଣି ବୁଝିବ, ତମେ ସାଆନ୍ତାଣୀ ତା'ହେଲେ ଏଠି କଣ କରିବାକୁ ଆସିଛ ? ମୋ ପୁଅ ଏଠି ଏକା ଏକା ଖାଇ ବସିଥିବ, ଆଉ ତମେ ତେଣେ ସହରରେ ବୁଲି ମିଟିଂ କରୁଥିବ ? ମୋ ପିଲାଟା ସାରା ଦିନ ଖଟି ଖଟି ଶୁଖିଲା ମୁହଁରେ କଚେରୀରୁ ଫେରିଲା ବେଳକୁ ତମେ ତେଣେ କୁଆଡ଼େ ପର-ପୁରୁଷ ମେଳରେ ବଣଭୋଜି କରୁଥିବ ?

ଛି ଛି...ଛି...

ମଳିନା ଦେବୀଙ୍କ ଆଖି ଆଗରେ ଭାସି ଉଠିଲା ଅତୀତର ସେଇ ଚିର ପରିଚିତ ନିତ୍ୟ ନୈମିତ୍ତିକ ଘଟଣାଟି । ପ୍ରତିଦିନ ସକାଳ ଦଶଟାରେ କଚେରୀ ଯିବା ବେଳରେ ଏବଂ ସନ୍ଧ୍ୟା ପାଞ୍ଚଟାରେ ଘରକୁ ବାହୁଡ଼ିବା ସମୟରେ ଟୁନା-ବାପା ତାଙ୍କୁ କଣ୍ଠଲଗ୍ନା କରାଇ ଚୁମା ଖାଉଥିଲେ । ଟୁନା-ଚୁନାଙ୍କର ବୟସ ହେବା ପର୍ଯ୍ୟନ୍ତ ଏ ଘଟଣାର କେବେ ବ୍ୟତିକ୍ରମ ହୋଇଛି ବୋଲି ତାଙ୍କର ମନେ ପଡ଼ୁ ନାହିଁ ।

ଥରେ ସବ୍‌ଜଜ୍-ସ୍ତ୍ରୀଙ୍କ ସହିତ ଗ୍ରୁପ ଉପରେ ବସି ରାତି ସାଢ଼େ ଦଶଟା ଯାଏ ମଳିନା ଦେବୀ ଗପସପ ହେଉଥିଲେ । ଏଣେ ଟୁନା-ବାପାଙ୍କର ଖାଇବା ବେଳ ଗଡ଼ି ଗଲଣି ବୋଲି ତାଙ୍କର ଖିଆଲ ନାହିଁ । ସେ ବଦ୍‌ମାସ ପୂଝାରିଟା ବି ତାଙ୍କୁ ନ ଜଣାଇ ଯଥା ସମୟରେ ବାବୁଙ୍କୁ ଖାଇବାକୁ ଦେଇଦେଲା । ଟୁନା-ବାପା କ'ଣ ଟିକିଏ ଏଣ୍ଡୁଗେଣ୍ଡୁ ପାଟିରେ ଦେଇ ଦରଖିଆ ହୋଇ ଉଠିଗଲେ । ତା' ପରେ ମଳିନା ଦେବୀଙ୍କ ଅଉ କିଏ ସମ୍ଭାଳେ ? ସେଦିନ ରାତିରେ ତ ସେ ଉପାସ ରହିଲେ, ଆଉ ଟୁନା-ବାପା ଯେତେ ବୁଝାଶୁଝା କଲେ ବି ସାରା ରାତି କାନ୍ଦି କାନ୍ଦି ତକିଆ ଭିଜାଇ ଥିଲେ ।

Digitized by srujanika@gmail.com

ଆଜକାଲି ପାଠୋଇ ବୋହୂଙ୍କର ସେ ସ୍ୱାମୀ ସୋହାଗ କାହିଁ ? କାହିଁ ସେ ପିଲା ଶରଧା ? ପିଲାଝିଲଙ୍କ ଲାଳନ ପାଳନ ତ ବାଳଗୋପାଳଙ୍କ ସେବା ! ଆଉ ସ୍ୱାମୀ ସେବା ତ ସାକ୍ଷାତ ଦେବତା ପୂଜା ! ସାନ ବୋହୂ ଏ ସବୁ କର୍ତ୍ତବ୍ୟ ଛାଡ଼ି ଅନ୍ଧୁଣୀ ଭଳି ମାଡ଼ି ଚାଲିଛୁ କୁଆଡ଼େ ?

ନା, ନା, ମଳନା ଦେବୀ ବଞ୍ଚିଥିବା ପର୍ଯ୍ୟନ୍ତ ଏ ଘରର କୁଳ ବୋହୂକୁ ସେପରି ନଷ୍ଟ ପଥରେ ଯିବାକୁ ଦେବେ ନାହିଁ—ଏ ବୁନିଆଦି ବଂଶର ମାନ ମର୍ଯ୍ୟାଦା ତଳିତଳାନ୍ତ ହେବା ସହ୍ୟ କରିବେ ନାହିଁ । ଝୁନା-ବାପା ଯେ ସ୍ୱର୍ଗରେ ଥାଇ ଏ ସବୁ ଦେଖୁଛନ୍ତି ! ତା' ନୋହିଲେ ଦିନେ ରାତିରେ ସେ ସ୍ୱପ୍ନରେ ଦେଖାଦେଇ କାହିଁକି କହିଥାନ୍ତେ—ମୁଁ ଚାଲି ଆସିଲି ବୋଲି ତମେ କ'ଣ ସେଠି କୁଳର କଳଙ୍କ ତୁନି ହୋଇ ବସି ଦେଖୁଥିବ ? କିଛି ପ୍ରତିକାର କର ! କରି ନ ପାରିଲେ, ଏଠିକି ମୋ ପାଖକୁ ଚାଲିଆସ !

ମଳନା ଦେବୀ ପ୍ରତିକାର କରିବା ପାଇଁ ବାହାରିଥିଲେ । ଫଳରେ ସାନବୋହୂ ସହିତ ସଂଘର୍ଷ ହୋଇଥିଲା । କିନ୍ତୁ ସେ ସଂଘର୍ଷରେ ହାରି, ମଳନା ଦେବୀ ଘର ଛାଡ଼ି ସ୍ୱାମୀଙ୍କ ପାଖକୁ ଯାଇ ପାରିଲେ ନାହିଁ, ଝିଅ ଘରକୁ ଚାଲି ଆସିଲେ । ହା ଦଇବ !

ଝୁନା ଭଳି ରୁନା ବି ମାଇପ କଥାରେ ଚାଲିଲା । ଦୁଇ ଦୁଇଟା ପୁଅ କେହି ହେଲେ ମାଆର ମନ କଥା ବୁଝି ପାରିଲେ ନାହିଁ ।

ମଳନା ଦେବୀ ଭାବିଲେ—ତାଙ୍କର କ'ଣ କେଉଁଠି ଦୋଷ ରହିଗଲା ! ସେ ତ ବରାବର ଧର୍ମକୁ ସାକ୍ଷୀ ରଖି ସମାଜର ରୀତିନୀତି ମାନି ଚାଲି ଆସୁଛନ୍ତି । ପୁଅବୋହୂ, ନାତି ନାତୁଣୀ, ଝିଅ ଜୋଇଁ କାହାର କିଛି କ୍ଷତି କରି ନାହାନ୍ତି—ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ସମସ୍ତଙ୍କର ଶୁଭ କାମନା କରି ଆସିଛନ୍ତି । ତେବେ କାହିଁକି ସେ ଦିନ ରାତି ହନ୍ତସନ୍ତ ହୋଇ ମରୁଛନ୍ତି ? କାହିଁକି ନିଜ ପୁଅ ବୋହୂମାନେ ତାଙ୍କ କଥା ମାନୁ-ନାହାନ୍ତି ? କାହିଁକି ବା ନିଜ ଝିଅଟା ତାଙ୍କ ଉପରେ ରବେଇ ଖବେଇ ହେଉଛି ? କାହିଁକି ବଡ଼ ବୋହୂ, ସାନ ବୋହୂ ଭିତରେ କଥାବାର୍ତ୍ତା ନାହିଁ ? ବାପର ଶ୍ରାଦ୍ଧ ବର୍ଷିକିଆ ପରେ କାହିଁକି ବା ଝୁନା, ରୁନା ଥରଟିଏ ହେଲେ ଏକାଠି ହେଉ ନାହାନ୍ତି ? କାହିଁକି ? ...

ମଳନା ଦେବୀଙ୍କର ଛାତି ଫାଟିଗଲା ପରି ଲାଗିଲା । ଯୋଡ଼ହାତ ମଥାରେ ମାରି ସେ ମନେ ମନେ ଗୁଣିହେଲେ ହେ ଧର୍ମ ଦେବତା, ତୁଇ ଏ ପୃଥିବୀ ଆତଯାତ କରୁଛୁ—ତୁଇ ସବୁ ଦେଖୁଛୁ । ମୋର ଦୋଷାଦୋଷ ତୁଇ ବିଚାର କରିବୁ !

ଆର ଘରୁ ଘାପୁର କାନ୍ଦ ଶୁଭିଲାଣି । ଚାରୁର ତିନି ବରଷର ଗୋଟିଏ ବୋଲି ପୁଅ—ଦୁଷ୍ଟ ଘାପୁ । ପ୍ରତିଦିନ ରାତି ପାହାନ୍ତାରୁ ଉଠି "ଆଇ ପାଖକୁ ଯିବି" ବୋଲି

Digitized by srujanika@gmail.com

ଜିଦ୍ ଲଗେଇବ । ବଡ଼ ବୋହୂ, ଭଲ ଗୁରୁ ବି ପିଲାଟାକୁ ମାରେ—ଗାଳି ଦିଏ । 'ଆରେ, ଏ ଅମଳର ଝିଅ-ବୋହୂଗୁଡ଼ାକ ହେଲେ କ'ଣ ! ସେ ଅମଳରେ ନାନା ବାର ବ୍ରତ କରି ଆମେ ପିଲା ପାଉ ନ ଥିଲୁଁ । ଆଉ ତମକୁ ଛୁଆପିଲା ସବୁ ଗନ୍ଧଉଛନ୍ତି !

ଏଇ ଗୁରୁଟି କି ସୁଧାର ପିଲା ଥିଲା ! ମେଟ୍ରିକ୍ ପାଶ୍ କଲା ପର୍ଯ୍ୟନ୍ତ ମାଆର ପଣତ ଧରି ସେ ବାଟ ଚାଲୁଥିଲା । ଯେମିତି ରୂପରେ, ସେମିତି ଗୁଣରେ । ବାପ ତାହାର ଖୋଜି ଖୋଜି ଭଲ ଡାକ୍ତର ଜୋଇଁଟିଏ ଠିକଣା କଲେ । ପ୍ରଥମେ ପ୍ରଥମେ ଶ୍ୱଶୁରଘରେ ଝିଅର ପ୍ରଶଂସା ଶୁଣି ମଳିନା ଦେବୀଙ୍କ ଛାତି କୁଣ୍ଢେ ମୋଟ ହୋଇ ଯାଇଥିଲା । ସେଇ ଗୁରୁ ଏବେ କିପରି ଏତେ ବଦଳିଗଲା ?

ମଳିନା ଦେବୀଙ୍କର ମନେ ପଡ଼ିଗଲା—ଶ୍ରାଦ୍ଧ ବର୍ଷିକିଆରେ ବାପର ବ୍ୟାଙ୍କ୍ ଜମା ଓ ଜୀବନବୀମା ଟଙ୍କାପଇସା ଘେନି ଭାଇ, ଭଉଣୀ ତିନିହେଁ ଝଗଡ଼ା ଲଗେଇଲେ । ଗୁରୁ ରାଗରେ ଖିଆପିଆ କଲା ନାହିଁ । ମଳିନା ଦେବୀ ବହୁତ ବୁଝାଶୁଝା କଲେ । କିନ୍ତୁ ମାଆ କଥା ନ ମାନି ଗୁରୁ ଅଖିଆ ଅପିଆ ପଳାଇ ଆସିଲା ।

ଆଲୋ, ତୋର ପୁଣି ଅଭାବ କଣ ? କାର୍ତ୍ତିକ ଭଳି ବର ପାଇଛୁ କୁବେର ପରି ସମ୍ପତ୍ତି । ବଡ଼ ଡାକ୍ତର ହିସାବରେ ଜୋଇଁ ତ କୁଢ଼ କୁଢ଼ ଟଙ୍କା ଘରକୁ ଆଣୁଛନ୍ତି ! ତୁ ପୁଣି ବାପର ଏଇ ଜମା ଟଙ୍କା କେଇଟାରେ ନଜର ପକେଇଛୁ କାହିଁକି ? ଲୋଭ—ସତ୍ୟାନାଶୀ ଲୋଭ ତୋତେ ଖାଇଲା ଲୋ ଅଲକ୍ଷଣୀ !

ମଳିନା ଦେବୀ ଭାବିଲେ—କାହିଁ, ପିଲାଦିନେ ତ ଟଙ୍କା ପଇସା ପ୍ରତି ଗୁରୁର ଏତେ ଲୋଭ ନ ଥିଲା ! ପୂଜା ପାର୍ବଣରେ ବାପ ଠାରୁ, ମାମୁଁ ଠାରୁ ଶହ ଶହ ଟଙ୍କା ପାଇଛୁ । ସବୁ ଟୁନାର ପୁଅ ଝିଅଙ୍କୁ, ଭାଉଜମାନଙ୍କୁ ବାଣ୍ଟି ଦେଇଛୁ । ଏବେ ତାହାର ପୁଣି ଏପରି ପରିବର୍ତ୍ତନ ହେଲା କିପରି ? ନ ପାଇଲା ପିଲା ରଙ୍କ, ପାଇଲା ପିଲା ରଙ୍କ ?

ମଳିନା ଦେବୀ ଏଠିକି ଆସିଲା ଦିନୁ ଗୁରୁର ଦୃଷ୍ଟି ପଡ଼ିଛି—ମାଆର ସେଇ ଗହଣାଗାଣ୍ଠି, ଟଙ୍କା ପଇସା ଥିବା ଟ୍ରଙ୍କ୍‌ଟା ଉପରେ । ଅଳିଜୁଳି କେତେଥର ଭଲେଇ ହୋଇ କହିଲାଣି— ଖୋଲା ଘରଟାରେ ସେ ଟ୍ରଙ୍କ୍‌ଟା ରଖନା ମା' । ଏ ଘରେ ତ ଲୋକ ହାଉଯାଉ ହେଉଛନ୍ତି । ଚୋରି ଚମାରି ହେବ ତ ସବୁ ଯିବ । ଆମ ଶୋଇବା ଘରେ ଟ୍ରଙ୍କ୍‌ଟା ରହୁ

ମଳିନା ଦେବୀ ସେ କଥାରେ କାନ ଦେଇ ନାହାନ୍ତି । ମନେ ମନେ ବିରକ୍ତ ହୋଇଛନ୍ତି—ଧନ—ଖାଲି ଧନ ! ଧନ କ'ଣ ଏ ଜଗତରେ ସବୁ ? ଧନ ପାଇଁ କ'ଣ

Digitized by srujanika@gmail.com

ରକ୍ତର ସମ୍ପର୍କ ଛିନ୍ନ ହୋଇଯାଏ ? ମାଆ, ଝିଅ, ଭାଇ, ଭଉଣୀ ଭିତରେ ଶତ୍ରୁତା ସୃଷ୍ଟି ହୁଏ ?

ସେଇ ଟ୍ରଙ୍କ୍‌ଟାକୁ ନେଇ ମାଆ, ଝିଅଙ୍କ ମଧ୍ୟରେ ମାସ ମାସ ହେଲା ଲୁଚକାଳି ଖେଳ ଚାଲି ଆସୁଛି । ଟ୍ରଙ୍କ୍‌ଟା ପାଖରେ ନ ଥିଲେ, ଗୃରୁ ବୋଧହୁଏ ତାଙ୍କୁ ଦ'ଓଳି ଗଣ୍ଡିଏ ଖାଇବାକୁ ଦେଉ ନ ଥାନ୍ତା ! ବଡ଼ ବୋହୂ, ସାନ ବୋହୂଙ୍କ ଭଳି ନିଜ ଜନମ-କଲା ଝିଅ ବି ତାଙ୍କୁ ଏ ବୁଢ଼ୀ ବୟସରେ ଘରୁ ତଡ଼ି ଦେଇଥାନ୍ତା !

ଅନ୍ଧାର ଘର ଭିତରେ ହାତ ବୁଲାଇ ମଳିନା ଦେବୀ ଟ୍ରଙ୍କ୍‌ଟି ଠାବ କଲେ । ଖଟ ତଳେ ମଥା ପାଖକୁ ଟ୍ରଙ୍କ୍ ସେମିତି ଥୁଆ ହୋଇଛି । କ୍ଷଣକ ପାଇଁ ଟ୍ରଙ୍କ୍‌ଟା ଉପରେ ତାଙ୍କର ଖୁବ୍ ରାଗ ଆସିଲା—ଘୃଣା ବି ଜମିଗଲା ମନ ମଧ୍ୟରେ । ସେ ହଠାତ୍ ମନେ କରିବାରେ ଲାଗିଲେ—ପୁଅ ଦୁହିଁଙ୍କ ଦୁଆର ତ ମୋ ପାଇଁ ବନ୍ଦ ! ମଲେ ମରିବି ଏଇଠି । ଆରେ ଅସୁର ଅସୁରୁଣୀ ଦଳ, ମୁଁ ଆଖି ମୁଦିଲା ପରେ ଟ୍ରଙ୍କ୍‌ଟାକୁ କେଳେଇ କିଏ କେତେ ଖାଇବ ଖାଅ !

ତାଙ୍କର ଜରାଜୀର୍ଣ୍ଣ ବକ୍ଷ-ପଞ୍ଜରକୁ ଆନ୍ଦୋଳିତ କରି ପୁଣି ଏକ ଦୀର୍ଘ ନିଶ୍ୱାସ ବାହାରି ଆସିଲା । ଦୀପୁର କାନ୍ଦ ବନ୍ଦ ହୋଇ ଗଲାଣି । ବାରଣ୍ଡା ଉପରକୁ ଆସି ସେ ବୋଧହୁଏ 'ଆଈ'—'ଆଈ' ଡାକ ଛାଡ଼ୁଛି ।

ଖଟ ଉପରେ ମଳିନା ଦେବୀ ଉଠି ବସିଲେ । ଝରକା ବାଟେ ବାହାରକୁ ଚାହିଁଲେ ଶୂନ୍ୟ ଆଖିରେ । ସକାଳ ହୋଇ ଗଲାଣି । ବାହାରର ଆଲୋକ ଭିତରର ଅନ୍ଧକାରକୁ ଧୀରେ ଧୀରେ ହଟାଇ ଦେଉଛି ।

ମଳିନା ଦେବୀ ଉଠିଯାଇ ଦୁଆର କବାଟ ଫିଟାଇ ଦେଲେ । ଦରେଟି କଣରେ ଦୀପୁ 'ଆଈ'—'ଅଈ' ଡାକ ତାଙ୍କ କୋଳରେ ଆସି ପଶି ଗଲା । ଦୀପୁକୁ ଛାତିରେ ଜଡ଼ାଇ ଧରି ମଳିନା ଦେବୀ ଟିକିଏ ଶାନ୍ତ ହେଲେ । ସେଇ ଯେପରି ତାଙ୍କ ପକ୍ଷରେ ବଞ୍ଚିବା ପାଇଁ ନୂତନ ଆଶା—ନବ ଉଦ୍ଦୀପନା !

Digitized by srujanika@gmail.com

କେଶରୀ-କନ୍ୟା ନନ୍ଦିକା

ନିସ୍ତବ୍ଧ ଅର୍ଦ୍ଧ ରାତ୍ର ।

ସମଗ୍ର ବାରାଣସୀ କଟକ ସୁପ୍ତ, ଅଚେତନ । ବେଳେ ବେଳେ ରାଜପ୍ରାସାଦ ମଧ୍ୟରେ ଜାଗ୍ରତ ପ୍ରହରୀମାନଙ୍କ ଅସ୍ତ୍ରର ଝନତ୍କାର ରାତ୍ରିର ଗମ୍ଭୀର ନୀରବତା ଭଙ୍ଗ କରୁଥିଲା । ଦୂରରେ—କାଠଯୋଡ଼ି ଅପର କୂଳରେ ଶତ୍ରୁ ଶିବିରରୁ ଦିଶୁଥିଲା ମଶାଲର ମଳିନ ଆଲୋକ ।

ହଠାତ୍ ରାଜକନ୍ୟା ନନ୍ଦିକାଙ୍କର ଶୟନ-କକ୍ଷର ଦ୍ୱାରରେ ଘନ ଘନ କରାଘାତର ଶବ୍ଦ ଶୁଭିଲା ।

ରାଜକନ୍ୟା ନିଦ୍ରିତା ନ ଥିଲେ । ନିଜକୁ ଯୋଦ୍ଧା ବେଶରେ ସଜ୍ଜିତ କରି ଉତ୍କ୍ଷିପ୍ତ ଭାବରେ ବୁଲୁଥିଲେ ସେହି ଶୟନ କକ୍ଷ ମଧ୍ୟରେ । କମନୀୟ ହେମ-ଗୌର ମୁଖମଣ୍ଡଳରେ ଫୁଟି ଦିଶୁଥିଲା ଏକ ବୀରତ୍ୱବ୍ୟଞ୍ଜକ ଭାବ । ତାଙ୍କର ଦକ୍ଷିଣ ହସ୍ତଟି ମୁଠାଇ ଧରିଥିଲା ଏକ ଜ୍ୟୋତିର୍ମୟ ମଣି ଏବଂ ବାମ ହସ୍ତଟି ବଜ୍ରମୁଷ୍ଟିରେ ଧରିଥିଲା କଟୀ-ତଟସ୍ଥ ଶାଣିତ ତରବାରି ।

ଦ୍ୱାରଦେଶରେ ସେହି ନିର୍ଦ୍ଦିଷ୍ଟ କରାଘାତକୁ ହିଁ ନନ୍ଦିକା ଅପେକ୍ଷା କରୁଥିଲେ, ବ୍ୟଗ୍ର ଭାବରେ ଯାଇ ଦ୍ୱାର ଉନ୍ମୁକ୍ତ କଲେ ।

—"ସମସ୍ତ ପ୍ରସ୍ତୁତ ତ ସରମା ?"

—"ହଁ ବାହାରେ ଅଶ୍ୱ ପ୍ରସ୍ତୁତ । ତୁମେ ଦୁର୍ଗର ଦକ୍ଷିଣ ଦିଗରେ ଥିବା ସେହି ଗୁପ୍ତଦ୍ୱାର ଦେଇ ବାହାରକୁ ଯିବ ଜେମାଦେଈ । ମୁଁ ଅସ୍ତ୍ରାଗାରରୁ ଆଉ କିଛି ଅସ୍ତ୍ର ଧରି କାଠଯୋଡ଼ି କୂଳରେ ତୁମକୁ ଭେଟିବି ।"

ସରମା ଧୀର ପଦକ୍ଷେପରେ ଅନ୍ତର ହୋଇଗଲା ।

ନନ୍ଦିକା ଦ୍ୱାର ଦେଶରେ ଶିର ନୁଆଁଇ ତାହା ଉଦ୍ଦେଶ୍ୟରେ ନିଜର ପ୍ରଣତି ଜଣାଇଲେ । ତା'ପରେ କକ୍ଷଭିତରୁ ବାହାରି ପଡ଼ିଲେ ବୀର ଦର୍ପରେ ।

Digitized by srujanika@gmail.com

ସ୍ୱହସ୍ତର କୈଉମଣିଟିକୁ ସେ ଶେଷଥର ପାଇଁ ଭଲ କରି ଦେଖିନେଲେ । ପ୍ରାଣ ମଧ୍ୟରେ ତାଙ୍କର ଝଂକୃତ ହୋଇ ଉଠିଲା—ଏ ବିରାଟ ଜାତିର ଗୌରବ ଗାଥା ଏବଂ ନିଜ ମାତୃଭୂମିର କରୁଣ ଆହ୍ୱାନ ।

ନିର୍ଦ୍ଦିଷ୍ଟ ସ୍ଥାନରୁ ଅଶ୍ୱାରୋହଣ କରି ନନ୍ଦିକା ଛୁଟି ଚାଲିଲେ । ନିର୍ଜନ, ନିସ୍ତବ୍ଧ କାଠଯୋଡ଼ି କୂଳରେ ହଠାତ୍ ଅଶ୍ୱର ଗତି ମନ୍ଥର ହୋଇଗଲା । ନନ୍ଦିକା କୈଉମଣିଟିକୁ ଗଭୀର ନଦୀ ଜଳରେ ନିକ୍ଷେପ କଲେ । କ୍ଷଣକ ପାଇଁ ସ୍ଥାନଟିକୁ ଉଜ୍ଜ୍ୱଳଦୀପ୍ତ କରି ମଣିଟି ଅତଳ ଜଳରେ କାହିଁ ଲୁଚିଗଲା ।

ବହୁକ୍ଷଣ ପର୍ଯ୍ୟନ୍ତ ନନ୍ଦିକା ସେହି ଦିଗକୁ ଚାହିଁ ରହିଲେ । ଯାଉ, ହଜିଯାଉ ମଣି ! ଚଣ୍ଡିକାଙ୍କର ନିର୍ଦ୍ଦେଶ ବ୍ୟର୍ଥ ହେଉ ! ଉତ୍କଳ ନିଜ ଗୌରବ ଗରିମା ବଜାୟ ରଖୁ ! ଶତ୍ରୁସହ ସମ୍ମୁଖ ଯୁଦ୍ଧରେ ନିଜ ବୀରତ୍ୱର ପରିଚୟ ଦେଉ ! ନିଜର ଶକ୍ତି ସାହସ ଭୁଲି ବଡ଼ ନିଶ୍ଚେଷ୍ଟ ହୋଇ ଦୈବୀଶକ୍ତି ବଳରେ କାପୁରୁଷ ଭାବେ ଆତ୍ମରକ୍ଷା କରିବାର କଳଙ୍କ ଏ ଜାତି ଅର୍ଜନ ନ କରୁ !

ନନ୍ଦିକା ଆନନ୍ଦରେ ଉଲ୍ଲସିତ ହୋଇ ଉଠିଲେ । ନିଜର ବୃଦ୍ଧ ପିତା ଶକ୍ତି-ସାହସହୀନ, ଯୁଦ୍ଧ ପାଇଁ ପଶ୍ଚାତ୍‌ପଦ । ମାତ୍ର ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ

Digitized by srujanika@gmail.com

ସେ ନିଜେ ଶତ୍ରୁ ସହିତ ଯୁଦ୍ଧ କରିବେ—ଜନ୍ମଭୂମିର ସ୍ୱାଧୀନତା ରକ୍ଷା ପାଇଁ ଆପ୍ରାଣ ଚେଷ୍ଟା କରିବେ ।

ଶତ୍ରୁ ସେନାପତି—ଶୈଳଗଙ୍ଗ ! ଏ ନାମ ସ୍ମରଣରେ ନନ୍ଦିନୀ ହଠାତ୍ ବ୍ୟଥାତୁର ହୋଇ ଉଠିଲେ । ହୃଦୟସ୍ଥ ଦେବତା ରୂପେ ମନେ ମନେ ସେ ଯାହାଙ୍କୁ ବରଣ କରିଛନ୍ତି, ମନ୍ତ୍ରୀ ବାସୁଦେବଙ୍କ ହସ୍ତରେ ଯାହା ନିକଟକୁ ନିଜ ଗଭୀର ପ୍ରେମର ଅଭିଜ୍ଞାନ ପଠାଇ ସାରିଛନ୍ତି, ତାହାରି ବିରୁଦ୍ଧରେ ଆଜି ସେ ଅସି ଉତ୍ତୋଳନ କରିବେ ? ପ୍ରେମିକାର ତରବାରି ପ୍ରେମିକ ରକ୍ତରେ ରଞ୍ଜିତ ହେବ ? ହା'ରେ ଦୁର୍ଭାଗ୍ୟ !

ପଶ୍ଚାତ୍ ଦେଶରୁ ସହସା ଅଶ୍ୱର ଖୁରାଶବ୍ଦ ଶୁଣାଗଲା । ବଳପୂର୍ବକ ମନରୁ ସମସ୍ତ ଦୁର୍ବଳତା ଦୂର କରି ନନ୍ଦିନୀ ପ୍ରସ୍ତୁତ ହେଲେ । ଅଶ୍ୱାରୋହିଣୀ ଜଣକ ନିକଟକୁ ଆସି ପ୍ରଶ୍ନ କଲେ—"କାର୍ଯ୍ୟ ଶେଷ ହେଲା ଜେମାଦେଈ ! ଏବେ ଆଦେଶ !"

—"ଚାଲ୍ ସଖୀମାନେ, ଭୁବନେଶ୍ୱରଙ୍କ ଆଶୀର୍ବାଦ ଆମ ଶିରରେ ।"

× × ×

ନିସ୍ତବ୍ଧ ଅର୍ଦ୍ଧରାତ୍ରରେ ଶୈଳଗଙ୍ଗଙ୍କ ଶିବିରରେ ହଠାତ୍ ସତର୍କ ଶିଙ୍ଗା ବାଜି ଉଠିଲା । ଶତ୍ରୁ ଆକ୍ରମଣର ଆଶଙ୍କା ନ ଥିବାରୁ ଶିବିରର ସମସ୍ତ ସୈନ୍ୟ-ସାମନ୍ତ ନିଦ୍ରାଭିଭୂତ ଥିଲେ । କେବଳ ବୀର ଶୈଳଗଙ୍ଗ ଜାଗ୍ରତ ଅବସ୍ଥାରେ ବସି ବସି ଭାବୁଥିଲେ—ଏ ଯୁଦ୍ଧ ଅଭିଯାନର ଭବିଷ୍ୟତ୍ କଥା । ଅକସ୍ମାତ୍ ଶିଙ୍ଗାନାଦ ଶୁଣି ସେ ଅସି ହସ୍ତରେ ବାହାରକୁ ବାହାରି ଆସିଲେ । ସମ୍ମୁଖରେ ଦେଖିଲେ—ଯୋଦ୍ଧୃ ବେଶରେ ଅଶ୍ୱାରୂଢ଼ା ଏକ ରୂପସୀ ନାରୀ-ପ୍ରତିମା ।

କ୍ଷଣକାଳ ପାଇଁ ଶୈଳଗଙ୍ଗ ବିସ୍ମୟ-ମୁଗ୍ଧ ନୟନରେ ଚାହିଁ ରହିଲେ ସେହି ନାରୀ ମୂର୍ତ୍ତିକୁ । ତାପରେ ନଜର ଅସି ଉନ୍ମୋଚନ କରୁ କରୁ ପ୍ରଶ୍ନ କଲେ —"କିଏ ?"

—"ଶତ୍ରୁ ପକ୍ଷର ନାରୀସେନା ମଧ୍ୟରୁ ଜଣେ ସାଧାରଣ ସୈନିକା ।"

—"ଅର୍ଦ୍ଧରାତ୍ରରେ ଏପରି ଅତର୍କିତ ଭାବେ ଏକାକୀ ଶତ୍ରୁ ଶିବିରରେ ପ୍ରବେଶ କରିବାର ଉଦ୍ଦେଶ୍ୟ ?"

"ଉତ୍କଳ ବାହିନୀ ବର୍ତ୍ତମାନ ସମ୍ମୁଖଭାବେ ଯୁଦ୍ଧ କରିବାକୁ ପ୍ରସ୍ତୁତ ନୁହେଁ । ତେଣୁ ଶତ୍ରୁ ସେନାପତି ସହ ଦ୍ୱନ୍ଦ୍ୱ ଯୁଦ୍ଧ ଅଭିଯାନରେ ମୁଁ ଆସିଛି । କାହାନ୍ତି ସେନାପତି ?"

Digitized by srujanika@gmail.com

—"ଆପଣଙ୍କ ସମ୍ମୁଖରେ !"

—"ଏଁ, ଆପଣ ! ବୀର ଗ୍ୱେଲଗଙ୍ଗ ?"

ନନ୍ଦିକା କାହିଁକି ଟିକିଏ ବିଚଳିତ ହୋଇ ପଡ଼ିଲେ । ମୁହୂର୍ତ୍ତିକ ପରେ ନିଜକୁ ପୁଣି ସଂଯତ କରି କହିଲେ—"ମୁଁ ଆପଣଙ୍କ ସହ ....."

"ମୁଁ ପ୍ରସ୍ତୁତ !"—ଗ୍ୱେଲଗଙ୍ଗ ଅସି ଉନ୍ମୋଚନ କଲେ । କିଛି ସମୟ ପରେ ଦ୍ୱନ୍ଦ୍ୱ ଯୁଦ୍ଧରେ ଦୁଇଜଣଯାକ ଆହତ ହୋଇ ପଡ଼ିଲେ । ତଥାପି ଆକ୍ରମଣ, ପ୍ରତି ଆକ୍ରମଣ ବହୁକ୍ଷଣ ଚାଲିଲା । ଖ୍ୟାତନାମା ଯୋଦ୍ଧା ଗ୍ୱେଲଗଙ୍ଗ ଉତ୍କଳୀୟ ନାରୀର ବୀରତ୍ୱ ଓ ରଣ କୌଶଳ ଦେଖି ମୁଗ୍ଧ-ଚକିତ ହେଲେ ।

ଅକସ୍ମାତ୍ ନନ୍ଦିକା ନିଜ ବକ୍ଷରେ ଏକ ଦାରୁଣ ଆଘାତ ପାଇ ଟଳି ପଡ଼ିଲେ ।

ଗ୍ୱେଲଗଙ୍ଗ ଅସି ତ୍ୟାଗ କରି ପାଖକୁ ଧାଇଁଗଲେ । ନନ୍ଦିକାଙ୍କ ବକ୍ଷରୁ ଧାର ଧାର ରକ୍ତ ଛୁଟୁଛି । ଗ୍ୱେଲଗଙ୍ଗ ସେହି ରକ୍ତ ସ୍ରୋତ ବନ୍ଦ କରିବାକୁ ଉଦ୍ୟତ ହେବାରୁ ନନ୍ଦିକା କହିଲେ—"ଥାଉ ବୀର, ମୁଁ ମୃତ୍ୟୁ ଚାହେଁ । ଜୀବନର ବ୍ରତ ମୋର ଆଜି ପୂର୍ଣ୍ଣ ହୋଇଛି । ଏବେ ତୁମରି ଚରଣ ତଳେ ମୋତେ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଦିଅ ।"

"ମୋରି ଚରଣ ତଳେ ! କିଏ ତୁମେ ନାରୀ ?"

—"ନାରୀ ସମ୍ବୋଧନରେ ଦୂରକୁ ଅପସରି ଯାଅନା ପ୍ରିୟତମ ! ମଧୁର ପ୍ରିୟା ସମ୍ବୋଧନରେ ମୋତେ ପାଖକୁ ନିଅ, ନିଜର କର ! ମୁଁ ଉତ୍କଳର ରାଜଜେମା, କେଶରୀକନ୍ୟା ନନ୍ଦିକା !"

—"ଏଁ, ନନ୍ଦିକା ! ହା କେଶରୀ-କନ୍ୟା ଏ ଅର୍ଦ୍ଧରାତ୍ରରେ ରାଜ ଅନ୍ତଃପୁରର ତୁଳିତଳି ଛାଡ଼ି କାହିଁକି ଏ ଦୁଃସାହସିକ କାର୍ଯ୍ୟରେ ଅଗ୍ରସର ହେଲ ? ଯୁବତୀସୁଲଭ କୋମଳତା, ମହନୀୟତା ପରିତ୍ୟାଗ କରି....."

—"ଉପହାସ କରନା ପ୍ରିୟତମ ! ନନ୍ଦିକା ସେ ବୀର-କନ୍ୟା, ବୀର-ପୂଜାରିଣୀ । ବିଖ୍ୟାତ ବୀର ଗ୍ୱେଲଗଙ୍ଗଙ୍କର ପତ୍ନୀ ରୂପେ

—"ପ୍ରଳାପ ବନ୍ଦ କର ରାଜଜେମା । ଯେଉଁ ଦେଶର ନାରୀ ସୃଷ୍ଟିର ଆଗମନୀ ନ ଗାଇ ଧ୍ୱଂସର ତାଣ୍ଡବ ରଚନା କରେ, ସେ କି କେବେ ପୁରୁଷର ପ୍ରାଣପ୍ରିୟା ହୋଇପାରେ ?"

Digitized by srujanika@gmail.com

—"ଉତ୍କଳୀୟ ନାଗ୍ନି-ଜାତିର ଅବମାନନା କରନା ବୀର । ତୁମର ଅଯୋଗ୍ୟା ହେଲେ ବ ଶେଷ ଜୀବନରେ ମୋତେ ଟିକିଏ ଚରଣ ତଳେ ସ୍ଥାନ ଦିଅ ।"

—"ମୁଁ ତୁମର ଅନୁରୋଧ ରକ୍ଷା କରିବାକୁ ଅକ୍ଷମ ନନ୍ଦନା । ଦୁର୍ଗ ମଧ୍ୟରେ ତୁମକୁ ନିରାପଦରେ ପହଞ୍ଚାଇ ଦେବାକୁ ମୁଁ ବର୍ତ୍ତମାନ ବ୍ୟବସ୍ଥା କରି ଦେଉଛି, ତୁମେ ବାହୁଡ଼ି ଯାଅ ।"

ଭୂମି-ଶଯ୍ୟାଶାୟିନୀ ନନ୍ଦନା କରୁଣ କଣ୍ଠରେ ଆଉ ଥରେ ଗ୍ରେଲଗଙ୍ଗଙ୍କୁ ମିନତି ଜଣାଇଲେ—"ପିତୃକୁଳ ମୁଁ ତ୍ୟାଗ କରି ଆସିଛି ପ୍ରିୟତମ, ବର୍ତ୍ତମାନ ପାଦପଦ୍ମ ମୋର ଏକମାତ୍ର ଆଶ୍ରୟ ସ୍ଥଳ । ମୋତେ ଦୂରକୁ ଠେଲି ଦିଅନା !"

ଗ୍ରେଲଗଙ୍ଗ ଏଥିରେ କର୍ଣ୍ଣପାତ ନ କରି ନିଜ ବିଗ୍ରହରେ ସ୍ଥିର ରହିଲେ । ଏତିକିବେଳେ ଅଶ୍ୱ ଛୁଟାଇ ଆସି ପ୍ରବେଶ କଲା ସରମା । ନିଜ ସଖୀର ଏ ସାଙ୍ଘାତିକ ଅବସ୍ଥା ଦେଖି ସେ ଧୈର୍ଯ୍ୟ ଧରି ପାରିଲା ନାହିଁ । ନନ୍ଦନାଙ୍କୁ କୋଳରେ ଧରି ଅଶ୍ରୁ ବିସର୍ଜନ କରୁ କରୁ ସେ ରୋଷ-କଷାୟିତ ଜ୍ୱଳନ୍ତ ଚକ୍ଷୁରେ ଥରେ ଚାହିଁଲା ଗ୍ରେଲଗଙ୍ଗଙ୍କ ଆଡ଼େ । ନନ୍ଦନା ଅତି କଷ୍ଟରେ ଧୀରେ ଧୀରେ କହିଲେ—"ତାଙ୍କର କିଛି ଦୋଷ ନାହିଁ ସରମା । ଦେଶ ପାଇଁ ମୁଁ ଆପେ ଆପେ ଏ ଦଶା ବରଣ କରିଛି । ପିତାଙ୍କୁ କହିବୁ—ସ୍ୱାମୀଙ୍କ ଦୋଷ ଧରିବେ ନାହିଁ; ଯେତେହେଲେ ତ ଏ ତାଙ୍କର ସନ୍ତାନ; ଆଉ ମୁଁ, ମୋତେ ଏଇ ପାଦ ପଦରେଣୁ ପଡ଼ିଥିବା ଭୂମିରେ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଦେ !"

ଏହିତକ ନନ୍ଦନାର ଶେଷବାଣୀ । ଗ୍ରେଲଗଙ୍ଗ ମୂକ ସ୍ଥାବର ପରି ଏ କରୁଣ ଦୃଶ୍ୟ ଦେଖୁଥିଲେ । ରାତି ଧୀରେ ଧୀରେ ପ୍ରଭାତ ହୋଇ ଆସୁଥିଲା । *

---

* ରାଧାନାଥଙ୍କ 'ନନ୍ଦିକେଶ୍ୱରୀ' କାବ୍ୟର ନନ୍ଦନା ଚରିତ୍ର-ଚିତ୍ରଣରେ ଐତିହାସିକ ସତ୍ୟ ଆଦୌ ନାହିଁ । ବରଂ ଐତିହାସିକମାନେ ଏକମତ ଯେ ସେତେବେଳେ ଓଡ଼ିଶାର ରାଜବଂଶୀୟ ନାରୀମାନେ ଯୁଦ୍ଧବିଦ୍ୟାରେ ଅତି ନିପୁଣା ଥିଲେ ।
—ଲେଖକ

Digitized by srujanika@gmail.com

କନକ

ସେଦିନ ସକାଳେ କନକ ଏକୁଟିଆ ନଈରେ ଗାଧୋଉ ଗାଧୋଉ ନିଜ ମୁହଁ ଛାଇଟା ପାଣିରେ ଦେଖି ଆଚମ୍ବିତ ହେଲା—ଏଇ ବରଷ ଗୋଟାକ ଭିତରେ ସେ କେଡ଼େ ସୁନ୍ଦର ହୋଇଗଲାଣି ସତେ ! ତା'ର ମନେ ପଡ଼ିଲା ଦିନକର ରାତି କଥା—ଦୀପ ଆଲୁଅରେ ତାର ମୁହଁକୁ ଦେଖି 'ସେ' କହିଥିଲେ—ତମେ କେଡ଼େ ସୁନ୍ଦର ! ସେ ସେଇଠୁ ଲାଜରେ ସଢ଼ି ଯାଇ ତାଙ୍କ ଛାତିରେ ମୁହଁ ଲୁଚେଇ ଖାଲି କହିଥିଲା—'ଯାଃ'......

କନକର ଦେହଟା ଅଳସେଇ ଗଲା । ନଈର କାଚଧାର ପାଣି ଉପରେ ସେ ନିଜ ଦେହଟାକୁ ଲଟେଇ ଦେଇ କେତେ କ'ଣ ଭାବିଗଲା—କାହିଁ ସେ କେତେ ଦୂରରେ ! ସାତ ସମୁଦ୍ର ତେର ନଈ ପାରି, ଖବରଟିଏ ପହଞ୍ଚିବାକୁ ମାସେ ପକ୍ଷେ ଲାଗୁଛି । କେମିତି ସେ ଆଜି ନିଜ 'ହୃଦ' ବାରତା ତାଙ୍କୁ ଜଣାଇବ । ପିଲାଦିନେ ଶୁଣିଥିବା 'ରଜାଝିଅ କେଶବତୀ କନ୍ୟା' ଗପ ତା'ର ମନେ ପଡ଼ିଲା । ଅତି ଯତନରେ ଫରୁଆ ଗୋଟାକରେ ନିଜ ମଥା ବାଳରୁ ଗୋଟାଏ ଏଇ ନଈ ସୁଅରେ ସେ ଭସେଇ ଦେବ । ଫରୁଆଟା ଭାସି ଭାସି ଯାଇ ତାଙ୍କ ପାଖରେ ଲାଗିବ । କେଡ଼େ ଯତନରେ ସେ

Digitized by srujanika@gmail.com

ଫରୁଅଛି ଭିତରୁ ତା'ର ମଥାବାଳ ଟାଣି ଗୁହାଳରେ ନେଇ ଧରିବେ । ମନେ ପଡ଼ିଯିବ ତାଙ୍କର ଘରକଥା । ତା'ପରେ·····

ଉଠାଣି ଖରା ଆସି ଯେମିତ ମୁହଁରେ ପଡ଼ୁଛି, କନକର ଚେତା ପଶିଲା— ମଲା ଯା', କେତେ ସହଳ ବେଳ ଗଡ଼ି ଯାଉଛି ମ । ଶାଶୂ ଭୟରେ ତରତର ହୋଇ ସେ ପାଣିରୁ ଉଠି ଆସିଲା, ଟଟେ ଘରେ ଆଜି ତା' ଭାଗ୍ୟରେ କ'ଣ ଅଛି କେଜାଣି !

ହାଣ୍ଡିଶାଳେ ପାଣି କଳସୀଟି ଥୋଇ ସେ ଓଦାଲୁଗାଟା ବାରଣ୍ଡାରେ ଶୁଖାଉଛି, ଶାଶୂ କୁଅଡ଼େ ଥିଲେ, ବାହୁଣୀ ଘର ଗର୍ଜି ଆସିଲେ—"ଆଲୋ ଅଲକ୍ଷଣୀ, ସକାଳ ପହରୁ ନଈକି ଯାଇ କେତେଣେ କି ନାଚ କରୁଥିଲୁ କି ? ଘରଣୀ ହୋଇଥିଲେ ତ ଏତେବେଳକୁ ରାନ୍ଧବାଢ଼ି ପାଣି କାଞ୍ଜି ଆଣି ସାତ ଚଉଠ କରି ଥୋଇ ସାରନ୍ତୁଣି । ଆଲୋ ମଠେଇଟା, ଖୁଣ୍ଟେଇଟା, ଏ ସୁଖ ଶରଧାକୁ ବାପ-ମା' 'ଯାହା ଚୋଟ୍ରେ ରାଜାଘରେ ବାହା ନ ଦେଲେ ! ଛି, ଲାଜ ନାହିଁ ସେ ମୁହଁକୁ ! ମଣିଷ ହୋଇଥିଲେ, ପଦେ କଥାରେ ବୁଲି ପଡ଼ନ୍ତାଣି । ଏ ପୋଡ଼ା ଅଙ୍ଗାରଟା ସାଙ୍ଗରେ ମଣିଷ କେତେ ଗୋଳେଇ ହେବ ଲୋ ମା' ।"

କନକ ବିଚାରି ଯାହା ଭାବିଥିଲା, ସେଇଆ ହେଲା । ସେ ନୀରବରେ ସବୁ ଗାଳି ସହିଗଲା । ଯଦି କିଛି ପଦେ ମୁହଁ ଖୋଲି କହିବ ତ, କଳିହୁଡ଼ି ଶାଶୂ ଢୋଲକୁ ତାଳ କରି ଗାଁ' ଲୋକଙ୍କ ଆଗେ ଡେଙ୍ଗୁରା ପିଟିବ । ଗାଁ ସାରା ଲୋକେ ତା'ର ବଦ୍‌ନାମ ଗାଇବେ । ଗୁଣ୍ଡି ବାଇଦକୁ ପୁଣି ବଳ କାହାର ? କନକ ଚୁପ୍ ହୋଇ ଘର ପାଇଟିରେ ଲାଗିଗଲା, କିନ୍ତୁ ମନ ଭିତରେ ତା'ର କୁହୁଳା ନିଆଁ ପରି ଶାଶୂ କଥାଗୁଡ଼ାକ କୁହୁଳିବାକୁ ଲାଗିଲା । ଦିନେ ନୁହେଁ; ଅଧେ ନୁହେଁ, ସବୁଦିନେ ଭଲ ମନ୍ଦରେ ତା' ଉପରେ ଗାଳି, ଛି ଛିକର । ଏତେ ଗଞ୍ଜଣା— ଏତେ ହୀନମାନ ମଣିଷ ପୁଣି ସହିବ ? କନକର ଆଖି ଯୋଡ଼ିକ ଲୁହ-ଛଳ ଛଳ ହୋଇ ଆସିଲା ।

ଆଉ ତା'ର ସ୍ୱାମୀ; ସେ ବି ମଣିଷ ନୁହଁନ୍ତି । ପର ଝିଅକୁ ହାତ ଧରି ବାହା ହୋଇଥିଲେ ତାକୁ କ'ଣ ଏଇ ଦହଗଞ୍ଜ କରି ମାରିବା ପାଇଁ ! ବରଷକ ବାରମାସ ତ ବିଦେଶରେ ! ଏଣେ ପର ଝିଅଟି ମଲା କି ଗଲା ତାଙ୍କର ଯାଏ ଆସେ କେତେ ! ହାଇରେ ବିଧାତା, କରମ ଫାଟିଲେ ପୁଣି ଏଇଆ ହୁଏ ! କନକ ଆଖିରୁ ଲୁହ ପୋଛିଲା ।

ନା, ଆଉ ସହି ହେବ ନାହିଁ, କି ରହି ହେବ ନାହିଁ । ଠିକ୍ କଲା ଆଜି ସେ ସବୁ କଥା ସଫା ସଫା ତାଙ୍କ ପାଖକୁ ଚିଠିରେ ଲେଖି ଜଣେଇବ । ଶୀଘ୍ର ସେ ଏହାର କିଛି ବ୍ୟବସ୍ଥା କରିବେ ତ କରିବେ, ନୋହିଲେ ତେଣିକି ତା' କଥା ସେ କରିବ ।

Digitized by srujanika@gmail.com

ଦ୍ୱିପ୍ରହରେ ଶାଶୁ ଖାଇପିଇ ଶୋଇଗଲାରୁ କନକ ମିଶର-ଘର ସାନ ପୁଅ ବଇଦାକୁ ଯାଇ ଡାକି ଆଣିଲା । ବଇଦା କଲମ ଦୁଆତ ଧରି ପହଞ୍ଚିଲା । ବାଡ଼ିପଟ ସଜନା ଗଛମୂଳେ ବସି କନକ ଥରେ ଚାରିଆଡ଼େ ଆଖି ବୁଲେଇ ଆଣି ଥିଇରି ଥିଇରି ଡାକିଲା, ବଇଦା ଲେଖିଲା—

ଓଁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଚରଣେ ଶରଣ । ତୁମ ସୁଖ ଦୁଃଖକୁ ସ୍ୱୟଂ ମା ଗଙ୍ଗା କାଳୀ ଚତୁର୍ଭୁଜା ମୂରତି ଅଛନ୍ତି । ଆମ ସୁଖ ଦୁଃଖକୁ ବାଧା ଜଗନ୍ନାଥ ବଡ଼ ଠାକୁରେ ଅଛନ୍ତି । ଲେଖିବାର କାରଣ ଏହି କି ଯେ—ତୁମେ ବରଷେ ହେବ ବିଦେଶ କରି ଗଲଣି; ଘରକୁ ଥରେ ଆସିବାକୁ ତୁମ ମନ କ'ଣ ବଳୁ ନାହିଁ ? ତୁମ ମନରେ ଯଦି ଏତେ କଥା ଥିଲା, ତାହେଲେ ପର ଝିଅକୁ କାହିଁକି ଘରକୁ ଆଣିଲ ? ଆମେ ଏଣେ ମଲୁ କି ଗଲୁ—ସେ ଖବର ଟିକିଏ ନେଲ ନାହିଁ ? ଆମେ ଆଉ ଦିନରାତି ଏତେ ଶାଶୁ ଗଞ୍ଜଣା ସହି ପାରିବୁ ନାହିଁ, କି ଏ ଘରେ ରହି ପାରିବୁ ନାହିଁ । ଆମେ କାହାର ଶହେ ଷାଠିଏ ଖାଉ ନା ଧାରୁଁ ? ଆମକୁ କାହିଁକି ତୁମ ମା' ବାର କଥା କାଢ଼ିବ, ପୁଣି ମୁଣ୍ଡି ପହଁରାରେ ପିଟିବ ? ଭଲାରେ, ପର ଝିଅ ହେଲୁଁ ବୋଲି ଆମର କ'ଣ ମାନ ମହତ ନାହିଁ ? ଆମ ଜୀବନ ଧିକ୍ ହେଲା । ତୁମେ ଚାଣ୍ଡେ ଘରକୁ ଆସି ଏକଥା ବିଚାର କର, ନୋହିଲେ ଆମ କଥା ଆମର, ତୁମ କଥା ତୁମର । ଆମେ ଦିନଦିନ ହେଲା ଉପାସ ରହୁଁ ବୋଲି ଜାଣିବ । ତୁମେ ଜଲଦି ଆସି ଏହାର ବ୍ୟବସ୍ଥା କର । ଇତି ।

କନକର ବେଶ୍ ଚିଠି ପାଇ ତା'ର ସ୍ୱାମୀ ଧନିଆ ଗୋଟିଏ ହପ୍ତା ଛୁଟି ନେଇ କଲିକତାରୁ ତରବର ହୋଇ ପଳେଇ ଆସିଲା । ମା' ବୁଢ଼ୀ ଉପରେ ସେ ରାଗି ଏକାବେଳକେ ନିଆଁ ।

ଚିଠାଉ ନାହିଁ, ପତର ନାହିଁ, ଧନିଆକୁ ହଠାତ୍ ଘରେ ପହଞ୍ଚିବାର ଦେଖି ଧନିଆ ମା' ଗୁଡ଼ିରେ ଛନକା ପଶିଗଲା—ପୁଣି କଲିକତାରେ ହିନ୍ଦୁ ମୁସଲମାନ ହଣାକଟା ! ଲାଗିଲା କି କ'ଣ ମା' ! ସେ ଅତି ଉଚ୍ଛନ୍ନ ହୋଇ ପଚାରିଲା—'କିରେ ଧନିଆ, ହାଲ୍ କ'ଣ ! ଭାଷା ନାହିଁ, କି ପତର ନାହିଁ । ଇମିତି କ'ଣ ଖାଲି ଖାଲି ଅଇଲୁ ବାହାରି !'

ଧନିଆ ତ ଆଗରୁ ରାଗିଛି, ମାଆର ହଠାତ୍ ଏ ପ୍ରଶ୍ନରେ ସେ ପାଟି କରି ଉଠିଲା—ଆଉ କ'ଣ ଜୀବନଟା ଯାଉ ଖଟି ଖଟି ମୁଁ ତେଣେ ମରୁଥାନ୍ତି, ଆଉ ତୁ' ଏଣେ ମଉଜରେ ଖାଇ ପିଇ ଘରେ ବସି ବୋହୂ ଉପରେ ଗ୍ରାଣ୍ଟୁଣୀ ମାଡ଼ ଚଲାଇଥାନ୍ତୁ ! ତୋ ଇଚ୍ଛାଟା କ'ଣ ! ମୁଁ କ'ଣ ଆଉ ଘରକୁ ଆସନ୍ତି ନାହିଁ ?

ପୁଅର ଏପରି ଉତ୍ତରରେ ମା' ଏକାବେଳକେ ଚୁପ୍ । କଥା କ'ଣ ! ଧନିଆ ମୁହଁରେ ଆଜି ଏକ ଅଲଘଣା କଥା ! ସାତବରଷ ବେଳୁ ବାପ ମରିଗଲା, ପରଘରେ ମୂଲ ଲାଗି ସେ ଧନିଆକୁ ମଣିଷ କରିଛି । ହେଲେହେଲେ ତ ମା' ମୁହଁରେ ଧନିଆ ଏପରି ଜବାବ୍

Digitized by srujanika@gmail.com

ଦେଇ ନାହିଁ । ଆଜି କ'ଣ ତା' ମଥା ବିଗିଡ଼ି ଯାଇଛି ! ବୁଢ଼ୀ କିଛି ବୁଝି ପାରିଲା ନାହିଁ । ସେ ଯାଇଁ ଗାଁ'ରେ ଯା' ତା' ପାଖରେ ଏକଥା ସବୁ କହିଲା । କେତେକ ବୁଢ଼ା ବୁଢ଼ୀ ଏ କଥା ଶୁଣି କହିଲେ—ଜାଣୁ ନାହିଁ ଧନିଆ ମା', ପୁଅକୁ ତୋର କିଏ ମନ୍ତ୍ରି କରିଛି, ତା' ମଥା ବିଗାଡ଼ି ଦେଇଛି । ତୁ ଚଞ୍ଚଳ ନିଧି ଗୁଣିଆ ପାଖକୁ ଦଉଡ଼ । ବୁଝିଲୁ ଧନିଆ ମା' ଏ ଗାଁ'ରେ ପରର ଅନିଷ୍ଟ କରିବାକୁ ଲୋକ କ'ଣ ଅଭାବ ଅଛନ୍ତି ? ଏ କଳିକାଳଟି, ହୁଁ.........

ଧନିଆ ମା' ମଥାରେ ହାତ ଦେଇ ବସିଲା । ଠିକ୍ କଥା, ନୋହିଲେ ଭଲ ପୁଅଟା ଇମିତ ପାଗଳା ହୁଅନ୍ତା କିମିତ ? କଳିହୁଡ଼ି ଧନିଆ ମା' ବାଟସାରା ଗାଳି ଦେଇ ଦେଇ ଅତରଚଟ୍ଟରେ ନିଧି ଗୁଣିଆ ଘରକୁ ଧାଇଁଲା—'ଆରେ ଡାକୁଣିଖିଆ, ଆରେ ଅଲପାଇସା, ତୁମ ବଂଶ ବୁଡ଼ୁ ! ତୁମେ ମୋ' ପୁଅକୁ ବିଗାଡ଼ିଲ, ତମ ପୁଅ ଝିଅଙ୍କୁ ବିଧାତା ବିଗାଡ଼ୁ !'

ସବୁ କଥା ଶୁଣି ନିଧି ଗୁଣିଆ ଆଖି ବୁଜି ମନ୍ତ୍ର ପଢ଼ିଲା । ପଢ଼ିସାରି ଧନିଆ ମା'କୁ କହିଲା—'ଆଲୋ ହେ, ଖେଙ୍ଗେଇ ବୁଢ଼ୀ, ମିଛଟାରେ ଏତେ ଭୁନିଆଁ ହେଉଛୁ କିଆଁ ? ତୋ ପୁଅ ଦେହରେ ପ୍ରେତ ପରବେଶ ହୋଇଛି । ସେ ପ୍ରେତ କିଛି ନୁହେଁ । ମହା ମହା ପ୍ରେତ ମୁଁ ଏଇ ହାତରେ ଜବତ କରିଛି, ଏ ତ ଖୁବ୍ ସାମାନ୍ୟ ! ତୁ କିଛି ଭାବନା କରନା । ଯା, ଗୃରଣା ପଇସା, ଆଉ ଗୁଆଟିଏ ଆଣି ମୁଣ୍ଡରେ ମାରି, ଦେଇ ଯା ମୋତେ । କାଲି ସକାଳେ ଦେଖିବୁ, ପ୍ରେତ କୁଆଡ଼େ ଗୁଡ଼ି ଯାଇଥିବ । ତୋର ସେଇଁ ଭଲ ପୁଅକୁ ସେଇ ଭଲ ପୁଅ ।'

ଧନିଆ ମା' ପଇସା ଗୃରଣା ଓ ଗୁଆଟିଏ ମଥାରେ ମାରି ଆଣି ଗୁଣିଆକୁ ଦେଇଗଲା । ସେଦିନ ରାତିସାରା ଧନିଆ ମା' ଆଖିକି ନିଦ ନାହିଁ । ବିଛଣାରେ ପଡ଼ି ସେ ଖାଲି ଭଗବାନଙ୍କୁ ଡାକୁଛି—'ହେ ଭଗବାନ, ମୋ ପୁଅକୁ ଭଲ କରିଦିଅ ! ତା' ମଥା ବିଗିଡ଼ି ଯାଇଛି, ତାକୁ ସୁବୁଦ୍ଧି ଦିଅ !'

ଏଣେ ଅନ୍ୟ ଘରେ କନକ ଓ ଧନିଆଙ୍କ ଭିତରେ ଫୁସୁଫାସ କଥାବାର୍ତ୍ତା ଚାଲିଛି । କନକ କହୁଛି—'ନା, ମୁଁ ଆଉ ତମ ମା' ବୁଢ଼ୀର ଦାଉ ସହି ପାରିବି ନାହିଁ । ତମେ ଅସିଛ, ଏହାର କିଛି କିନାରା କରି ଦେଇ ଯାଅ । ଆମେ ଦୁ'ଜଣ ଅଲଗା ରୋଷେଇରେ ଚଳିବା, ସେ ତା'ର ଅଲଗା ରହୁ ।'

ଧନିଆ ମଥାରେ ଆସି ଶକତ ଏକ ବୋଝ ପଡ଼ିଲା । ଏକ ଆଡ଼େ ମା', ଅନ୍ୟ ଆଡ଼େ ସ୍ତ୍ରୀ । ଧନିଆ ଏବେ କା' ମୁହଁକୁ ଚାହିଁବ ? ତା'ଠାରୁ କୌଣସି ଉତ୍ତର ନ ପାଇ କନକ ଅଭିମାନ କରି କହିଲା—'କ'ଣ କହୁଛ ? ପାରିବ ନାହିଁ ? ତେବେ ମୁଁ ତୁମର

Digitized by srujanika@gmail.com

ପୋଡ଼ିଲା ନା ପରବାସ ?' କନକ ସେଇ ଅନ୍ଧାରରେ ଫୁଁ ଫୁଁ ହୋଇ କାନ୍ଦି କହିଲା—"ହାଇରେ, ମୋ କରମରେ ଏଇଆ ଥିଲା ? ଯାହାକୁ ହାତ ଧରି ବାହା ହୋଇଥିଲି, ସେ ମୋ ଦୁଃଖ ସୁଖକୁ ଟିକିଏ ବୁଝିବ ନାହିଁ ? ମୋର ଆଉ ଏଠି ନିଜର ବୋଲି କିଏ ଅଛି ? କାଲି ସକାଳୁ ଉଠି ମୁଁ ମୋ ବାପ ଘରକୁ ଯାଉଛି । ତୁମେ ତୁମ ମା'କୁ ଘେନି ସୁଖରେ ରହ !"

କନକର କାନ୍ଦଣା ଦେଖି ଧନିଆ ବ୍ୟସ୍ତ ହୋଇ ପଡ଼ିଲା । ସେ କନକର ହାତ ଧରି ଆଦର ସହକାରେ କ'ଣ କହିବାକୁ ଯାଉଛି, କନକ ତା'ର ହାତ ଦି'ଟାକୁ ଛାଡ଼େଇ ଦେଇ କହିଲା—"ରଖିଦିଅ ସେ ଅଲଣା ସୁହାଗ । ଏଇ ଦି'କଥାରୁ କଥାଏ ମୋତେ ସଫା ସଫା କହ । ତେବେ ଯାଇ ତମର ମୋର ଭଲ !" କନକ ଆର କଡ଼କୁ ମୁହଁ ବୁଲାଇ ଦେଇ ଶୋଇଲା ।

ବୋଧଶୋଧର ଆଉ କିଛି ଉପାୟ ନ ଦେଖି ଧନିଆ କନକକୁ କୋଳରେ ଧରି ତୁନି ତୁନି କହିଲା—'ମୋ ପ୍ରାଣ, ତମେ ଆଉ କାନ୍ଦନା ! ତମେ ଯାହା କହୁଛ, ତା ନିଶ୍ଚେ କରିବି । କାଲି ସକାଳୁ ଉଠି ମା'କୁ ଅଲଗା କରିଦେବି । କାଲିଠୁଁ ତା' କଥା ତା'ର, ଆମ କଥା ଆମର । ତମକୁ ଆଉ ସାତପର କରି ଗାଳି ଦେବାକୁ କେହି ନ ଥିବେ ।'

କନକ ସେଇଠୁ ତୁନି ହୋଇ ଧନିଆର ବେକ ଚାରିପଟେ ନିଜ ବାହୁ ଦୁଇଟିକୁ ଛନ୍ଦି ଦେଇ କହିଲା—'ସତେ ମୋ ଦୁଃଖ ଯିବ !'

ଧନିଆ କନକକୁ ଗାଢ଼ରେ ଜାବୁଡ଼ି ଧରି ତା' କାନ ପାଖରେ ମୁହଁ ଲଗେଇ ଥିରି ଥିରି କହିଲା—'ନିଶ୍ଚେ, ନିଶ୍ଚେ !'

× × ×

ଧନିଆ ମା' ଭାଗ୍ୟରେ ସେଦିନ କି ଖରାପ ବେଳରେ ରାତି ପାହିଥିଲା କେଜାଣି, ସକାଳୁ ଉଠି ଧନିଆ ତାକୁ ସଫା ସଫା କଥା ଶୁଣେଇ ଦେଲା—"ହେ ମା', ତୁ ଆଜିଠୁ ମୋର କେହି ନୁହଁ । ମୋ ଘରଯାକୁ ତୁ ଗାଳିମାଡ଼ ଦେଇନୁ, ଦେଇଛୁ ମନ୍ତ । ତୁ' ଏ ଘରୁ ଆଜି ବାହାରି ଯା । ନୋହିଲେ ତୁ ତୋର ଅଲଗା ବନ୍ଦୋବସ୍ତ କରି ଚଳ ।"

ଧନିଆ ମା'ର ହଲକ ଶୁଖିଗଲା । ସେ ମୁହଁ ଶୁଖେଇ କହିଲା—"ହଇରେ ଧନିଆ, ମୋର କି ଦୋଷ ? ତୋ ଘରଯାକୁ ଟିପ ଛୁଇଁବାକୁ ମୁଁ ଯିବି କାହିଁକି ? ସେ ଖାଲି ମିଛରେ ମୋ ନାଁରେ ଖୁଞ୍ଚା ପେଲୁଛି ।"

Digitized by srujanika@gmail.com

କନକ ଏ କଥା ଶୁଣି ରାଗରେ ଗର୍ଜି କହିଲା—"ହଇଲୋ, ମୁଁ ଖୁଞ୍ଚା ପେଲିଲେ ମୋ ଜାତି ଛୁଣ୍ଡି ପଡ଼ିବନି ? ତୁ ମୋତେ ବାରକଥା କହି ଗାଳି ଦେଉନା ? ମୋତେ ତୁ ଗ୍ରୁଣ୍ଡୁଣୀରେ ପିଟୁନା ? ସତ କହୁ, ଉପରେ ଧରମ ଦେବତା ଅଛନ୍ତି ।"

ଧନଆ ମା' ତାଜୁବ୍ ହୋଇ ଏଡ଼େ ଏଡ଼େ ଆଖି କାଢ଼ି କହିଲା—'ହାଇରେ ବିଧାତା, ତୁଇ ଦିନ ରାତ କରୁଛୁ, ତୁ ସବୁ କଥା ଜାଣୁ । ଏକଥା ସତ କି ମିଛ, ତୁଇ ବିଚାର କରିବୁ ।'

କଲିକତା ଗାମୁଛାକୁ କମରରେ ଭିଡ଼ି ଧନଆ ଗମ୍ଭୀର ହୋଇ କହିଲା—'ସେ ସତ ମିଛ ପ୍ରମାଣ ନେବାକୁ ମୁଁ ଏଠାକୁ ଆସିନି । ଯା ହେଲା ହେଲା, ତୁ ଏବେ ଆମଠୁ ଅଲଗା ରହି ଚଳ ।'

ଧନଆ ମା କାନ୍ଦି ପକାଇଲା—କହିଲା, 'ହଇରେ ଧନଆ, ତୋତେ ମଣିଷ କଲା କିଏ ? ଦିନେ ତ ତୋ ମୁହଁରୁ ଇମିତି କଥା ଶୁଣି ନ ଥିଲି । ଆଜି ଆଖି ଫିଟିଲାକୁ—ଦି'ହାତ ହେଲାକୁ...... '

'ଚୁପ୍ କର'—ଧନଆ ରାଗିଗଲା—'ମୁଁ ଆଉ କଉଣସି କଥା ଶୁଣିବି ନାହିଁ । ତୁ ମୋ ମା' ନୁହେଁ, ରାକ୍ଷସୀ । ତୋ ସହିତ ଆମର ଦରକାର କ'ଣ ? ମୁଁ ଯାଏଁ, ଗାଁରୁ ପାଞ୍ଚଜଣ ଭଦ୍ରଲୋକ ଡାକିଆଣି ଘରବାଡ଼ି ଜିନିଷପତ୍ର ଭାଗବଣ୍ଟୁରା କରିଦିଏଁ । ଆଉ କିଛି ଗଣ୍ଡଗୋଳ ରହିବ ନାହିଁ ।'

ଧନଆ ଚାଲିଗଲା । ମା' ତା'ର ଦାଣ୍ଡ ଦୁଆରେ ବସି କଇଁ କଇଁ ହୋଇ କାନ୍ଦୁଥାଏ, ଆଉ ଭାବୁଥାଏ—ଅଳପାଇସା ଗୁଣିଆଟା କଲା କ'ଣ ? ଟିକିଏ କରାମତି ଦେଖାଇଲା ନାହିଁ ? ବୁଢ଼ୀର ଏ ସକେଇ କାନ୍ଦଣା ଦେଖି କନକ ତେଣେ ଘର ଭିତରେ ହସି ହସି ଫାଟି ପଡ଼ୁଥାଏ ।

ଗାଁର ଭଦ୍ରଲୋକେ ଧନଆର ଏ ମତି-ଗତି ଦେଖି ଜାବା ହୋଇଗଲେ । ଘରର ସମସ୍ତ ଜିନିଷପତ୍ର ବଣ୍ଟୁରା ହୋଇଗଲା । ଧନଆ ମା' ସେ କଥାରେ ମନ ନ ଦେଇ ଧନଆର ହାତ ଧରି ପକାଇ କହିଲା—'ମୋ ବାପଟା, ମୋ ଧନଟା ! ଯା' ହେବାର ହେଲା, ଏବେ ମୋ କଥା ମାନ ! ରାଗ କରୁଛୁ କା' ଉପରେ ? ମୁଁ ପରା ତୋର ଜନମ-କଲା ମା......!'

Digitized by srujanika@gmail.com

ଧନିଆ କିଛି ଶୁଣିଲା ନାହିଁ, ମୁହଁ ବୁଲେଇ ଦେଇ ଚାଲିଗଲା । ହପ୍ତାକ ଛୁଟି କଟେଇ ସେ ଯେତେବେଳେ କଲିକତା ବାହାରିଲା, କନକ ହସି ହସି ତାକୁ ବିଦାୟ ଦେଲା । କିନ୍ତୁ ମା' ବୁଢ଼ୀ ତା'ର ଅଖିଆ ଅପିଆ ଦୁ' ଆଖିରେ ଆଖିଏ ଆଖିଏ ଲୁହ ପୂରେଇ ଦାଣ୍ଡ ଦୁଆରେ ବସି ଧନିଆର ଯିବା ପଥକୁ ଚାହିଁ ରହିଲା ।

ଧନିଆ ଚାଲିଗଲା । ମା' ତା'ର ଲୁହଭରା ଆଖିରେ କାନ୍ଥରେ ମୁଣ୍ଡିଆ ମାରି ଡାକିଲା—"ହେ ଭଗବାନ, ଧନିଆକୁ ମୋର ସୁବୁଦ୍ଧି ଦିଅ, ତା'ର ମଙ୍ଗଳ କର !"

Digitized by srujanika@gmail.com

ପାହାଚ

କୁସୁମ—ଲେ କୁସୁମ—

'କୁସୁମ' 'କୁସୁମ' ଡକା ପଡ଼ୁଛି, କୁସୁମ କାନରେ ପୋକ ପଡ଼ୁଛି !

ଘର ଭିତରେ ଶିର ବାବୁ ଆରାମ ଚେୟାର୍‌ରେ ବସି ଥାଆନ୍ତି । ହାତରେ ସିଗାରେଟ୍; କୋଳରେ କ ଉପନ୍ୟାସ ଖଣ୍ଡିଏ ମେଲା ହୋଇ ପଡ଼ିଥାଏ । ବାବୁଆଣୀ ପଲଙ୍କ ଉପରେ ବସି କଣ ଗୋଟାଏ ସିଲେଇ କରୁ ଥାଆନ୍ତି ଏବଂ ବାବୁଙ୍କ ସହିତ ଗପ ଜମେଇଥାନ୍ତି । କୁସୁମ ଦୁଆର ମୁହଁରେ କବାଟ ଅଢ଼ୁଆଳରେ ଆସି ଠିଆ ହେଲା ।

ଶିରବାବୁ ନୂଆ ହୋଇ ଆସିଥିବା ଗୃହିଣୀଙ୍କି କହିଲେ—ଏଇ ହଉଚ କୁସୁମ । ଖୁବ ଭଲ ଝିଅଟି ! ପିଲାଟି ଦିନରୁ ଆମର ଘରେ ରହୁଛି । ତମର ସବୁ କଥା ବୁଝିବ—ସବୁ କାମ କରିଦେବ ।

ଶିର ବାବୁଙ୍କ ବାହାଘର ପରେ କୁସୁମ ଟିକିଏ କରଛଡ଼ା ହେଇ ରହିଥିଲା । ନୂଆ ଗୃହିଣୀଙ୍କର ଗୃହଚଳଣି ଏବଂ ଶିର ବାବୁଙ୍କର ପରିବର୍ତ୍ତିତ ମତି-ଗତି ନୀରବରେ ଲକ୍ଷ୍ୟ କରୁଥିଲା । ଏ ଘରେ ଏତେ ବଡ଼ ପରିବର୍ତ୍ତନଟାକୁ ସେ ଯେପରି ହଠାତ୍ ମାନି ନେଇ ପାରୁ ନ ଥିଲା !

ବାବୁଆଣୀଙ୍କ ସାମନାରେ ନିଜେ ବାବୁ ତାକୁ ଡକେଇଲାରୁ ସେ ଟିକିଏ ସାହସ ପାଇ କହିଲା—ଏବେ ଏଇଟା ଘର ଭଳି ଲାଗିଲା ବାବୁ । ଘରକୁ ସିନା ଘରଣୀ ଶୋଭା ପାଏ ! ଘରଣୀ ନ ଥିଲାରୁ ଏସାକେ ଘରଟା ଶିରିହୀନ ଦେଖା ଯାଉଥିଲା ।

ବାବୁଆଣୀ ବାବୁଙ୍କ ମୁହଁକୁ ଚାହିଁ ମୁରୁକି ହସିଲେ । ତା'ପରେ କୁସୁମ ଉଦ୍ଦେଶ୍ୟରେ କହିଲେ—ବାପନ କୁସନ ମଜା ହୋଇଗଲା ତ ଯା'—ସେ ମସଲାତକ ବାଟି ଦେ—ଆଉ ମୋ ପାଲଟା ଓଦା ଲୁଗାତକ କୂଅ ମୂଳରେ ପଡ଼ିଛି······

କୁସୁମ ମସଲା ବାଟିବାକୁ ନ ଯାଇ କବାଟ ଅଢ଼ୁଆଳରେ ସେମିତ ଠିଆ ହୋଇ ରହିଲା । ବାବୁଆଣୀଙ୍କ ଅଜଣାରେ ଶିର ବାବୁଙ୍କର ଖୋଜିଲା-ଖୋଜିଲା ଚଞ୍ଚଳ ଦୃଷ୍ଟି

Digitized by srujanika@gmail.com

ବାରମ୍ବାର କବାଟ ଅଡୁଆଳକୁ ଗୃଲି ଯାଉଥାଏ । ଧୀର କଣ୍ଠରେ କୁସୁମ କହିଲା— ଏତେ ବଡ଼ ବାହାଘରଟାଏ ହୋଇଗଲା, କାଉ କୋଇଲି ପର୍ଯ୍ୟନ୍ତ କଏ କେତେ ବୋହିନେଲେ; କିନ୍ତୁ ମୁଁ ଶାଢ଼ୀ ଖଣ୍ଡିଏ ପାଇଲି ନାହିଁ ମା' । ବାବୁ ବାହାଘର ଆଗରୁ ମୋତେ କହିଥିଲେ·····

ଘର ବାବୁ ବାବୁଆଣୀଙ୍କ ଉଦ୍ଦେଶ୍ୟରେ କହିଲେ — ହଁ, ହଁ, କୁସୁମ ଖଣ୍ଡିଏ ଶାଢ଼ୀ ପାଇବ । ମୁ ତାକୁ ଦେବା ପାଇଁ କହିଥିଲି ।

କୁସୁମ ରୋଷେଇଘରଆଡ଼େ ଗୃଲିଗଲା । ବାବୁ-ବାବୁଆଣୀ ଦୁହେଁଯାକ ତାହାର ଯିବା ବାଟକୁ ଗୃହିଁ ରହିଲେ । ଗ୍ରେଟ ଆଠ ହାତ ତନ୍ତ ଶାଢ଼ୀଟି କୁସୁମର ପରିପୁଷ୍ଟ ଦେହକୁ ପୁରାପୂରି ଆବୃତ୍ତ କରି ପାରୁ ନ ଥାଏ । ଏଇ ଘରେ ସେ ପିଲାଟି ଦିନରୁ କାମ କରି ଆସୁଛି । ଦୁଇ ଓଳି ମୁଠିଏ ମୁଠିଏ ଖାଇବା ଛଡ଼ା ଏବଂ ପିନ୍ଧିବା ପାଇଁ ଖଣ୍ଡିଏ ଫ୍ରକ୍ ବା ଶାଢ଼ୀ ଛଡ଼ା ସେ ଆଉ ଅଧିକ ପାଇଛି କ'ଣ ?

ସତରେ, ସେ ଏଇ ଚଉଦ ପନ୍ଦର ବର୍ଷର ଜୀବନରେ କିଛି ପାଇ ନାହିଁ; ଦେଇଛି କିନ୍ତୁ ଅନେକ—ହରେଇଛି ନିଜର ସମସ୍ତ ।

ପିଲାଦିନ କଥା କୁସୁମର ଝାପ୍‌ସା ଝାପ୍‌ସା ମନେ ପଡ଼ୁଛି । ନଈ ସେ ପାଖରେ ବନ୍ଧ ତଳକୁ ସେଇ ଗ୍ରେଟ ଗାଁଟି । ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ । ମଣିଷଗୁଡ଼ା ପୋକ ଜୋକ ପରି କେବଳ ବଞ୍ଚି ରହିବା କଥା । ମୁଣ୍ଡ ଗୁଞ୍ଜିବା ପାଇଁ ଯେଉଁ ବଳକଟେ ଘରବାଡ଼ି, ତାହା କେବେଠୁଁ ମହାଜନଙ୍କ ପାଖରେ ବନ୍ଧା ପଡ଼ିଥିଲା । ଗୃଷ କରିବା ପାଇଁ ଜମି ବିଶ୍ୱାଏ ନ ଥିଲା । ବାପ-ମା' ଉଭୟେ ମୂଲ ମଜୁରି ଲାଗି ଯାହା ପାଉଥିଲେ, ତହିଁରେ ପେଟ ପୁରୁ ନ ଥିଲା । ବଡ଼ ଭାଇ କଲିକତା କି କାଲିମାଟୀ କେଉଁଠି ଯାଇଁ କାମ କରିବାକୁ ରହିଲା; ଆଉ ଘରକୁ ବାହୁଡ଼ିଲା ନାହିଁ । ବଡ଼ ଭଉଣୀ ସେହିପରି ଗୋଟାଏ ବାବାଜୀ ସାଙ୍ଗରେ ଲୁଚି କରି କୁଆଡ଼େ ପଳାଇଗଲା । ତା'ର ଆଉ ଖୋଜ୍ ଖବର କିଛି ମିଳିଲା ନାହିଁ । ସବା ସାନ ଭାଇଟି ବର୍ଷେ କି ଦେଢ଼ ବର୍ଷର ଛୁଆ । ବାପ ମାଆଙ୍କ ପାଖରେ ଥାଏ । କୁସୁମର ଆଖି ଆଗରେ ନାଚିଗଲା—ତାର ସେଇ ଗେହ୍ଲା ଭାଇଟିର ଚେହେରା । ଧୂଳି ଧୂସର ଉଲଗ୍ନ ଡାଉଲ ଲଙ୍ଗଳା ପିଲାଟି । ନାକରେ ସିଙ୍ଗାଣୀ ଭର ଭର । ଭୋକ ଲାଗିଲେ କଇଁଆ ପଖର ଗୃହିବାଏ ପେଟ ନ ପୂରିଲେ, ଚହିଡ଼ା ଗୁଡ଼ି କାନ୍ଦେ । କୁଆଡ଼େ ରହିଲା ସେ ଦୁଷ୍ଟ ?

କୁସୁମ ମନେ ପକାଇଲା—ମହାଜନ ଘରବାଡ଼ି ଦଖଲ କରିନେଲା ପରେ ବାପ-ମା' ତାକୁ ଆଣି ଏଇ ଘର ବାବୁଙ୍କ ଘରେ ରଖେଇ ଦେଲେ । କ'ଣ କଥାବାର୍ତ୍ତା

Digitized by srujanika@gmail.com

ହେଲା, କେତେ କେତେ ଟଙ୍କା ପଇସା କାରବାର ହେଲା, ତାହା ଭଗବାନଙ୍କୁ ଜଣା । କୁସୁମ ସାରା ଜୀବନ ପାଇଁ ଏଇଠି ବାନ୍ଧି ହୋଇ ରହିଲା—ମାଟି କାମୁଡ଼ି ପଡ଼ି ରହିଲା ।

ତା'ପରେ କୁସୁମ ନିଜ ବାପ ମା' ଆଉ ସାନଭାଇଟିର କଥା କିଛି ଜାଣେନା । ସେମାନେ କେଉଁଠି ଅଛନ୍ତି, କିପରି ବଞ୍ଚୁଛନ୍ତି, ତାହାର ଖବର ସେ ରଖି ପାରି ନାହିଁ ।

ଅଜାଣତରେ କୁସୁମର ଆଖି ଲୁହ-ଛଳ ଛଳ ହୋଇ ଆସିଲା । କୁଆଡ଼େ ଗଲେ ତାର ବାପ ମା' ? ଆଉ ଏ ଜୀବନରେ କ'ଣ ସେମାନଙ୍କ ସହିତ ସାକ୍ଷାତ ହେବ ନାହିଁ ? ବୀର ବାବୁଙ୍କ ବୁଢ଼ା ବାପା କୁସୁମକୁ ସୁ-ନଜରରେ ଦେଖୁଥିଲେ । ଟିକିଏ ଆଶା ଭରସା ପାଇଥିଲା କୁସୁମ । କିନ୍ତୁ ଅଳ୍ପଦିନ ପରେ ବୁଢ଼ା ମରିଗଲେ । ବୀର ବାବୁଙ୍କ ବୁଢ଼ୀ ମା' କୁସୁମ ପକ୍ଷରେ ତ ସାକ୍ଷାତ ଯମ ସବୁବେଳେ କାମରେ ଭୁଲ୍ ବାହୁଥିବେ । ଗାଳି ଗୁଲଜ କରୁଥିବେ । ବେଳ ପଡ଼ିଲେ ମାଡ଼ ଦେବାକୁ ବି ପଛାଇବେ ନାହିଁ ।

ସେଦିନ ସକାଳ କଥା କୁସୁମର ପରିଷ୍କାର ମନେ ଅଛି । ବୀର ବାବୁଙ୍କ ଘରେ ସେତେବେଳକୁ ସେ ପାଞ୍ଚ ଛଅ ବର୍ଷ ଭିତର ଖଟେଇ କାମ କରି ସାରିଲାଣି । କଂସା ବାସନ ମଜା ଘଷା କଲା ପରେ ଥାଳିଆରୁ କ'ଣ ଟିକିଏ ମଇଳା ଛାଡ଼ି ନ ଥିଲା ବୋଲି ବୁଢ଼ୀ ମା' ରାଗରେ କଷି କରି ଚାପୁଡ଼ାଏ ବସାଇଦେଲେ କୁସୁମ ଗାଲରେ ।

ଗାଲଟା ତା'ର ବେଙ୍ଗପରି ଫୁଲିଗଲା । ପରେ ବୀର ବାବୁ ତାକୁ ଏକୁଟିଆ ଘର ଭିତରକୁ ଡାକି ନେଇ ଆଦର କରିଥିଲେ—ଫୁଲିଲା ଗାଲକୁ ଆଉଁଷି ଦେଇଥିଲେ—ନିଜ ଓଠ ଲଗେଇ ଚୋକ ଖାଇଥିଲେ ।

କୁସୁମର ଦେହଟା ଶିରି ଶିରି ହେଲା । ଓଦା ହାତଟା ହଠାତ୍ ଗାଲ ପାଖକୁ ଉଠି ଆସିଲା । ଆଖିରୁ ଲୁହ ପୋଛି ସେ ପୁଣି ମସଲା-ବଟାରେ ମନ ଦେଲା ।

ବୟସ ବଢ଼ିଲା ସଙ୍ଗେ ସଙ୍ଗେ କୁସୁମ ପ୍ରତି ବୁଢ଼ୀ ମା'ଙ୍କର ରାଗରୋଷ ବଢ଼ୁଥିଲା । କିନ୍ତୁ ବୀର ବାବୁଙ୍କର ସ୍ନେହ ଶ୍ରଦ୍ଧା ତା' ପ୍ରତି କେବେ ଜଣା ହୋଇ ନଥିଲା । ସୁବିଧା ପାଇଲା ମାତ୍ରେ ବୀର ବାବୁ କୁସୁମର ପୂରିଲା ପୂରିଲା ଦେହକୁ ନିଠେଇ ଚାହିଁଥିଲେ—କୋଳକୁ ଟାଣି ନେଇ ତା'ଓଠ ଓ ଗାଲରେ ଚୋକ ଦେଉଥିଲେ ।

କୁସୁମକୁ ତାହା ସବୁ ବେଶ୍ ସୁଖ ଲାଗୁଥିଲା । ଏ ନିଷ୍ଠୁର ସଂସାରରେ ବଞ୍ଚି ରହିବା ପାଇଁ ସେତିକି ଯେପରି ଥିଲା ତା ପକ୍ଷରେ ଆଶ୍ରୟ ଓ ଅବଲମ୍ବନ ! ସେ ମନେ ମନେ ଭବିଷ୍ୟତର କେତେ କଳ୍ପନା କରି ଯାଉଥିଲା—କେତେ ସୁନେଲି ସ୍ୱପ୍ନ ଦେଖୁଥିଲା ।

Digitized by srujanika@gmail.com

କନ୍ଲୁ ହଠାତ୍ ହନେ ତାର ସ୍ୱପ୍ନ ଭଙ୍ଗ ହେଲା । ବୀର ବାବୁ ଯେତେବେଳେ ଫୁଲନୋଳ ପିନ୍ଧି, ଝମକ ବାଇଦ ବଜାଇ ନୂଆ ସାଆନ୍ତାଣୀଙ୍କୁ ଘରକୁ ଆଣିଲେ; ସେତେବେଳେ ତାହାର ବକ୍ଷ ପଞ୍ଜର ଦୋହଲାଇ ଗୋଟିକ ପରେ ଗୋଟିଏ ହତାଶାର ଦୀର୍ଘଶ୍ୱାସ ବାହାରି ଆସିଲା ।

ସେ କଣ କେବେ ଏପରି ଫୁଲନୋଳ ପିନ୍ଧି କାହା ଘରକୁ ନୂଆବୋହୂ ହୋଇ ଯିବ ନାହିଁ ? ବାପ-ମା'ଙ୍କର ହସଖୁସି ଓ ଶଙ୍ଖ ହୁଳହୁଳି ଭିତରେ ଓଢ଼ଣା ଟାଣି ବର ପାଖରେ ବସି କଉଡ଼ି ଖେଳ ଖେଳିବ ନାହିଁ ? ହା ବସୁଧା ଗରିବ ଝିଅ !

ରାତି ଅନିଦ୍ରା ହୋଇ କୁସୁମ ବିଛଣାରେ ପଡ଼ି ବହୁତ ଭାବେ—ଗରିବ ଝିଅର କ'ଣ ଜୀବନ ନାହିଁ ? ସେ କଣ ମଣିଷ ନୁହେଁ ? ସଂସାରର ଆଉ ଆଉ ପାଞ୍ଚ ଜଣଙ୍କ ପରି ସେ କଣ ବଞ୍ଚି ପାରିବ ନାହିଁ ? ବୀର ବାବୁଙ୍କ ସାନ ଭାଇ ଧୀରବାବୁ କେଉଁ ଦୂର ସହରରେ ବଡ଼ କଲେଜରେ ପାଠ ପଢ଼ନ୍ତି । ମଝିରେ ମଝିରେ ଘରକୁ ଆସିଲେ କହନ୍ତି, ଦେଶ ସ୍ୱାଧୀନ ହୋଇଛି । ସମସ୍ତେ ସୁଖଶାନ୍ତିରେ ରହିବେ । ଗରିବଗୁରୁବାଙ୍କର ମଙ୍ଗଳ ହେବ ।

ସତରେ କଣ ସେ ସୁଦିନ ଆସିବ ? କୁସୁମ ହାତଯୋଡ଼ି ମଙ୍ଗଳାକୁ ଡାକେ— ଧୀର ବାବୁଙ୍କ ତୁଣ୍ଡ ପୁରୁଣ୍ଡ ହେଉ ମା' । ଶୀଘ୍ର ଗରିବଗୁରୁବାଙ୍କ ଦୁଃଖ ଯାଉ !

Digitized by srujanika@gmail.com

ମସଲା ବଟା ଶେଷ କରି କୁସୁମ କୂଅ ମୂଳକୁ ଗଲା । ମନଟା ତାର କିପରି ଉଦାସ ହୋଇ ଯାଇଥିଲା । କୂଅ ପାଖ ଆମ୍ବଗଛ ଡାଳରେ ଦୁଇଟି ବଣି ଚଢ଼େଇ ବସି କଚରି ମିଚରି ଲଗେଇଥାନ୍ତି । କୁସୁମ ସେମାନଙ୍କ ଖେଳ କୌତୁକ ଘଡ଼ିଏ କାଳ ଚାହିଁ ଦେଖିଲା । ତାପରେ ବାବୁଆଣୀଙ୍କ ପାଳଟା ଓଦା ଶାଢ଼ୀ ଧୋଇବାରେ ଲାଗିଗଲା ।

ବୀର ବାବୁ ବାହା ହୋଇ ସାଆନ୍ତାଣୀଙ୍କୁ ଆଣିଲା ପରେ ତାଙ୍କଠାରୁ କୁସୁମର ମନ ଆପେ ଆପେ ଦୂରେଇ ଗଲା ଏବଂ କ୍ରମେ ଧୀର ବାବୁଙ୍କ ଆଡ଼କୁ ଢଳିବାରେ ଲାଗିଲା । ବୀର ବାବୁଙ୍କଠାରୁ ଧୀର ବାବୁ ଢେର୍ ଭଲ । ବୁଢ଼ୀମା' କୁସୁମକୁ ଗାଳି ଗୁଲଜ କଲେ, ସେ ଆପତ୍ତି କରନ୍ତି । କୁସୁମର ଖିଆପିଆର ଯତ୍ନ ନିଅନ୍ତି । ଏପରି କି କୁସୁମକୁ ଆଉ ଚାକରାଣୀ କରି ନ ରଖି, ତା' ବାପାମାଆଙ୍କୁ ଫେରାଇ ଦେବା ପାଇଁ ଦିନେ ସେ ବୁଢ଼ୀମା' ଓ ବୀର ବାବୁଙ୍କ ଆଗରେ ଯୁକ୍ତି କରୁଥିବାର ନିଜେ କୁସୁମ ଶୁଣିଛି ।

ଦିନେ ଧୀର ବାବୁ କୁସୁମର ବାପ ମାଆଙ୍କ ଖବର ପଚାରି ବସିଲେ । କୁସୁମ ତା' ବାପର ନାମ-ଧାମ ଛଡ଼ା ଆଉ କିଛି କହି ପାରିଲା ନାହିଁ । ସେ ତ ବହୁ ବର୍ଷ ତଳର କଥା—ତା'ର ବାପ ମା' ଆଉ ସାନ ଭାଇଟି କୁଆଡ଼େ ମଲେ କି ଗଲେ, କିଏ ଜାଣେ ?

ସେଦିନ ରାତି ପ୍ରାୟ ଦୁଇ ଘଣ୍ଟା ହେବ । ଧୀର ବାବୁ ସଞ୍ଜବେଳୁ ଗାଁରେ କି ସଭା କରିବାପାଇଁ ବାହାରି ଯାଇଛନ୍ତି । ବୁଢ଼ୀମା ଓ ନୂଆ ସାଆନ୍ତାଣୀ ମଙ୍ଗଳା-ଯାତ୍ରା ଦେଖିବାକୁ ଯାଇଥିଲେ, ଫେରି ନାହାନ୍ତି । କୁସୁମ କାମଦାମ ସାରି ହାଲିଆ ହୋଇ ଖଟ ଉପରେ ଯାଇ ଟିକିଏ ନିଦେଇ ଯାଇଛି । ଏତିକିବେଳେ ବୀର ବାବୁ ସେଠି ପହଞ୍ଚି କୁସୁମକୁ ଚୁପ୍ ଚୁପ୍ କରି ଡାକି ଉଠାଇଲେ । ତା'ପାଇଁ ନୂଆ ଶାଢ଼ୀ ଆଣିଥିବା କଥା କହିଲେ । ତାଙ୍କର ବ୍ୟବହାରରେ କୁସୁମ ଭୟଭୀତ ହୋଇ ପଡ଼ିଲା । ପ୍ରଥମେ ବାଧା ଦେଲା । ବୀର ବାବୁ ତତ୍ପରେ ବଳାତ୍କାର କରିବାରୁ ସେ ଛଟିପିଟି ହୋଇ ଚିତ୍କାର କରିବାରେ ଲାଗିଲା ।

ପାଟି ଶୁଣି ଘରର ଆଉ ଆଉ ଚାକର ବାକର ଧାଇଁ ଆସିଲେ । ଶେଷରେ ଧୀର ବାବୁ ଆସି ପହଞ୍ଚି ଗଲେ ।

ବିଚାରୀ କୁସୁମ ଉଦ୍ଧାର ପାଇଗଲା—କେବଳ ବୀର ବାବୁଙ୍କର ପାଶବ କବଳରୁ ନୁହେଁ, ଉଦ୍ଧାର ପାଇଗଲା ବୁଢ଼ୀ ମା'ଙ୍କ କବଳରୁ—ଦୀର୍ଘ ଦିନର ଦାସତ୍ୱ-ବନ୍ଧନରୁ ମଧ୍ୟ ।

Digitized by srujanika@gmail.com

ଧୀର ବାବୁ ଗରବ ଝିଅ କୁସୁମ ପାଇଁ ନୂଆ ଦୁନିଆଁର ବାଣୀ ବହନ କରି ଆଣିଥିଲେ । ସ୍କ୍ରିର ଅଭିନବ ବ୍ୟବସ୍ଥା ଅନୁଯାୟୀ ନଈ ସେପାରି ବରଗଛମୂଳେ କୁସୁମର ବାପ ମା'ଙ୍କୁ ଘର ଡିହ ଯୋଗାଇ ଦିଆ ଯାଇଛି । ଗୃହବାସ କରି ଭରଣ ପୋଷଣ ପାଇଁ କିଛି ଗୃହ ଜମି ମଧ୍ୟ ମିଳିଛି । ସାନ ଭାଇଟି ସହିତ ତାହାର ବାପା-ମା' ସେଠି ସୁଖରେ ରହି ହଜିଯାଇଥିବା ଝିଅଟିକୁ ଅପେକ୍ଷା କରିଛନ୍ତି ।

ହଜିଲା ଝିଅ ମିଳିଛି । କୁସୁମ ଆଗରେ ବର୍ତ୍ତମାନ ମୁକ୍ତ ଓ ପରିଷ୍କାର ପଥ— ପ୍ରଗତିର ବହୁ ଉଜ୍ଜ୍ୱଳ ପାହାଚ !

ଏ ଯାଏଁ ସେ ତ ଗୋଟିଏ ମାତ୍ର ପାହାଚ ଅତିକ୍ରମ କରିଛି !

Digitized by srujanika@gmail.com

ଶୁଦ୍ଧିପତ୍ର

ପୃଷ୍ଠା	ଧାଡ଼ି	ହୋଇଛି	ହେବ
୨	୨୦	ଅମାନନିଆ	ଅମାନିଆ
୪	୧୦	ଷୃଦୁ	ମୃଦୁ
୪	୧୭	ପରସ୍ପରକୁ	ପରସ୍ପରର
୪	୨୫	ଯେତେବେଳେ	ସେତେବେଳେ
୫	୨୧	ପଢ଼ୁଛୁ	ପଢ଼ୁଛ
୭	୯	ପିଲମାନେ	ପିଲମାନଙ୍କୁ
୮	୨୩	ଅସ୍ୱାଭ୍ବକା	ଅସ୍ୱାଭ୍ବକ
୯	୧୨	ରହୁଛୁ	ରହୁଛ
୧୦	୭	ପାଦ୍ରୀ	ପାଙ୍ଗି
୧୧	୧୩	ଥାଇ	ପାଇ
୧୧	୧୭	ଲଗି	ଲିଖି
୧୧	୧୮	ଡାଇଲ	ଡାହଲ
୧୧	୨୫	ଏତ	ଏକି
୧୨	୪ ଏବଂ ୮	ପୁତ୍ରଗୀ	ପୁଣ୍‌ଗୀ
୧୨	୨୭	କରିବାକୁ	କର ତାକୁ
୧୩	୪	ଭଷ୍ଟ	ହଷ୍ଟ
୧୩	୭	ଟିକ୍‌ନଖ୍ ଋଜୁ	ଟିକ୍‌ନଖ୍ । ଋଜୁ
୧୩	୧୩	ଗଢ଼େଇ	ଗଢେଇ
୧୪	୩ ଏବଂ ୭	କାନ୍ଦୁସ୍ଥ	କାନ୍ଦ୍‌ସ୍ଥ
୧୪	୭ / ୮	ସଙ୍କାସ୍ଥାନା । ଦୁଲୀକୁ	ସଙ୍କାସ୍ଥାନା ଦୁଲୀକୁ
୧୫	୧୪	ଲଘୁ	ଲଗୁ
୨୮	୯	ସେତେବେଳବୃ	ସେତେବେଳକୁ
୩୭	୧୫	ଏକ	ଏଇ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ହୋଇଛି	ହେବ
୩୮	୧୭	ଖେଲବ	ଖେଲବା
୪୮	୧୯/ ୨୦	ଏବଂ ଜଣ	ଏବଂ ଆଉ ଜଣ
୫୪	୧୭	ଘେ ଡାକ	ଘୋଡ଼ାକ
୬୨	୧୫	ନୋଲେ	ନୋହୁଲେ
୬୪	୭	ସେହ	ସେହୁ
୭୨	୩	କଥାରେ	କଥାର
୮୦	୧୨	ଶୁଙ୍ଘାଇ ଶୁଙ୍ଘାଇ	ଚୁଙ୍ଘାଇ ଶୁଙ୍ଘାଇ
୮୦	୧୩	ଖଆପିଆ	ଖିଆପିଆ
୯୯	୯	ଘଷା	ଘଣା
୧୦୨	୧୭	ଯୋକ	ଯୋକ୍
୧୦୪	୧୮	ନଢକାର	ନଢକାଙ୍କର
୧୦୫	୭	ଗଲା	ହେଲା

Digitized by srujanika@gmail.com